DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, October 23/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 328 | ମୂଲ୍ୟ ₹୭/-



## ପୁଷ୍ପା-୨: ରିଲିଜ୍ ପୂର୍ବରୁ ୧୦୮୫ କୋଟିର ବ୍ୟବସାୟ

ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨: ଦି ରୁଲ୍' ଚଳଚ୍ଚିତ୍ର ରିଲିଜ୍ ହେବା ପୂର୍ବରୁ ୧୦୮୫ କୋଟି ଟଙ୍କାର ବ୍ୟବସାୟ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

## ଫଲ୍‌ଙ୍କ ଗୋଲ୍‌ରେ ଜିତିଲା ଓଏଫ୍‌ସି

ଇଣ୍ଡିଆନ ସୁପର ଲିଗ୍‌ରେ ଇଷ୍ଟବେଙ୍ଗଲ ବିପକ୍ଷରେ ବିଜୟ ସୂଚକ ଗୋଲ ସ୍କୋର କରିଛନ୍ତି ଓଏଫ୍‌ସିର ମୋର୍ଟାଡା ଫଲ୍।



# ଅଖଣ୍ଡତାକୁ ବିପଦ

ତଥାଗତ ସତପଥୀ

ରାଜନୀତିରେ ଏବେ ପ୍ରଭାବ ବିସ୍ତାର ପାଇଁ ଏକ ନୂଆ ମାନସିକତା ସାମ୍ନାକୁ ଆସିଛି। ପ୍ରଥମେ ଜାତି, ତା'ପରେ ଧର୍ମ ଆଧାରିତ ରାଜନୀତିର ଖେଳ ଭାରତୀୟମାନେ ଦେଖିବାର ସୁଯୋଗ ପାଇଲେ। ଏବେ ଜନସଂଖ୍ୟାକୁ ନେଇ ରାଜନୀତି ଆରମ୍ଭ ହେଲାଣି। ଭାରତ ଭଳି ଏକ ଜନବହୁଳ ଦେଶ ପାଇଁ ଏହା ଭବିଷ୍ୟତରେ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ। ଦକ୍ଷିଣ ଭାରତୀୟମାନେ ୧୬ଟି ପିଲା ଜନ୍ମ କରିବା ପାଇଁ ଅକ୍ଟୋବର ୨୧ରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ପରାମର୍ଶ ଦେଇଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବୟସ୍କ ଓ ଯୁବକଙ୍କ ମଧ୍ୟରେ ଜନସାଂଖ୍ୟିକ ସମନ୍ୱୟ ରକ୍ଷାକରିବା ସକାଶେ ଅଧିକ ପିଲା ଜନ୍ମ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ଚନ୍ଦ୍ରବାବୁ ନାଇଡୁଙ୍କ କହିବା ପଛରେ ଉଦ୍ଦେଶ୍ୟ ରହିଛି ଯେ, ତାଙ୍କ ରାଜ୍ୟ ଆନ୍ଧ୍ରରେ ବୟସ୍କଙ୍କ ସଂଖ୍ୟା ତୁଳନାରେ ଯୁବକଙ୍କ ସଂଖ୍ୟା ହ୍ରାସ ପାଉଛି। ଏହାର ମୁଖ୍ୟ କାରଣ ହେଲା ଜାପାନ, ଆମେରିକା ଏବଂ ଜର୍ମାନୀ ଭଳି ବିକଶିତ ଦେଶଗୁଡ଼ିକରେ ଉଚ୍ଚଶିକ୍ଷିତ ଏବଂ ଧନୀ ପରିବାରରେ ସନ୍ତାନ ଜନ୍ମ କରିବା ଯେଉଁଭଳି ଭାବେ କମୁଛି ଆନ୍ଧ୍ର ଏବଂ ଅନ୍ୟ ଦକ୍ଷିଣ ରାଜ୍ୟରେ ତାହା ହିଁ ଘଟୁଛି। ଅନୁରୂପ ଭାବେ ତାମିଲନାଡୁରେ ମଧ୍ୟ ଶିଶୁ ଜନ୍ମ ହାର କମୁଛି। ଅର୍ଥନୈତିକ ଅଗ୍ରଗତି ସହିତ ଶିଶୁ ଜନ୍ମ ହାର ହ୍ରାସ ପାଇବା ଏକ ସାଧାରଣ ସମସ୍ୟା ଭାବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଅର୍ଥନୀତି ସହିତ ଯେତେବେଳେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଉଛି ସେଥିରେ ମଧ୍ୟ ଜନସଂଖ୍ୟା ବୃଦ୍ଧି ହାର କମିବାରେ ଲାଗିଛି। ଏହା କହିବା ସମୟରେ ଚାଇନାର ଦୁର୍ଗତି ସମ୍ପର୍କରେ ସମସ୍ତେ ସଚେତନ ଅଛନ୍ତି। ସେଠାରେ ଏକଚ୍ଛତ୍ରବାଦୀ ସରକାର ଥିବା ହେତୁ ପିଲା ଜନ୍ମ କରିବା ଉପରେ କଟକଣା ଲଗାଯାଇଥିଲା। ଗୋଟିଏ ଦମ୍ପତିଙ୍କୁ ଗୋଟିଏ ପିଲା ଜନ୍ମ କରିବାକୁ ଅନୁମତି ମିଳୁଥିଲା। ସେହି କଟକଣାକୁ ଏବେ ହଟାଇବା ପାଇଁ ଚାଇନା ବ୍ୟାକୁଳ ହୋଇ ଓଲଟା ଦିଗକୁ ଯିବାକୁ ବାଧ ହେଲାଣି। କାରଣ ଶିଶୁ ଜନ୍ମହାର ହ୍ରାସ ପାଇଲେ ଯୁବକଙ୍କ ସଂଖ୍ୟା କମିଯାଉଛି। ଯେଉଁଠାରେ ଯୁବକ ନାହାନ୍ତି ସେଠାରେ କାର୍ଯ୍ୟକ୍ଷମ ଶକ୍ତି ହ୍ରାସ ପାଉଛି। ସମାନ ସମୟରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ସମାଜ ଏବଂ ଦେଶ ଉପରେ ବୋଝ ବଢୁଛି। ଅବଶ୍ୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ କଥାକୁ ଉତ୍ତର ଭାରତରେ କିଛି ନେତା ଏକ ରାଜନୈତିକ ମୋଡ଼ ଦେବା ପାଇଁ ଚେଷ୍ଟା କରୁଛନ୍ତି। ଅଳ୍ପ କିଛି ବର୍ଷ ମଧ୍ୟରେ ହେବାକୁ ଥିବା ଲୋକ ସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ଓଡ଼ିଶା ସମେତ ଦକ୍ଷିଣ ରାଜ୍ୟଗୁଡ଼ିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଲୋକ ସଭାକୁ ଯାଉଥିବା ସାଂସଦଙ୍କ ସଂଖ୍ୟା ୨୧ରୁ କମି ନ ପାରେ। ଯେଉଁ ସଂଖ୍ୟା ଅଛି ତାହା ରହିପାରେ। କିନ୍ତୁ ଉତ୍ତର ଭାରତରେ ବିଶେଷକରି ହିନ୍ଦୀ ଏବଂ ଗୁଜରାଟୀ ଭାଷା ରାଜ୍ୟଗୁଡ଼ିକରେ ଲୋକ ସଭା ଆସନର ସଂଖ୍ୟା ବୃଦ୍ଧି ପାଇଯିବ। ସେତେବେଳେ ଉତ୍ତର ଭାରତର ନେତାମାନେ ସମଗ୍ର ଦେଶ ଉପରେ ସବୁବେଳେ ରାଜତ୍ୱ କରିବାର ସୁଯୋଗ ପାଇବେ। ଦେଖିବାକୁ ଗଲେ ଉତ୍ତର ଭାରତରେ ଅଧିକ ଜନସଂଖ୍ୟା ସହିତ ଗରିବଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷା ବ୍ୟବସ୍ଥାରେ ଉତ୍ତର ଭାରତ ଅନେକ ପଛରେ ରହିଆସିଛି। ଏହାର ଜ୍ୱଳନ୍ତ ଉଦାହରଣ ଖୋଜିଲେ ଓଡ଼ିଶାର ଅଧିକାଂଶ ଯୁବତୀଯୁବକ କେଉଁଆଡ଼େ ମୁହାଁଉଛନ୍ତି ତାହା ଦେଖିଲେ ବୁଝାପଡ଼ିବ। ଆଜିର ପରିସ୍ଥିତିରେ ହାଇଦ୍ରାବାଦ, ବେଙ୍ଗାଲୁରୁ, ଗୋଆ, ଚେନ୍ନାଇ ଏବଂ କେରଳ ଭଳି ରାଜ୍ୟକୁ ଅଧିକ ସଂଖ୍ୟକ ଓଡ଼ିଆ, ବିହାରୀ ଏବଂ ବଙ୍ଗାଳୀ ଶିକ୍ଷିତ ଯୁବଶକ୍ତି ଯିବାକୁ ପସନ୍ଦ କରୁଛନ୍ତି। କିଛି ଦଶନ୍ଧି ପୂର୍ବରୁ ଏହିଭଳି ସ୍ରୋତ ଦିଲ୍ଲୀକୁ ମୁହାଁଉଥିଲା। ଏବେ ଦିଲ୍ଲୀରେ ମଧ୍ୟ ନିଯୁକ୍ତିର ସୁଯୋଗ ଅତ୍ୟନ୍ତ ସଙ୍କୁଚିତ ହୋଇଯାଇଛି। ଅନ୍ୟପଟେ ଦକ୍ଷିଣ ଏବଂ ପଶ୍ଚିମ ଭାରତରେ ସ୍ଥାନୀୟ ଲୋକଙ୍କର ଅର୍ଥନୀତିରେ ବିକାଶ ଘଟୁଥିବାରୁ ଅନେକ ପ୍ରକାର ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଏଥିରୁ ବୁଝିବାକୁ ହେବ ଯେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ପରିବର୍ତ୍ତେ ଉତ୍ତର ଭାରତରେ ହିନ୍ଦୀ ଭାଷାଭାଷୀ ନେତାମାନେ ନିଜର ସୁବିଧା ପାଇଁ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟକୁ ମୋଡ଼ିବାକୁ ଚେଷ୍ଟା କରୁଛନ୍ତି। ଅଧିକ ସଂଖ୍ୟକ ଉତ୍ତର ଭାରତୀୟ ସାଂସଦ ଯେତେବେଳେ ଲୋକ ସଭାରେ ରହିବେ, ସେତେବେଳେ ସରକାରୀ ନୀତିରେ ମଧ୍ୟ ସେମାନଙ୍କର ପ୍ରଭାବ ବଢ଼ିବ। ତାହାର ଲାଭ ସବୁବେଳେ ଉତ୍ତରଭାରତୀୟଙ୍କୁ ଯିବ।

ସଂକ୍ଷିପ୍ତରେ କହିବାକୁ ଗଲେ ଓଡ଼ିଶା ଭଳି ରାଜ୍ୟରେ ଜନସଂଖ୍ୟା ଆଖିଦୃଶିଆ ଭାବେ ବୃଦ୍ଧି ପାଉ ନ ଥିବା ହେତୁ ଲୋକ ସଭା ଆସନ ମଧ୍ୟ ବଢ଼ିବ ନାହିଁ। କିନ୍ତୁ ଓଡ଼ିଶାର ଖଣି ଖାଦାନରୁ ଆଦାୟ ହେଉଥିବା ବିପୁଳ ମାତ୍ରାର ଅର୍ଥ କେବଳ ଉତ୍ତରଭାରତର ଜନସଂଖ୍ୟା ବହୁଳ ଅଞ୍ଚଳରେ ଖର୍ଚ୍ଚ ହେବ। ସେହିଭଳି ଦକ୍ଷିଣ ଭାରତର ଶିଳ୍ପ ଏବଂ ସାମାଜିକ ଅଗ୍ରଗତିର ସୁଫଳ ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ର କିମ୍ବା କର୍ନାଟକ ଭଳି ରାଜ୍ୟ ପରିବର୍ତ୍ତେ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ସରକାର ଆଦାୟ କରୁଥିବା ଟିକସ ଖର୍ଚ୍ଚରେ ସବୁ ସୁଫଳ ମିଳିବ। ଏଭଳି ନୀତି କାର୍ଯ୍ୟକାରୀ ହେଲେ ତାହା ଭାରତୀୟ ସଂଘୀୟ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା ସହିତ ଦେଶ ଅଖଣ୍ଡତାକୁ ମଧ୍ୟ ବିପଦ ଡାକି ଆଣିପାରେ।

# ଲଗାତର ବୋମା ଧମକ

## ଆଉ ୫ ସ୍କୁଲ, ୭୯ ବିମାନକୁ ବିସ୍ଫୋରଣରେ ଉଡ଼ାଇବାକୁ ହୋକ୍ସ କଲ୍

**ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ବିମାନ ଚଳାଚଳ କମ୍ପାନୀର ଫ୍ଲାଇଟ୍‌ଗୁଡ଼ିକୁ ବାରମ୍ବାର ବୋମାରେ ଉଡ଼ାଇଦେବାକୁ ଧମକ ଆସୁଥିବାରୁ ଦେଶରେ ବିମାନ ସେବା ପ୍ରଭାବିତ ହୋଇଛି। ବିମାନକୁ ଅନ୍ୟତ୍ର ଜରୁରୀ ଅବତରଣ କରାଇବା, ସୁରକ୍ଷିତ ଅବତରଣ ପାଇଁ ଆକାଶମାର୍ଗରେ ଇନ୍ଧନ ନଷ୍ଟ କରିବା, ସୁରକ୍ଷା ଯାଞ୍ଚ, ଯାତ୍ରୀ ଓ ବିମାନ କର୍ମଚାରୀମାନଙ୍କ ରହିବା ବ୍ୟବସ୍ଥା କରାଇବା ଏବଂ ଆବଶ୍ୟକସ୍ଥଳେ ଅନ୍ୟ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଇବା ବାବଦରେ ଏୟାରଲାଇନ୍ସଗୁଡ଼ିକୁ ବହୁ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏଭଳି ସମୟରେ ରବିବାର ଦିଲ୍ଲୀର ରୋହିଣୀସ୍ଥିତ ଏକ ସ୍କୁଲ ନିକଟରେ ବିସ୍ଫୋରଣ ଘଟିବା ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ପାଲଟିଥିବାବେଳେ ମଙ୍ଗଳବାର ୩ ସିଆର୍‌ପିଏଫ୍ ଏବଂ ୨ କେନ୍ଦ୍ରୀୟ ବିଦ୍ୟାଳୟକୁ ବିସ୍ଫୋରଣରେ ଉଡ଼ାଇ ଦେବା ନେଇ ଇ-ମେଲ୍ ଯୋଗେ ଧମକ ଆସିଛି। ବାରମ୍ବାର ଏଭଳି ଧମକ ସତ୍ତ୍ୱେ ଧମକଦାତାଙ୍କୁ ପୋଲିସ ଧରି ନ ପାରିବା ଚିନ୍ତାର ବିଷୟ ହୋଇଛି।**

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨୨।୧୦**

ସପ୍ତାହେ ମଧ୍ୟରେ ଭାରତୀୟ ଏୟାରଲାଇନ୍ସର ୧୬୦ରୁ ଊର୍ଦ୍ଧ୍ୱ ବିମାନକୁ ବୋମା ଧମକ ମିଳିବା ସରକାରଙ୍କୁ ଚିନ୍ତାରେ ପକାଇଥିବାବେଳେ ଏବେ ବିଭିନ୍ନ ସ୍କୁଲକୁ ଉଡ଼ାଇଦେବା ପାଇଁ ଇ-ମେଲ୍ ଯୋଗେ ଧମକ ଆସିବାରେ ଲାଗିଛି। ଦିଲ୍ଲୀ ଏବଂ ହାଇଦ୍ରାବାଦର ୩ଟି ସିଆର୍‌ପିଏଫ୍ ସ୍କୁଲ ଏବଂ ଅନ୍ୟ ସହରରେ ଉକ୍ତ ଅର୍ଦ୍ଧସାମରିକ ବାହିନୀ କାର୍ଯ୍ୟାଳୟ ପରିସରରେ ଥିବା ୨ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ସୋମବାର ରାତିରେ ଏଭଳି ଧମକ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍କୁଲ୍ ☞ପୃଷ୍ଠା-୪



ବୋମା ଧମକ ପରେ ଦିଲ୍ଲୀର ଏକ ସ୍କୁଲରେ ମଙ୍ଗଳବାର ଆଣ୍ଟି-ସାବୋଟେଜ୍ ଟିମ୍ ଯାଞ୍ଚ କରୁଛି।

# ଦର ବଢ଼ାଉଛି 'ଦାନା'

**ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଘନୀଭୂତ ହୋଇ ବାତ୍ୟା 'ଦାନା'ର ରୂପ ନେବ। ଏହା କ୍ରମଶଃ ବଳ ଗୋଟାଇ ୨୪ ତାରିଖ ସକାଳ ସୁଦ୍ଧା ଉଗ୍ରରୂପ ଧାରଣ କରିପାରେ। ବାତ୍ୟା କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳରେ ସ୍ଥଳଭାଗ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। 'ଦାନା'ର ସର୍ବାଧିକ ପ୍ରଭାବ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲାରେ ଦେଖିବାକୁ ମିଳିପାରେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟା ଯୋଗୁ ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିବାରେ ଲାଗିଛି, ଯାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ବାତ୍ୟା ଭୟରେ ଆଳୁ, ପିଆଜ ଭଳି ସାମଗ୍ରୀ ବଜାରରୁ ଉଭାନ ହୋଇଗଲାଣି। ଲୋକେ ବ୍ୟାଗ୍ ଧରି ବଜାରକୁ ଯିବାବେଳେ ଅନେକ ସାମଗ୍ରୀ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଆଉ କେତେକ ସାମଗ୍ରୀ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି।**




## କଳାବଜାର କରୁଥିବା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୧୦ (ସୁନିତ୍ ମିଶ୍ର/ଅନିଲ ଦାସ)**

ବାତ୍ୟା ଆସିବା ପୂର୍ବରୁ ଆଳୁ, ପିଆଜ, ତେଲ, ଡାଲି ଓ ପନିପରିବା ଦର ହୁହୁ ହୋଇ ବଢ଼ିଚାଲିଛି। ଏହି ସବୁ ସାମଗ୍ରୀ ଏବେ ବଜାରରେ ମିଳିବା କଷ୍ଟକର ହୋଇପଡ଼ିଲାଣି। ଗଣମାଧ୍ୟମରେ ବାତ୍ୟା ଖବର ଯେତିକି ଜୋର୍‌ରେ ପ୍ରସାରିତ ହେଉଛି, ସେହିକ୍ରମରେ ସାମଗ୍ରୀଗୁଡ଼ିକର କଳାବଜାର ଓ ଅଭାବ ଅନୁଭୂତ ହେଉଛି। ୨୪ ତାରିଖରେ ବାତ୍ୟା ଆସୁଛି ବୋଲି ଆକଳନ କରାଯିବା ଦିନଠାରୁ ହିଁ ସାମଗ୍ରୀଗୁଡ଼ିକର କୃତ୍ରିମ ଅଭାବ ଦେଖାଦେଇଛି। ☞ପୃଷ୍ଠା-୪

## ୧୪ ଜିଲାରେ ୩ ଦିନ କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ

**ଭୁବନେଶ୍ୱର, ୨୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ବାତ୍ୟା 'ଦାନା' ପାଇଁ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲାରେ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା 'ଦାନା' ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ☞ପୃଷ୍ଠା-୪

# ୧୯୬ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୨୨।୧୦ (ଅନୁରାଧା ମହାରଣା)**

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀ ସୁରକ୍ଷା ନିମନ୍ତେ ୧୭୮ଟି ଟ୍ରେନ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୯୬ଟି ଟ୍ରେନ୍ ବାତିଲ କରାଯାଇଛି। ଏଥିମଧ୍ୟରେ ଅପ୍ ଟ୍ରେନ ୯୪ ଏବଂ ଡାଉନ ଟ୍ରେନ ୧୦୩ଟି ବାତିଲ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ହାଓଡା ସିକନ୍ଦରାବାଦ, ସାଲିମାର-ପୁରୀ, ନୂଆଦିଲ୍ଲୀ-ଭୁବନେଶ୍ୱର, ହାଓଡା-ଭୁବନେଶ୍ୱର, ହାଓଡ଼ା-ପୁରୀ, ନୂଆଦିଲ୍ଲୀ-ପୁରୀ, ଖଡ଼ଗପୁର-ଖୋର୍ଦ୍ଧା, ସମ୍ବଲପୁର-ପୁରୀ, ରାଉରକେଲା-ଭୁବନେଶ୍ୱର, ସିକନ୍ଦରାବାଦ-ଭୁବନେଶ୍ୱର, ପୁଡୁଚେରୀ-ହାଓଡା, ପୁଡୁଚେରୀ-ଭୁବନେଶ୍ୱର, ବ୍ରହ୍ମପୁର-ଭୁବନେଶ୍ୱର, ବିଶାଖାପାଟଣା-ଭୁବନେଶ୍ୱର, ବିଶାଖାପାଟଣା-ଦୀଘା ଆଦି ଟ୍ରେନ ବାତିଲ ହୋଇଛି। ବାତିଲ ହୋଇଥିବା ଟ୍ରେନ୍ ସମ୍ପର୍କିତ ସୂଚନା ଜାଣିବା ପାଇଁ ପୂର୍ବତଟ ରେଳପଥର ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବାତ୍ୟା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଟ୍ରେନ ☞ପୃଷ୍ଠା-୪

## ଖୋଲିଲା ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ନିୟନ୍ତ୍ରଣ କକ୍ଷ

## ୬ ଜିଲାକୁ ଗଲେ ୧୦ ଏନ୍‌ଡିଆର୍‌ଏଫ୍ ଟିମ୍

**ବାରଙ୍ଗ, ୨୨।୧୦ (ଲିଙ୍ଗରାଜ ରାଉତ)**

ବାତ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ମଧ୍ୟ ସଜାଗ ରହିଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ ସିଂଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର କଟକ ଜିଲା ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନର ୧୦ଟି ଟିମ୍ ୬ ଜିଲା ଗସ୍ତ କରିଛି। ପୁରୀ ଓ ମୟୂରଭଞ୍ଜରେ ଗୋଟିଏ ଲେଖାଏ ଏବଂ ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ୨ଟି ଲେଖାଏ ଟିମ୍ ମୁତୟନ ହେବେ। ୧୦ଟି ଟିମ୍ ସହ ୧୦ଜଣ ନିରୀକ୍ଷକ ଓ ୨୦ଜଣ ଉପ ନିରୀକ୍ଷକ ସାମିଲ ଅଛନ୍ତି। ପ୍ରତ୍ୟେକ ଟିମ୍‌ରେ ୩ ଜଣ ଲେଖାଏ ଅଧିକାରୀ ନିୟୋଜିତ ରହି ବାତ୍ୟା ପରିସ୍ଥିତି ନିରୀକ୍ଷଣ କରିବେ। ବାତ୍ୟାବେଳେ ବିଭିନ୍ନ ସ୍ଥାନରେ ଏହିସବୁ ଟିମ୍ ଉଦ୍ଧାର ଅଭିଯାନ ଜାରି ରଖିବେ ବୋଲି ସେକେଣ୍ଡ ଇନ କମାଣ୍ଡ ବର୍ଦ୍ଧମାନ ମିଶ୍ର କହିଛନ୍ତି।

# ଜେଲ ଗଲେ 'ବିଚାରପତି'

## ୨୦୧୯ରୁ କୋର୍ଟ ଖୋଲି ଶୁଣାଣି କରୁଥିଲେ

**ଅହମଦାବାଦ, ୨୨।୧୦**

ଗୁଜରାଟର ଗାନ୍ଧୀନଗରରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ୫ ବର୍ଷ ଧରି ନକଲି ଅଦାଲତ ଚଳାଉଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଗାନ୍ଧୀନଗରରେ ରହୁଥିବା ମୋରିସ୍ ସାମୁଏଲ ଖ୍ରୀଷ୍ଟିଆନ ନାମକ ଅଭିଯୁକ୍ତ ନିଜ କାର୍ଯ୍ୟାଳୟରେ ନକଲି କୋର୍ଟ ସ୍ଥାପନ କରି ବିଭିନ୍ନ ଜମି ସମ୍ବନ୍ଧୀୟ ମାମଲାର ଶୁଣାଣି କରୁଥିଲେ। ନକଲି ଜଜ୍ ଭାବେ ନିଜକୁ ପରିଚୟ ଦେଇ ଲୋକଙ୍କୁ ଧୋକା ଦେଉଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ମୋରିସ୍‌ଙ୍କୁ ଗିରଫ କରିଛି। ସେ ଗାନ୍ଧୀନଗରସ୍ଥିତ ନିଜ କାର୍ଯ୍ୟାଳୟରେ ପ୍ରକୃତ ଅଦାଲତ ପରି ମାହୋଲ ସୃଷ୍ଟି କରିବା ସହ ନିଜକୁ ଜଜ୍ ଭାବେ ଦର୍ଶାଇ ଆଦେଶ ପାରିତ କରୁଥିଲେ।



ନକଲି କୋର୍ଟରୁମ୍‌ରେ ନକଲି ବିଚାରପତି ମୋରିସ୍ ସାମୁଏଲ ଖ୍ରୀଷ୍ଟିଆନ।

ପୋଲିସ ସୂଚନା ଅନୁଯାୟୀ, ୨୦୧୯ରେ ଏକ ସରକାରୀ ଜମି ସମ୍ବନ୍ଧୀୟ ମାମଲାରେ ମୋରିସେ ନିଜ ମହକିଲଙ୍କ ସପକ୍ଷରେ ଆଦେଶ ପାରିତ କରିଥିଲେ। ଏହାପରେ ତାଙ୍କ ନାମରେ ହୋଇଥିବା ଅଭିଯୋଗର ତଦନ୍ତ କରି ପୋଲିସ ତାଙ୍କୁ ଗିରଫ କରିଛି। ଯେଉଁ ଲୋକମାନଙ୍କର ଜମି ବିବାଦ ମାମଲା ସହରର ସିଭିଲ କୋର୍ଟରେ ପଡ଼ି ରହିଥିଲା ସେମାନଙ୍କୁ ମୋରିସ୍ ଟାର୍ଗେଟ କରି ଫସାଉଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣା ପଡ଼ିଥିବା ପୋଲିସ କହିଛି। ସେ ନିଜ ମହକିଲମାନଙ୍କଠାରୁ ସେମାନଙ୍କର ଜମି ବିବାଦ ସମ୍ବନ୍ଧିତ ମାମଲା ସମାଧାନ କରିବାର ଆଶା ଦେଖାଇ ତାଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନେଉଥିବା ପୋଲିସ କହିଛି। ମୋରିସ୍ ନିଜକୁ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମଧ୍ୟସ୍ଥ ଭାବେ ପରିଚୟ ଦେଉଥିବା ପୋଲିସ କହିଛି। ସେ ତାଙ୍କ ମହକିଲମାନଙ୍କୁ ଗାନ୍ଧୀନଗରସ୍ଥିତ ନିଜ କାର୍ଯ୍ୟାଳୟକୁ ଡକାଉଥିଲେ, ଯାହାକୁ ସେ ଏକ ଅଦାଲତ ପରି ପ୍ରସ୍ତୁତ କରି ରଖିଥିଲେ। ସେ ଟ୍ରିବ୍ୟୁନାଲର ଅଧିକାରୀ ଭାବେ ଆଦେଶ ମଧ୍ୟ ପାରିତ କରୁଥିଲେ। ସେହିପରି ସେ ନିଜର ସହଯୋଗୀମାନଙ୍କୁ ଅଦାଲତର କର୍ମଚାରୀ କିମ୍ବା ଓକିଲ ଭାବେ ଦେଖାଉଥିଲେ। ☞ପୃଷ୍ଠା-୪

# ୧୫ରେ ରାଉରକେଲା ଆସିବେ ପ୍ରଧାନମନ୍ତ୍ରୀ

**ରାଉରକେଲା, ୨୨।୧୦ (ବିପ୍ଳବ ରଞ୍ଜନ ଦାଶ)**

ଆସନ୍ତା ନଭେମ୍ବର ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ରାଉରକେଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଉକ୍ତ ଦିନ ୧୧ଟାରେ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟରରେ ରାଉରକେଲା ଆସି ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ସେ ଶହୀଦ ମାଧୋସିଂ ହାତଖର୍ଚ୍ଚ ବୃତ୍ତି ଯୋଜନାର ଶୁଭାରମ୍ଭ କରିବା ସହ ୪୫୦ ପ୍ରାଥମିକ ସ୍କୁଲ ହଷ୍ଟେଲର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିପରି ଓଡିଆ ଅସ୍ମିତା କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୧୫୦ଫୁଟ ବିଶିଷ୍ଟ ବିର୍ସା ମୁଣ୍ଡା ସ୍ମାରକୀ ପାଇଁ ଆଧାରଶିଳା ସ୍ଥାପନ କରିବେ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି।

# ଲାଞ୍ଚ ନେଇ 'କଂସ' ନିଲମ୍ବିତ

**ବରଗଡ଼, ୨୨।୧୦ (ପ୍ରେମାନନ୍ଦ ଖମାରୀ)**

ଆସନ୍ତା ବରଗଡ଼ ଧନୁଯାତ୍ରା ମହୋତ୍ସବର ଅବ୍ୟବହିତ ପୂର୍ବରୁ କଂସ ଅଭିନେତା ହୃଷୀକେଶ ଭୋଇ ବିବାଦୀୟ ହୋଇପଡ଼ିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଡ୍ରାଇଭର ଭାବେ କାର୍ଯ୍ୟରତ ଥାଇ ମହାପ୍ରୟାଣ ଗାଡ଼ି ଚଳାଉଥିବା ହୃଷୀକେଶ ଶବ ପରିବହନ ବାବଦକୁ ମୃତକଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ନେଇ ବିବାଦରେ ଫସିଛନ୍ତି। ଏହି ଘଟଣାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀ ହୃଷୀକେଶଙ୍କୁ ସରକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିପରି ସିଡ଼ିଏମ୍‌ଓ ଷଡ଼ଙ୍ଗୀ ଏ ନେଇ ଭଟଲି ଥାନାରେ ଏତଲା ଦେବା ପରେ ହୃଷୀକେଶଙ୍କ ବିରୋଧରେ ଏକ ଆପରାଧିକ ମାମଲା (ନଂ.୩୨୨/୨୪) ରୁଜୁ ହୋଇଛି। ଅନ୍ୟପଟେ ହୃଷୀକେଶଙ୍କୁ ସରକାରୀ ଚାକିରିରୁ ନିଲମ୍ବନ କରାଯିବା ଏବଂ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ପରେ ତାଙ୍କୁ ଏଥର ଧନୁଯାତ୍ରା ମହୋତ୍ସବ ସମିତି କଂସ ଅଭିନୟର ସୁଯୋଗ ଦେବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ☞ପୃଷ୍ଠା-୪



ହୃଷୀକେଶ ଭୋଇ

# ଡଲାର, ଏସ୍‌ଡବ୍ଲ୍ୟୁଆଇଏଫ୍‌ଟିରୁ ନିର୍ଭରଶୀଳତା ହ୍ରାସ ଲକ୍ଷ୍ୟ



ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ରୁଷିଆର କାଜାନ ସହରରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

କାଜାନ,୨୨।୧୦

## ବ୍ରିକ୍ସ ସମ୍ମିଳନୀ ଆରମ୍ଭ

ରୁଷିଆର କାଜାନ ସହରରେ ମଙ୍ଗଳବାରଠାରୁ ୩ ଦିନିଆ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉକ୍ତ ସମିଟ୍‌ର ଆୟୋଜନ କରୁଥିବାବେଳେ ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନେ ଯୋଗଦେଇଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ପାଉଥିବା ୟୁକ୍ରେନ୍ ସହ ରୁଷିଆର ଯୁଦ୍ଧ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜାରି ରହିଥିବାବେଳେ ବହୁ ଦଶନ୍ଧି ପରେ ବିଶ୍ୱନେତାମାନଙ୍କୁ ନେଇ ସମ୍ମିଳନୀର ଆୟୋଜନ କରିବା ରୁଷିଆ ପାଇଁ ଏକ ବଡ଼ ସଫଳତା। ଏହି ସମ୍ମିଳନୀ ଜରିଆରେ ରୁଷିଆ ଏହା ପଛରେ ଗ୍ଲୋବାଲ ସାଉଥ୍‌ର ସମର୍ଥନ ରହିଥିବା ଦେଖାଇବାକୁ ଚାହିଁଛି।

ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ହୋଇଥିବାବେଳେ ସମ୍ମିଳନୀରେ ୩୬ଟି ଦେଶରୁ ନେତାମାନେ ଯୋଗ ଦେଇଛନ୍ତି। ଇରାନ, ଇଜିପ୍ଟ, ଇଥିଓପିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ଉକ୍ତ ଗୋଷ୍ଠୀର ସଦସ୍ୟତା ଗ୍ରହଣ କରିଥିବାବେଳେ ତୁର୍କୀ, ଆଜରବୈଜାନ ଏବଂ ମାଲେସିଆ ସଦସ୍ୟ ହେବା ପାଇଁ ଆବେଦନ କରିଛନ୍ତି।

ବିଶ୍ୱ ଅର୍ଥନୀତିରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ବିସ୍ତାରକୁ ନେଇ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅସନ୍ତୁଷ୍ଟ। ବିଶେଷକରି ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଏହା ଉପରେ ପାଶ୍ଚାତ୍ୟ ରାଷ୍ଟ୍ର କଟକଣା ଲଗାଇଥିଲେ, ଯାହାକୁ ନେଇ ଗ୍ଲୋବାଲ ସାଉଥ୍‌ର ଅନେକ ରାଷ୍ଟ୍ର ଚିନ୍ତାବ୍ୟକ୍ତ କରିଥିଲେ। ବିଶ୍ୱ ଅର୍ଥନୀତିକୁ ନିୟନ୍ତ୍ରଣ କରିବା ଲାଗି ପାଶ୍ଚାତ୍ୟ ଶକ୍ତି କଟକଣାକୁ ଅସ୍ତ୍ର କରୁଥିବା ସେମାନେ କହିଥିଲେ। ବ୍ରିକ୍ସ ସହଯୋଗୀମାନେ ଆମେରିକା ଡଲାର ଏବଂ ଆର୍ଥିକ କାରବାର ଲାଗି ରହିଥିବା ଅନ୍ତର୍ଜାତୀୟ ମେସେଜିଂ ନେଟ୍‌ୱର୍କ ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ବ୍ୟବସ୍ଥା ଉପରୁ ନିର୍ଭରଶୀଳତା କମାଇବାକୁ ଚାହାନ୍ତି। ୨୦୨୨ରୁ ରୁଷିଆର ବ୍ୟାଙ୍କଗୁଡ଼ିକ ଏହି ବ୍ୟବସ୍ଥାରୁ ବାଦ୍ ପଡ଼ିଛନ୍ତି। ଚାଇନା ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ପେମେଣ୍ଟ ସିଷ୍ଟମର ବିକଳ୍ପ ଆଣିଥିବାବେଳେ ଏହା ସୀମିତ ଉପଯୋଗ ହେଉଛି। ବ୍ରିକ୍ସ ସମ୍ମିଳନୀ ଅବସରରେ ପୁଟିନ୍ ୨୦ଟି ଦେଶର ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୁଟିନ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

## ୟୁକ୍ରେନ୍ ଯୁଦ୍ଧ ବନ୍ଦ ଦିଗରେ ସହଯୋଗ ପାଇଁ ଭାରତ ପ୍ରସ୍ତୁତ

### ପୁଟିନ୍‌ଙ୍କୁ କହିଲେ ମୋଦି

କାଜାନ,୨୨।୧୦(ପି.ଟି.)

ରୁଷିଆ-ୟୁକ୍ରେନ୍ ବିବାଦର ସମାଧାନ ଶାନ୍ତିପୂର୍ଣ୍ଣ ଉପାୟରେ ହେବା ଆବଶ୍ୟକ। ଏଥିପାଇଁ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ କହିଛନ୍ତି। ରୁଷିଆର କାଜାନରେ ୧୬ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ମୋଦି ରୁଷିଆ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଅଞ୍ଚଳରେ ଯଥାଶୀଘ୍ର ସମ୍ଭବ ଶାନ୍ତି ଓ ସ୍ଥିରତା ଫେରିଆସିବାକୁ ନୂଆଦିଲ୍ଲୀ ପୂର୍ଣ୍ଣ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଗତ ୩ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ରୁଷିଆ ଗସ୍ତ, ଯାହା ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗ ଏବଂ ଗଭୀର ଆସ୍ଥାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଥିବାବେଳେ ଭାରତ ନିୟମିତ ଯୋଗାଯୋଗରେ ରହିଛି। ଶାନ୍ତିପୂର୍ଣ୍ଣ ଉପାୟରେ ସମସ୍ୟାର ସମାଧାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ କହିଆସିଛନ୍ତି। ଆମର ସମସ୍ତ ଉଦ୍ୟମ ମାନବିକତାକୁ ପ୍ରାଥମିକତା ଦେଇଆସିଛି। ଆଗକୁ ଭାରତ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବ ବୋଲି ମୋଦି କହିଛନ୍ତି।

## ରୁଷୀୟ ସେନାରୁ ମୁକୁଳିଛନ୍ତି ୮୫ ଭାରତୀୟ

ନୂଆଦିଲ୍ଲୀ, ୨୨।୧୦

ବର୍ତ୍ତମାନ ସୁଦ୍ଧା ୮୫ ଜଣ ଭାରତୀୟ ନାଗରିକ ରୁଷୀୟ ସେନାରୁ ମୁକୁଳୁଥିବା ନେଇ ମଙ୍ଗଳବାର ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ୨୦ ଜଣ ଭାରତୀୟଙ୍କୁ ରୁଷୀୟ ସେନାରୁ ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମସ୍କୋ ଗସ୍ତରେ ରୁଷୀୟ ସେନାରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କୁ ମୁକୁଳାଇବା ପାଇଁ ରାଷ୍ଟ୍ରପତି ଭ୍ଲାଡ୍‌ମିର ପୁଟିନଙ୍କୁ ଦାବି କରିଥିଲେ। ଯେଉଁ ଭାରତୀୟଙ୍କ ସହ ବେଆଇନ ଭାବରେ ରୁଷୀୟ ସେନା ପକ୍ଷରୁ ଯୁଦ୍ଧ କରିବା ପାଇଁ ଚୁକ୍ତି କରାଯାଇଛି, ସେମାନଙ୍କୁ ମୁକୁଳାଇବା ପାଇଁ ବିଦେଶ ମନ୍ତ୍ରଣାଳୟ ଲଗାତର ଭାବେ ରୁଷିଆର ବିଦେଶ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ସମ୍ପର୍କରେ ରହିଛି ବୋଲି ମିଶ୍ରି କହିଛନ୍ତି। ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ରୁଷିଆ ଗସ୍ତକୁ ନେଇ ଖବରଦାତା ସମ୍ମିଳନୀ କରୁଥିବାବେଳେ ମିଶ୍ରି ଏହି ସୂଚନା ଦେଇଛନ୍ତି। ସେହିପରି ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପ୍ରାଣ ହରାଇଥିବା କିଛି ଭାରତୀୟଙ୍କର ଅବଶେଷକୁ ଦେଶ ଫେରାଇ ଅଣାଯାଇ ପାରିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବେରୁଟ୍‌ରେ ଇସ୍ରାଏଲ୍‌ର ବୋମାମାଡ଼: ୧୩ ମୃତ

ବେରୁଟ୍,୨୨।୧୦

ବେରୁଟ୍‌ର ମୁଖ୍ୟ ହସ୍ପିଟାଲ ସମେତ ଏହା ଆଖପାଖ ଅଞ୍ଚଳରେ ଇସ୍ରାଏଲୀ ସେନା ସୋମବାର ରାତିରେ ଜୋର୍‌ଦାର ବୋମାମାଡ଼ କରିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୫୭ ଜଣ ଆହତ ହୋଇଛନ୍ତି। ରଫିକ୍ ହରିରି ୟୁନିଭର୍ସିଟି ହସ୍ପିଟାଲ ନିକଟରେ ଥିବା ଅନେକ ବିଲ୍ଡିଂ ବୋମାମାଡ଼ରେ ଧ୍ୱଂସ ହୋଇଯାଇଛି। ତେବେ ହସ୍ପିଟାଲକୁ ନୁହେଁ, ହେଜ୍‌ବୋଲ୍ଲା ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଯୁଦ୍ଧବିରତି ଲକ୍ଷ୍ୟ ନେଇ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଇସ୍ରାଏଲ୍‌ରେ ପହଞ୍ଚିବା ପୂର୍ବରୁ ଏଭଳି ଆକ୍ରମଣ ହୋଇଛି। ଏହାର ଜବାବରେ ମଙ୍ଗଳବାର ହେଜ୍‌ବୋଲ୍ଲା କେନ୍ଦ୍ରୀୟ ଇସ୍ରାଏଲ୍ ଉପରେ ଅନେକ ରକେଟ ମାଡ଼ କରିଛି। ସବୁଠୁ ଜନବହୁଳ ଅଞ୍ଚଳରେ ରକେଟ ଆକ୍ରମଣ ହୋଇଥିଲେ ମଧ୍ୟ ବିଶେଷ କ୍ଷୟକ୍ଷତି ଘଟି ନାହିଁ କିମ୍ବା କେହି ମୃତାହତ ହୋଇନାହାନ୍ତି। ଲେବାନନ୍‌ରୁ ୫ଟି ରକେଟ ଛଡ଼ାଯାଇଥିବାବେଳେ ଇସ୍ରାଏଲ୍‌ର ମିଶାଇଲ ଡିଫେନ୍ସ ସିଷ୍ଟମ୍ ସେଗୁଡ଼ିକୁ ପ୍ରତିହତ କରିଥିଲା। ଗୋଟିଏ ରକେଟ ଖୋଲାସ୍ଥାନରେ ପଡ଼ିଥିବା ଇସ୍ରାଏଲୀ ସେନା କହିଛି।

### ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ୩ ମୃତ

#### ଭଗ୍ନାବଶେଷ ତଳେ ୧୬ ଫସିଛନ୍ତି

ବେଙ୍ଗାଲୁରୁ,୨୨।୧୦

ବେଙ୍ଗାଲୁରୁରେ ଗତ ସପ୍ତାହରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ମଙ୍ଗଳବାର ଏକ ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ୩ ଜଣ ପ୍ରାଣ ହରାଇଛନ୍ତି। ଭଗ୍ନାବଶେଷ ତଳୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୧୬ ଜଣ ଫସିରହିଥିବା ଜଣାପଡ଼ିଛି। ଉତ୍ତର ବେଙ୍ଗାଲୁରୁର ବାବୁସାପାଲ୍ୟାଠାରେ ଥିବା ୬ ମହଲା ବିଲ୍ଡିଂ ଶ୍ରମିକମାନେ ରହୁଥିବା ଶେଡ୍ ଉପରେ ଢଳିପଡ଼ିଥିଲା। ଉଦ୍ଧାରକାରୀ ଟିମ୍ ସେଠାରୁ ଭଗ୍ନାବଶେଷ ହଟାଇବା କାର୍ଯ୍ୟରେ ଲାଗିଛନ୍ତି। ଲଗାଣ ବର୍ଷା ଯୋଗୁ ଚାରିଆଡ଼େ ପାଣି ଜମି ରହି ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

## ପୂର୍ବ ଲଦାଖରେ ଅଚଳାବସ୍ଥା ଦୂର ପାଇଁ ବୁଝାମଣା ହୋଇଛି: ଚାଇନା

ବେଜିଂ,୨୨।୧୦(ପି.ଟି.)

ପୂର୍ବ ଲଦାଖ ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ଦୁଇ ସେନା ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥାର ଅବସାନ ପାଇଁ ଭାରତ ସହ ବୁଝାମଣା ହୋଇଥିବା ମଙ୍ଗଳବାର ଚାଇନା ସ୍ପଷ୍ଟ କରିଛି। ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗକୁ ନେଇ ଦୁଇ ଦେଶ କିଛି ମାସ ହେଲା କୂଟନୈତିକ ଏବଂ ସାମରିକ ଚ୍ୟାନେଲ ଜରିଆରେ ସମାଧାନ ପାଇଁ ଯୋଗାଯୋଗ ରଖିଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ ଗଣମାଧ୍ୟମକୁ କହିଛନ୍ତି। ପୂର୍ବ ଲଦାଖରେ ପାଟ୍ରୋଲିଂକୁ ନେଇ ୪ ବର୍ଷ ହେଲା ଲାଗିରହିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଦୁଇ ଦେଶ ସହମତିରେ ପହଞ୍ଚିଥିବା ନେଇ ଭାରତ ସୋମବାର ଘୋଷଣା କରିଥିବାବେଳେ ଏହା ଉପରେ ଲିନ୍‌ଙ୍କ ପ୍ରତିକ୍ରିୟା ମଗାଯାଇଥିଲା। ଉଭୟ ପକ୍ଷ ଉପରୋକ୍ତ ପ୍ରସଙ୍ଗରେ ସମାଧାନରେ ପହଞ୍ଚିଥିବା ଲିନ୍ କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବେଜିଂ ନୂଆଦିଲ୍ଲୀ ସହ ଏକାଠି କାର୍ଯ୍ୟ କରିବ ବୋଲି ସେ କହିଥିବାବେଳେ ସବିଶେଷ ତଥ୍ୟ ଦେବାକୁ ମନା କରିଦେଇଥିଲେ। ସୂଚନାଯୋଗ୍ୟ, ୨୦୨୦ ଜୁନ୍‌ରେ ଗଲ୍‌ୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇ ଉଭୟ ପକ୍ଷରୁ କେତେକ ସୈନ୍ୟ ମୃତାହତ ହୋଇଥିଲେ। ଏହା ବହୁ ଦଶନ୍ଧି ମଧ୍ୟରେ ଦୁଇ ଦେଶ ମଧ୍ୟରେ ସବୁଠୁ ବଡ଼ ସାମରିକ ସଂଘର୍ଷ ଥିଲା। ଏହି ଘଟଣା ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା।

ଏଲ୍‌ଏସିରେ ପାଟ୍ରୋଲିଂ ପାଇଁ ଚାଇନା ସହ ବୁଝାମଣା ହୋଇଥିବା ଭାରତ ଘୋଷଣା କରିବାର ଦିନକ ପରେ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଆମେ ଆସ୍ଥା ଫେରାଇ ଆଣିବାକୁ ଉଦ୍ୟମ କରୁଛୁ। ୨୦୨୦ ଏପ୍ରିଲ ପୂର୍ବ ସ୍ଥିତାବସ୍ଥାକୁ ଫେରିଯିବା ପାଇଁ ଆମେ ଚାହୁଁ। ସେଥିପାଇଁ ପୂର୍ବ ଲଦାଖରୁ ସେନା ପ୍ରତ୍ୟାହାର, ଏଲ୍‌ଏସିରେ ଉତ୍ତେଜନା ହ୍ରାସ ସହ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଉଦ୍ୟମ ହେଉଛି।

## ଗୋଳାବାରୁଦ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୨ ମୃତ

ଭୋପାଳ, ୨୨।୧୦



ମଧ୍ୟପ୍ରଦେଶର ଜବଲପୁର ଜିଲାର ଏକ ଗୋଳାବାରୁଦ କାରଖାନାରେ ବୁଧବାର ବିସ୍ଫୋରଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଦମକଳ ବାହିନୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ ଘଟିବା ସମୟରେ କାରଖାନାରେ ୧୨ରୁ ୧୩ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ସମସ୍ତ ଆହତଙ୍କୁ ମହାକୌଶଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏବେ ମଧ୍ୟ ଘଟଣାସ୍ଥଳରେ ଅନେକେ ଫସି ରହିଥିବା ନେଇ ଜବଲପୁର ଜିଲାପାଳ ଆଶଙ୍କାବ୍ୟକ୍ତ କରିଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଅଧ୍ୟକ୍ଷଙ୍କୁ ଭଙ୍ଗା ବୋତଲ ଫିଙ୍ଗି କଲ୍ୟାଣ ବାନାର୍ଜୀ ନିଲମ୍ବିତ

### ୱାକଫ୍ ସଂସଦୀୟ କମିଟି ବୈଠକ

ନୂଆଦିଲ୍ଲୀ,୨୨।୧୦



ୱାକଫ୍ (ସଂଶୋଧନ) ବିଲ୍ ଉପରେ ଆଲୋଚନା ପାଇଁ ମଙ୍ଗଳବାର ସଂସଦୀୟ କମିଟି ବୈଠକ ବସିଥିବାବେଳେ ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ଏକ ଗ୍ଲାସ୍ ବୋତଲ ଭାଙ୍ଗି ଅଧ୍ୟକ୍ଷଙ୍କ ଉପରକୁ ଫିଙ୍ଗିବା ବେଳେ ନିଜେ ଆହତ ହୋଇଛନ୍ତି। ତେବେ ଆକ୍ରମଣରୁ କମିଟି ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଭଳି ବ୍ୟବହାର ପାଇଁ କଲ୍ୟାଣଙ୍କୁ ସଂସଦୀୟ କମିଟିରୁ ଦିନକ ପାଇଁ ନିଲମ୍ବନ କରାଯାଇଛି। ତାଙ୍କର ଏଭଳି କାର୍ଯ୍ୟକୁ ଭାଜପାର ବରିଷ୍ଠ ଏମ୍‌ପି ଜଗଦମ୍ବିକା ନିନ୍ଦା କରିଛନ୍ତି। ଏହା ଅଭୂତପୂର୍ବ ଏବଂ ସବୁ ସୀମା ଟପିଯାଇଥିବା ଜଗଦମ୍ବିକା କହିଛନ୍ତି। ଏମ୍‌ପିମାନେ ସ୍ୱାଧିକାର ଉପଭୋଗ କରିବା ଅର୍ଥ ନୁହେଁ, ଜଣେ ରିଭଲଭର ଧରି ଆସିବ ବୋଲି ଭାଜପା ଏମ୍‌ପି ଖବରଦାତାମାନଙ୍କୁ କହିଛନ୍ତି। ବୈଠକରେ କଲ୍ୟାଣ ଏବଂ ଭାଜପା ଏମ୍‌ପି ତଥା କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ଏମ୍‌ପି ପରସ୍ପରକୁ ବଙ୍ଗଳା ଭାଷାରେ ଗାଳିଗୁଲଜ କରିଥିଲେ। ଜଗଦମ୍ବିକା ଓ ଅନ୍ୟ ସଦସ୍ୟମାନେ ସେମାନଙ୍କୁ ବୁଝାଶୁଝା କରି ଶାନ୍ତ କରିବାକୁ ଉଦ୍ୟମ କରୁଥିବାବେଳେ କଲ୍ୟାଣ କାଚ ବୋତଲ ଭାଙ୍ଗି ତାଙ୍କ ଉପରକୁ ଫିଙ୍ଗିଥିଲେ। ଏହି ସମୟରେ କଲ୍ୟାଣଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠିରେ କ୍ଷତ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ବୈଠକକୁ ସ୍ଥଗିତ ରଖାଯାଇଥିଲା।

## ଜେଲରୁ ମୁକୁଳି ୨୧ ଥର 'ଭାରତ ମାତା କୀ ଜୟ'

ଭୋପାଳ, ୨୨।୧୦



ଫୈଜଲ

ଭାରତରେ ରହି 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେଇଥିବା ଫୈଜଲ ନାମକ ଜଣେ ଯୁବକ ମଙ୍ଗଳବାର ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳର ମିସ୍‌ରୌଦ ଥାନାରେ 'ଭାରତ ମାତା କୀ ଜୟ' ସ୍ଲୋଗାନ ସହ ତ୍ରିରଙ୍ଗାକୁ ୨୧ଥର ସାଲ୍ୟୁଟ୍ କରିଛନ୍ତି। ତାଙ୍କୁ ଏହି ସର୍ତ୍ତରେ ହାଇକୋର୍ଟ ଜାମିନ ଦେଇଥିଲେ।

ପାକିସ୍ତାନ ଜିନ୍ଦାବାଦ୍ ଓ ହିନ୍ଦୁସ୍ତାନ ମୁର୍ଦ୍ଦାବାଦ୍‌ର ସ୍ଲୋଗାନ ଦେଇଥିବା ନେଇ ମଧ୍ୟପ୍ରଦେଶର ରାୟସେନ୍ ନିବାସୀ ଫୈଜଲ ଓରଫ ଫୈଜାନଙ୍କ ନାମରେ ଅଭିଯୋଗ ରହିଥିଲା। ଗତ ମେ' ୧୭ରେ ମିସ୍‌ରୌଦ ପୋଲିସ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରଥିଲା। ପୋଲିସ ଫୈଜଲଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟକୁ ଟ୍ରାଏଲ କୋର୍ଟରେ ଉପସ୍ଥାପନ କରିଥିଲା। ଟ୍ରାଏଲ କୋର୍ଟରେ ଫୈଜଲଙ୍କ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ସରକାରୀ ଓକିଲ ସି.କେ. ମିଶ୍ରା ଏକ ଭିଡିଓ କ୍ଲିପ୍‌କୁ ଉପସ୍ଥାପନ କରିଥିଲେ। ଅଭିଯୁକ୍ତ ଯୁବକ ବିବାଦୀୟ ସ୍ଲୋଗାନ ଦେଉଥିବା ନେଇ ଭିଡିଓରୁ ସ୍ପଷ୍ଟ ହୋଇଥିଲା। ଶୁଣାଣି ସମୟରେ ସରକାରୀ ଓକିଲ ମିଶ୍ରା କହିଥିଲେ, ଅଭିଯୁକ୍ତ ଜଣଙ୍କ ଯେଉଁ ଦେଶରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ବଡ଼ ହୋଇଛନ୍ତି, ତାହା ବିରୋଧରେ ସ୍ଲୋଗାନ ଦେଉଛନ୍ତି। ଯଦି ଫୈଜଲ ଭାରତରେ ସନ୍ତୁଷ୍ଟ ନାହାନ୍ତି, ତେବେ ଭଲ ହେବ ଯେଉଁ ଦେଶ ସପକ୍ଷରେ ସେ ସ୍ଲୋଗାନ ଦେଇଛନ୍ତି, ସେହି ଦେଶକୁ ଚାଲିଯାଆନ୍ତୁ। ଶୁଣାଣି ପରେ ହାଇକୋର୍ଟ ଫୈଜଲଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଜଷ୍ଟିସ୍ ଦିନେଶ କୁମାର ପାଲିୱାଲଙ୍କ ଖଣ୍ଡପୀଠ ଫୈଜଲଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ସହ ନିର୍ଦ୍ଦେଶ ଦେଇଥିଲେ, ଟ୍ରାଏଲ ଶେଷ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରଥମ ଓ ଚତୁର୍ଥ ମଙ୍ଗଳବାର ଫୈଜଲଙ୍କୁ ମିସ୍‌ରୌଦ ଥାନାରେ ଥିବା ତ୍ରିରଙ୍ଗାକୁ ୨୧ ଥର ସାଲ୍ୟୁଟ କରିବା ସହ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେବାକୁ ପଡ଼ିବ। ଭୋପାଳ ପୋଲିସ କମିଶନରଙ୍କୁ ଏହି ସର୍ତ୍ତ ପାଳନ କରିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ମଙ୍ଗଳବାର ଫୈଜଲଙ୍କୁ ମିସ୍‌ରୌଦ ଥାନା ଅଣାଯାଇଥିଲା ଏବଂ ସେ 'ଭାରତ ମାତା କୀ ଜୟ' ସ୍ଲୋଗାନ ସହ ୨୧ ଥର ତ୍ରିରଙ୍ଗାକୁ ସାଲ୍ୟୁଟ୍ କରିଛନ୍ତି।

## ଫୁରସତ୍



ଅଲ୍ଲୁ ଅର୍ଜୁନ

### ପୁଷ୍ପା-୨: ରିଲିଜ୍ ପୂର୍ବରୁ ୧୦୮୫ କୋଟିର ବ୍ୟବସାୟ

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା ୨: ଦି ରୁଲ୍' ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ ଅନ୍ୟତମ। ତେବେ ରିଲିଜ୍ ପୂର୍ବରୁ ଏହି ଚଳଚ୍ଚିତ୍ର ୧ ହଜାର କୋଟି ଟଙ୍କାର ବ୍ୟବସାୟ କରିପାରିଥିବା ଫିଲ୍ମ କ୍ଲବ୍‌ରେ ସାମିଲ ହୋଇପାରିଛି। ରିପୋର୍ଟ ଅନୁଯାୟୀ, 'ପୁଷ୍ପା ୨' ନିଜର ଥିଏଟ୍ରୀକାଲ ରାଇଟ୍ସକୁ ୬୪୯ କୋଟିରେ ବିକ୍ରି କରିଛି। ସେହିପରି ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ନିଜର ଷ୍ଟ୍ରିମିଂ ରାଇଟ୍ସରୁ ମଧ୍ୟ ଭଲ ରୋଜଗାର କରିଛି। ଫିଲ୍ମଟି ନିଜର ଡିଜିଟାଲ୍ ରାଇଟ୍ସକୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସକୁ ୨୭୫ କୋଟି ଟଙ୍କାରେ ବିକ୍ରି କରିଛି। ସେହିପରି ଏହି ଚଳଚ୍ଚିତ୍ରର ମ୍ୟୁଜିକ୍ ରାଇଟ୍ସ ୬୫ କୋଟି ଟଙ୍କାରେ ବିକ୍ରି ହୋଇଛି । ଏହାର ସାଟେଲାଇଟ ରାଇଟ୍ସକୁ ମଧ୍ୟ ନିର୍ମାତାମାନେ ବିକ୍ରି କରି ୮୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଅନ୍ୟପକ୍ଷରେ ଫିଲ୍ମର ନିର୍ମାତା ଏହାର ନନ୍ ଥିଏଟ୍ରୀକାଲ୍ ରାଇଟ୍ସକୁ ବିକ୍ରି କରି ୪୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ଆସନ୍ତା ଡିସେମ୍ବର ୬ରେ ମୁକ୍ତିଲାଭ କରିବାକୁ ଯାଉଛି। ରିଲିଜ୍ ପୂର୍ବରୁ ଏହି ଚଳଚ୍ଚିତ୍ର ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରୁ ୨୨୦ କୋଟି ଟଙ୍କା ରୋଜଗାର କରିଛି। ଏଥିସହିତ ଫିଲ୍ମଟି ଉତ୍ତର ଭାରତରେ ୨୦୦ କୋଟି, ତାମିଲନାଡୁରେ ୫୦ କୋଟି, କର୍ନାଟକରେ ୩୦ କୋଟି, କେରଳରେ ୨୦ କୋଟି ଏବଂ ଅନ୍ତର୍ଜାତୀୟ ବଜାରରେ ୧୪୦ କୋଟି ରୋଜଗାର କରିଛି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଲ୍ଲୁ ବିପକ୍ଷରେ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କୁ ଦେଖିବାକୁ ମିଳିବ।

### ୫ ହଜାର ଫୁଟ ଉଚ୍ଚରେ ରହସ୍ୟମୟ ଗୁମ୍ଫା

ବେଜିଂ



ବିଶ୍ୱରେ ଏପରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ଯାହାର କିଛି ନା କିଛି ରହସ୍ୟ ରହିଛି। ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଭ୍ରମଣ କରିବାକୁ ଆସିଥାନ୍ତି। ଚାଇନାରେ ମଧ୍ୟ ଏପରି ଏକ ସ୍ଥାନ ରହିଛି, ଯାହା ଦୀର୍ଘ ବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଚାଇନାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ମଧ୍ୟରୁ ତିଆନ୍‌ମେନ୍ ମାଉଣ୍ଟେନ ଅନ୍ୟତମ। ଏହି ପର୍ବତମାଳାର ଉପର ମୁଣ୍ଡରେ ଏକ ଗୁମ୍ଫା ଅଛି, ଯାହା ଭୂମିଠାରୁ ୧୫୧୮ ମିଟର (ପ୍ରାୟ ୫ ହଜାର ଫୁଟ) ଉଚ୍ଚରେ ଅବସ୍ଥିତ। କୌଣସି ପର୍ବତ ଉପରେ ଅବସ୍ଥିତ ଏହି ଗୁମ୍ଫାକୁ ବିଶ୍ୱର ସର୍ବୋଚ୍ଚ ଗୁମ୍ଫା ଭାବରେ ବିବେଚନା କରାଯାଏ । ସେହିପରି ଏହି ଗୁମ୍ଫାକୁ ସ୍ୱର୍ଗର ଦ୍ୱାର ବୋଲି ମଧ୍ୟ କୁହାଯାଏ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପ୍ରାୟ ୨୫୩ ଖ୍ରୀଷ୍ଟାବ୍ଦରେ ଏହି ପର୍ବତର କିଛି ଅଂଶ ଭାଙ୍ଗି ଯାଇଥିଲା। ଫଳରେ ଏହି ଗୁମ୍ଫା ସୃଷ୍ଟି ହୋଇଥିଲା। ଏହି ଗୁମ୍ଫାର ଲମ୍ବ ୧୯୬ ଫୁଟ, ଉଚ୍ଚତା ୪୩୧ ଫୁଟ ଏବଂ ମୋଟେଇ ୧୮୭ ଫୁଟ ରହିଛି। ଏତେମାତ୍ରାରେ ଉଚ୍ଚରେ ଥିବା ହେତୁ ଏହି ଗୁମ୍ଫା ସର୍ବଦା ମେଘ ଦ୍ୱାରା ଘେରି ହୋଇ ରହିଥାଏ। ବୋଧହୁଏ ସେଥିପାଇଁ ଏହାକୁ ସ୍ୱର୍ଗର ଦ୍ୱାର ଭାବେ ଲୋକେ ବିବେଚନା କରନ୍ତି ବୋଲି ଅନେକ ଅନୁମାନ କରୁଛନ୍ତି।

ତେବେ ବହୁ ବର୍ଷ ପୂର୍ବେ ଏହି ଗୁମ୍ଫାରେ ପହଞ୍ଚିବା ପର୍ଯ୍ୟଟକଙ୍କ ପାଇଁ କଷ୍ଟସାଧ ସାବ୍ୟସ୍ତ ହେଉଥିଲା। କଠିନ ରାସ୍ତାରେ ଯିବାବେଳେ ଲୋକଙ୍କ ଅବସ୍ଥା ବିଗିଡି ଯାଉଥିଲା। କିନ୍ତୁ ଏବେ ପର୍ଯ୍ୟଟକମାନେ ରାସ୍ତା ଏବଂ କେବୁଲ ୱେ ବ୍ୟବହାର କରି ଏହି ଗୁମ୍ଫାରେ ପହଞ୍ଚି ପାରୁଛନ୍ତି। ତେବେ ରାସ୍ତା କିମ୍ବା କେବୁଲ ୱେରୁ ଓହ୍ଲାଇବା ପରେ ଗୁମ୍ଫାରେ ପହଞ୍ଚିବା ପାଇଁ ଲୋକଙ୍କୁ ୯୯୯ ପାହାଚ ଚଢ଼ିବାକୁ ପଡ଼ିଥାଏ।

ADVERTORIAL

उत्तराखण्ड शासन



# DISCOVER NEW EXPERIENCES AND A SENSE OF BELONGING IN *Uttarakhand*



"Under the guidance of Honorable Prime Minister, Shri Narendra Modi, we are committed to harnessing the overall development, natural beauty, rich cultural heritage and immense potential of the state. Our aim is to make Uttarakhand a model of progress, where tradition and innovation meet and every person contributes towards the prosperity and welfare of the state."

**Pushkar Singh Dhami**
Chief Minister, Uttarakhand

HAR MAUSAM UTTARAKHAND

## EXPERIENCE THE AMAZING CONFLUENCE OF DEVOTION, CULTURE AND ADVENTURE

Uttarakhand is the land of gods. The way this state is moving on the path of development by keeping law and order at the forefront is praiseworthy. This effort is also necessary to maintain the identity of Devbhoomi. Therefore, I believe that in the near future, Devbhoomi Uttarakhand will become the centre of attraction for the spiritual consciousness of the entire world and we have to develop Uttarakhand according to this potential.

**Narendra Modi**
Prime Minister



## Uttarakhand Tourism Sector

### Provides best incentives for investment.

## For weddings, it has become a New Destination.

Devbhoomi is a religious, spiritual, beautiful destination with lush green and snowy fort of mountains which has better connectivity, excellent infrastructure and all the necessary facilities. Dhami Sarkar along with pilgrimage and tourism in the state, at present this place is giving special emphasis on promoting the tradition of destination wedding and the facilities are constantly being developed. People are taking interest in organizing destination weddings at the holy religious, spiritual and natural places of Uttarakhand. But, after Prime Minister Narendra Modi's appeal, he expressed hope that in the coming time, Uttarakhand will gain prominence in the near future as a prime 'destination wedding' location.

Devbhoomi Uttarakhand is a holy place which is famous for marriage celebrations. Now Shri Triyuginarayan temple located in Triyuginarayan village of Rudraprayag district of Uttarakhand is one of them. It is believed that this is the place where Lord Shiva circumambulated the sacred fire with Mother Parvati. This is why every year a large number of couples get married in the sacred bond of marriage in this place. This place is establishing a new identity as a destination wedding location.

Similarly, in the sacred city of Haridwar, a large number of couples tie the knot in the sacred bond of matrimony at Shantikunj every year, following all traditional rituals. Speaking of the pilgrimage town of Rishikesh, it is currently emerging as a major wedding destination for both Indian and international youth. Mussoorie, Nainital, and Ramnagar are among the luxurious venues with all modern amenities, where the trend of destination weddings is gaining popularity both domestically and abroad. Uttarakhand also offers hill stations like Auli, known as 'Mini Switzerland,' for those looking to marry in the lap of nature.

Due to the developed facilities for tourism and pilgrimage in Uttarakhand, the attraction towards wedding destinations here is increasing. After the Prime Minister's slogan 'Wed in India,' it is now expected that the Dhami government will work swiftly in this direction. The 'Wed in India' movement will, in the coming times, establish Uttarakhand as the perfect destination for weddings. This will not only boost local businesses but also create new livelihood opportunities.

Uttarakhand is called the 'land of gods'. The state not only boasts of breathtaking natural beauty, but also offers travelers a unique opportunity to experience the local culture and traditions through homestays. In such a situation, the homestay running under 'Deendayal Upadhyay Grih Awas Yojana' has not only provided self-employment to the local people, but it is also making a significant contribution to the economy of the state. The homestay system has gained momentum under the 'Deendayal Upadhyay Grih Awas Yojana' started by the Uttarakhand government. The objective of this scheme is to uplift the economic condition of the local people by providing them a sustainable source of income. Under the scheme, local people get the opportunity to host domestic and foreign tourists at their own homes. In this way tourists get an opportunity to understand the indigenous cuisine, local culture, historical heritage, traditional hill lifestyle and art of Uttarakhand. Through this they are reaching places about which they had not heard before.

Ranging from cozy cottages to traditional wooden houses that reflect the architecture of the region, each homestay offers tourists a comfortable and welcoming environment, allowing them to connect with the local community.

## Continuous development of rural tourism with Uttarakhand Homestay Scheme

**Due to the efforts of the government, the local population has got employment through tourism schemes in Uttarakhand. Besides, this initiative has also strengthened the economy of the state.**

The development of homestays in Uttarakhand has had a positive impact on the economy of the state. These accommodations provide tourists with not only unique and presently with Uttarakhand Tourism Department there are around 5000 registered homestays listed. Nestled in the lap of Himalayas in these homestays provide comfortable cottages to traditional wooden houses that reflect the region's architectural style, each homestay offers tourists a welcoming and comfortable environment, allowing them to connect with the local community. The development of homestays in Uttarakhand has had a positive impact on the state's economy. These accommodations provide tourists with not only a unique and personalized experiences but also promote local businesses by creating employment opportunities. As a result, their contribution is strengthening the local economy. Homestay owners often collaborate with local artisans, farmers, and service providers. This promotes local supply chains and sustainable development. Homestays have played a crucial role in curbing migration from the state. Homestays have played a significant role in preventing migration from the state. It must be said that this initiative has not only increased income but also provided a solid foundation for local people to stay, promote, and develop their communities. It has helped preserve the state's cultural heritage and traditions, ensuring that future generations remain connected to their roots. The popularity of homestays in Uttarakhand is in itself proof that this initiative is touching the hearts of travelers. Tourists are not just seeking comfortable accommodation; they also enjoy strengthening connections with new destinations and people. The homestay initiative is connecting tourists with the local way of life and presenting a fresh image of the state in their minds. They are leaving with happy memories after staying here.



In 2024, the Ministry of Tourism, Government of India, awarded the title of Best Tourism Village to four villages in Uttarakhand: Jakhoul village and Harsil village in Uttarkashi district, Gunji village in the border area of Pithoragarh district, and Supi village in Bageshwar district.

> **Prime Minister Narendra Modi has stated that rural areas are becoming centers of tourism. Additionally, every tourist destination can develop its own revenue model. To boost the rural economy, we need to promote businesses like homestays and small hotels.**

## A State of Pilgrimage and Tourism, Something Special for Every Age

**You must visit these charming places:**
**These picturesque places situated in the lap of nature will touch your heart.**



There are many such places in the charming natural wealth of Uttarakhand, which are no less than a treasure. If you come to Devbhoomi then definitely visit these places. Away from the hustle and bustle of tourists, these lesser-known destinations make your trip more exciting. You are able to connect directly with nature. From the picturesque Kartikeya Swamy Temple to the tranquil village of Peora, the breathtaking views of Khirsu and the untouched beauty of Mandal, places like this have a unique charm. Don't forget to enjoy birdwatching among the birds in the lush green delightful Pangot of Chaukori. The peaceful atmosphere of Gwaldamakh Abbott Mount, Shitalakhet and Nagathat are places that provide coolness to the mind. These hidden treasures of Uttarakhand are inviting you to go on a unique journey. Surely you will be impressed by the peace and natural beauty of this place. Believe it, you will be able to reach such a place, which you haven't even imagined before. A visit to these places will give you an experience to be remembered throughout your life. Sachin Kurve, CEO of Uttarakhand Tourism Development Board, says that these lesser-known destinations of Uttarakhand offer a glimpse of the rich cultural heritage of the state. For example, Kartikeya Swami Temple is situated in the beautiful landscape of Uttarakhand. It reflects traditional architecture and spiritual significance. We are promoting offbeat destinations in every nook and corner of the state and our aim is to provide unique experiences to tourists and promote sustainable tourism development.

## A UNIQUE CONFLUENCE OF UNSEEN ADVENTURES

### Uttarakhand provides a unique experience to adventure sports lovers around the world.

When it comes to adventure tourism in the country, Uttarakhand has become a favorite destination for adventure lovers due to its diverse landscapes. There is no dearth of exciting activities here. You get to play many exciting sports here and that is why this state provides an extraordinary experience for adventure lovers around the world. Many tourists come to Uttarakhand only to participate in these activities. For adventure lovers, there are many exciting sports and activities available here including river rafting, trekking, hiking and bungee jumping.

**TREKKING AND HIKING**

You can travel to remote places of Uttarakhand through trekking and hiking. Here one can enjoy trekking on the traditional Roopkund track amidst lush green forests and grasslands or passing through the valley of flowers can give a pleasant feeling. For long walkers, Kedarkantha and Gaumukh Tapovan tracks provide a memorable experience of a lifetime.

**BUNGEE JUMPING**

Also known as the Yoga Capital of the World, Rishikesh is also known for its high-intensity adventures as it is the site of the highest bungee jumping in the entire country. Thrill lovers who want to defy gravity come here to go bungee jumping amidst the spectacular Himalayan hills.

**SKIING**

Auli, located in Chamoli district, is known as the center of skiing lovers. Adventure lovers visit Auli to find their way through its winter wonderland with snow-capped mountain slopes. This spectacular venue is also famous for hosting the National Winter Games, where athletes get the perfect opportunity to showcase their prowess.

**RIVER RAFTING**

The rivers of Uttarakhand not only enhance the beauty of the state but also excite the lovers of white water rafting who come here for the thrill. When tourists conquer the rapids through white water rafting or boat on the water during a serene canoeing or kayaking in the Ganges, Tons and Alaknanda rivers, they definitely get to experience different thrills.





**PARAGLIDING**

Thrill lovers can also take a trip to the sky here and enjoy the grandeur of Uttarakhand by paragliding. They can also take a sky flight from the scenic spots of Nainital, Mukteshwar, or Pithoragarh and view the magnificent Himalayan regions. Apart from adventure, the tourism sector of Uttarakhand has also brought prosperity to the local residents and created employment opportunities. This has also encouraged the development of adventure tourism infrastructure.

#ExploreUttarkhand

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ବିକାଶ କନକ୍ଲେଭ, ସ୍ଥାନ: ଲାଇଫ, ଜନପଥ, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଘଟାନ୍ତର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୧ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: କଟକ ସତୀଚଉରା, ସମୟ: ସକାଳ ୮ଟା।
- ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ସଚେତନ ନାଗରିକ ମଞ୍ଚ ପକ୍ଷରୁ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ସମୂହ ଗଜଲକ୍ଷ୍ମୀ ଭସାଣି ଉତ୍ସବ, ସ୍ଥାନ: ବିଜେବି ହାଇସ୍କୁଲ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ମାନସିକ ରୋଗର ଚିହ୍ନଟ ଓ ଚିକିତ୍ସା ଶିବିର, ସ୍ଥାନ:ଗୋପୀ କିଶାନ ଡାକ୍ତରଖାନା ପରିସର, ଜଳେଶ୍ୱର. ସମୟ: ସକାଳ ୯ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟ ଜୟନ୍ତୀର ଷଷ୍ଠ ସନ୍ଧ୍ୟା, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର. ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମହାଲକ୍ଷ୍ମୀ ଭସାଣୀ ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୨ଟା।
- ବାତ୍ୟା ମୁକାବିଲା ପାଇଁ ସମୀକ୍ଷା ଏବଂ ପ୍ରସ୍ତୁତି ବୈଠକ, ସ୍ଥାନ:ହାଟଡିହୀ ବ୍ଲକ, ସମୟ:ଅପରାହ୍ନ ୩ଟା।
- ସାଂସ୍କୃତିକ ପ୍ରତିଯୋଗିତା ଏବଂ ଭଜନ ସମାରୋହ, ସ୍ଥାନ:ଶାଳନିଆଁ ବଜାର, ହାଟଡିହୀ, ସମୟ :ସନ୍ଧ୍ୟା ୭ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ, ବୈଠକ ଏବଂ ବିଭିନ୍ନ ସଭାରେ ଯୋଗଦାନ, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ତ୍ରିରଙ୍ଗା କ୍ଲବ, ବାରିପଦା, ସମୟ: ସକାଳ ୯ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କରଞ୍ଜିଆ ନାଟ୍ୟ ଉତ୍ସବ-୨୦୨୪ର ନାଟକ 'ଫାଶ', ସ୍ଥାନ: ପଲ୍ଲବୀ ମଣ୍ଡପ, କରଞ୍ଜିଆ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ବିଶ୍ୱଶାନ୍ତି ଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ଏନ୍ଏସି କାଉନସିଲର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଏନଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଆର୍ଏମସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ
- ବିଜେଡିର ପଦଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିସେଫ ପକ୍ଷରୁ ଆଲୋଚନା, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭସାଣି, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଳରାମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଚତୁର୍ଥ ଦିବସ, ଶତପଥି ଲାୟନସ୍ ବନାମ ସ୍ୱାଜା ସୁପର ଷ୍ଟ୍ରକର୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଚତୁର୍ଥ ଦିବସରେ ଥଣ୍ଡର ବାଲଙ୍କେଶ୍ୱର ବନାମ ଦିପୁ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣର ତୃତୀୟ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୭ ଟା।

## ନବରଙ୍ଗପୁର
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି
- ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ କ୍ଲବ ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ- ବୁଢ଼ାରଜା ହାଇସ୍କୁଲ ବନାମ ଇଣ୍ଡିଆନ ପବ୍ଲିକ ସ୍କୁଲର ମ୍ୟାଚ, ସ୍ଥାନ : ସିଂହପାଲି - କାଇଁଶିର ଖେଳ ପଡ଼ିଆ, ସମୟ : ଅପରାହ୍ନ ୨ଟା।
- ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପ୍ରସ୍ତୁତି ବୈଠକ,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ତରଭାରେ ବ୍ଲକସ୍ତରୀୟ ଚାଷୀ ସମାବେଶ ଓ ସାଧାରଣ ସଭା, ସ୍ଥାନ: ବ୍ଲକ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣର ସପ୍ତମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଭସାଣୀ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ ଟା।
- ମୁରାସୁର ଦରବାରର ସପ୍ତମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ରାତି ୮ଟା।

## ବରଗଡ଼
- ସି. କେ. ନାଇଡୁ କ୍ରିକେଟ୍ ଟ୍ରଫି, ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ବୈଠକ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ, ସ୍ଥାନ: ଭବାନୀପୁର ଷ୍ଟାଡ଼ିୟମ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ହିତୈଷୀ ଆଲୋଚନା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା କଲେଜରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ବିଶ୍ୱ ମାନକ ଦିବସ ଅବସରରେ ସୃଜନଶୀଳନ ସମ୍ପର୍କିତ ପ୍ରତିଯୋଗିତା, ସ୍ଥାନ: ରିଆମାଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଢଳ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶଙ୍କର ସମ୍ବଲପୁରୀ ଡାନ୍ସ ଗ୍ରୁପ୍, ବଲାଙ୍ଗୀର, ସ୍ଥାନ: ବାରକୋଟ ବ୍ଲକ ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ଗ୍ରାମ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଢଳ ଗ୍ରାମ, ମଣ୍ଡପ ନିକଟ, ସମୟ: ରାତି ୧୧ଟା।

## କଳାହାଣ୍ଡି
- ପ୍ରଗତିପଥ ମହୋତ୍ସବର ଦ୍ୱିତୀୟ ଦିବସରେ ସ୍ୱରଚିତ କବିତା ପାଠୋତ୍ସବ, ସ୍ଥାନ: ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଯାଦବ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ବୃନ୍ଦିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ୩ୟ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ବୌଦ୍ଧ
- ଶ୍ରୀମଦଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ଷଷ୍ଠ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ ମନ୍ଦିର ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚତୁର୍ଥ କେନ୍ଦ୍ରରେ ନୀଚସ୍ଥ ମଙ୍ଗଳ ପାରିବାରିକ ଖର୍ଚ୍ଚ ବଢ଼ାଇବା ସହ ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି କରିବ। ବନ୍ଧୁଙ୍କ ସହ ଆଲୋଚନା ମାନସିକ ଆଶ୍ୱସ୍ତି ପ୍ରଦାନ କରିବ। କିନ୍ତୁ ବ୍ୟବସାୟ, ପରିବହନ ଏବଂ ଶିଳ୍ପ, ବାଣିଜ୍ୟ, କ୍ଷେତ୍ରରେ ଶିଥିଳତା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ଲାଭକରି ଖୁସିହେବେ।

**ବୃଷ**
ଆକସ୍ମିକ ଭାବେ କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ଅନୁଭବ କରିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିରେ ଆୟଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ। ସାଧାରଣ କଥାରୁ ହଡ଼ ବଡ଼େଇ ଯାଇପାରନ୍ତି।

**ମିଥୁନ**
କର୍ମସ୍ଥାନରେ ଧନାଧିପତି ଅର୍ଥଲାଭ ସହ ବନ୍ଧୁଙ୍କ ପ୍ରତିଭାଜନ କରାଇବ। ପରିବାର, ଯାନବାହନ, ଆଲୋଚନା, ଯାତ୍ରା, ବ୍ୟବସାୟ ଦିଗଟି ଭଲ ରହିବ। ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହୋଇଯିବ। ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ। ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ**
ଆଜି ଖର୍ଚ୍ଚାନ୍ତ ହେବେ ସିନା ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ସାମାଜିକ ସ୍ତରରେ ପରିସ୍ଥିତି ବଦଳି ଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ**
ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମନ ହାଲୁକା ହୋଇଯିବ। ବ୍ୟବସାୟ ଓ ପରିବହନରେ ଉନ୍ନତି କରି ଋଣମୁକ୍ତ ହେବାର ସୂଚନା ରହିଛି। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରି ସଫଳତା ହାସଲ କରିବେ।

**କନ୍ୟା**
ଯାହା ପାଇବା ସକାଶେ ଆଶା କରୁଛନ୍ତି ତାହା ନିଶ୍ଚିତ ଭାବରେ ପାଇପାରିବେ। ତଥାପି ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

**ତୁଳା**
ବନ୍ଧୁମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ।

**ବିଛା**
ଆଜିର ଗ୍ରହଯୋଗ ଉଚ୍ଚକୋଟୀର କିନ୍ତୁ ଠିକଣା ସମୟରେ ସୁଯୋଗ ନେଇ ପାରିଲେ ହିଁ ଉପକୃତ ହେବେ। ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଅନୁତାପ କରିବା ବ୍ୟତୀତ କିଛି ଲାଭହେବନି। କାରବାର ବୃଦ୍ଧିଜନିତ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବ। ବନ୍ଧୁଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ**
ନିଜ ମନର ଚିନ୍ତାଧାରାର ବିଷମତା ହିଁ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ପାରିବାରିକ କଳହ, ଟଙ୍କା ଦେଣନେଣ, କଚେରି ମାମଲାର ଟେନ୍ସନ ପ୍ରଭୃତି ସମସ୍ୟା ମଧ୍ୟ ରହିପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ, ଯାହାକି ବନ୍ଧୁଙ୍କ ମନକୁ ପାଇବ। ଏଜେନ୍ସିପ୍, ଗଣମାଧ୍ୟମ, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
ଭାଗ୍ୟର ଅନୁକୂଳତା ପ୍ରାପ୍ତ ହୋଇ କାର୍ଯ୍ୟସିଦ୍ଧି ସଙ୍ଗକୁ ସମସ୍ୟାର ଦୂରୀକରଣ ଦିଗରେ ଯତ୍ନବାନ୍ ହେବେ। ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି।

**କୁମ୍ଭ**
ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଭଲକଥାଗୁଡ଼ିକ ମଧ୍ୟ ପ୍ରିୟଜନଙ୍କୁ ଖଟା ଲାଗିପାରେ। ତଥାପି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ଓ ପାରିବେ ମଧ୍ୟ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ**
ଆଜିର ଭଲ ଚିନ୍ତା ଆପଣଙ୍କ ଆଚାରବ୍ୟବହାର ଓ କାର୍ଯ୍ୟଶୈଳୀକୁ ନିୟନ୍ତ୍ରିତ କରିବ। ପରିବାରରୁ ଶ୍ରଦ୍ଧା, ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲ ହୋଇପାରନ୍ତି। ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ।

ଆଜି ଅକ୍ଟୋବର ୨୩ ତାରିଖ, କାର୍ତ୍ତିକ କୃଷ୍ଣ ସପ୍ତମୀ ବୁଧବାର, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୭ମି. ଗତେ ଘ.୦୮.୦୫ମି. ମଧ୍ୟେ, ଘ. ୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଲଗାତର ବୋମା...

ପରିସରରେ ଆଇଇଡି ବିସ୍ଫୋରଣ ହେବ ବୋଲି ସେଥିରେ କୁହାଯାଇଥିଲା। ତେବେ ଯାଞ୍ଚ ପରେ ସେଗୁଡ଼ିକ ମିଥ୍ୟା ବାର୍ତ୍ତା ଥିବା ଜଣାପଡ଼ିଛି। ଆଣ୍ଟି-ସାବୋଟେଜ୍ ଟିମ୍ ସ୍କୁଲଗୁଡ଼ିକୁ ଯାଞ୍ଚ କରିଥିଲେ ମଧ୍ୟ ସେଠାରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଦିଲ୍ଲୀ ପୋଲିସ ଘଟଣାର ତଦନ୍ତ ଚଳାଇଛି। ରବିବାର ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଅନ୍ୟ ଏକ ସିଆର୍‌ପିଏଫ୍ ସ୍କୁଲ୍ ନିକଟରେ ବିସ୍ଫୋରଣ ଘଟିବାରୁ ସ୍କୁଲ ପାଚେରି କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା କେତେକ କାର୍ ଭାଙ୍ଗିରୁଜି ଯାଇଥିଲା। ଜଷ୍ଟିସ୍ ଲିଗ୍ ଅଫ୍ ଇଣ୍ଡିଆ ନାମକ ଏକ ଚ୍ୟାନେଲ ଉକ୍ତ ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆ ଆପ୍ଲିକେଶନ ଟେଲିଗ୍ରାମରେ ପୋଷ୍ଟ କରି ସେଥିରେ 'ଖଲିସ୍ତାନ ଜିନ୍ଦାବାଦ'ର ୱାଟର ମାର୍କ ଥାଇ ଧମକପୂର୍ଣ୍ଣ ବାର୍ତ୍ତା ଛାଡ଼ିଥିବାରୁ ବିସ୍ଫୋରଣ ପଛରେ ଖଲିସ୍ତାନୀ ଗୋଷ୍ଠୀର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଦିଲ୍ଲୀର ରୋହିଣୀ ଏବଂ ଦ୍ୱାରକା ଅଞ୍ଚଳ ଏବଂ ତେଲଙ୍ଗାନାର ହାଇଦ୍ରାବାଦରେ ଥିବା ସିଆର୍‌ପିଏଫ୍ ସ୍କୁଲକୁ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ସେହିପରି ହରିୟାଣାର ପଞ୍ଚକୁଲା ଏବଂ ଉତ୍ତରପ୍ରଦେଶର ରାମପୁରରେ ପାରାମିଲିଟାରି ଫୋର୍ସ କାର୍ଯ୍ୟାଳୟ ପରିସରରେ ଥିବା ୨ କେନ୍ଦ୍ରୀୟ ବିଦ୍ୟାଳୟକୁ ଅନୁରୂପ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିଲା। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ବୋମା ଧମକ ଘଟଣାର ତଦନ୍ତ ଚଳାଇଥିବାବେଳେ ବାର୍ତ୍ତା ପଠାଇଥିବା ବ୍ୟକ୍ତିଙ୍କ ପରିଚୟ ଏବଂ ଅନ୍ୟାନ୍ୟ ବିବରଣୀ ପ୍ରଦାନ ପାଇଁ ଇମେଲ୍‌ସେବା ପ୍ରଦାନକାରୀ ସଂସ୍ଥାକୁ ପତ୍ର ଲେଖାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ରବିବାରର ବିସ୍ଫୋରଣ ଘଟଣାରେ ଖଲିସ୍ତାନୀ ସମର୍ଥକଙ୍କ ଭୂମିକା ଉପରେ ମଧ୍ୟ ତଦନ୍ତ ଚାଲିଛି। ଧମକପୂର୍ଣ୍ଣ ବାର୍ତ୍ତାରେ ତାମିଲନାଡୁର ରାଜନୀତି ଏବଂ ବହିଷ୍କୃତ ଡିଏମ୍‌କେ ନେତା ଜାଫର ସାଦିକ୍‌ଙ୍କ ସମ୍ପର୍କରେ ଉଲ୍ଲେଖ ଥିଲା।

ଭାରତୀୟ ଏୟାରଲାଇନ୍ସର ବିମାନଗୁଡ଼ିକୁ ବୋମାରେ ଉଡ଼ାଇଦେବା ପାଇଁ ଧମକପୂର୍ଣ୍ଣ ବାର୍ତ୍ତା ବନ୍ଦ ହେବାର ନାଁ ନେଉନାହିଁ। ସୋମବାର ରାତିଠାରୁ ମଙ୍ଗଳବାର ମଧ୍ୟରେ ଏଭଳି ଅନ୍ୟୁନ ୭୯ ଧମକ ମିଳିଲାଣି। ଏହାକୁ ମିଶାଇ ସପ୍ତାହେ ମଧ୍ୟରେ ଧମକପୂର୍ଣ୍ଣ ବାର୍ତ୍ତା ସଂଖ୍ୟା ୧୬୯ରେ ପହଞ୍ଚିଛି। ବିଶେଷକରି ଅନ୍ତର୍ଜାତୀୟ ରୁଟ୍‌ରେ ଯିବାକୁ ଥିବା ବିମାନଗୁଡ଼ିକୁ ଏଭଳି ଧମକ ମିଳୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଇଣ୍ଡିଗୋର ୨୩, ଭିସ୍ତାରାର ୨୧, ଆକାଶର ୧୨ ଏବଂ ଏୟାର ଇଣ୍ଡିଆର ୨୩ ବିମାନକୁ ଏଭଳି ଧମକପୂର୍ଣ୍ଣ କଲ୍ ଆସିଛି। ତେବେ ସେଗୁଡ଼ିକ ହୋକ୍ସ କଲ୍ ବା ମିଥ୍ୟା ଧମକ ଥିବା ତଦନ୍ତରୁ ଜଣାପଡ଼ିଛି। ବିଶେଷକରି ଜେଦ୍ଦା, ଇସ୍ତାନବୁଲ୍ ଏବଂ ରିୟାଧ ଭଳି ସ୍ଥାନକୁ ଯିବାକୁ ଥିବା ବିମାନଗୁଡ଼ିକୁ ଟାର୍ଗେଟ କରାଯାଉଛି। ବୋମା ଧମକ ଯୋଗୁ ଯାତ୍ରୀମାନେ ହଇରାଣ ହେବା ସହ ଏୟାରଲାଇନ୍ସଗୁଡ଼ିକୁ ବିପୁଳ କ୍ଷତି ସହିବାକୁ ପଡୁଛି। ଧମକପୂର୍ଣ୍ଣ ବାର୍ତ୍ତା ପଠାଉଥିବା ବ୍ୟକ୍ତିମାନଙ୍କୁ ନୋ-ଫ୍ଲାଇଂ ତାଲିକାରେ ରଖାଯିବା ସହ ଏହାକୁ ଧର୍ତ୍ତବ୍ୟ ଅପରାଧ ବିବେଚନା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କ କହିବା ସତ୍ତ୍ୱେ ଧମକପୂର୍ଣ୍ଣ ବାର୍ତ୍ତା ଆସିବା ଜାରି ରହିଛି।

## ଦର ବଢ଼ାଉଛି...

ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇସାରିବା ପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟାଭିଡ଼ିଛନ୍ତି। ହେଲେ ସୃଷ୍ଟି ହୋଇସାରିଥିବା ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯାଇପାରିବ ତାହା ଏବେ ଖାଉଟିଙ୍କ ପାଇଁ ବଡ଼ ଚିନ୍ତା ପାଲଟିଛି। ଏ ନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନଙ୍କ ସହ ସେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ଓ ଏହା ଉପରେ ଲଗାମ ଲଗାଇବା ନେଇ ଆଲୋଚନା କରିଛନ୍ତି। ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ରୋକିବା ପାଇଁ ମନ୍ତ୍ରୀ ବ୍ୟବସାୟୀ ସଂଘକୁ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ବ୍ୟବସାୟୀ ସଂଘକୁ ଅନୁରୋଧ କରିଛନ୍ତି। ଅନାବଶ୍ୟକ ଭାବେ ଆବଶ୍ୟକତାଠାରୁ ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରୟ କରୁଥିବା ଅସାଧୁ ବ୍ୟକ୍ତି ଏବଂ କଳାବଜାର କରୁଥିବା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବ୍ୟବସାୟୀ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମନ୍ତ୍ରୀ କହିଛନ୍ତି, ଏହାକୁ ଦୂରକରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଉଭୟ ବ୍ୟବସାୟୀ ଏବଂ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ଦାବି ପୂରଣ କରାଯିବ। ଏହାବ୍ୟତୀତ ସମ୍ଭାବ୍ୟ ବାତ୍ୟାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ଖାଉଟିମାନଙ୍କ ବିଭିନ୍ନ ଅଭିଯୋଗକୁ ବିଚାରକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ମଧୁସୂଦନ ବେହେରା, ନାଫେଡ୍ ଓଡ଼ିଶା ରାଜ୍ୟ ମୁଖ୍ୟ ଅନିନ୍ଦିତା ଗୁହା, ବିଭାଗୀୟ ଉପ ନିର୍ଦ୍ଦେଶକ ଦୀପକ ଶତପଥୀ, ଓଡ଼ିଶା ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଲଘୁଚାପ ମଙ୍ଗଳବାର ଅବପାତ (ଡିପ୍ରେଶନ)ରେ ପରିଣତ ହୋଇଥିବାବେଳେ ବୁଧବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା(ଦାନା)ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ୨୪ ସକାଳ ସୁଦ୍ଧା ବଳ ଗୋଟାଇ ଉତ୍ତର ପଶ୍ଚିମ ଦିଗରେ ଗତିକରି ଆହୁରି ଉଗ୍ରରୂପ ଧାରଣ କରିବ। ଏହାର ପ୍ରଭାବରେ ବୁଧବାର ସନ୍ଧ୍ୟା କିମ୍ବା ରାତିରୁ ପାଗରେ ପରିବର୍ତ୍ତନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅବପାତ ପାରାଦୀପ ଉପକୂଳରୁ ୭୦୦ କିଲୋମିଟର ଦକ୍ଷିଣପୂର୍ବ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଘଣ୍ଟା ପ୍ରତି ୬ କିଲୋମିଟର ବେଗରେ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି।

ବାତ୍ୟା ୨୪ ରାତି ଓ ୨୫ ସକାଳେ କେନ୍ଦ୍ରାପଡ଼ା କିମ୍ବା ଭଦ୍ରକ ଜିଲା ମଧ୍ୟ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବ ବୋଲି ୱିଣ୍ଡି ଡଟ୍ କମ୍ ଓ ଅନ୍ୟ କେତେକ ଅନ୍ତର୍ଜାତୀୟ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବାତ୍ୟା ପୁରୀ ଏବଂ ସାଗର ଦ୍ୱୀପ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ହେବ ବୋଲି ଆକଳନ କରାଯାଇଛି। ବାତ୍ୟା ବେଳେ ବଡ଼ ବଡ଼ ଢେଉ ଉଠିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ଏଥିସହିତ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ବାତ୍ୟାରେ କଚ୍ଚାଘର, ଗଛ ଭାଙ୍ଗିବା ସହ ଧାନ ଫସଲ ଓ ପନିପରିବା ଚାଷ ପ୍ରଭାବିତ ହେବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ବୁଧବାରଠାରୁ ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର. କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ସମ୍ଭାବନା ରହିଛି।

୨୪ ତାରିଖରେ ମୟୂରଭଞ୍ଜ, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହାଛଡା ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ, ଗଜପତି ଜିଲାର କେତେକ ସ୍ଥାନରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବା ସମ୍ଭାବନା ରହିଛି। ସେହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୫ ତାରିଖରେ ବାତ୍ୟା ପ୍ରଭାବରେ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେଓଗଡ଼ ଓ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଡାକ୍ତରଙ୍କ ଛୁଟିକୁ ସରକାର ବାତିଲ କରିବା ସହ ହସ୍ପିଟାଲଗୁଡ଼ିକରେ ଖାଡ଼ାବାନ୍ଧି ଏବଂ ସାପକାମୁଡ଼ା ଔଷଧ ମହଜୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ୩ ଦିନ ସବୁ ସ୍କୁଲ ଛୁଟି ଘୋଷଣା କରାଯାଇଥିବାବେଳେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବା ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ଭାରତରେ ପ୍ରାୟ ୨୦୦ ଟ୍ରେନ୍‌ଚଳାଚଳ ବାତିଲ କରାଯାଇଛି।

## ୧୯୬ ଟ୍ରେନ୍ ବାତିଲ...

ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ବିପଦମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରମୁଖ ବିଭାଗୀୟ ଅଧିକାରୀ ଓ ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ ରେଳସଦନ ସହିତ ଖୋର୍ଦ୍ଧା ରୋଡ୍, ବିଶାଖାପାଟଣା ଏବଂ ସମ୍ବଲପୁରରେ ଥିବା ରେଳମଣ୍ଡଳ ମୁଖ୍ୟାଳୟରେ ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ନିୟନ୍ତ୍ରଣ କକ୍ଷ ଖୋଲିଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଟ୍ରେନ ସେବା ଏବଂ ରେଳ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଟ୍ରାକ୍‌ଗୁଡ଼ିକର ଶୀଘ୍ର ପୁନରୁଦ୍ଧାର, ସିଗ୍ନାଲିଂ ସିଷ୍ଟମ ଏବଂ ବିଦ୍ୟୁତୀକରଣ ପାଇଁ ସ୍ୱତନ୍ତ୍ର ଦଳ ନିୟୋଜନ ଏବଂ ବାତ୍ୟା ପରେ ଟ୍ରେନ ସେବାଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯିବା ସହିତ ପୂର୍ବତଟ ରେଳପଥ ବ୍ରହ୍ମପୁର-ଭଦ୍ରକ ରେଳ ସେକ୍ସନ ମଧ୍ୟରେ ଥିବା ସମସ୍ତ ଷ୍ଟେଶନରେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାତ୍ୟା ବିପଦକୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନ ଚଳାଚଳ ବାତିଲ କରିବାକୁ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି। ପ୍ରବଳ ବର୍ଷା ହେତୁ ରେଳବ୍ରିଜ୍, ଟ୍ରାକ, ୟାର୍ଡ ଏବଂ ସିଗ୍ନାଲ ସିଷ୍ଟମ୍ ସଂରକ୍ଷଣ ଉପରେ ଧ୍ୟାନ ଦିଆଯାଉଛି। ପାଟ୍ରୋଲମ୍ୟାନ୍ ଏବଂ ୱାଚମ୍ୟାନ୍‌ମାନଙ୍କୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ନିୟୋଜନ କରାଯିବା ସହ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତିକୁ ନଜର ରଖିବା ପାଇଁ ସେକ୍ସନାଲ ଗ୍ୟାଙ୍ଗମ୍ୟାନ୍ ଟ୍ରାକରେ ପାଟ୍ରୋଲିଂ କରିବେ। ପାଣିପାଗ ବିଭାଗ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରଖିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ଟ୍ରେନଗୁଡ଼ିକ ଯାତାୟାତ ପାଇଁ ସୁରକ୍ଷିତ ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ବାତ୍ୟା ସରଞ୍ଜାମ ଗଚ୍ଛିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଇଞ୍ଜିନିୟରିଂ ରିଲିଫ ଭ୍ୟାନ ଏବଂ ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଛି। ସିସି କ୍ରିୟୁ ଏବଂ ରିଲିଫ ଗାଡର୍ସଗୁଡ଼ିକ ମଧ୍ୟ ପ୍ରସ୍ତୁତ ରଖାଯାଇଛି। କୌଣସି ଜରୁରିକାଳୀନ ପୁନରୁଦ୍ଧାର କାର୍ଯ୍ୟ ସହଜ ହେବା ପାଇଁ ଡିଜେଲ ଲୋକୋମୋଟିଭ, ଟାୱାର ୱାଗନ୍ ଏବଂ ଅନ୍ୟାନ୍ୟ ହେଭି ମେକାନିଜମ୍‌ଗୁଡ଼ିକୁ ସମ୍ବେଦନଶୀଳ ସ୍ଥାନରେ ରଖାଯାଇଛି।

## ୧୪ ଜିଲାରେ ୩ ଦିନ...

ଢେଙ୍କାନାଳ, ଯାଜପୁର, ଅନୁଗୋଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲା ଅଧୀନରେ ଥିବା ସମସ୍ତ ସରକାରୀ, ବେସରକାରୀ ବିଶ୍ୱବିଦ୍ୟାଳୟ ଏବଂ କଲେଜ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ସମ୍ପୃକ୍ତ ଜିଲାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଚେୟାରମ୍ୟାନମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ସେହିପରି ଏହି ସବୁ ଜିଲାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି କରାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ସ୍କୁଲକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସୋମବାର ଚିଠି ଲେଖିଥିଲେ।

## ଲାଞ୍ଚ ନେଇ 'କଂସ'...

ରହିଛି। ଗତ ୭ ତାରିଖରେ ହୃଷୀକେଶ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଇସିଲେଟ ବ୍ଲକ ଅନ୍ତର୍ଗତ ବଡ଼ ସାହାଜବାହାଲ ଗ୍ରାମକୁ ମହାପ୍ରୟାଣ ଗାଡ଼ିରେ ଶବ ପରିବହନ କରିଥିଲେ ଏବଂ ମୃତକ ପ୍ରହଲ୍ଲାଦ ସାହୁଙ୍କ ସମ୍ପର୍କୀୟଙ୍କଠାରୁ ବେଆଇନ ଭାବେ ୩ହଜାର ଟଙ୍କା ନେଇଥିଲେ। ଏ ନେଇ ଅଭିଯୋଗ ହେବା ସହିତ ଘଟଣାଟି ପ୍ରଘଟ ହେବା ପରେ ହୃଷୀକେଶ ଗତ ୧୧ତାରିଖରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୋବାଇଲରୁ ଫୋନ୍ ପେ ମାଧ୍ୟମରେ ମୃତକଙ୍କ ସମ୍ପର୍କୀୟଙ୍କୁ ୩୫୦୦ ଟଙ୍କା ପଠାଇଥିଲେ। ତେବେ ମୃତକଙ୍କ ସମ୍ପର୍କୀୟ ଅଧିକ ପାଇଥିବା ୫୦୦ ଟଙ୍କା ପୁଣି ହୃଷୀକେଶଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ଫୋନ୍ ପେରେ ଫେରାଇ ଦେଇଥିଲେ। ଅନ୍ୟପଟେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସିଡ଼ିଏମ୍‌ଓ ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଡି. କେ. ଦତ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ହୃଷୀକେଶଙ୍କୁ ଧରି ଗତ ୧୭ତାରିଖରେ ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲା। ତଦନ୍ତରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଥିଲା। ଏହାପରେ ତଦନ୍ତ ରିପୋର୍ଟକୁ ଆଧାର କରି ହୃଷୀକେଶଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସିଡ଼ିଏମ୍‌ଓ ଷଡ଼ଙ୍ଗୀ କହିଛନ୍ତି।

## ଜେଲ ଗଲେ...

ଏହି ଉପାୟରେ ମୋରିସ୍ ୧୧ରୁ ଅଧିକ ବିବାଦୀୟ ଜମି ମାମଲାରେ ନିଜ ସପକ୍ଷରେ ଆଦେଶ ପାରିତ କରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ୨୦୧୯ର ଏକ ବିବାଦୀୟ ଜମି ସମ୍ବନ୍ଧୀୟ ମାମଲାରେ ମୋରିସ୍ ଏକ ୧୦୦ ଏକର ସରକାରୀ ଜାଗାକୁ ନିଜ ନାମରେ କରିବା ପାଇଁ ଆଦେଶ ପାରିତ କରିଥିଲେ। ପୋଲିସ ଉକ୍ତ ମାମଲାରେ ହୋଇଥିବା ଅଭିଯୋଗକୁ ଆଧାର କରି ତଦନ୍ତ ଚଳାଇଛି।




# ବାତ୍ୟା ପ୍ରସ୍ତୁତି: ଜିଲା ଦାୟିତ୍ୱରେ ୧୧ ଅଧିକାରୀ

ଭୁବନେଶ୍ୱର,୨୨।୧୦
(ଅନିଲ ଦାସ)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୧ଜଣ ବରିଷ୍ଠ ଅଫିସରଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଛି। ଏ ନେଇ ସମସ୍ତ ମହାନଗର ନିଗମ ଓ ପୌରାଞ୍ଚଳ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଶନ୍ ପ୍ରୋସିଜିଓର (ଏସ୍ଓପି) ଜାରି କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କୁ ଆବଣ୍ଟିତ ଜିଲାରେ ଥିବା ସମସ୍ତ ପୌରାଞ୍ଚଳରେ ବାତ୍ୟା ମୁକାବିଲାର ପ୍ରସ୍ତୁତିସହ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକଙ୍କୁ ଅନୁଗୋଳ, ଢେଙ୍କାନାଳ ଓ କଟକ ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ସଚିବ ଶୁଭେନ୍ଦୁ କାନୁନଗୋଙ୍କୁ ବୌଦ୍ଧ, ଦେବଗଡ଼ ଓ କନ୍ଧମାଳ,ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂଙ୍କୁ ଗଞ୍ଜାମ ଓ ଗଜପତି, ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକଙ୍କୁ ମୟୂରଭଞ୍ଜ ଓ ବାଲେଶ୍ୱର, ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ରଙ୍କୁ କଳାହାଣ୍ଡି, ନୂଆପଡ଼ା ଓ ବରଗଡ଼, ଅତିରିକ୍ତ ସଚିବ ବିନୟ କୁମାର ଦାଶଙ୍କୁ ଖୋର୍ଦ୍ଧା, ପୁରୀ ଓ ନୟାଗଡ଼, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁଙ୍କୁ ଭଦ୍ରକ ଓ ଯାଜପୁର, ଅତିରିକ୍ତ ସଚିବ ସୌରିନ୍ଦ୍ର ରାଉତରାୟଙ୍କୁ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର, ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁଙ୍କୁ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁର, ଚିଫ୍ ଇଞ୍ଜିନିୟର ତଥା ଅତିରିକ୍ତ ସଚିବ ଇଞ୍ଜିନିୟର ଅରବିନ୍ଦ ଜେନାଙ୍କୁ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଏବଂ ଯୁଗ୍ମ ସଚିବ ସରୋଜ କୁମାର ଦାଶଙ୍କୁ କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲା ଦାୟିତ୍ୱ ଦିଆଯାଇଛି। ଯଦିଓ ବାତ୍ୟା ରାଜ୍ୟର ସର୍ବାଧିକ ୧୪ ଜିଲାରେ କ୍ଷୟକ୍ଷତି କରିପାରେ ବୋଲି ଆଶଙ୍କା କରାଯାଉଛି ତଥାପି ନଗର ଉନ୍ନୟନ ବିଭାଗ ନିଜର ୧୧ଜଣ ଅଫିସରଙ୍କୁ ୩୦ ଜିଲା(ସମସ୍ତ ମହାନଗର ନିଗମ, ପୌରା ସଂସ୍ଥା ଓ ଏନଏସି)ରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସହ ବାତ୍ୟା ପରବର୍ତ୍ତୀ ରିଲିଫ ଓ ଉଦ୍ଧାର କାର୍ଯ୍ୟ ମଧ ତଦାରଖ କରିବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ମହାନଗର ନିଗମର କମିଶନର ଓ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ଦିଆଯାଇଥିବା ଏସଓପିରେ ବାତ୍ୟା ପୂର୍ବରୁ ପ୍ରସ୍ତୁତି, ବାତ୍ୟା ସମୟରେ ଗତିବିଧି ଓ ବାତ୍ୟା ପରବର୍ତ୍ତୀ କାର୍ଯ୍ୟ ଆଦି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର, ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ, ଶୁଖିଲା ଛତୁଆ,ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସହ ଅସ୍ଥାୟୀ ବାସସ୍ଥଳୀର ବ୍ୟବସ୍ଥା ସହ ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମଙ୍କ ସମେତ ସ୍ତନ୍ୟପାନ କରୁଥିବା ଶିଶୁ ଆଦିଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ବିଭାଗ ଏସଓପିରେ ଉଲ୍ଲେଖ ରହିଛି। ବାତ୍ୟା ସମୟରେ ମହିଳା ହୋମଗାର୍ଡ କିମ୍ବା ସୁରକ୍ଷା କର୍ମଚାରୀଙ୍କୁ ଆଶ୍ରୟସ୍ଥଳୀରେ ନିୟୋଜିତ କରିବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଆଶ୍ରୟସ୍ଥଳୀରେ ମୁତୟନ ସହ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ମଧ ପରାମର୍ଶ ଦିଆଯାଇଛି।

# ଆଜି ରାତି ସୁଦ୍ଧା ଲୋକଙ୍କୁ ସ୍ଥାନାନ୍ତର କରାଯିବ: ରାଜସ୍ୱ ମନ୍ତ୍ରୀ

## ୧୪ ଜିଲାରେ ୨୫ ଯାଏ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ଭୁବନେଶ୍ୱର,୨୨।୧୦
(ଅନିଲ ଦାସ)

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ପୂରା ଦମ୍‌ରେ ପ୍ରସ୍ତୁତ ଚଳାଇଛନ୍ତି। ତୃଣମୂଳ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ବୁଧବାର ରାତି ସୁଦ୍ଧା ସ୍ଥାନାନ୍ତର କରାଯିବ। ଏନେଇ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲାଗଡ଼ିକରେ ୨୫୦ ରିଲିଫ୍ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ରିଲିଫ୍ କେନ୍ଦ୍ରରେ ମହିଳା ପୋଲିସ ମୁତୟନ ରହିବେ। ଗର୍ଭବତୀ, ଶିଶୁ ଓ ବୟସ୍କଙ୍କୁ ଆଗୁଆ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଛି। ଅନୁଗୋଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ, ମୟୂରଭଞ୍ଜ ଆଦି ୧୪ଟି ଜିଲାକୁ ସତର୍କ କରାଯିବା ସହ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ସେବା ସଂସ୍ଥା ମୁତୟନ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ସମ୍ବେଦନଶୀଳ ଜିଲାଗୁଡ଼ିକରେ ୫୧ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ୧୭୮ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଥିବା ବେଳେ ୪୦ଟି ଅଗ୍ନିଶମ ସେବା ଟିମ୍ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି। ୨୦ଟି ଏନ୍‌ଡିଆରଏଫ ଟିମ୍ ମୁତୟନ କରାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାନୀୟ ଜଳ, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ବାତ୍ୟା ପରେ ରାସ୍ତା ଓ ଯାତାୟାତ ବ୍ୟବସ୍ଥାକୁ ସଫା କରିବା ପାଇଁ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ବ୍ୟବସ୍ଥା କରାଯାଇଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୧୪ ଜିଲାର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେଶନର ସାମଗ୍ରିକ ତଦାରଖ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଜିଲାଗୁଡ଼ିକରେ ନିୟୋଜିତ କରାଯାଇଛି। ୬ ହଜାରରୁ ଉର୍ଦ୍ଧ୍ୱ ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ୩ ହଜାରରୁ ଉର୍ଦ୍ଧ୍ୱ ସମ୍ବେଦନଶୀଳ ସ୍ଥାନରୁ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି। ଆବଶ୍ୟକସ୍ଥଳେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ୮ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀଙ୍କୁ ନିରାପଦ ପ୍ରସବ ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ଲାଗି ଚିହ୍ନଟ କରାଯାଇଛି। ୭୦୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ୟାଙ୍ଗମ୍ୟାନମାନଙ୍କୁ ବାତ୍ୟା ପରବର୍ତ୍ତୀ ସମୟରେ ପୁନଃ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କୁ ଯୋଗାଇ ଦେବା ପାଇଁ ୫ ହଜାର ପ୍ୟାକେଟ୍‌ରୁ ଉର୍ଦ୍ଧ୍ୱ ପଲିଥିନ୍ ମହଜୁଦ୍ ରଖାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏହି ଅବସରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।

# ବିଧାୟକଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୦ (ଅନିଲ ଦାସ)

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଧାୟକଙ୍କର ସହଯୋଗ ଲୋଡ଼ିଛନ୍ତି। ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ସହ 'ଜିରୋ କାଜୁଆଲଟି' ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ଆଗୁଆ ପଦକ୍ଷେପ ନିଆଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ସମସ୍ତ ବିଧାୟକଙ୍କୁ ନିଜ ନିଜ ଅଞ୍ଚଳବାସୀଙ୍କ ସହ ରହିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ସମସ୍ତ ବିଧାୟକଙ୍କ ସହଯୋଗ କାମନା କରି ଲେଖିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବୃଷ୍ଟିପାତ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ସହିତ ସମନ୍ୱିତ ଭାବେ ବାତ୍ୟା ମୁକାବିଲା କରିବା ସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଧାୟକ-ବିଧାୟିକାମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିବା ଆବଶ୍ୟକ। ବିଧାୟକମାନେ ନିଜ ନିଜ ଅଞ୍ଚଳବାସୀଙ୍କ ସହିତ ରହି ସେମାନଙ୍କୁ ଆବଶ୍ୟକ ସହାୟତା ଦେବାଲାଗି ଯଥାସମ୍ଭବ ଚେଷ୍ଟିତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ୩ ଦିନ ବନ୍ଦ ରହିବ ଶିମିଳିପାଳ

ବାରିପଦା,୨୨।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଦାନା' ପାଇଁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ୩ ଦିନ ବନ୍ଦ ରହିବ। ଅକ୍ଟୋବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ମଧ୍ୟକୁ ଛଡ଼ାଯିବ ନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ମୟୂରଭଞ୍ଜ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଉକ୍ତ ସମୟରେ ଜିଲାରେ ପ୍ରବଳ ବୃଷ୍ଟିପାତ ହେବା ସମ୍ଭାବନା ରହିଛି। ଫଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ଦିନ ଶିମିଳିପାଳ ଅଭୟାରଣ୍ୟ ବନ୍ଦ କରାଯାଇଛି। ଶିମିଳିପାଳ ମଧ୍ୟରେ ପାହାଡ଼ିଆ ମାଟି ରାସ୍ତାରେ ଅଘଟଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୩ ଦିନ ମଧ୍ୟରେ ଅଭୟାରଣ୍ୟ ମଧ୍ୟକୁ କୌଣସି ଗାଡ଼ି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି।




# ଧାମରାରେ ବୁଡ଼ିଲା ମତ୍ସ୍ୟଜୀବୀଙ୍କ ବୋଟ୍

## ୧୦ଜଣଙ୍କୁ ଉଦ୍ଧାର କଲା ମେରାଇନ ପୋଲିସ


ବୁଡ଼ିଯାଇଥିବା ବୋଟ୍‌କୁ ଉଦ୍ଧାର କରାଯାଉଛି।

ଚାନ୍ଦବାଲି,୨୨।୧୦
(ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରାଠାରେ ବୈତରଣୀ ନଦୀ ମୁହାଣରେ ମଙ୍ଗଳବାର ଏକ ମାଛଧରା ବୋଟ୍ ବୁଡ଼ିଯାଇଛି। ସେଥିରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ଧାମରା ମେରାଇନ ପୋଲିସ ସୁରକ୍ଷିତ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ଦୀଘାର ଏକ ମାଛଧରା ବୋଟ୍‌ରେ ୧୨ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁ ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ ଫେରି ଆସିବାକୁ ସୂଚନା ଦିଆଯାଇଥିଲା। ବାତ୍ୟା ସୂଚନା ପାଇବା ପରେ ସେମାନେ କୂଳକୁ ଫେରିଆସି ବୋଟ୍‌କୁ ଧାମରା ମୁହାଣରେ ଲଙ୍ଗର ପକାଇ ରଖିଥିଲେ। ୨ଚାଳକ ଧାମରା ବଜାରକୁ ଯାଇଥିବା ବେଳେ ସେଥିରେ ଥିବା ଅନ୍ୟ ମତ୍ସ୍ୟଜୀବୀ ବୋଟ୍‌କୁ ଷ୍ଟାର୍ଟ କରି ଦେଇଥିଲେ। ହେଲେ ସେମାନେ ଚାଳନା ଜାଣି ନ ଥିବାରୁ ବୋଟ୍‌ଟି ଯାଇ ଗୋଟିଏ ସ୍ଥାନରେ ମାଡ଼ ହୋଇଥିଲା। ସେଥିରୁ କାଠ ପଟା ବାହାରି ଯାଇ ସେହି ବାଟ ଦେଇ ଭିତରକୁ ପାଣି ପଶିବାରୁ ବୋଟ୍‌ଟି ଧୀରେ ଧୀରେ ପାଣିରେ ବୁଡ଼ି ଯାଇଥିଲା। ଖବର ପାଇ ମେରାଇନ ପୋଲିସ ପହଞ୍ଚି ସମସ୍ତ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା। ପରେ ମତ୍ସ୍ୟଜୀବୀଙ୍କ ସହାୟତାରେ ବୋଟ୍‌ଟିକୁ ଉଦ୍ଧାର କରାଯାଇଛି।

# ବର୍ଥ ଛାଡ଼ି ସମୁଦ୍ରରେ ରହିବେ ଜାହାଜ

## ବାତ୍ୟା ମୁକାବିଲା ପାଇଁ ପାରାଦୀପ ବନ୍ଦରର ପ୍ରସ୍ତୁତି

ପାରାଦୀପ,୨୨।୧୦
(ଶରତ ରାଉତ)


ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ଏକ ଜାହାଜ।

ବାତ୍ୟା 'ଦାନା'କୁ ନେଇ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ସମସ୍ତ ପଣ୍ୟବାହୀ ଜାହାଜ ବୁଧବାର ମଧ୍ୟାହ୍ନଠାରୁ ବର୍ଥ ଛାଡ଼ି ସମୁଦ୍ର ଭିତରକୁ ଯିବେ ଏବଂ ବାତ୍ୟା ପ୍ରଭାବ କମିବା ପରେ ପୁଣି ବର୍ଥକୁ ଆସିବେ ବୋଲି ନିଷ୍ପତ୍ତି ହୋଇଛି। ଏହା ଆଇଏମଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେସନ) ନିୟମ। କାରଣ ବାତ୍ୟା ସମୟରେ ଜାହାଜ ବର୍ଥ ପାଖରେ ରହିଲେ ପବନ ପ୍ରଭାବରେ କ୍ଷତିଗ୍ରସ୍ତ ହେବାର ଭୟ ରହିଛି। ସମୁଦ୍ର ମଧ୍ୟରେ ଜାହାଜ ବାତ୍ୟା ଅଞ୍ଚଳଠାରୁ ଦୂରେଇ ଯାଇପାରିବ ବୋଲି ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସୂଚନା ଦେଇଛନ୍ତି। ଏହାବ୍ୟତୀତ ବନ୍ଦର ମଧ୍ୟରେ ଥିବା ବଡ଼ ବଡ଼ କ୍ରେନ, ହାଇମାଷ୍ଟ ଲାଇଟ୍‌କୁ ଡାଉନ କରାଯିବ। ମେରାଇନ୍, ଟ୍ରାଫିକ, ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ମୁକାବିଲା ପାଇଁ ବ୍ୟବସ୍ଥା କରାଯାଇଛି। ପୋର୍ଟ ଟାଉନଶିପ୍ ମଧ୍ୟରେ ଥିବା ନିଜସ୍ୱ ୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ରହିବା ଉପଯୋଗୀ ଭଳି କରାଯାଇଛି। ସେଠାରେ ଖାଦ୍ୟ ପାନୀୟ ଜଳ, ଜେନେରେଟର, ମହମବତି, ଟର୍ଚ୍ଚ ଆଦି ରଖାଯାଇଛି। ରାସ୍ତା ମୁକ୍ତ କରିବା ପାଇଁ ସିଆଇଏସ୍‌ଏଫ୍ ପକ୍ଷରୁ ସ୍ୱତନ୍ତ୍ର ଟିମ୍ କରାଯାଇଛି। ବାତ୍ୟା 'ଦାନା'ର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ପ୍ରଶମନ ଟିମ୍ ସହ ମିଶି ପାରାଦୀପ ବନ୍ଦର ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି କରାଯାଇଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଛନ୍ତି।



# କ୍ରାନ୍ତିକାରୀ ସମ୍ବତ୍ସର ୧୯୩୬ ଓ ଭଗବତୀଚରଣ



ଡ. ହୃଷୀକେଶ ମଲ୍ଲିକ

ସମୟ ସ୍ଥିର ନୁହେଁ, ଗତିଶୀଳ। କାଳର ଅସ୍ଥିରତା ଭିତରେ କେବେ କେବେ ଏପରି ଏକ ସମ୍ବତ୍ସରର ଆବିର୍ଭାବ ଘଟେ, ଯାହା କାଳକାଳକୁ ମାନବ-ଚିନ୍ତନର କୀର୍ତ୍ତିକଳସ ସ୍ଥାପନ କରିଯାଏ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକର ମଧ୍ୟଭାଗ ଅର୍ଥାତ୍ ୧୯୩୬ରେ ଶୁଭିଥିଲା ଓଡ଼ିଶାରେ ଏପରି ଏକ କାଳଖଣ୍ଡର ପଦଧ୍ୱନି, ଯାହା ଓଡ଼ିଆ ସାହିତ୍ୟ ଓ ରାଜନୀତିର ଘଟଣାଚକ୍ରକୁ ବଦଳାଇ ଏକ କ୍ରାନ୍ତିକାରୀ ନବଯୁଗର ସୂତ୍ରପାତ କରିଥିଲା। ନାନା କାରଣରୁ ଓଡ଼ିଶାର ସମାଜ, ରାଜନୀତି, ଦର୍ଶନ ଓ ସାହିତ୍ୟରେ ଦଶକର ସବୁଠୁଁ ସ୍ମରଣୀୟ ସମ୍ବତ୍ସର ହେଉଛି ୧୯୩୬। ଏହି ସମ୍ବତ୍ସରରେ ସଂଘଟିତ ସାରସ୍ୱତ ଓ ରାଜନୈତିକ ଘଟଣାପ୍ରବାହର ଅନୁପେକ୍ଷ ସୂତ୍ରଧର ଥିଲେ ଭଗବତୀଚରଣ ପାଣିଗ୍ରାହୀ। ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜନଜୀବନର ସୁସ୍ଥ, ପ୍ରତିବଦ୍ଧ ଭିତ୍ତି ନିର୍ମାଣ ଏହି ଯୁଗପୁରୁଷଙ୍କ ସମର୍ପିତ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇଥିଲା।

୧୯୩୬ ମେ ପହିଲାଦିନ ଭଗବତୀଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'ଆଧୁନିକ' ପତ୍ରିକା। ପତ୍ରିକାର ପ୍ରକାଶକ ଥିଲେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଅଦ୍ୱିତୀୟ ନେତା ବୀର ବୈଷ୍ଣବ ପଟ୍ଟନାୟକଙ୍କ ବଡ଼ଭାଇ ଉଦୟନାଥ ପଟ୍ଟନାୟକ। ପ୍ରକାଶନସ୍ଥଳୀ ଥିଲା 'ନବଭାରତ' ପ୍ରେସ୍ ଓ 'ଆଧୁନିକ'ର ଲେଖା ଯୋଗାଡ଼, ପ୍ରେସ୍ କପି ପ୍ରସ୍ତୁତି, ପ୍ରୁଫ୍ ସଂଶୋଧନ ଆଦିର ଦାୟିତ୍ୱରେ ଥିଲେ ଯଶସ୍ୱୀ କବି ଅନନ୍ତ ପଟ୍ଟନାୟକ। ଡଗରପଡ଼ା, କଟକ ଥିଲା ଆଧୁନିକର ଠିକଣା। କ୍ରାଉନ୍ ୧/୪ ସାଇଜ୍‌ର ୪୮ ପୃଷ୍ଠା ବିଶିଷ୍ଟ ଏହି ପତ୍ରିକାଟିର ମାତ୍ର ୬ଟି ସଂଖ୍ୟା ପ୍ରକାଶ ପାଇଥିଲା। ପ୍ରଥମ ଭାଗର ପ୍ରଥମ ପୃଷ୍ଠା ୧ରୁ ଆରମ୍ଭ ହୋଇ ଶେଷ ସଂଖ୍ୟାର ପୃଷ୍ଠା ଥିଲା ୨୯୧। ଅର୍ଥାତ୍ 'ଆଧୁନିକ'ର ସବୁଯାକ ସଂଖ୍ୟାର କଳେବର ମାତ୍ର ୨୯୧ ପୃଷ୍ଠା ଥିଲା ଓ ଏତିକିରେ ଏହା ଏକ ନୂଆ ଯୁଗର ବାର୍ତ୍ତାବହ ହେବାର ଗୌରବ ଅର୍ଜନ କରିଥିଲା। 'ନବଭାରତ'ରେ 'ଆଧୁନିକ' ପତ୍ରିକାର ଆବିର୍ଭାବ ନେଇ ଯେଉଁ ବିଜ୍ଞାପନଟି ପ୍ରକାଶ ପାଇଥିଲା, ତା'ର ୭ଟି ଧାଡ଼ିର ଉଲ୍ଲେଖ ମଧ୍ୟରୁ ମୁଖ୍ୟ ଦୁଇଟି ଧାଡ଼ି ଥିଲା– 'ଓଡ଼ିଆ ପତ୍ରିକା ରାଜ୍ୟରେ ଯୁଗାନ୍ତର', 'ଧ୍ୱଂସ କରିବ ଅସାହିତ୍ୟର ଘୃଣ୍ୟ ଆବର୍ଜନା'। ଅର୍ଥାତ୍ ଉଦ୍ଦେଶ୍ୟହୀନ, ହଯବରଲ ସାହିତ୍ୟର 'ଆଧୁନିକ' ହେବ ଅଂତକ ଓ ଏହା ହେବ ନବଯୁଗର ବିଶ୍ୱସ୍ତ ବାର୍ତ୍ତାବହ।

'ଆଧୁନିକ'ର ପ୍ରଥମ ସଂଖ୍ୟାରେ ଭଗବତୀ ପତ୍ରିକାର ଇସ୍ତାହାର ବାଢ଼ିଦେଇଥିଲେ ଏହିପରି: ''ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା କରିବାକୁ ଯାଉନାହିଁ। ଓଡ଼ିଶାରେ ପୃଥିବୀ ବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ଏହାର ଲକ୍ଷ୍ୟ।'' ଏହି ଘୋଷଣାରୁ ସ୍ପଷ୍ଟ ହୁଏ ଯେ, 'ଆଧୁନିକ' ହେଉଛି ଓଡ଼ିଆ ପତ୍ରିକା ଜଗତରେ ସର୍ବପ୍ରଥମ ଆନ୍ତର୍ଜାତିକ ପୁରୋଦୃଷ୍ଟିର ନାନ୍ଦୀପୀଠ ଓ ଭଗବତୀ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ଅନ୍ତର୍ଜାତୀୟ ସାରସ୍ୱତ ଜାଗରଣର ଆଦ୍ୟ ପୁରୋଧା। ସ୍ୱଦେଶର ସୀମା ଭାଙ୍ଗି ପୃଥିବୀର ବିପୁଳ ଭାବାକାଶରେ 'ଆଧୁନିକ' ହିଁ ଥିଲା ପହିଲି ଉଡ଼ାଣର ରୋମାଞ୍ଚକର ସ୍ପର୍ଦ୍ଧା। ଭଗବତୀ ଇସ୍ତାହାରରେ ପୁଣି ଲେଖିଥିଲେ: ''ଆଧୁନିକ ଏପରି ଲେଖାର ପୋଷକତା କରିବ, ଯାହା ମାନବର ମନକୁ କର୍ମତତ୍ପର ହେବା ପାଇଁ ଚଞ୍ଚଳ କରିବ। ଆରାମ ଚୌକିରେ ବସି ପଢ଼ିବା ଯୋଗ୍ୟ ସୂକ୍ଷ୍ମ ସୌଖୀନ ସାହିତ୍ୟ ପାଇଁ 'ଆଧୁନିକ'ର ସ୍ଥାନ ପ୍ରଶସ୍ତ ନୁହେଁ।'' ଓଡ଼ିଶାରେ ଅନ୍ୟ ପତ୍ରିକାମାନଙ୍କର ସାଧାରଣ ନୀତି ସେତେବେଳେ ଥିଲା 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ'। ମାତ୍ର 'ଆଧୁନିକ'ର ପରିବର୍ତ୍ତିତ ନୀତି ହେଲା– 'ବାଡ଼ି ଭାଙ୍ଗିଯାଉ ପଛେ ସାପ ମରୁ।' ଏଥିରୁ ମନେହୁଏ, ଭଗବତୀ ସାହିତ୍ୟକୁ ପୀଡ଼ିତ ମଣିଷର ଦୁଃଖମୋଚନରେ ଅସ୍ତ୍ର ପରି ବ୍ୟବହାର କରିବାକୁ ଚାହୁଁଥିଲେ। ଏଥିରେ ପ୍ରକାଶିତ ଲେଖାମାନଙ୍କରେ ଥିଲା ସୁପ୍ତମାନବର ଜାଗରଣର ମନ୍ତ୍ର। ଭଗବତୀ ଓ ଅନନ୍ତଙ୍କ ବ୍ୟତୀତ ଏହି ପତ୍ରିକାର ଲେଖକ ଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ, ମୋହିନୀମୋହନ ସେନାପତି, ଗୋପୀନାଥ ମହାନ୍ତି, ବିଶ୍ୱନାଥ ପଶାୟତ, ସରସ୍ୱତୀ ପାଣିଗ୍ରାହୀ, ଜଗତ୍‌ବନ୍ଧୁ ମହାପାତ୍ର, ଗୁରୁଚରଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର କର, ମନମୋହନ ଚୌଧୁରୀ ଓ ପ୍ରତାପ ସେନ ପ୍ରମୁଖ। ମନେରଖିବାର କଥା ଯେ 'ଆଧୁନିକ'ରେ ପ୍ରକାଶ ପାଇଥିଲା ଭଗବତୀଙ୍କର ପ୍ରସିଦ୍ଧ କ୍ଷୁଦ୍ରଗଳ୍ପ 'ଶିକାର', ଗୋପୀନାଥ ମହାନ୍ତିଙ୍କର ପ୍ରଥମ ଗଳ୍ପ 'ଡ଼ଁ', ଅତନୁ ଛଦ୍ମନାମରେ ଅନନ୍ତ ପଟ୍ଟନାୟକଙ୍କର



କାଳଜୟୀ କବିତା 'ଲୋଡ଼ାନାହିଁ', ଶ୍ରୀ ଉତ୍କଳୀୟ ଛଦ୍ମନାମରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଯୁଗାନ୍ତକାରୀ କବିତା 'ବିଦାୟ ଭଗବାନ'। 'ନବଯୁଗ ସାହିତ୍ୟ ସଂସଦ' ତରଫରୁ ୧୯୩୬ରେ ଅନୁଷ୍ଠିତ ଏକ ସଭାରେ ଜବାହରଲାଲ ନେହେରୁଙ୍କ ଅଭିଭାଷଣଟି ମଧ୍ୟ 'ଆଧୁନିକ'ର ୬ଷ୍ଠ ବା ଶେଷ ସଂଖ୍ୟାରେ ସ୍ଥାନିତ ହୋଇଥିଲା। ଏହା ଥିଲା ୧୯୩୬ ନିର୍ବାଚନ ଅବକାଶରେ ଜବାହରଙ୍କର ଏକ ରାଜନୈତିକ ଭାଷଣ। ଜବାହର ଏହି ଭାଷଣରେ ସମବେତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ– ''ଯାହା ଆସୁ ପଛେ ପଛଘୁଞ୍ଚା ଦିଅନାହିଁ।'' 'ଆଧୁନିକ' ସବୁଦୃଷ୍ଟିରୁ ଥିଲା ମେହନତକାରୀ, କୃଷିଜୀବୀ, ଶ୍ରମିକଶ୍ରେଣୀର ମୂକ ମୁଖରେ ଜାଗୃତିର ଓଁକାର। ଏହାର ଲେଖକମାନେ କଲମର ସୌଦାଗର ନ ଥିଲେ, ଥିଲେ କଲମର ସିପାହି, 'ଆତ୍ମାର କାରିଗର'।

୧୯୩୬ରେ ଓଡ଼ିଶାରେ 'କୃଷକ-ସଭା'କୁ ମାଧ୍ୟମ କରି ଯେଉଁ ଜନଜାଗରଣ ଉପକୂଳ-ଓଡ଼ିଶା ଓ ଗଡ଼ଜାତ-ଓଡ଼ିଶାରେ ଯତ୍ରତତ୍ର ଶିଖା ତୋଳି ଉଠିଥିଲା, ସେହି ପ୍ରଦୀପର ଅନିର୍ବାଣ ସଳିତା ଥିଲେ ଭଗବତୀ। ନିଜର ସତୀର୍ଥମାନଙ୍କୁ ନେଇ ଅଭିଯାନର ଆଗଧାଡ଼ିରେ ଉଭା ଥିଲେ ସେ। ଏହି ବର୍ଷ ଭାରତର ବିଭିନ୍ନ ରାଜ୍ୟରେ ଦାୟିତ୍ୱମୂଳକ ସରକାର ଗଠନ ଲକ୍ଷ୍ୟରେ ଅନୁଷ୍ଠିତ ନିର୍ବାଚନରେ ସେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ୬୦ଜଣ ଜନପ୍ରତିନିଧିଙ୍କୁ ନେଇ ଗଠିତ ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ ଗଞ୍ଜାମ ଭୂଇଁର ନେତା ବିଶ୍ୱନାଥ ଦାଶ। ଏହି ନିର୍ବାଚନ ନାନା ଦୃଷ୍ଟିରୁ ଥିଲା ଏକ କୌତୂହଳପୂର୍ଣ୍ଣ ନିର୍ବାଚନ। ନିର୍ବାଚନ ଫଳାଫଳକୁ ନିଜ ସପକ୍ଷରେ ନେବାପାଇଁ ବ୍ରିଟିଶ୍ ସରକାର ଭୋଟରମାନଙ୍କର ଯୋଗ୍ୟତା ନିର୍ଦ୍ଧାରଣ କରିଥିଲେ ଏହିପରି– ଯେଉଁମାନେ ମାଟ୍ରିକ ଓ ତତୋଽଧିକ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହୋଇଥିବେ ଏବଂ ଯେଉଁମାନେ ଅତି ଉଚ୍ଚହାରର ଟିକସ ଦେଉଥିବେ, ସେମାନେ ହିଁ କେବଳ ଭୋଟ ଦେଇପାରିବେ, ଅନ୍ୟ କେହି ନୁହେଁ। ବ୍ରିଟିଶ୍ ସରକାର ତାଙ୍କ ତରଫରୁ ପ୍ରାର୍ଥୀ ଚୟନ ଓ ନିର୍ବାଚନ ପରିଚାଳନା ଭାର ଦେଇଥିଲେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ କନିକା ରାଜାଙ୍କୁ। ସ୍ୱତନ୍ତ୍ର ଓଡ଼ିଶା ଗଠନର ଯେଉଁ ଗଜପତି ଥିଲେ ପ୍ରମୁଖ ଧ୍ୱଜାଧାରୀ ଓ ଏହି କାରଣରୁ ଓଡ଼ିଶାବାସୀଙ୍କର ଏକାନ୍ତ ଶ୍ରଦ୍ଧାଭାଜନ, ବ୍ରିଟିଶ୍ ସରକାର ତାଙ୍କୁ ଅତ୍ୟନ୍ତ ଚତୁରତାର ସହ ଜନତାଙ୍କ ପ୍ରତିପକ୍ଷରେ ଲଢ଼େଇ ପାଇଁ ଉଭା କରାଇ ଦେଇଥିଲେ। ଉତ୍ସାହ ନ ହରାଇ ଭଗବତୀ ନିଜର ସତୀର୍ଥମାନଙ୍କୁ ନେଇ କଂଗ୍ରେସ ଦଳର ପ୍ରାର୍ଥୀମାନେ କିପରି ନିର୍ବାଚନ ଜିତିବେ, ସେଇ ଲକ୍ଷ୍ୟରେ ଦିନରାତି ଲାଗିପଡ଼ିଥିଲେ। ଏହି ନିର୍ବାଚନରେ ଏକ ପଟେ ଥିଲା ହୀନ କୂଟନୀତିର ଅଟ୍ଟହାସ ଓ ଅନ୍ୟପଟେ ଥିଲା ଭଗବତୀଙ୍କ ଓଠର ମନଜିଣା ସ୍ମିତ। ସେ ସରଳ ଭାଷାରେ ନିର୍ବାଚନର ଗୁରୁତ୍ୱ ଲୋକଙ୍କୁ ବୁଝାଇ ଶୋଷକ, ଜମିଦାର, ମହାଜନ ଓ ମହନ୍ତମାନଙ୍କର ଶୋଷଣ କଷଣର ଶେଷ ପାଇଁ ଭୋଟ ଦେବାକୁ କହିଥିଲେ। ଭଗବତୀଙ୍କ ସମ୍ପାଦନାରେ ପ୍ରକାଶିତ 'କୃଷକ' କାଗଜ ଥିଲା ଶ୍ରମିକଙ୍କର ସର୍ବମାନିତ ମୁଖପତ୍ର, ଯାହାର ପରିଚାଳକ ଥିଲେ ଗୁରୁଚରଣ ପଟ୍ଟନାୟକ।

ବ୍ରିଟିଶ୍ ସରକାର ସେତେବେଳେ ଏକ ବିଚିତ୍ର ଆଇନ କରିଥିଲେ ଯେ, ଖୋର୍ଦ୍ଧା ମାଟିରେ କେହି ୪ ଇଞ୍ଚରୁ ଅଧିକ ଲମ୍ବର ଛୁରି ଧରିପାରିବେ ନାହିଁ। ଯେଉଁ ଭୂଇଁ ପାଇକପୁଅଙ୍କ ଭିଟାମାଟି, ତରବାରି ଯେଉଁମାନଙ୍କର କଟୀ-ଭୂଷଣ, ସେମାନଙ୍କ ପ୍ରତି ଏପରି ଆଇନବିଧାନର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଭୟ ଦେଖାଇ ନିଜର ବଶମ୍ବଦ କରି ରଖିବା। ଭଗବତୀ ଗାଁ ଗାଁ ବୁଲି ଖୋର୍ଦ୍ଧାର ଦୁର୍ବାର ପାଇକମାନଙ୍କୁ ତାଙ୍କ ଅତୀତ-ଗୌରବ ମନେପକାଇ ସଂଗଠିତ କରାଇଥିଲେ ଓ ଭୟଶୂନ୍ୟ ଚିତ୍ତରେ ଭୋଟ ଦେବାକୁ ନିବେଦନ କରିଥିଲେ। ଫଳସ୍ୱରୂପ ୬୦ଟି ଆସନ ପାଇଁ ହୋଇଥିବା ରାଜ୍ୟ ନିର୍ବାଚନରେ କଂଗ୍ରେସ ୩୭ଟି ଆସନ ପାଇ ସରକାର ଗଢ଼ିବାକୁ ସମର୍ଥ ହୋଇଥିଲା। କେନ୍ଦ୍ରର କଂଗ୍ରେସ ନେତୃତ୍ୱ ଓଡ଼ିଶା-ନେତୃତ୍ୱର ପ୍ରଶଂସା କରି କହିଥିଲେ– 'ସାବାସ୍ ଉତ୍କଳ କଂଗ୍ରେସ'। ୧୯୩୬ ନିର୍ବାଚନରେ ଜବାହର ଥିଲେ ଜାତୀୟ ସ୍ତରରେ ସର୍ବମାନ୍ୟ ନେତା ଓ ଓଡ଼ିଶାରେ ନିର୍ବାଚନର ରଣଡୋରି ଥିଲା ଭଗବତୀଙ୍କ ହାତରେ। ଦିଲ୍ଲୀରେ ଓଡ଼ିଶାର ଜନସ୍ୱରକୁ ପହଞ୍ଚାଇବାରେ ୧୯୩୬ର ନିର୍ବାଚନ ଥିଲା ଏକ ନିର୍ଣ୍ଣାୟକ ନିର୍ବାଚନ, ଯାହା ଭଗବତୀଙ୍କ କୁଶଳ ଗୋଟିଚାଳନା ଯୋଗୁଁ ସଫଳ ହୋଇଥିଲା। ସଂଯୋଗକୁ ଏହି ବର୍ଷ ଏପ୍ରିଲ ପହିଲାରେ ଭାଷାଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପାଇଥିଲା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା। ସୁତରାଂ ୧୯୩୬ ହିଁ ସାହିତ୍ୟ ଓ ରାଜନୀତି ଉଭୟ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଷ, ଯାହାର ଫଳପ୍ରସୂ ଅଦ୍ୱିତୀୟ ଚାଳକ ଥିଲେ ଯୁଗସ୍ରଷ୍ଟା ଭଗବତୀ। ଆଜିର ମହାପ୍ରୟାଣ ଦିବସ ଅବକାଶରେ ତାଙ୍କୁ ଧରିତ୍ରୀ ଓ ଓଡ଼ିଆ ଜାତିର ଶତକୋଟି ପ୍ରଣାମ!

ମୋ: ୯୮୫୩୨୮୭୬୫୫

# ଦିନେ ବେଳାଭୂମିରେ



ଅନୀତା ପଟ୍ଟନାୟକ

ଚାରିଜଣ ବାନ୍ଧବୀ ଥିଲେ। ସେମାନଙ୍କର ନାମ ଥିଲା ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା। ପୁରୀର ସମୁଦ୍ର କୂଳରେ ବସି ଏହି ଚାରି ବାନ୍ଧବୀ ତାଙ୍କର ଚାରି ଗୁଣ ବିଷୟରେ ଆଲୋଚନା କରୁଥିଲେ। ସମୁଦ୍ରର ଘୋ ଘୋ ଶବ୍ଦକୁ ଏଡ଼ାଇବା ପାଇଁ ବଡ଼ ପାଟିରେ କଥାବାର୍ତ୍ତା ହେଉଥିବାରୁ ମୁଁ ସେମାନଙ୍କ ନିକଟରେ ବସି ଥିବାରୁ ସେମାନଙ୍କର କଥୋପକଥନ ଶୁଣି ପାରିଥିଲି। ମୈତ୍ରୀ କହିଲା, ଲୋକେ ଏହାକୁ ବନ୍ଧୁତା ବୋଲି ଭାବନ୍ତି ହେଲେ, ବନ୍ଧୁତା କ'ଣ ? କାହା ସହିତ ଓ କିପରି ତାହା ଜାଣିବା ଉଚିତ। ସେ କହିଲା ବୟସ, ସ୍ତର, ସଂସ୍କୃତିରେ ସମାନମାନଙ୍କ ସହିତ ଆମେ ବନ୍ଧୁତା କରିବା ଉଚିତ। ଯେଉଁମାନେ ଆମଠାରୁ ଉପରେ ବା ତଳେ ଅଛନ୍ତି ସେମାନଙ୍କ ସହ ମିତ୍ରତା କରାଯାଏ ନାହିଁ।

କରୁଣା ନିଜର ନାମର ସାର୍ଥକତା ବୁଝାଇବାକୁ ଯାଇ ବାନ୍ଧବୀମାନଙ୍କୁ କହିଲା 'ବୟସ, ଧନ, ସ୍ୱାସ୍ଥ୍ୟ, ପଦ ଓ ଶିକ୍ଷାଦୃଷ୍ଟିରୁ ଯେଉଁମାନେ ଆମଠାରୁ ନିମ୍ନ ସ୍ତରରେ ଅଛନ୍ତି, ସେମାନଙ୍କ ପ୍ରତି ଆମେ କରୁଣା ପ୍ରଦର୍ଶନ କରିବା ଉଚିତ। ଏପରି କଲେ ବା ହେଲେ କରୁଣା ସାର୍ଥକ ଓ ମୂଲ୍ୟବାନ ହୁଏ ଏବଂ ତା'ର ଯଥାର୍ଥତା ପ୍ରଦର୍ଶନ କରିପାରିଥାଏ।

ମୈତ୍ରୀ ଓ କରୁଣା ନିଜ ନାମର ବୈଶିଷ୍ଟ୍ୟ ବିଷୟରେ କହିସାରିବା ପରେ ସେମାନେ ମୁଦିତା ଆଡ଼କୁ ଅନାଇ କହିଲେ, ଆଲୋ ତୋ ନାମର କିଛି ମହତ୍ତ୍ୱ ଅଛି। ମୁଦିତା କ'ଣ ? ସେ କହିଲା ମୋର ନାମର ଅର୍ଥ ଈର୍ଷାରୁ ମୁକ୍ତି। ଆମଠାରୁ ଭଲରେ ଥିବା ବ୍ୟକ୍ତିମାନଙ୍କ ପ୍ରତି ଆମେ କି ପ୍ରକାର ମନୋଭାବ ପ୍ରଦର୍ଶନ କରିବା ଉଚିତ ? ମୁଦିତା କହିଲା ମୋର ଗୋଟିଏ ଗୁଣ ହେଉଛି ମୋଠାରୁ ଭଲରେ ଥିବା ଲୋକଙ୍କୁ ଦେଖିଲେ, ମୁଁ ଆନନ୍ଦ ଅନୁଭବ କରେ, ଯେଉଁମାନେ ମୋଠାରୁ ସମ୍ପତ୍ତି ଓ ପଦବୀରେ ଉଚ୍ଚତର ସେମାନଙ୍କୁ ଦେଖି ମୁଁ ଖୁସି ହୁଏ। ମୁଦିତାର ଅର୍ଥ ଈର୍ଷାରୁ ମୁକ୍ତି ଓ ଅନ୍ୟମାନଙ୍କ ସୌଭାଗ୍ୟରେ ଯିଏ ଆନନ୍ଦ ଲାଭ କରିଥାଏ।

ଏଥର ପଡ଼ିଲା ଉପେକ୍ଷାର ପାଳି। ସେ କହିଲା ମୋର ନାମର ଅର୍ଥ ତ୍ୟାଗ – ଘୃଣା, ଅପେକ୍ଷା ଓ ଉପେକ୍ଷା ବୋଲି ଦୁଇଟି ଶବ୍ଦ ଅଛି। ଅସତ୍ କର୍ମ ଓ ଅସତ୍ ଚିନ୍ତାରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କ ପ୍ରତି ଆମର ଅପେକ୍ଷା ଭାବ ରହିବା ଉଚିତ ନୁହେଁ। ଇଲୋ ମା' ଲୋ ସେମାନଙ୍କୁ ଦୂରୁ ଜୁହାର। ଅସତ୍ ଚିନ୍ତା, ଅସତ୍ ଭାଷଣ ଓ ଅସତ୍ କର୍ମରେ ଲିପ୍ତ ବ୍ୟକ୍ତିମାନଙ୍କଠାରୁ ଦୂରରେ ରହିବା, ସେମାନଙ୍କୁ ତ୍ୟାଗ ଓ ଘୃଣା କରିବା ହେଉଛି ଉପେକ୍ଷା।

ବେଦ ଉପନିଷଦରେ ଚାରି ପୁରୁଷାର୍ଥ ବା ଧର୍ମ, ଅର୍ଥ, କାମ, ମୋକ୍ଷ ବିଷୟରେ ବୁଝାଯାଇଛି। ଧର୍ମ ମାର୍ଗରେ ଅର୍ଥ ଉପାର୍ଜନ କରିବା ଉଚିତ। ଅର୍ଥକୁ ଏପରି କର୍ମରେ ବିନିଯୋଗ କରିବା ଯାହା ଆମର ମୋକ୍ଷ ପ୍ରାପ୍ତିରେ ସହାୟକ ହେବ। ତେଣୁ ଚାରି ବାନ୍ଧବୀ ସ୍ଥିର କଲେ ଯେଉଁ ବ୍ୟକ୍ତିମାନେ ସମାନ ସ୍ତରର ବ୍ୟକ୍ତିମାନଙ୍କ ସହ ମୈତ୍ରୀ ଓ ଛୋଟମାନଙ୍କ ପ୍ରତି କରୁଣା ଓ ଆମଠାରୁ ଭଲରେ ଥିବା ଲୋକମାନଙ୍କ ପ୍ରତି ମୁଦିତା ଓ ଦୁଷ୍ଟମାନଙ୍କ ପ୍ରତି ଉପେକ୍ଷା ଭାବ ରଖିବେ ସେମାନେ ଜୀବନର ଲକ୍ଷ୍ୟ ଓ ଚାରି ପୁରୁଷାର୍ଥର ପ୍ରକୃତ ଅର୍ଥ ବୁଝିପାରିବେ।

ମୁଁ ପଛରୁ ଆଉ ରହିପାରିଲି ନାହିଁ। ମୋର ସେମାନଙ୍କ ସହ ବନ୍ଧୁତା ନ ଥିଲେ ମଧ୍ୟ ଉଠିଯାଇ ସେମାନଙ୍କୁ କହିଲି, ବର୍ତ୍ତମାନ ସମାଜର ଲୋକମାନେ ଦୈତ୍ୟ ଓ ଦାନବ ପରି ବ୍ୟବହାର କରୁଛନ୍ତି। ସୁରା ପାନୋ ଦୈତ୍ୟ ସମାନଃ। ମଦ୍ୟପାନ ପାଇଁ ଚାରିଆଡ଼େ ହୋଟେଲ ଖୋଲିଛି। ନର ପଶୁ ପାଲଟି ଗଲାଣି। ବ୍ୟଭିଚାର, ବଳାତ୍କାରରେ ସମାଜ ପରିପୂର୍ଣ୍ଣ ହୋଇଛି। ଦଶହରା ପାଳନ କରୁଛି। କିନ୍ତୁ ନାରୀ ଓ ଦେବୀଙ୍କର ପ୍ରକୃତ ଅର୍ଥ ବୁଝିନି। 'ଜ୍ଞାନେନଶୂନ୍ୟଃ ପଶୁଭିଃ ସମାନାଃ' ଜ୍ଞାନ ଅଭାବରେ ମନୁଷ୍ୟ ଓ ନର ପଶୁ ସମାନ ହୋଇଯାଇଛି। ସମସ୍ତେ ମୋର ନାମ ଓ ଠିକଣା ନେଲେ ଓ କହିଲେ ଆମେ ବାନ୍ଧବୀମାନେ ପୁରୀ ଆସିଲେ ଆପଣଙ୍କୁ ବି ଡାକିବୁ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

## ଏଇ ଭାରତରେ

ପୁରୁଣା ଜିନ୍ସର ପୁନଃ ଉପଯୋଗ କରୁଛନ୍ତି ଦିଲ୍ଲୀର ନିର୍ବାଣ ସୋମାନି। ଆରାମଦାୟକ ସ୍ଲିପିଂ ବ୍ୟାଗ ତିଆରି କରି ତାହାକୁ ଗୃହହୀନ ଲୋକଙ୍କୁ ମାଗଣାରେ ଦେଉଛନ୍ତି। ଦେଶରେ ପ୍ରତି ମିନିଟରେ ଅନେକ ଟନ୍ ପୁରୁଣା କପଡା ପୋଡ଼ାଯାଉଛି ଓ ତାହା ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ନକାରାତ୍ମକ ପ୍ରଭାବ ରୋକିବା ପାଇଁ ସେ ଅନେକ ଉପାୟ ଚିନ୍ତା କରିଥିଲେ ମଧ୍ୟ ଶେଷରେ ଏହି ବିକଳ୍ପ ପାଇପାରିଥିଲେ। ୨୦୨୨ରେ ନିର୍ବାଣ 'ପ୍ରୋଜେକ୍ଟ ଜିନ୍ସ – ବ୍ଲୁ ଟୁ ଗ୍ରୀନ୍'ଆରମ୍ଭ କରି ଦିଲ୍ଲୀରେ ରାସ୍ତାକଡ଼ରେ ରହୁଥିବା ଲୋକଙ୍କୁ ପୁରୁଣା ଜିନ୍ସରୁ ସ୍ଲିପିଂ ବ୍ୟାଗ ତିଆରି କରି ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଦିଲ୍ଲୀ-ଏନ୍‌ସିଆର୍, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ, ପୁଣେରେ ୨୦୦୦ରୁ ଅଧିକ ସ୍ଲିପିଂ ବ୍ୟାଗ ବାଣ୍ଟିସାରିଛନ୍ତି। ଏବେ ଏହି କାର୍ଯ୍ୟରେ ୧୫ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟେକ ବ୍ୟାଗ୍ ତିଆରି କରିବା ପାଇଁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି ଓ ଦାନରୁ ପାଉଥିବା ଅର୍ଥରେ ଏହା ଭରଣା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୩ ଅକ୍ଟୋବର ୧୯୭୫**

- ସୁଦାନସ୍ଥିତ ଭାରତୀୟ ରାଜଦୂତ ଡ. ଚନ୍ଦ୍ର ପ୍ରକାଶ ସିଂହଙ୍କୁ ଏକକାଳୀନ ଭାବେ ଚାଦରେ ରାଷ୍ଟ୍ରଦୂତ ଦାୟିତ୍ୱ ତୁଲାଇବା ଲାଗି ନିଯୁକ୍ତ କରାଯାଇଛି।
- ହିସାବ ବହିର୍ଭୂତ ସମ୍ପତ୍ତି ଓ ଆୟର ହିସାବ ଜାଣିବା ପାଇଁ ସ୍ୱେଚ୍ଛାକୃତ ହିସାବ ପ୍ରକାଶ ସଂକ୍ରାନ୍ତରେ କେନ୍ଦ୍ର ସରକାର ଏକ ୧୦ ବର୍ଷିଆ ଦଣ୍ଡ ଛାଡ଼ିଛନ୍ତି।

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 8 | 7 | | | 3 |
| | | | 6 | | | | | |
| 4 | 5 | | | | | 8 | | |
| | | | | 2 | | | | |
| | | 7 | | | | 9 | | 1 |
| | 8 | | 9 | | 5 | | 3 | 4 |
| | 4 | | | | | 7 | | 5 |
| 9 | | | | | | | | |
| | | 6 | 1 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 4 | 1 | 3 | 5 | 9 | 6 |
| 1 | 9 | 4 | 7 | 6 | 5 | 3 | 8 | 2 |
| 3 | 6 | 5 | 9 | 2 | 8 | 1 | 4 | 7 |
| 5 | 7 | 8 | 2 | 4 | 1 | 6 | 3 | 9 |
| 6 | 1 | 2 | 3 | 8 | 9 | 7 | 5 | 4 |
| 4 | 3 | 9 | 5 | 7 | 6 | 2 | 1 | 8 |
| 9 | 4 | 6 | 1 | 3 | 2 | 8 | 7 | 5 |
| 8 | 5 | 1 | 6 | 9 | 7 | 4 | 2 | 3 |
| 7 | 2 | 3 | 8 | 5 | 4 | 9 | 6 | 1 |

ଗତକାଲିର ଉତ୍ତର

# ବିଦ୍ୟାର୍ଥୀଙ୍କ ଦାୟିତ୍ୱ ରାଗିଂମୁକ୍ତ ଶିକ୍ଷାନୁଷ୍ଠାନ



କିଶୋର ଚନ୍ଦ୍ର ବେହେରା

ପ୍ରତ୍ୟେକ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ହେଉଛି ପବିତ୍ର ଶିକ୍ଷାର ମନ୍ଦିର, ଯେଉଁଠି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ହୁଏ। ତେଣୁ ସେଠାରେ ମନ୍ଦିର ସମାନ ଶାନ୍ତିର ବାତାବରଣ ସୃଷ୍ଟି ହେବା କଥା। ମାତ୍ର ଏବେ ରାଗିଂ ଭଳି କୁତ୍ସିତ, ଘୃଣିତ ଓ ଅମାନବିକ ମାନସିକତା ରୋଗ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୃଷ୍ଟି ହେଉଛି।

ବିଦ୍ୟାଳୟ ପାଠପଢ଼ା ପରେ ଯେତେବେଳେ ଜଣେ ମହାବିଦ୍ୟାଳୟରେ ପାଦ ଦିଏ, ତା' ମନରେ ଅନେକ ସ୍ୱପ୍ନ ଥାଏ। ନୂଆ ପରିବେଶ ଭିତରେ କେମିତି ପାଠ ପଢ଼ିବ, କେମିତି ଆଗକୁ ବଢ଼ିବ, ଏ ନେଇ ତା' ମନ ଭିତରେ ଥାଏ ଆଶା ଓ ଆକାଂକ୍ଷା। ଗ୍ରାମାଞ୍ଚଳରେ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲାପରେ ସେ ସହରକୁ ଆସେ ନାମୀଦାମୀ ଶିକ୍ଷାନୁଷ୍ଠାନରେ ପାଠପଢ଼ିବାକୁ। କିନ୍ତୁ ଯେତେବେଳେ ଜଣେ ନବାଗତ ରାଗିଂର ଶିକାର ହୁଏ, ତା'ର ମନରେ ଯେଉଁ ପ୍ରଭାବ ପଡ଼େ, ତାକୁ କେବଳ ସେ ହିଁ ବୟାନ କରିପାରିବ ଗାଁରୁ ସହରକୁ ଆସି ପାଠ ପଢୁଥିବା ଛାତ୍ରୀ କିମ୍ବା ଛାତ୍ରମାନେ। ଅତୀତରେ ବରିଷ୍ଠ ଓ କନିଷ୍ଠଙ୍କ ମଧ୍ୟରେ ପାରସ୍ପରିକ ବିଚାରବିମର୍ଶର ପ୍ରକ୍ରିୟାରୁ ରାଗିଂ ଜନ୍ମ ନେଇଥିଲା। ସାଧାରଣତଃ, ବରିଷ୍ଠ ଛାତ୍ରୀଛାତ୍ରମାନେ କନିଷ୍ଠ ଛାତ୍ରୀଛାତ୍ରଙ୍କ ସହ ଥଟ୍ଟାମଜା କରି ନିଜର କର୍ତ୍ତୃତ୍ୱ ଜାହିର କରିଥା'ନ୍ତି, ଯାହା କନିଷ୍ଠ ଛାତ୍ରୀଛାତ୍ରମାନଙ୍କୁ ଅପମାନିତ କରିଥାଏ ସତ, ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠ ଛାତ୍ରମାନଙ୍କ ସହିତ ମିଶିବାକୁ ଦୃଢ଼ ମନୋବଳ ଯୋଗାଇଥାଏ। ସେହିପରି ଜଣେ ବରିଷ୍ଠ ଛାତ୍ର ତାଙ୍କ ତଳ ବ୍ୟାଚର ଛାତ୍ରଟିକୁ ହୋଟେଲରୁ ଖାଇବା ଆଣିବା ପାଇଁ ନିର୍ଦ୍ଦେଶ ଦିଏ ଏବଂ କନିଷ୍ଠ ଛାତ୍ରଜଣକ ତାହା ପାଳନ କଲେ ବରିଷ୍ଠ ଛାତ୍ରଟିର କର୍ତ୍ତୃତ୍ୱ ସାବ୍ୟସ୍ତ ହୋଇଥାଏ। କିନ୍ତୁ ସମୟ ବଦଳିବା ସହିତ ବଦଳିଯାଇଛି ପରିସ୍ଥିତି। ରାଗିଂ ଏବେ ହିଂସାର ରୂପ ନେଉଛି। ପ୍ରତି ଶିକ୍ଷାନୁଷ୍ଠାନରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରଙ୍କୁ ହିଂସାତ୍ମକ ଓ ଆକ୍ରମଣାତ୍ମକ ଅତ୍ୟାଚାର କରୁଥିବା ଅଭିଯୋଗମାନ ଆସୁଛି। ପୂର୍ବରୁ କେବଳ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ହିଂସାତ୍ମକ ରାଗିଂ ହେଉଥିବା ବେଳେ ଏବେ ସାଧାରଣ ଶିକ୍ଷାନୁଷ୍ଠାନକୁ ମଧ୍ୟ ରାଗିଂ ଭଳି ମାନସିକ ରୋଗ ଭଳି ଏହା ବ୍ୟାପିବାରେ ଲାଗିଛି। ନବାଗତ ବିଦ୍ୟାର୍ଥୀଟି ନିଜର ପରିବାରବର୍ଗ ଓ ଆତ୍ମୀୟ ସୋଦରଙ୍କୁ ଛାଡ଼ି ସହରି ଜୀବନ ତା' ପାଇଁ ହୋଇଯାଏ ଅଭିଶପ୍ତ। ରାଗିଂ ଭଳି କୁତ୍ସିତ ମାନସିକତାକୁ ସହି ନ ପାରି ଅନେକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ଶିକ୍ଷାନୁଷ୍ଠାନଗୁଡ଼ିକ ଆଣ୍ଟି-ରାଗିଂ କମିଟିର ସକ୍ରିୟ ଭାବେ କାମ କଲେ ହିଁ ରାଗିଂ କମିପାରିବ ନଚେତ ମାନସିକ ବିକାର ଛାତ୍ରୀଛାତ୍ରଙ୍କ ଶିରାପ୍ରଶିରାରେ ଏହି ଭୂତାଣୁ ସକ୍ରିୟ ହୋଇ ସୁସ୍ଥ ସମାଜକୁ ନଷ୍ଟଭ୍ରଷ୍ଟ କରିଦେବେ। ତେଣୁ ନାମଲେଖା ସମୟରେ କେବଳ ଆଣ୍ଟି-ରାଗିଂ ସତ୍ୟପାଠ ସଂଗ୍ରହ ଯଥେଷ୍ଟ ନୁହେଁ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକ ବିଶ୍ୱାସ କରୁଛନ୍ତି। ଛାତ୍ରୀଛାତ୍ରମାନେ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି କମିଟିଗୁଡ଼ିକ ଅଧିକ ସକ୍ରିୟ ହେଲେ ରାଗିଂକୁ ରୋକାଯାଇପାରିବ। ଆଣ୍ଟି-ରାଗିଂ ସେଲ୍ ଶିକ୍ଷାନୁଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ




ହେବା ଉଚିତ। ୧୯୫୬ ଅଧିନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯାହା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ରାଗିଂ ବିପଦକୁ ରୋକିବା ପାଇଁ ନିୟମାବଳୀ ଭାବରେ ପରିବର୍ତ୍ତିତ ହୋଇଛି। ୨୦୦୯ ନିର୍ଦ୍ଦେଶାବଳୀ ଅନୁଯାୟୀ ଆଣ୍ଟି-ରାଗିଂ ସେଲ ପ୍ରତିଷ୍ଠା ଅତ୍ୟନ୍ତ ବାଧ୍ୟତାମୂଳକ ଓ ସକ୍ରିୟ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ରାଗିଂ ମୁକ୍ତ ପରିବେଶର ସଂସ୍କୃତିର ସଂରକ୍ଷଣ ପାଇଁ ଆଣ୍ଟି-ରାଗିଂ କମିଟି ପର୍ଯ୍ୟବେକ୍ଷକ ଏବଂ ପରାମର୍ଶଦାତା କମିଟିଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି ଏହାର ବିକୃତତା ମଧ୍ୟରେ ଅନ୍ତର୍ନିହିତ ରାଗିଂର ମାନବିକ ପ୍ରଭାବ ବିଷୟରେ ଛାତ୍ରମାନଙ୍କୁ ସଚେତନ କରିବା। ଆମ ନଜରକୁ ଆସୁଥିବା ରାଗିଂ ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତୁରନ୍ତ ଏବଂ କଠୋର ଭାବରେ ମୁକାବିଲା କରିଥାନ୍ତି। ଗୋଷ୍ଠୀଗତ ସମସ୍ୟା ପରିଲକ୍ଷିତ ହେଲେ ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ଆପୋସ ସମାଧାନ କରାଯାଇଥାଏ। ଯେକୌଣସି ଛାତ୍ରୀ କିମ୍ବା ଛାତ୍ର ଗୋଷ୍ଠୀ ଶିକ୍ଷାନୁଷ୍ଠାନ ପରିସରରେ କିମ୍ବା ବାହାରେ ଦୋଷୀ ସାବ୍ୟସ୍ତ ହୋଇଥାଆନ୍ତି ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଛାତ୍ରୀ କିମ୍ବା ଛାତ୍ର ଗୋଷ୍ଠୀଙ୍କୁ କୌଣସି ଅଧିବେଶନ ପରୀକ୍ଷା କିମ୍ବା ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉପସ୍ଥିତ ହେବାକୁ ବାରଣ କରିଥାନ୍ତି। ଶ୍ରେଣୀ ଗୃହରେ ଅଧ୍ୟୟନ ନିମନ୍ତେ ଅନୁମତି ପ୍ରଦାନ କରାଯାଏନାହିଁ। ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ସୁବିଧା ପ୍ରତ୍ୟାହାର, ମହାବିଦ୍ୟାଳୟରୁ ନିଲମ୍ବନ, ନାମଲେଖାକୁ ବାତିଲ ଓ ପରୀକ୍ଷାଫଳ ପ୍ରକାଶନକୁ ଅଟକାଇ ଦିଆଯାଇଥାଏ।

ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ଅଗଷ୍ଟ ପହିଲାରୁ ଆରମ୍ଭ ହୋଇଯାଇଛି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ। ଉଚ୍ଚଶିକ୍ଷା ବିଭାଗଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଛନ୍ତି ଶତପ୍ରତିଶତ ରାଗିଂମୁକ୍ତ ପରିସର ସୃଷ୍ଟି କରିବା ପାଇଁ। ଏଥିଲାଗି ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ବରିଷ୍ଠ ଛାତ୍ରୀଛାତ୍ର ଓ ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ସୁସ୍ଥ ବାତାବରଣ ସୃଷ୍ଟି ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ପରାମର୍ଶଦାତା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୋଇସାରିଥିଲେ ମଧ୍ୟ ୨ ମାସ ନ ହେଉଣୁ ୧୯ଟି ରାଗିଂ ଅଭିଯୋଗ ସାମ୍ନାକୁ ଆସିଲାଣି। ଏଥିମଧ୍ୟରୁ ୧୩ଟି ସରକାରୀ ଶିକ୍ଷାନୁଷ୍ଠାନ ନାମରେ ଅଭିଯୋଗ ଆସିଥିଲା ବେଳେ ୬ଟି ବେସରକାରୀ ଅନୁଷ୍ଠାନ ନାମରେ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ସାରା ଦେଶରେ ଚଳିତ ଶିକ୍ଷାବର୍ଷ ମଧ୍ୟରେ ୩୦୭ଟି ଅଭିଯୋଗ ପଞ୍ଜୀକରଣ ହୋଇଛି। ରାଗିଂ ରୋକିବା ପାଇଁ ସମସ୍ତ ବ୍ୟବସ୍ଥା ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି କରିବା ସହ ଶିକ୍ଷାନୁଷ୍ଠାନରେ ଅଣଛାତ୍ରଙ୍କ ପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

ଅଧ୍ୟାପକ (ରାଜନୀତି ବିଜ୍ଞାନ ବିଭାଗ)
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

# ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ-
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା।
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଥାନାରେ ସିସିଟିଭି ଲଗାଯାଉ

ମହାଶୟ,

ସବୁ ଥାନାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଉ। ବହୁଦିନରୁ ମୁଖ୍ୟାଳୟରେ ଏସବୁ ପଡ଼ିରହିଥିଲେ ମଧ୍ୟ ତାହା ଲଗାଯାଉ ନାହିଁ। ଏଥିପ୍ରତି ମହାନିର୍ଦ୍ଦେଶକ ନିର୍ଦ୍ଦେଶ ଦେବା ଆବଶ୍ୟକ। କ୍ୟାମେରା ଲଗାଯାଇ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉ। ଦିନ ଓ ରାତ୍ର ପାଟ୍ରୋଲିଂ ଜୋର୍‌ଦାର କରିବା ପ୍ରତି ଗୁରୁତ୍ୱ ଦିଆଯାଉ। ଅପରାଧୀମାନେ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି। ସାଧାରଣତଃ ବଳାତ୍କାର, ଅସଦାଚରଣ, ଲୁଟ୍ ଓ ରାହାଜାନି ଇତ୍ୟାଦି ଗତିବିଧିକୁ ସବୁବେଳେ ନିୟନ୍ତ୍ରଣରେ ରଖାଯାଉ। ନିଶାଖୋରମାନଙ୍କ ପ୍ରତି ଅଧିକ କଡ଼ାକଡ଼ି ପଦକ୍ଷେପ ନିଆଯାଉ।

**– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଳିତ ଦାସ ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ

## ୨ ନୂତନ ସଦସ୍ୟଙ୍କୁ ମିଳିଲା ନିଯୁକ୍ତି


ଲଳିତ ଦାସ

ଭୁବନେଶ୍ୱର,୨୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ନୂତନ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଲଳିତ ଦାସଙ୍କୁ ନିଯୁକ୍ତି ମିଳିଛି। ଏଥିସହ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଉଦ୍ଧବ ଚନ୍ଦ୍ର ମାଝୀ ଏବଂ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ସରୋଜ କୁମାର ମିଶ୍ରଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ମଙ୍ଗଳବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ,ଓଏସ୍‌ଏସ୍‌ଏସ୍‌ସିକୁ ନେଇ ବେଶ୍ କିଛିଦିନ ହେବ ବିବାଦ ଦେଖିବାକୁ ମିଳିଥିଲା। ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଅମିନ, ଆର୍‌ଆଇ, ଫରେଷ୍ଟର ସମେତ ବିଭିନ୍ନ ପଦପଦବୀର ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରୀକ୍ଷା ବାତିଲ ସହ ପୂର୍ବ ଅଧ୍ୟକ୍ଷଙ୍କୁ ପରିବର୍ତ୍ତନ କରାଯିବା ପାଇଁ ମଧ୍ୟ ଦାବି ଉଠିଥିଲା। ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତାହାକୁ ଦୃଷ୍ଟିରେ ରଖି ଏହି ନୂତନ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି।

# ଜଳ ସମ୍ପଦ ସଂରକ୍ଷଣ, ପରିଚାଳନା ପାଇଁ ଓଡ଼ିଶାକୁ ମିଳିଲା ପ୍ରଥମ ପୁରସ୍କାର

ଭୁବନେଶ୍ୱର, ୨୨।୧୦
(ସୁନିତ୍ ମିଶ୍ର)



ଜଳ ସମ୍ପଦର ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ବର୍ଗରେ ପ୍ରଥମ ସ୍ଥାନ ମାନ୍ୟତା ସହ ୫ମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ଉନ୍ନୟନ କମିଶନର ଅନୁ ଗର୍ଗ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ ପୂର୍ବକ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଜଳ ସଂରକ୍ଷଣ ଏବଂ ଜଳସେଚନ କ୍ଷେତ୍ରରେ ବିବିଧ କାର୍ଯ୍ୟକ୍ରମ ଗ୍ରହଣ ଓ ସଫଳତା ଯୋଗୁ ରାଜ୍ୟ ସରକାରଙ୍କୁ ଏହି ପୁରସ୍କାର ମିଳିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳସେଚନ, ପାନୀୟ ଜଳ ଆବଶ୍ୟକତା ଇତ୍ୟାଦି ପୂରଣ ପାଇଁ ଲୋୟର ସୁକ୍‌ତେଲ ଡ୍ୟାମ୍ ଏବଂ ହଳଦିଆ ଡ୍ୟାମ୍‌କୁ ସମ୍ପୂର୍ଣ୍ଣ କରାଯାଇ ୩୬୯ ନିୟୁତ କ୍ୟୁବିକ ମିଟର ଜଳ ସଂରକ୍ଷଣ ସୁବିଧା ବିକଶିତ କରାଯାଇଛି। ଜଳ ସମ୍ପଦର ସଂରକ୍ଷଣ ପାଇଁ ୨୮ଟି ଅନ୍ତଃ ନଦୀ ଜଳାଶୟର ନିର୍ମାଣ କାର୍ଯ୍ୟ ଚାଲୁ ଥିବାବେଳେ ୧୮ଟି ଟେଣ୍ଡର ପର୍ଯ୍ୟାୟରେ ରହିଛି। ଏହାଦ୍ୱାରା ପ୍ରାୟ ୫୦ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ ହୋଇପାରିବ। ୭୧୨୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ଅନୁଦାନପ୍ରାପ୍ତ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଅଧୀନରେ ୩୧୭ଟି ଚେକ୍‌ଡ୍ୟାମ୍ ସମ୍ପୂର୍ଣ୍ଣ କରାଯାଇ ପାଖାପାଖି ୨.୦ ନିୟୁତ କ୍ୟୁବିକ୍ ମିଟର ଜଳସେଚନ ସୁବିଧା କରାଯାଇଛି। ଏହାବ୍ୟତୀତ ୧୪୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ କରାଯାଇ ୩.୦ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧିକରାଯାଇଛି। ଅମୃତ ସରୋବର ଯୋଜନାରେ ଚିହ୍ନଟ ହୋଇଥିବା ୪୬୫୬ଟି ପୋଖରୀ ମଧ୍ୟରୁ ୨୩୮୫ଟି ପୋଖରୀର ନବୀକରଣ ଶେଷ ହୋଇଛି। ୮୮୬ଟି ପୋଖରୀ କାମ ଚାଲିଛି। ମୁକ୍ତା ଯୋଜନାରେ ୨୨,୭୭୭ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି।


ବାତ୍ୟା 'ଦାନା'ର ମୁକାବିଲା ପାଇଁ ମଙ୍ଗଳବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଏଫ୍‌ଡିଆର୍‌ଏ ପଡ଼ିଆରେ ଓଡ଼ିଶା ଫାୟାର ଆଣ୍ଡ୍ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀ ପକ୍ଷରୁ ଅଗ୍ନିଶମ ଗାଡ଼ି ଏବଂ ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତି କରାଯାଉଛି। (ଫଟୋ–ମନୋରଞ୍ଜନ ମିଶ୍ର)

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ନବରଙ୍ଗପୁର,୨୨।୧୦
(ସଦାଶିବ ପ୍ରହରାଜ)

ଏଏନ୍‌ଏମ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଭାଟିକୋଟ ଗ୍ରାମର ଚାଉ କୁମାର ସାନ୍ତାଙ୍କ ସ୍ତ୍ରୀ ତାମ୍ୱ (୨୦)ଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ ତାମ୍ୱ ୩ ମାସ ତଳେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାଆଁଳା ଛୁଆ ଜନ୍ମ କରିଥିଲେ। ୧୫ ଦିନ ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଦେଖାଇଥିଲେ। ରକ୍ତ ଅଭାବ ଥିବା କହି ଡାକ୍ତର ତାଙ୍କୁ କିଛି ଔଷଧ ଦେଇଥିଲେ ଏବଂ ପରେ ଆସି ଦେଖା କରିବାକୁ କହିଥିଲେ। ଏହା ପରେ ସେ ଘରେ ରହି ଔଷଧ ଖାଉଥିଲେ। ମଙ୍ଗଳବାର ଚେରଚେଟା ଏଏନ୍‌ଏମ୍ ମୀନା ବରାଳ ଓ ଅଙ୍ଗନୱାଡ଼ି କର୍ମୀ ତାମ୍ୱଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଦେହ ଖରାପ ଥିବା ଜାଣି ଏଏନ୍‌ଏମ୍ ୨ଟି ଇଞ୍ଜେକ୍ସନ ଓ କିଛି ଔଷଧ ଦେଇଥିଲେ। ଏହା ବାବଦକୁ ୧୫୦୦ ଟଙ୍କା ମାଗିଥିଲେ। ପାଖରେ ଥିବା ହଜାର ଟଙ୍କା ତାଙ୍କୁ ଦେଇଥିବା ତାମ୍ୱଙ୍କ ସ୍ୱାମୀ ଚାଉ କହିଛନ୍ତି। ଇଞ୍ଜେକ୍ସନ ନେବାର ୧୫ ମିନିଟ ପରେ ତାମ୍ୱଙ୍କ ମୃତ୍ୟୁ ହୋଇଛି। ଭୁଲ୍ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ହୋଇଥିବା ଚାଉ ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ମା' ଛେଉଣ୍ଡ ୨ ଶିଶୁଙ୍କ ଲାଳନପାଳନ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଉ ଦାବି କରିଛନ୍ତି। ପାପଡ଼ାହାଣ୍ଡି ଥାନା ପୋଲିସ ଅଭିଯୋଗ ପାଇବା ପରେ କେସ୍ ନମ୍ବର ୨୨୦ /୨୪ରେ ମାମଲା ରୁଜୁ କରିଛି। ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ମାଝୀ ସୂଚନା ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ଏଏନଏମ୍ ମୀନା ବରାଳଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ମାତୃ ଦିବସ କ୍ୟାମ୍ପକୁ ତାମ୍ୱ ଆସି ନ ଥିଲେ। ଏନେଇ ତାଙ୍କ ଘରକୁ ଯାଇ ରକ୍ତ ପରୀକ୍ଷା କରାଇଥିଲି। ହିମୋଗ୍ଲୋବିନ ୪ ପ୍ରତିଶତ ଥିଲା। ତାଙ୍କୁ ଔଷଧ, ଇଞ୍ଜେକ୍ସନ ଦେଇ ନ ଥିବା ଓ ଟଙ୍କା ମାଗି ନାହାନ୍ତି ବୋଲି ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING STAFF WITH 1 TO 2 YEARS EXPERIENCE WITH GOOD COMMUNICATION SKILL.
POKHARIPUT, BHUBANESWAR
MOB – 9124069464

See Career Appointment on every Wednesday & Saturday

Fast Communication
An INS accredited ad agency having Pan India presence requires the following personnel for immediate recruitment :
WE ARE HIRING
Liaison Officer : Retired Govt. Class-1 Officers having good rapport with Govt. & Corporates. To be based at Bhubaneswar.
Chief Accountant : Possessing minimum 10 years exp., with expertise in Tally & GST. To be based at Cuttack.
Translator : Candidate having expertise in English to Hindi translation desirable. To be posted at Bhubaneswar.
Marketing Executive : Having adequate experience in space selling preferably in Media. To be based at Bhubaneswar.
Social Media Handler : Candidate having adequate exp. in handling social media accounts, min. 2 years exp. desirable.
BTL Expert : Candidate should be expert in handling BTL activities, with minimum 5 years exp. in similar capacity.
Event Manager : Candidate should be expert in handling Events independently, with minimum 5 years exp. in similar capacity.
Electronic Media Planner : Should have knowledge of tv commercial release
Front Office Executive (M/F) : Graduate. Should have good communication skill in English, knowledge of Excel, Photoshop , drafting of letters and can present PPT in front of clients. Should possess own two wheeler.
Salary : As per industry standards. All the above posts carry advantage of EPF, ESI and other perks.
Join our amazing team! Interested candidates are requested to apply in confidence with Resume & 2 P.P size photos to : acc.fast.2016@gmail.com within the next 7 days. (Plz. mention post applied for in the subject)
fastcommunication.in @fastcommbbsr @fastcommunication.fc

# ଝୁଅା ଆଡ୍ଡାରେ ଚଢ଼ାଉବେଳେ ଗର୍ଭବତୀଙ୍କୁ ପୋଲିସର ଦୁର୍ବ୍ୟବହାର

## ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ମହିଳା

ରାୟଗଡ଼ା,୨୨।୧୦
(ଆଶିଷ ରଞ୍ଜନ ପଣ୍ଡା)

ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରିବାକୁ ଯାଇ ଜଣେ ଗର୍ଭବତୀଙ୍କୁ ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ରାୟଗଡ଼ା ସହର ବ୍ରାହ୍ମଣସାହିର ସୁନୀଲ ପାଢ଼ୀଙ୍କ ସ୍ତ୍ରୀ ଶ୍ରାବଣୀ କୁମାରୀ ଜେନା ରାୟଗଡ଼ା ଥାନା ଆଇଆଇସି କେକେବିକେ କହଁର, କନ୍‌ଷ୍ଟେବଲ ବିଜୟ କୁମାର ସାହୁ ଓ ବିଜୟ କୁମାର ଝୋଡ଼ିଆଙ୍କ ନାଁରେ ଏସ୍‌ପି ସ୍ୱାତୀ ଏସ୍. କୁମାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ କରିବା ପାଇଁ ଆସିଥିବା ଶ୍ରାବଣୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଜିଲା ପୋଲିସ କାର୍ଯ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ସାଥିରେ ଆସିଥିବା ସ୍ୱାମୀ ଓ ଜଣେ ସମ୍ପର୍କୀୟ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପୋଲିସ ଘରେ ପଶି ଜଣେ ଗର୍ଭବତୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

ପୋଲିସର ଏଭଳି କାର୍ଯ୍ୟ ପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଶ୍ରାବଣୀ। ଏହି ଘଟଣାରେ ଏସ୍‌ପି ସ୍ୱାତୀ ଗଣମାଧ୍ୟମ ସମ୍ମୁଖରେ କିଛି କହିବା ପାଇଁ ମନା କରିବା ସହିତ ଘଟଣାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ଦିଆଯାଇଛି, ତଦନ୍ତ ପରେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି କହିଥିଲେ । ଘଟଣାର ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଏସ୍‌ଡିପିଓ ସେନାପତି କହିଛନ୍ତି । ଏ ସମ୍ପର୍କରେ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ଗତ ୧୭ ତାରିଖରେ ଜୁଆ ଆଡ୍ଡା ଚଢ଼ାଉକୁ ନେଇ ଆକ୍ରୋଶମୂଳକ ଭାବେ ପୋଲିସ ନାଁରେ ଏଭଳି ମିଥ୍ୟା ଅଭିଯୋଗ କରାଯାଇଛି। ଏହି ଘଟଣାକୁ ନେଇ ପୋଲିସ ପକ୍ଷରୁ ଗତ ୧୮ ତାରିଖରେ ଥାନାରେ କେସ୍ ନଂ. ୩୬୦ରେ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଆଇଆଇସି କହଁର କହିଛନ୍ତି ।

# ମହିଳା କର୍ମଚାରୀଙ୍କ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦
(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଏହି ଅତିରିକ୍ତ ଛୁଟି ପ୍ରଚଳିତ ୧୦ ଦିନ ସାମୟିକ ଛୁଟି (ସିଏଲ୍) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି (ସ୍ପେଶାଲ ସିଏଲ୍) ସହିତ ପାଇପାରିବେ। ଏହି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି ସେମାନେ ମାସକୁ ଗୋଟିଏ ଦିନ ଲାଭ କରିପାରିବେ। ମହିଳାମାନଙ୍କ ରତୁସ୍ରାବ ଜନିତ କାରଣରୁ ଏହି ଅତିରିକ୍ତ ଛୁଟି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ଅତିରିକ୍ତ ସାମୟିକ ଛୁଟି ପୂର୍ବରୁ ୧୦ ଦିନ ପାଇଁ ମିଳୁଥିଲା।

# ନୂଆପଡ଼ାରେ ଉପସ୍ଥିତି ଜାହିର କଲେ ମାଓବାଦୀ

## ବର୍ତ୍ତିଲେ ଯବାନ, ବିସ୍ଫୋରକ ସାମଗ୍ରୀ ଜବତ

ନୂଆପଡ଼ା,୨୨।୧୦
(ମକାରୁ ବେମାଲ)

କିଛିମାସର ବ୍ୟବଧାନ ପରେ ନୂଆପଡ଼ା ଜିଲାରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ସିଆର୍‌ପିଏଫ୍ ଓ ଏସ୍‌ଓଜି ଯବାନ ମିଳିତ କୋମ୍ବିଂ ଅପରେଶନ କରୁଥିବାବେଳେ ଚେରେଚୂଆଁ ଖୋଲ ଜାମଗାଁ ଘାଟି ରାସ୍ତାରୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯବାନ। ମୁଖ୍ୟ ଘାଟି ରାସ୍ତାରେ ୨ଟି ଆଇଇଡି (ହାତ ତିଆରି ବୋମା) ସହ ୩ଟି ଡେଟୋନେଟର ଖଞ୍ଜାଯାଇଥିଲା। ଲୁହା ଓ କାଚ ଗୁଣ୍ଡ ସହ ୩ ଇଞ୍ଚ ଗୋଲେଇ, ୨୫.୫ ଇଞ୍ଚ ଲମ୍ବର ଲୁହା ପାଇପ୍‌ର ଗୋଟିଏ ପଟେ ପ୍ଲେଟ ଦେଇ ୱେଲଡିଂ ଦ୍ୱାରା ସିଲ୍ କରାଯାଇଥିଲା। ସେହି ପାଇପ୍ ଭିତରେ ଲୁହା ଓ କାଚ ଗୁଣ୍ଡରେ ତିଆରି ବିସ୍ଫୋରକ ସାମଗ୍ରୀ ରହିଥିଲା । ୧୨୬ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଓ କମାଣ୍ଡାଣ୍ଟ ଧନରାମ ଯାଦବଙ୍କ ନେତୃତ୍ୱରେ ଡି/୨୧୬ ବାଟାଲିୟନ, ସଦର ମହକୁମା ୨୧୬ ବାଟାଲିୟନ, ୧୯ ବାଟାଲିୟନ ସିଆର୍‌ପିଏଫ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ ଉଦ୍ୟମରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ୪ଦିନ ପୂର୍ବେ ସୁନାବେଡ଼ା ଅଭୟାରଣ୍ୟର ଆରାଧ୍ୟା ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ପାଇଁ ପ୍ରବଳ ଜନସମାଗମ ହୋଇଥିଲେ ମଧ୍ୟ କୌଣସି ଅଘଟଣ ଘଟି ନ ଥିଲା। ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଏହି ବୋମା ଖଞ୍ଜିଥିବା ଅନୁମାନ କରାଯାଉଛି। ଏହାପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇ ସୀମାବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇଥିବା ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଯୋଶଙ୍କଠାରୁ ସୂଚନା ମିଳିଛି।



# 'କାମ୍ ଦିଅ ନାହେଲେ ଦାଦନ୍ ଯିବୁ'




ଶ୍ରମିକମାନେ ବଲାଙ୍ଗୀର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରକୁ କୋଡ଼ି କୋଦଳ ଫିଙ୍ଗି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି(ବାମ), ଶ୍ରମିକମାନେ ରାଲିରେ ଯାଉଛନ୍ତି।

**ବଲାଙ୍ଗୀର,୨୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

- **କୋଡ଼ି, କୋଦାଳ, ଡାଲା, ଭାର ଧରି ଜିଲା ପରିଷଦ ଅଫିସ ଘେରିଲେ ଶ୍ରମିକ**
- **ରାଲିରେ ଆସିଲେ ବେଲପଡ଼ା ବ୍ଲକ୍ ଝରିଆମୁଣ୍ଡା ଗ୍ରାମର ଶ୍ରମିକ**
- **ଜିଲା ପରିଷଦ କାର୍ଯ୍ୟାଳୟ ଭିତରକୁ ଫିଙ୍ଗିଲେ କୋଡ଼ି, କୋଦାଳ**

ଗ୍ରାମପଞ୍ଚାୟତ ସ୍ତରରେ ବାରମ୍ବାର କାମ ଯୋଗାଇଦେବାକୁ ଅନୁରୋଧକରିବା ପରେ ମଧ୍ୟ କାମ ଦିଆ ନ ଯିବାର ପ୍ରତିବାଦ କରି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ସୁଲେଇକେଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝରିଆମୁଣ୍ଡା ଗାଁର ଶ୍ରମିକମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ କୋଡ଼ି, କୋଦଳ, ଡାଲା, ଭାର ଧରି ସ୍ଥାନୀୟ କୋଶଳ କଳା ମଣ୍ଡଳରୁ ଏକ ରାଲିରେ ଆସି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଜୟ କୋଶଲ୍ ନାରା ଦେବା ସହ କାମ ଦିଅ ନ ହେଲେ ରାଜ୍ୟ ବାହାରକୁ ଦାଦନ ଖଟି ଯିବୁ ବୋଲି ଶୁଣାଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀମାନେ ଜିଲା ପରିଷଦ କାର୍ଯ୍ୟାଳୟ ଗେଟ୍ ବନ୍ଦ କରିଦେବାରୁ ଶ୍ରମିକମାନେ ହାତରେ ଧରିଥିବା କୋଡ଼ି, କୋଦଳ, ଡାଲା ଓ ଭାରକୁ ଗେଟ୍ ଉପର ଦେଇ ଅଫିସ ହତା ଭିତରକୁ ଫିଙ୍ଗି ଦେଇଥିଲେ।

କୋଶଲବାଦୀ ଯୁବନେତା ସିଫୁନ୍ ଖମାରୀଙ୍କ ନେତୃତ୍ୱରେ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଝରିଆମୁଣ୍ଡାର ଶ୍ରମିକମାନେ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୩୦୦ ଦିନର କାମ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଏହି କଥାକୁ ବିଶ୍ୱାସକରି ଅନେକ ଲୋକ ରାଜ୍ୟ ବାହାରକୁ ଦାଦନ ଖଟି ଯାଇ ନ ଥିଲେ। ଗାଁରେ କାମ ମିଳିବ ବୋଲି ସେମାନଙ୍କୁ କୁହାଯାଇଥିଲା। ତେବେ ବାସ୍ତବ ଚିତ୍ର ଓଲଟା ରହିଛି। ଗରିବ ଶ୍ରେଣୀର ଲୋକେ ବାରମ୍ବାର କାମ ଯୋଗାଇଦେବାକୁ ଅନୁରୋଧ କରୁଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ କାମ ଦିଆଯାଉନାହିଁ। ଗ୍ରାମ ପଞ୍ଚାୟତ ସ୍ତରରେ ଲୋକଙ୍କୁ ଏଭଳି ପ୍ରତାରଣା କରିବା ପରେ ଅନେକ ଲୋକ ବାଧହୋଇ ରାଜ୍ୟ ବାହାରକୁ ପୁଣି ଥରେ ଦାଦନ ଖଟି ଗଲେଣି। ଯଦି ପ୍ରଶାସନ କାମ ଯୋଗାଇପାରିବ ନାହିଁ ତେବେ ସେମାନେ ବାଧହୋଇ ଦାଦନ ଖଟି ଯିବେ ଏବଂ ସେଠାରେ ଯାହା ଅଘଟଣ ଘଟିବ ପ୍ରଶାସନ ଦାୟୀ ରହିବ ବୋଲି ଶ୍ରମିକମାନେ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବେ ପ୍ରହସନ ପାଲଟିଛି। ଦାଦନ ଶ୍ରମିକଙ୍କୁ ସ୍ଥାନୀୟ ଅଞ୍ଚଳରେ କାମ ଯୋଗାଇ ଦେବାରେ ବିଫଳ ହୋଇଛି ବୋଲି ସେମାନେ କହିଛନ୍ତି। ରାଜ୍ୟ ବାହାରକୁ ଦାଦନ ଖଟି ଯିବା ଆଗରୁ ପ୍ରଶାସନକୁ ଚେତାଇ ଦେବାକୁ ସେମାନେ ପ୍ରତୀକାତ୍ମକ ଭାବେ କୋଡ଼ି, କୋଦଳ, ଡଲା ଭାର ଧରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି। କାମ ନ ମିଳିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି ବୋଲି ଶ୍ରମିକମାନେ ଜଣାଇଛନ୍ତି। ଯଥାଶୀଘ୍ର କାମ ଯୋଗାଇ ନ ଦେଲେ ସେମାନେ ରାଜ୍ୟ ବାହାରକୁ ଦାଦନ ଖଟି ଯିବାକୁ ବାଧହେବେ ବୋଲି କହିଛନ୍ତି। ଏହି ଅବସରରେ ଶ୍ରମିକମାନେ ଜିଲା ପରିଷଦ କାର୍ଯ୍ୟାଳୟରେ ଏକ ଦାବିପତ୍ର ଦେଇଥିଲେ। ଝରିଆମୁଣ୍ଡାର ନରେନ୍ଦ୍ର ନିଆଲ, କୁଳମଣି ନିଆଲ, ସୁଧୀର ନାଗ, କିଶୋର ବାଗ, ଗୌରାଙ୍ଗ ନିଆଲ, ଶତ୍ରୁଘ୍ନ ନିଆଲ, ଅର୍ଜୁନ ବାଗ, କରୁଣାକର ନିଆଲ, ଡାକ୍ତର ଦୀପ, କପୁରଚନ୍ ନିଆଲଙ୍କ ସମେତ ଅନ୍ୟମାନେ ରାଲି ଓ ବିକ୍ଷୋଭରେ ସାମିଲ ଥିଲେ।

## ୯ ଦାଦନ ଶ୍ରମିକ ଉଦ୍ଧାର



ଉଦ୍ଧାର ଦାଦନ ଶ୍ରମିକ ଓ ନାବାଳକ।

**ବେଲପଡ଼ା,୨୨।୧୦(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ବାଗଦୋର ଗ୍ରାମରେ ଚଢାଉ କରି ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୫ ଜଣ ପୁରୁଷ ଓ ୪ ଜଣ ମହିଳା ଅଛନ୍ତି । ଏହାଛଡା ସେମାନଙ୍କ ସହ ଯିବାକୁ ଥିବା ୯ ଜଣ ନାବାଳକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଉଦ୍ଧାର ଶ୍ରମିକମାନେ ଟିଟିଲାଗଡ ଥାନା ଅଧୀନ ଗୁଲମି ଗ୍ରାମର ବୋଲି ଜଣାଯାଇଛି। ବେଆଇନ ଭାବେ ସେମାନଙ୍କୁ ରାଜ୍ୟ ବାହାରକୁ ପଠାଯିବାର ଥିଲା। ଏହି ଘଟଣାରେ ସମ୍ପୃକ୍ତ ବାଗଦୋର ଗ୍ରାମର ଦାଦନ ସର୍ଦ୍ଦାର ଫେରାର ହୋଇଯାଇଥିବା ଜଣାଯାଇଛି । ଏହି ଶ୍ରମିକମାନଙ୍କୁ ୧୦ରୁ ୧୫ ହଜାର ଟଙ୍କା ଅଗ୍ରୀମ ଦେଇ ରାତିରେ ସେମାନଙ୍କୁ ହାଇଦ୍ରାବାଦ ଚାଲାଣ କରାଯିବାକୁ ଥିବା ବେଳେ ପୋଲିସ ଖବରପାଇ ଶ୍ରମିକମାନଙ୍କୁ ରଖାଯାଇଥିବା କ୍ୟାମ୍ପରେ ଚଢାଉ କରିଥିଲା। ଶ୍ରମିକଙ୍କୁ ଉଦ୍ଧାର ପରେ ରାତିରେ ସେମାନଙ୍କୁ ନିଜ ଗ୍ରାମରେ ପୋଲିସ ଛାଡ଼ିଛି । ଏ ନେଇ ଥାନାରେ ନଂ୨୯୭ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସୁରଭି ଏକ ପ୍ରୟାସ

**ଖପ୍ରାଖୋଲ,୨୨।୧୦(ଅଭୟ ତ୍ରିପାଠୀ)**

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ**

ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝୀ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହ ଶିକ୍ଷା ଅଧିକାରୀ ରୁଦ୍ର ଦେବ ଷଡ଼ଙ୍ଗୀ, ମିନିକେତନ ବରିହା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ପ୍ରୟାସ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଅୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ସ୍ତରର ପ୍ରତିଯୋଗୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଶ୍ରୁତଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ନମିତା ମଣ୍ଡଳ, ଖୁସିରାମ ସାହୁ, ଶ୍ରୀପତି କୁମ୍ଭାର, ଚୂଡ଼ାମଣି ବରିହା, ଶାନ୍ତନୁ କୁମାର ମିଶ୍ର, ସୁବାଷ ଚନ୍ଦ୍ର ନାଗ, ଦୀନବନ୍ଧୁ ବାଗ, ମିତ୍ରଭାନୁ ପଧାନ, ଟୁନୁ ଶବର, ଉପେନ୍ଦ୍ର ସୁନା, ଚକ୍ରଧର ଭୋଇ, ସତ୍ୟବ୍ରତ ବେହେରା, ସୁନୀଲ ମହାନନ୍ଦ, ଗୋକୁଳାନନ୍ଦ ମେହେର,ବିଘ୍ନରାଜ ପଧାନ, ସନାତନ ବାରିକଙ୍କ ସମେତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଫସଲ ଜଳ ଆକଳନ ତାଲିମ ଶିବିର

**ଦେଓଗାଁ,୨୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ) ସଂସ୍ଥା ପକ୍ଷରୁ କୃଷକମାନଙ୍କ ନିମନ୍ତେ ଫସଲ ଜଳ ଆକଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଓ ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ବଲାଙ୍ଗୀର ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟର କୃଷି ଅଧିକାରୀ ସୁଧାକର ନନ୍ଦ ଯୋଗଦେଇ ବର୍ତ୍ତମାନ ସମୟରେ ଫସଲ ଜଳ ଆକଳନ ନିତାନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଏହାଛଡା ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଗଚ୍ଛିତ ଜଳ ଅନୁସାରେ ଫସଲ ଚୟନ କରିବା ଚାଷୀମାନଙ୍କ ନିମନ୍ତେ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ଚାଷ ପାଇଁ ସମସ୍ତ ଚାଷୀ ସଚେତନ ହେବା ଆବଶ୍ୟକ ବୋଲି ଜିଲା କୃଷି ଅଧିକାରୀ ସେଠୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ଗୁଡଭେଲା ବ୍ଲକ ଏଫଇଏସର ମାଷ୍ଟର ଟ୍ରେନର ଭାଗବତ ନାହାକ ଓ ସ୍ଥାନୀୟ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଫସଲ ଜଳ ଆକଳନ ଉପରେ ଜଳ ଖେଳ ପ୍ରଦର୍ଶିତ କରି ଉପସ୍ଥିତ ସମସ୍ତ ପଞ୍ଚାୟତରୁ ଆସିଥିବା କୃଷକ ସାଥୀ, କୃଷି ମିତ୍ର ତଥା ଭିଏଡବ୍ଲ୍ୟୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଏଫଇଏସର ସ୍ଥାନୀୟ ମାଷ୍ଟର ଟ୍ରେନର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।




ଫସଲ ଜଳ ଆକଳନ ତାଲିମ ଶିବିର ଅବସରରେ ଉପସ୍ଥିତ ଅତିଥିଗଣ।

# ପଞ୍ଚାୟତ ସମିତି ବୈଠକ

**ପାଟଣାଗଡ,୨୨।୧୦(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ଅଧକ୍ଷା ଲକ୍ଷ୍ମୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ , ବଲାଙ୍ଗୀର ଲୋକସଭା ଏମପିଙ୍କ ପ୍ରତିନିଧି ଭାବେ କରନ ସରାଫ ଉପସ୍ଥିତ ଥିଲେ । ଏହି ବୈଠକରେ ବ୍ଲକର ବିଭିନ୍ନ ବିଭାଗର କାମ ଉପରେ ଆଲୋଚନା ହେବା ସହ ଲୋକେ କିପରି ତାର ସୁବିଧା ପାଇପାରିବେ ସେନେଇ ରାଜ୍ୟସଭା ସଦସ୍ୟ ବିଶି ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ମେନକା ମେହେର, ଜିପିଓ ସନ୍ତୋଷ କୁମାର ନାଏକ, ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଅଧିକାରୀଙ୍କ ଖୋଲାଣ ପଞ୍ଚାୟତ ଗସ୍ତ

**ଟିଟିଲାଗଡ଼,୨୨।୧୦(ଶରତ ମିଶ୍ର)**

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଠିକ ରୂପାୟନ ନେଇ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଖୋଲାଣ ପଞ୍ଚାୟତ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିପାରିଛି । ଏହି ପରିପ୍ରେକ୍ଷୀରେ ଅନେକ ବାର ରାଜ୍ୟ ତଥା କେନ୍ଦ୍ରର ସଚିବସ୍ତରୀୟ କମିଟି ଖୋଲାଣ ଗସ୍ତ କରିବା ସହ ଅଭିଭୂତ ହୋଇଛନ୍ତି । ଏହି କ୍ରମରେ ମଙ୍ଗଳବାର କେନ୍ଦ୍ରୀୟ ତଦାରଖ ଦଳ ଖୋଲାଣ ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ସହ ଉଚ୍ଚ ପ୍ରଶଂସା କରିଛନ୍ତି । କେନ୍ଦ୍ରୀୟ ଦଳରେ ରିଜିଓନାଲ ନିର୍ଦ୍ଦେଶକ ତେଜିନ୍ଦର କୁମ୍ଭାର, ବୈଜ୍ଞାନିକ (ସିଜିଡବ୍ଲୁ) ମୌସୁମୀ ସାହୁ ଖୋଲାଣ ପଞ୍ଚାୟତର ବହୁ ଚର୍ଚ୍ଚିତ ଅମୃତ ସରୋବର, ଗ୍ରାମୀଣ ପାର୍କ, ବ୍ରାହ୍ମଣୀ ପଡାର ଖଇରମୁଣ୍ଡା ଜଳାଶୟ, ସିଆଲଝୁଡୁଙ୍ଗିର ରିଙ୍ଗୱେଲ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ସରପଞ୍ଚ ନରେଶ ଅଗ୍ରୱାଲଙ୍କୁ ସଫଳ ପ୍ରୟାସ ପାଇଁ ଉତ୍ସାହିତ କରିଥିଲେ। କେନ୍ଦ୍ରୀୟ ଦଳଙ୍କ ଗସ୍ତ ଅବସରରେ ବଲାଙ୍ଗୀର ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ଏମଜିଏନଆରଇଜିଏସ୍ ସଂଯୋଜକ ପ୍ରୀତମ ପାଣିଗ୍ରାହୀ, ଟିଟିଲାଗଡ଼ ବିଡ଼ିଓ ସୁଶାନ୍ତ ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଧୀରେନ୍ଦ୍ର ସାହୁ, ଗ୍ରାମ ରୋଜଗାର ସେବକ ନିରଞ୍ଜନ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ପାଇଁ ସାହାଯ୍ୟ ମାଗିଲେ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ

**ଲୋଇସିଂହା,୨୨।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ବିନ୍ଧାପାଲି ଗ୍ରାମର ସରୋଜ ସାହୁଙ୍କ ଦେଢବର୍ଷର ଶିଶୁ କନ୍ୟା ଆରତୀ ସାହୁଙ୍କ ଜନ୍ମ ସମୟରୁ ଖାଦ୍ୟ ନଳୀ ନାହିଁ। ପାଇପ ଯୋଗେ ତାଙ୍କୁ ତରଳ ଖାଦ୍ୟ ଦିଆଯାଉଛି। ହେଲେ ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ତାମିଲନାଡୁର ଭେଲୋରସ୍ଥିତ ଖ୍ରୀଷ୍ଟିୟାନ ମେଡିକାଲ କଲେଜର ଡାକ୍ତରଙ୍କ କହିବା ଅନୁଯାୟୀ, ଏହି ଶିଶୁର ଅସ୍ତ୍ରୋପଚାର କରାଗଲେ ସଫଳ ହୋଇ ପାରିବ । କିନ୍ତୁ ଅଢେଇ ବର୍ଷ ମଧ୍ୟରେ ଏହା କରାଯିବା ଦରକାର। ହେଲେ ଆବଶ୍ୟକ ଟଙ୍କା ନ ଥିବାରୁ ଝିଅର କିପରି ଚିକିତ୍ସା ହେବ ସେହି ଚିନ୍ତାରେ ଆରତୀଙ୍କ ପରିବାର ଅଛନ୍ତି ।

ମଙ୍ଗଳବାର ଆରତୀଙ୍କ ମା' ଅନୁରାଧା ଓ ବାପା ସରୋଜ ଲୋଇସିଂହା ଷ୍ଟାଡିୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଝିଅର ଚିକିତ୍ସା ପାଇଁ ସହାୟତା କରିବାକୁ ନିବେଦନ କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆରତୀଙ୍କ ଚିକିତ୍ସା ନେଇ ଆଲୋଚନା କରିବାକୁ ବୁଧବାର ନଅଗାଁ(ଖ)ସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରିବାକୁ କୁହାଯାଇଛି । ଅପରପକ୍ଷେ ଝିଅର ଚିକିତ୍ସା ପାଇଁ ପରିବାର ଲୋକେ ସାହାଯ୍ୟ ଭିକ୍ଷା କରିଥିଲେ । ସ୍ଥାନୀୟ ଲୋକେ ମଧ୍ୟ ସହାନୁଭୂତି ଦେଖାଇ ଯଥାସାଧ୍ୟ ଆର୍ଥିକ ସହାୟତା କରିବା ଦେଖିବାକୁ ମିଳିଥିଲା ।

ପ୍ରକାଶ ଯେ, ୨୦୨୨ ମାର୍ଚ୍ଚରେ ଆଗଲପୁର ବ୍ଲକ ବିନ୍ଧାପାଲି ଗ୍ରାମର ଅନୁରାଧା ଓ ସରୋଜଙ୍କ କୋଳମଣ୍ଡନ କରିଥିଲେ ଆରତୀ। ବରଗଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆରତୀ ଜନ୍ମଗ୍ରହଣ କରିଥିବା ବେଳେ ଜନ୍ମରୁ ତାଙ୍କର ଖାଦ୍ୟନଳୀ ନ ଥିବା ଜଣାପଡିଥିଲା। ତଥାପି ହାର୍ ନ ମାନି ଅଦ୍ୟାବଧି ମା'ବାପା ଝିଅର ଯତ୍ନ ନେବାରେ କେବେ ହେଳା କରିନାହାନ୍ତି । କଟକ ଶିଶୁଭବନରେ ଆରତୀଙ୍କ ଚିକିତ୍ସା କରାଯାଇ ଅସ୍ଥାୟୀ ଭାବେ ଖାଦ୍ୟନଳୀ ଲଗାଯାଇଛି । ଏହି ଖାଦ୍ୟନଳୀ ଜରିଆରେ ଆରତୀଙ୍କୁ କେବଳ ତରଳ କ୍ଷୀର ପ୍ରଦାନ କରାଯାଇଛି। ଭେଲୋରସ୍ଥିତ ଖ୍ରୀଷ୍ଟିୟାନ ମେଡିକାଲ କଲେଜରେ ଏହାର ସଫଳ ଅସ୍ତ୍ରୋପଚାର ହେଉଥିବା ଜାଣି ସେଠାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେଇଥିବା ପରିବାର ଲୋକେ କହିଛନ୍ତି । ସରକାରଙ୍କ ସହଯୋଗ ମିଳିଲେ ଆମ ଝିଅ ନୂଆ ଜୀବନ ପାଇ ପାରିବ। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଲୋଇସିଂହା ଆସୁଥିବା ଜାଣି ତାଙ୍କୁ ସାକ୍ଷାତ କରି ଦୁଃଖ ଜଣାଇଥିବା ଆରତୀଙ୍କ ମା'ବାପା କହିଛନ୍ତି।



ମା' ବାପାଙ୍କ ସହ ଆରତୀ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ଲୋଇସିଂହା,୨୨।୧୦(ସୁଶାନ୍ତ ବାରିକ)**




ପ୍ରତିଯୋଗୀ ଏବଂ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିବା ଅତିଥି।

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, କ୍ରୀଡା ଶରୀର ଓ ମନକୁ ଫୁର୍ତ୍ତି ରଖିଥାଏ। ଏଣୁ ବିଦ୍ୟାର୍ଥୀ ନିୟମିତ କ୍ରୀଡା ଅଭ୍ୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ରାଜ୍ୟ ଓ ଜାତୀୟସ୍ତରକୁ ଉନ୍ନୀତ ହୋଇ ଜିଲାର ଗୌରବ ବଢାଇବାକୁ ଆହ୍ୱାନ ଜଣାଇଥିଲେ। ସେ ଆହୁରି କହିଥିଲେ, ରାଜ୍ୟ ସରକାର କ୍ରୀଡା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଖସଡା ପ୍ରସ୍ତୁତ କରୁଛନ୍ତି। ବ୍ଲକ ଓ ଜିଲାସ୍ତରରେ ଭିତ୍ତିଭୂମି ବିକାଶ ସାଙ୍ଗକୁ କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ମନସ୍ଥ କରିଥିବା ମୁଖ୍ୟଅତିଥି ମହାଲିଙ୍ଗ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଅଧକ୍ଷତା କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ପାତ୍ର, ସ୍ଥାନୀୟ ବିଇଓ ରୀନାକୁମାରୀ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ହରେକୃଷ୍ଣ ମହତାବ, ହାଇସ୍କୁଲ ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଇଓ ବେହେରା ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ରଖିଥିଲେ।

**୪୪ ବିଭାଗରେ ଭାଗନେଲେ ୨୯୩ ପ୍ରତିଯୋଗୀ**

ଭାଲେର ହାଇସ୍କୁଲର କ୍ରୀଡା ଶିକ୍ଷକ ହେମନ୍ତ ପ୍ରଧାନ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପାତ୍ର ସୂଚନା ଦେଇ କହିଥିଲେ ଯେ,୧୪ ବର୍ଷରୁ କମ ବାଳିକା ବର୍ଗରେ ୫୭ ଓ ବାଳକ ବର୍ଗରେ ୬୨ ଓ ୧୭ ବର୍ଷରୁ କମ ବାଳିକା ବର୍ଗରେ ୭୮ ଓ ବାଳକ ବର୍ଗରେ ୯୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ୪୪ ଗୋଟି ପ୍ରତିଯୋଗିତାରେ ଜିଲାର ୧୪ ବ୍ଲକରୁ ମୋଟ ୨୯୩ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ଏଥିପାଇଁ ୭୦ ଜଣ ମ୍ୟାନେଜର ଓ ୭୦ ଜଣ ଅଫିସିଆଲ ନିୟୋଜିତ ହୋଇଛନ୍ତି । ମଙ୍ଗଳବାର ୩୦୦୦ ମିଟର, ୧୦୦ ମିଟର, ୬୦୦ ମିଟର, ୨୦୦ ମିଟର, ୮୦୦ ମିଟର, ୪୦୦ ମିଟର ଦୌଡ ପ୍ରତିଯୋଗିତା ହୋଇଥିବା ବେଳେ ଥ୍ରୋରେ ସଟ୍ ଫୁଟ ଏବଂ ଜମ୍ପରେ ଲଙ୍ଗଜମ୍ପ ଓ ହାଇ ଜମ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଦିବସରେ ଜେଭଲିନ ଥ୍ରୋ, ଟ୍ରିପଲ ଜମ୍ପ, ଡିସକସ ଥ୍ରୋ, ୧୫୦୦ ମିଟର ଦୌଡ ଏବଂ ୪ ଇନ ଟୁ ୧୦୦ ମିଟର ରିଲେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଓପିଏସ୍‌ସି ପରୀକ୍ଷାରେ ସାହିଲଙ୍କ ସଫଳତା

ବରପାଲି,୨୨।୧୦(ଚିତ୍ତରଞ୍ଜନ ସାହୁ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ବରପାଲି ବ୍ଲକ ପାଟକୁଲୁଣ୍ଡା ଗ୍ରାମପଞ୍ଚାୟତର ବୁରୋମୁଣ୍ଡା ଗ୍ରାମର ବୁଦ୍ଧଦେବ ସାହୁଙ୍କ ପୁତ୍ର ସାହିଲ ସାହୁ ସଫଳତା ହାସଲ ହୋଇଛନ୍ତି। ସେ ଓଡ଼ିଶାରେ ୭୮ତମ ର୍‍ୟାଙ୍କ ରଖିଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସାହିଲ ବରପାଲି ସରସତୀ ଶିଶୁ ବିଦ୍ୟା ମନ୍ଦିରରୁ ଦଶମ ପାସ୍ କରିବା ପରେ ବରଗଡ଼ ବିକାଶ ଜୁନିୟର କଲେଜରେ ଯୁକ୍ତ ୨ ଓ ଲରମ୍ବା ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା କୃତିତ୍ୱର ସହ ଶେଷ କରିଥିଲେ। ପରେ ଓଡ଼ିଶା ସିଭିଲ ସର୍ଭିସ ପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। ଭବିଷ୍ୟତରେ ଗରୀବମାନଙ୍କ ହିତ ପାଇଁ କାର୍ଯ୍ୟ କରିବା ସହ ଜଣେ ସଚ୍ଚୋଟ ବ୍ୟକ୍ତି ଭାବେ ପରିଚୟ ସୃଷ୍ଟି କରିବା ତାଙ୍କ ଲକ୍ଷ୍ୟ ବୋଲି ସାହିଲ ପ୍ରକାଶ କରିଛନ୍ତି। ଏହି କୃତିତ୍ୱର ଶ୍ରେୟ ସେ ତାଙ୍କ ବାପା, ପରିବାର ବର୍ଗ ତଥା ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।



### ନୃସିଂହନାଥରେ ସଫେଇ ଅଭିଯାନ

ପାଇକମାଳ,୨୨।୧୦(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିସରକୁ ସୋମବାର ଇକୋ ପ୍ରୋଟେକ୍ସ ଫାଉଣ୍ଡେଶନ ତରଫରୁ ସଫେଇ କରାଯାଇଛି। ଫାଉଣ୍ଡେଶନର କର୍ମକର୍ତ୍ତାମାନେ ନୃସିଂହନାଥ ପୀଠକୁ ସ୍ୱଚ୍ଛ କରିବା ସହ ଡଷ୍ଟବିନ୍ ଲଗାଇଥିଲେ। ତେବେ ଏହି ପ୍ରାକୃତିକ ପରିବେଶ, ମନ୍ଦିର ପରିସର ଓ ଝରଣାକୁ ପର୍ଯ୍ୟଟକ କିପରି ସ୍ୱଚ୍ଛ ରଖିବେ ଏବଂ ପ୍ରଦୂଷଣ ଯୋଗୁ ଜଙ୍ଗଲର ପଶୁପକ୍ଷୀ, ବନସ୍ପତି ନଷ୍ଟ ନ ହେବେ ସେଥିପାଇଁ ଏହି ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସେମାନେ ଲୋକମାନଙ୍କୁ ସଚେତନ କରିଥିଲେ।

### ସାମାଜିକ ସଙ୍ଗଠକଙ୍କ ପରଲୋକ

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ ବିଶିପଡ଼ା ନିବାସୀ ସାମାଜିକ ସଙ୍ଗଠକ ଉପେନ୍ଦ୍ର ସିକନ୍ଦରଙ୍କ ପରଲୋକ ହୋଇଛି। ତାଙ୍କୁ ୬୫ବର୍ଷ ହୋଇଥିଲା। ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଥିଲା। ସ୍ୱର୍ଗତ ସିକନ୍ଦର ଛାତ୍ର ଜୀବନରୁ ମେଳାପୀ ଥିଲେ। ଜିଲା ଆମ୍ବେଡ଼କର ବିଚାର ମଞ୍ଚ, ରାଷ୍ଟ୍ରୀୟ ବୌଦ୍ଧ ମହାସଭା, ସୋଫା ସମେତ ବିଭିନ୍ନ ସାମାଜିକ ସଙ୍ଗଠନରେ ସେ ଜଣେ ସକ୍ରିୟ ସଙ୍ଗଠକ ଏବଂ ସଦସ୍ୟ ଭାବେ ରହିଥିଲେ। ଗଣବିବାହ, ରକ୍ତଦାନ, ରୋଗୀ କଲ୍ୟାଣ ଭଳି କାମ କରୁଥିଲେ। ଏହାସହିତ ସେ ଜଣେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ ଏବଂ କ୍ରୀଡ଼ାବିତ୍ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ପୁଅ ଅଙ୍କିତ ମୁଖାଗ୍ନି ଦେଇଥିଲେ।



### ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅଭିନବ କାର୍ଯ୍ୟକ୍ରମ



ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଜାତୀୟ କଲର, ପିସ୍ତା ବାଦାମ ଏବଂ ଅଖରୋଟ୍ ଦିବସ ଭଳି ଅଭିନବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମଞ୍ଚର ଆବାହକ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପିସ୍ତା ବାଦାମ, ଅଖରୋଟ୍ ଖାଇବା ପାଇଁ ଦିଆଯାଇଥିଲା। ଏହାସହିତ ଖାତା ଏବଂ ବିଭିନ୍ନ ରଙ୍ଗର ସ୍କେଚ୍ ପେନ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ ମୁଖ୍ୟଅତିଥି, ସର୍ଦ୍ଦାର ପ୍ରୀତମ ସିଂ, ଆଶୁତୋଷ ରଥ, ରାଧା ଅଗ୍ରୱାଲ, ନିରଞ୍ଜନ ବିଶ୍ୱାଳ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ସାହୁ, ଅଭୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ନେପାଳ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରକ୍ଷା ଦାବିକଲେ ଯୋଗାଣ ସହାୟକ

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଯୋଗାଣ ସହାୟକ ସଂଘ ସୁରକ୍ଷା ଦାବି କରିଛି। ଏହି ଦାବି ନେଇ ମଙ୍ଗଳବାର ସଂଘର କର୍ମକର୍ତ୍ତା ଏବଂ ସଭ୍ୟମାନେ ମଙ୍ଗଳବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଜିଲାପାଳ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ୧୨ବର୍ଷ ହେଲା ଯୋଗାଣ ସହାୟକମାନେ ବିଭିନ୍ନ ପଞ୍ଚାୟତରେ ନିୟୋଜିତ ଅଛନ୍ତି। ପିଡ଼ିଏସ୍ ସାମଗ୍ରୀ ବଣ୍ଟନ ସହିତ ସେମାନେ ଅନ୍ୟାନ୍ୟ କାମ କରିଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ବର୍ତ୍ତମାନ ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି କାର୍ଯ୍ୟ ଚାଲୁଛି। ଏହି ପ୍ରକ୍ରିୟାରେ ସର୍ଭର, ମେଶିନ ତଥା ଅନ୍ୟାନ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରକ୍ରିୟା ବିଳମ୍ବ ହେଉଛି ଏବଂ ଏଥିପାଇଁ ଯୋଗାଣ ସହାୟକମାନଙ୍କୁ ଜନ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡୁଛି। କେତେକ ସ୍ଥାନରେ ଯୋଗାଣ ସହାୟକମାନଙ୍କୁ ଧମକଚମକ ମଧ୍ୟ ଦିଆଯାଉଛି। ଗତ ୧୦ତାରିଖରେ ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁ ପଞ୍ଚାୟତର ଯୋଗାଣ ସହାୟକ ନିଶିକାନ୍ତ ମହାପାତ୍ରଙ୍କୁ ଦିନ ଦ୍ୱିପ୍ରହରରେ ଛୁରାମାଡ଼ ହୋଇଛି। ଏ ନେଇ ଥାନାରେ ମଧ୍ୟ ମାମଲା ରୁଜୁ ହୋଇଛି। ଆଗକୁ ପୁଣି ପିଓଏସ୍ ମେଶିନରେ ଓଜନ ଏବଂ ମାପ ମେଶିନ ସଂଲଗ୍ନ ହେବାକୁ ଯାଉଛି। ଏହା ଏକ ବିଳମ୍ବିତ ପ୍ରକ୍ରିୟା ଏବଂ ଏଥିପାଇଁ ମଧ୍ୟ ଯୋଗାଣ ସହାୟକମାନଙ୍କୁ ଜନଆକ୍ରୋଶର ସମ୍ମୁଖୀନ ହେବା ଆଶଙ୍କା ଦେଖାଯାଇଛି ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ଏଭଳି ସ୍ଥିତିରେ ସମସ୍ତ କାର୍ଯ୍ୟରତ ଯୋଗାଣ ସହାୟକମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ ଦାବି କରିଛି। ସଂଘ ସଭାପତି ମୋତିଲାଲ ସାହୁ, ସମ୍ପାଦକ ତ୍ରିନାଥ ବାରିକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୋଗାଣ ସହାୟକ ସଂଘର ପ୍ରତିନିଧିବୃନ୍ଦ।

## ଶିବିରରେ ୭୧ ରୋଗୀଙ୍କ ଚକ୍ଷୁ ପରୀକ୍ଷା ହେଲା

ବରପାଲି,୨୨।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ସରସ୍ୱତୀ ସଂଘ ଓ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ବରପାଲି ବ୍ଲକ ଭଟିଗାଁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୧ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୮ଜଣଙ୍କ ଅସ୍ତ୍ରୋପଚାର ପାଇଁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁଙ୍କ ନେତୃତ୍ୱରେ ଧନେଶ୍ୱର ସିଂହ, ସଚିନ ସିଂହ, ଶିକ୍ଷକ ଯଶୋବନ୍ତ ପୂଜାରୀ, ପ୍ରକାଶ ବାରିକ, ଦେବେନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଚକ୍ଷୁ ଚିକିତ୍ସାଳୟର ଧର୍ମୁ ମହାନନ୍ଦ, ଜଗାବଳିଆ ସାହୁ, ଚନ୍ଦ୍ରଶେଖର ନନ୍ଦ, ଦୈତାରୀ ଅମାତ, ମୋନାଲିସା ସାହୁ, ଶୁଭଲକ୍ଷ୍ମୀ ଭୁକ୍ତା, ଉମା ପାଇକ ପ୍ରମୁଖ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ସରସତୀ ସଂଘର ଲୀଳାବତୀ ତ୍ରିପାଠୀ, ଘରଯୁଗୀ ଗଡତିଆ, ସୁନିତା ମୁଣ୍ଡ, ସୁମନା ଦାଶ, ସ୍ନିଗ୍ଧାରାଣୀ ଦେବତା, ନିବେଦିତା ସାହୁ, ଅଯୋଧ୍ୟା ଦାଶ, ସବିତା ଦାଶ, ସୁକାନ୍ତି ମେହେର, ଚାନ୍ଦିନୀ ମେହେର, ପୂର୍ଣ୍ଣିମା ମେହେର, ସୌଦାମିନୀ ଖଟୁଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସସୀମ ପଧାନ, ନୂତନ ପଧାନ, ମୃତ୍ୟୁଞ୍ଜୟ ସାହୁ, ତିରୋଥ ପଧାନ, ହରି ଭକ୍ତ ସାହୁ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ସରସତୀ ସଂଘ ସମ୍ପାଦିକା ସୁନିତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




ଶିବିରରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ଜଳସେଚନ ପ୍ରକଳ୍ପକୁ ହେଉନି ବିଦ୍ୟୁତ୍ ସଂଯୋଗ




ଚାଷୀ ପ୍ରତିନିଧିମାନେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି।

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଅଣଜଳସେଚିତ ଅଞ୍ଚଳକୁ ଜଳସେଚନ ପାଇଁ ବିଭିନ୍ନ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଚାଷୀମାନେ ପ୍ରକଳ୍ପର ସୁଫଳ ପାଇ ପାରୁନାହାନ୍ତି। ଅନ୍ୟପଟେ ପାଣି ଅଭାବରୁ ଫସଲ ନଷ୍ଟ ହେଉଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାର ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ, ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ପ୍ରତିନିଧି ଉଠା ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ। ଚାଷୀ ପ୍ରତିନିଧି ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଯୋଗୁ ଉପୁଜିଥିବା ସମସ୍ୟା ଉପରେ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ତେବେ ଆବଶ୍ୟକ ବିଦ୍ୟୁତ୍ ମୁତାବକ ଗ୍ରୀଡ୍ ଖୋଲାଯାଇ ନ ଥିବା ଯୋଗୁ ବିଦ୍ୟୁତ୍ ସଂଯୋଗ ହୋଇ ପାରି ନ ଥିବା ଏବଂ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଛି ବୋଲି ତ୍ରିପାଠୀ କହିଥିଲେ। ସେହିପରି ଯେଉଁମାନେ ସୋଲାର ଗଭୀର ନଳକୂପ ପାଇଁ ଆବେଦନ କରିଛନ୍ତି ଚଳିତବର୍ଷ ପର୍ଯ୍ୟାୟକ୍ରମେ ସେମାନଙ୍କ ଗଭୀର ନଳକୂପ ଖୋଳାଯିବ ବୋଲି ସେ କହିଥିଲେ। ଚାଷୀ ପ୍ରତିନିଧି ରବିଶଙ୍କର ପ୍ରଧାନ, ଲୁକେଶ ପ୍ରଧାନ, ଭଗବାନ ପ୍ରଧାନ, ଗୋପବନ୍ଧୁ ସାହୁ, ଜୟକାନ୍ତ ପ୍ରଧାନ, ବିରେନ ରଥ, ପ୍ରଭାତ ସାହୁ, ପ୍ରେମ ସାହୁ, ରମେଶ ମହାପାତ୍ର ପ୍ରମୁଖ ଆଲୋଚନାବେଳେ ଉପସ୍ଥିତ ଥିଲେ।

## ପାଇକମାଳ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପାଇକମାଳ,୨୨।୧୦(ବଡ଼ ଶତପଥୀ)

ପାଇକମାଳ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଡୁମେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ସମିତି ସଭ୍ୟ ରସୁଲ ରଙ୍ଗରେଜ, ଏବିଇଓ ରାଧେଶ୍ୟାମ ବେହେରା, ଧଳେନ୍ଦ୍ର ବାରିକ, ବଡ଼ ସତପଥୀ ଓ ସୁରଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକର ସମସ୍ତ କ୍ଲଷ୍ଟରରୁ ବକ୍ତୃତା, କୁଇଜ, ବିତର୍କ, ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଓ ଲୋକକଳାକୁ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡିଇଓ ରାଧାକାନ୍ତ ଛତ୍ରୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଶଙ୍କର କନ୍ଧେର, ସନ୍ତୋଷ କନ୍ଧେର, ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ଶିକ୍ଷୟିତ୍ରୀ କାନ୍ତି ଲୁହାର, ସିଆର୍‌ସିସି ଉଗ୍ରସେନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ହୃଷୀକେଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁ ମୁଖ୍ୟ ଅତିଥି, ଏଡିଇଓ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ବାଳିକା ଦିବସ ପାଳିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପଦ୍ମପୁର,୨୨।୧୦ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ସଭାରେ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବ କୁମାର ଯୋଶୀ ଓ ରାମ ସିଂ ଭୋଇ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ବିଚାରକ ଭାବେ ଶିକ୍ଷକ ବୃନ୍ଦାବନ ଦାଶ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜୀବନାନନ୍ଦ ସାହୁ, ଶିକ୍ଷକ ଗୋବିନ୍ଦ ସାହୁ, ସିଆର୍‌ସିସି ନେତ୍ରାନନ୍ଦ ସାହୁ ଓ ସଞ୍ଜୀବ ବାରିକ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନେ ବୁଧବାର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

# ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)

ବିଦ୍ୟୁତ୍ ବିଭ୍ରାଟ ତଥା ବିଦ୍ୟୁତ୍ ବିତରକ କମ୍ପାନୀର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବୁଧବାର ବରଗଡ଼-ସୋହେଲା ରାସ୍ତାର କେନ୍ଦପାଲି ଛକରେ ଜାତୀୟ ରାଜପଥ ଅବରୋଧ କରିବାକୁ ଅଞ୍ଚଳର ଲୋକେ ନିଷ୍ପତ୍ତି ନେଇଥିଲେ। ତେବେ ମଙ୍ଗଳବାର ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପ୍ରକାଶ ଯେ, ମାତ୍ରାଧିକ ବିଦ୍ୟୁତ ବିଲ୍, ବାରମ୍ବାର ବିଦ୍ୟୁତ ବିଭ୍ରାଟ, ବିଲ୍ ନ ଦେଲେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯିବା ପ୍ରତିବାଦରେ ଗତ ଅଗଷ୍ଟ ମାସରେ କେନ୍ଦପାଲି ଅଞ୍ଚଳର ଲୋକେ ବିଦ୍ୟୁତ୍ ମିଟର ଖୋଲି ବିଶିପାଲି ଗ୍ରୀଡ୍‌ରେ ଜମା ଦେଇଥିଲେ। ପରେ ଏହାକୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍ ଦେୟ ଦେଇ ନ ପାରିଲେ ମଧ୍ୟ ବିଦ୍ୟୁତ ସେବା ବିଚ୍ଛିନ୍ନ ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେହି ନିଷ୍ପତ୍ତିକୁ ଭ୍ରୂକ୍ଷେପ ନ କରି ଅଞ୍ଚଳରେ ଜାଣିଶୁଣି ବିଦ୍ୟୁତ ସେବାକୁ ବ୍ୟାହତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ମାତ୍ର ଆଲୋଚନା ପରେ ତାକୁ ସ୍ଥଗିତ ରଖାଯାଇଛି। ସେହିପରି ଆଲୋଚନାରେ ଚାଷୀନେତା ରମେଶ ମହାପାତ୍ରଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର, ଏ ସମ୍ପର୍କିତ ଅନ୍ୟ ମାମଲା ପ୍ରତ୍ୟାହାର, ଗ୍ରୀଡ୍ କର୍ମଚାରୀଙ୍କ ବଦଳି, ବିଦ୍ୟୁତ୍ ବିଭ୍ରାଟର ସମାଧାନ ଆଦି ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ବିଦ୍ୟୁତ ବିତରଣ କମ୍ପାନୀର ଅଧିକାରୀ ସୁରେନ୍ଦ୍ର ହୋତା, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ, ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ସୋହେଲା ଥାନାଧିକାରୀ ଶଶୀଭୂଷଣ ମିଶ୍ର, ଗ୍ରାମବାସୀଙ୍କ ତରଫରୁ ରବିଶଙ୍କର ପ୍ରଧାନ, ତରୁଣ ନାୟକ, ବିରେନ୍ଦ୍ର ରଥ, ଶ୍ରୀଗିଡ଼ା ସରପଞ୍ଚ ଲୁକେଶ ପ୍ରଧାନ, ବାଇପାଲିର ଗୋପବନ୍ଧୁ ସାହୁ, ଜୟକାନ୍ତ ପ୍ରଧାନ, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଏସ୍‌ପିଙ୍କ ସହିତ ଗ୍ରାମବାସୀଙ୍କ ଆଲୋଚନା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଝାରବନ୍ଧ,୨୨।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଏମ୍‌ପି ପ୍ରତିନିଧି ହରିହର ସାହୁ, ଏବିଇଓ ଦୟାନିଧି କୈବର୍ତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରବନ୍ଧ, ବକ୍ତୃତା, ଗୀତ, ନୃତ୍ୟ, ଚିତ୍ରାଙ୍କନରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଏବିଇଓ ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ଗୋପାଳ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## କାର୍ଯ୍ୟକ୍ଷମ ହେଉନି ଅତ୍ୟାଧୁନିକ ଶ୍ମଶାନ

ପଦ୍ମପୁର, ୨୨।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନ୍‌ଏସି ଅଞ୍ଚଳରେ ଶବଦାହ ପାଇଁ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଶ୍ମଶାନ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଦୀର୍ଘଦିନ ହେବ ଏହାର କାମ ସରିଥିବା ବେଳେ କେବେ କାର୍ଯ୍ୟକ୍ଷମ ସେ ନେଇ ଅନିଶ୍ଚିତତା ଲାଗିରହିଛି। ସହରରେ ଶବ ସତ୍କାର ପାଇଁ ଉପଯୁକ୍ତ ସ୍ଥାନ ନ ଥିଲା। ଫଳରେ ଅତ୍ୟାଧୁନିକ ଶ୍ମଶାନ ପାଇଁ ଲୋକେ ଦାବି କରିଥିଲେ। ସେହି ଅନୁସାରେ ରଜାପଡା ରଜା ଜୋର ପାର୍ଶ୍ୱରେ ପ୍ରାୟ ୮୫ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଶ୍ମଶାନ ନିର୍ମାଣ ହୋଇସାରିଛି। ମାତ୍ର ଏହା କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ସହରବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କୁ ପଚରାଯିବାରୁ ସେ କହିଥିଲେ, ଏହି ଅତ୍ୟାଧୁନିକ ଶ୍ମଶାନର ସୌନ୍ଦର୍ଯ୍ୟକରଣ ସହିତ ପେଭର ବ୍ଲକ ରାସ୍ତା ନିମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଏହି କାମ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବ ଓ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି ।



# ବିସ୍ଥାପନ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଖୋଲା ପଞ୍ଚାୟତ ଅନ୍ତର୍ଗତ କୁରୁମକେଲ, ଭୁଡୁଲି ଏବଂ ରେଙ୍ଗାଲି ଗ୍ରାମର ବିସ୍ଥାପିତ ପରିବାର ଲୋକେ ଏବେ ମଧ୍ୟ ବିଭିନ୍ନ ସମସ୍ୟାରେ ରହିଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ବିସ୍ଥାପିତ ଲୋକେ ମଙ୍ଗଳବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବନ ବିଭାଗ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାର ଲୋକେ ଚକ୍ରାମାଳସ୍ଥିତ ଅସ୍ଥାୟୀ ବାସଗୃହରେ ରହୁଛନ୍ତି। ସମସ୍ତ ପରିବାରକୁ ବିଜୁ ପକ୍କାଘର ଘର ମିଳିଛି। ଘର ଗୁଡ଼ିକ ନିର୍ମାଣାଧୀନ ରହିଛି। ନୂତନ ବସ୍ତିରେ ୮ନଳକୂଅ ଥିବାବେଳେ ଗାଁ ଖୁଲି ରାସ୍ତାରେ ନଳକୂପ ଖନନ କରାଯାଇନାହିଁ। ସେହିପରି ଅନେକ ନଳକୂଅ ଅଚଳାବସ୍ଥାରେ ରହିଥିବା ଏବଂ ରାସ୍ତା, ବିଦ୍ୟୁତ୍ ଅବ୍ୟବସ୍ଥା ମଧ୍ୟ ରହିଛି ବୋଲି ପଡ଼ାବାସୀ କହିଛନ୍ତି। ସେହିପରି ବିଜୁ ପକ୍କାଘର ବାବଦକୁ ଟଙ୍କା ମଧ୍ୟ ନିର୍ଦ୍ଧାରିତ ସମୟରେ ସେମାନଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ ବୋଲି ବିସ୍ଥାପିତ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଭିନ୍ନ ଆଳ ଦେଖାଇ ସମ୍ପୃକ୍ତ ଅଧିକାରୀ କେବଳ ସମୟ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି। ବିଜୁ ପକ୍କାଘର ବାବଦ ଟଙ୍କା ମିଳି ନ ଥିବା ଯୋଗୁ ବହୁ ହଟହଟା ହେବାକୁ ପଡୁଛି ବୋଲି ବିସ୍ଥାପିତ ଲୋକେ କହିଛନ୍ତି। ଫଳରେ ଉକ୍ତ ସମସ୍ୟା ସମୂହର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବୁଦ୍ଧଦେବ ସାହୁ, ଚତୁର୍ଭୁଜ ବାଗ, ନରେଶ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିସ୍ଥାପିତ ପରିବାର ଲୋକେ।

## ସୁପ୍ତ ପ୍ରତିଭା ପ୍ରସ୍ଫୁଟିତ କରେ ସୁରଭି

ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ): ବିଶ୍ରା ଗୋଷ୍ଠୀ ଉନ୍ନୟନ ଶିକ୍ଷା ମଣ୍ଡଳ ଓ ଝିରପାଣି ସରକାରୀ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ରା ବିଡ଼ିଓ ସଦାନନ୍ଦ ପ୍ରଧାନ ଓ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ତିର୍କୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିକାଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମନୋଜ କୁମାର ସାମଲ, ସମ୍ମାନୀତ ଅତିଥି ଭାବେ ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟା, ପ୍ରଧାନ ଶିକ୍ଷକ ସୁପ୍ରଭାତ କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ, ବିଶ୍ରା ଏବିଇଓ ସତ୍ୟଭାମା ବେହେରା, ଜିଲା ପରିଷଦ ସଭ୍ୟା ଦଶମୀ ମିଞ୍ଜ ଓ ସମିତି ସଭ୍ୟା ପ୍ରତିମା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟା, ପ୍ରଧାନ ଶିକ୍ଷୟିତ୍ରୀ ସୁବାଷୀ ଟପ୍ପୋ, ଏବିଇଓ ଆରତୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ ଓ ଧୀରପାଣି ସରପଞ୍ଚ ଅଜିତ ତିର୍କୀ ଯୋଗ ଦେଇଥିଲେ।

# ୫ ବର୍ଷରେ ମଲେଣି ୧୨ ହାତୀ, ୪୮ ମଣିଷ

ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ)


ବିଶ୍ରା ସଂରକ୍ଷିତ ଅଞ୍ଚଳରେ ହାତୀପଲ।

**ରାଉରକେଲା ବନାଞ୍ଚଳ**

ରାଉରକେଲା ବନଖଣ୍ଡ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ଯୋଗୁ ହାତୀ ମଣିଷ ଲଢେଇ ଦିନକୁ ଦିନ ବଢିବାରେ ଲାଗିଛି। କେତେବେଳେ ହାତୀ ଆକ୍ରମଣରେ ମଣିଷଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ମଣିଷ ହାତୀ ଶିକାର କରୁଛି। ଏଭଳି ଭାବେ ଏହି ବନାଞ୍ଚଳରେ ଗତ ୫ବର୍ଷ ମଧ୍ୟରେ ୧୨ଟି ହାତୀ ମରିଥିବା ବେଳେ ୪୮ଜଣ ମଣିଷ ମୃତ୍ୟୁବରଣ କରିଥିବା ଜଣାପଡିଛି।

ସୂଚନା ଅନୁସାରେ, ରାଉରକେଲା ବନଖଣ୍ଡ ଅଧୀନରେ ମୋଟ ୮୬ଟି ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲ ସଂଲଗ୍ନ ବହୁ ରାଜସ୍ୱ ଗ୍ରାମ, ହଜାର ହଜାର ଏକର ଚାଷଜମି ଏବଂ ଜନବସତି ଅଛି। ରାଉରକେଲା ବନଖଣ୍ଡ ବିଭାଗର ସୂଚନା ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୦-୨୧ରେ ୮ଜଣ, ୨୦୨୧-୨୨ରେ ୬ଜଣ, ୨୦୨୨-୨୩ରେ ୧୦ଜଣ, ୨୦୨୩-୨୪ରେ ୮ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୯ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଗତ ୫ଦିନ ମଧ୍ୟରେ ନୂଆଗାଁ ବ୍ଲକ କେନ୍ଦରକେଲା ଗ୍ରାମର ପ୍ରଦୀପ ବିଲୁଙ୍ଗ ଓ ଲୁକୁମରା ଗ୍ରାମର ସୁନୀଲ ବାଗେ ଏବଂ ଲାଠିକଟା ବ୍ଲକ ବୀରକେରା ଗ୍ରାମର ଅଜିତ ବାରାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ରାଉରକେଲା ବନଖଣ୍ଡ ଅଞ୍ଚଳରେ ୨୦୧୯ରେ ୪ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ରେ ୨ଟି, ୨୦୨୧ରେ ୨ଟି, ୨୦୨୨ରେ ୩ଟି, ଏବଂ ୨୦୨୪ରେ (ବର୍ତ୍ତମାନ ସୁଦ୍ଧା) ଗୋଟିଏ ହାତୀର ମୃତ୍ୟୁ ଘଟିଛି। ୨୦୨୩ରେ ହାତୀ ମୃତ୍ୟୁସଂଖ୍ୟା ଶୂନ ରହିଛି। ତେବେ ୫ବର୍ଷ ମଧ୍ୟରେ ମୋଟ ୧୨ଟି ହାତୀ ଓ ୪୮ଜଣ ମଣିଷଙ୍କ ମୃତ୍ୟୁ ଘଟିଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି।

ଏ ନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କୁହନ୍ତି, ରାଉରକେଲା ବନଖଣ୍ଡ ଅଧୀନ ୮୬ଟି ସଂରକ୍ଷିତ ଜଙ୍ଗଲରେ ବର୍ତ୍ତମାନ ୮୦ରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ପ୍ରାୟ ସମୟରେ ଖାଦ୍ୟ ଅନ୍ୱେଷଣ ପାଇଁ ହାତୀପଲ ଜନବସତି ମୁହାଁ ହୁଅନ୍ତି। ଏଣୁ ବିଭାଗ ପକ୍ଷରୁ ବାରମ୍ବାର ଲୋକଙ୍କୁ ସତର୍କ କରାଯିବା ସହ ହାତୀ ଆସିବା ଖବର ପାଇଲେ ବନ ବିଭାଗକୁ ଅବଗତ କରାଇବାକୁ ଅନୁରୋଧ କରାଯାଉଛି। ରାତି ସାରା ବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ନିଆଁ ଜାଳି ପ୍ରହରା ଦିଆଯାଉଛି। ଯେପରି ଧନଜୀବନ ହାନି ନ ହେବ ସେ ନେଇ ବିଭାଗ ସର୍ବଦା ସଜାଗ ରହୁଛି। ମାତ୍ର କିଛି ଲୋକ ବିଭାଗର ନିବେଦନକୁ ପ୍ରତ୍ୟାଖ୍ୟାନ କରି ହାତୀପଲ ବିଚରଣ କରୁଥିବା ଅଞ୍ଚଳକୁ ଯାଉଥିବା ଯୋଗୁ ଅଘଟଣ ଘଟୁଛି। ଏଭଳି ଅଘଟଣ ରୋକିବା ପାଇଁ ହେଲେ ବିଭାଗକୁ ଲୋକଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେଠୀ କହିଥିଲେ।

# ଆପୋସ ବୁଝାମଣା ପରେ ଚାଲିଲା ବସ୍


ମୋ ବସ୍ ଡ୍ରାଇଭର ଓ ଯୁବକଙ୍କ ମଧ୍ୟରେ ବଚସା ହେଉଛି।

ରାଉରକେଲା,୨୨।୧୦(ଦିନେଶ ମିଶ୍ର)

**ମୋ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ**

ରାସ୍ତା ଉପରେ ଶୋଇଥିବା ଏକ ବୁଲା କୁକୁର ଦେହରେ ମୋ ବସ୍ ଲାଗିଯିବାରୁ ରାଉରକେଲା ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀ ରୋଡ୍ ଅଞ୍ଚଳରେ ଉକ୍ତ ବସ୍ ଡ୍ରାଇଭର ପ୍ରବୀଣ ଏକ୍କା(୩୨)ଙ୍କୁ କିଛି ଯୁବକ ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ନେଇ ମୋ ବସ୍‌ର ସମସ୍ତ ଡ୍ରାଇଭର ଗାଡ଼ି ରଖି ଆନ୍ଦୋଳନ କରିଥିଲେ। ଖବର ପାଇ ପୋଲିସ ଆନ୍ଦୋଳନରତ ଡ୍ରାଇଭରମାନଙ୍କୁ ବୁଝାଶୁଝା କରି ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁସାରେ, ମଧ୍ୟାହ୍ନ ସାଢେ ୧୨ଟାରେ ମୋ ବସ୍ ନମ୍ବର-୧୦୭ ରାଉରକେଲା ବସ୍‌ଷ୍ଟାଣ୍ଡରୁ ବାହାରି ବିଶ୍ରା ଯାଉଥିଲା। ଏହି ସମୟରେ ବସ୍‌ଟି ରାସ୍ତା ଉପରେ ଶୋଇଥିବା ଏକ ବୁଲା କୁକୁର ଦେହରେ ଲାଗି ଯାଇଥିଲା। ଏହା ଦେଖି ଗାନ୍ଧୀ ରୋଡ୍ ଅଞ୍ଚଳର କିଛି ଯୁବକ ମୋ ବସ୍ ଡ୍ରାଇଭର ପ୍ରବୀଣଙ୍କୁ ଆକ୍ରମଣ କରିଥିଲେ। ପରେ ପ୍ରବୀଣ ରକ୍ତାକ୍ତ ଅବସ୍ଥାରେ ମୋ ବସ୍‌ର ଅନ୍ୟ ଡ୍ରାଇଭରମାନଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଖବର ପାଇବା ପରେ ସମସ୍ତ ରୁଟ୍‌ର ବସ୍‌ଗୁଡିକ ଆସି ରାଉରକେଲା ବସ୍‌ଷ୍ଟାଣ୍ଡରେ ଏକାଠି ହେବା ସହ ଡ୍ରାଇଭରମାନେ ବସ୍ ଚଳାଚଳ ବନ୍ଦ କରିଦେଇଥିଲେ। ଯେପର୍ଯ୍ୟନ୍ତ ଆକ୍ରମଣକାରୀମାନଙ୍କୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ମୋ ବସ୍ ଗଡିବ ନାହିଁ ବୋଲି ସେମାନେ କହିବା ସହ ବସ୍‌ଷ୍ଟାଣ୍ଡରେ ଥିବା ଫାଣ୍ଡି ଘେରାଉ କରିଥିଲେ। ଘଟଣାସ୍ଥଳରେ ରାଉରକେଲା ଡିଏସ୍‌ପି ନିର୍ମଳ ମହାପାତ୍ର ଓ ପ୍ଲାଣ୍ଟସାଇଟ୍ ଥାନାଧିକାରୀ ଜୟନାରାୟଣ ଖଣ୍ଡେଇ ପହଞ୍ଚି ମୋ ବସ୍ ଡ୍ରାଇଭଙ୍କରୁ ବୁଝାଶୁଝା କରିଥିଲେ ଏବଂ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବସ୍ ଚଳାଚଳ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୮୫୧/୨୨) ରୁଜୁ କରିଛି।

## ଭାଇବ୍ରାଣ୍ଟ ଡିଜିଟାଲ ଓଜନମାପ ଯନ୍ତ୍ର ପ୍ରଦାନ

ରାଉରକେଲା,୨୨।୧୦(ଦିନେଶ ମିଶ୍ର)

ରୋଟାରି କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ପକ୍ଷରୁ ଜଲଦା ସି ବ୍ଲକ ହାଟରେ କିଛି ଆର୍ଥିକ ଅନଗ୍ରସର ବ୍ୟବସାୟୀଙ୍କୁ ଡିଜିଟାଲ ଓଜନ ମାପଯନ୍ତ୍ର ପ୍ରଦାନ କରାଯାଇଛି। ରୋଟାରିଆନ ପ୍ରଦ୍ୟୁମ୍ନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ସଭାପତି ପ୍ରଶାନ୍ତ ରଞ୍ଜନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ବସନ୍ତ କୁମାର ତନ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପାର୍ବତୀ ପୁରନ, ସୁଭଦ୍ରା ମହନ୍ତ, ସୁକମଣି ଭୂମିଜ, ସସ୍ମିତା ମହତୋ, ମନୋ ଭଇଷା, ଯଶୋଦା ସିଂ, ମାରିୟମ କୁଲୁ, ବିରସ୍ୱିନୀ ଓରାମ, ନାଉରୀ ତିର୍କୀଙ୍କୁ ଡିଜିଟାଲ ଓଜପମାପ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ହାଟର ମୁଖିଆ ବିଶ୍ୱନାଥ ମୁଣ୍ଡାରୀ ଉପସ୍ଥିତ ଥିଲେ। ଅଜିତ ମୋହନ ପୂଜାରୀ, ଡ. ମୀନତି ପଣ୍ଡା, ଡ. ସଂଯୁକ୍ତା ପତି, ଅନିତା ନାୟକ, ସବିତା ମହାନ୍ତି, ବିଶ୍ୱନାଥ ମହାନ୍ତି, ପ୍ରଶାନ୍ତ କୁମାର ସାମଲ ଓ ମଙ୍ଗଳ ଭୂମିଜ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଭାପତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲିଭିଗଲାଣି ଇତିହାସ, ଗୌରବ ଗାଥା


ଚିତ୍ରିତ ହୋଇଥିବା କାନ୍ଥରେ ସ୍ଲାବ୍ ଡେରାଯାଇଛି।


କାନ୍ଥ କଡ଼ରେ ପେଭର ବ୍ଲକଗୁଡିକ ଉଠିଯାଇଛି।

ରାଉରକେଲା,୨୨।୧୦(ଦିନେଶ ମିଶ୍ର)

- ଅବ୍ୟବସ୍ଥାରେ ହିଷ୍ଟୋରିକାଲ ଜର୍ନି ଅଫ୍ ରାଉରକେଲା
- ଖର୍ଚ୍ଚ ହୋଇଥିଲା ଲକ୍ଷାଧିକ ଟଙ୍କା
- ରକ୍ଷଣାବେକ୍ଷଣ ଅଭାବ ଯୋଗୁ କାନ୍ଥ ଫାଟି ଆଁ

ରାଉରକେଲା ସହରକୁ ସବୁଜ ସୁନ୍ଦର କରିବା ପାଇଁ ସ୍ମାର୍ଟସିଟି ଓ ଆରଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବହୁ ଉନ୍ନତିମୂଳକ ପ୍ରକଳ୍ପ ଅସ୍ତିତ୍ୱ ହରାଇବାକୁ ବସିଥିବା ଅଭିଯୋଗ ହୋଇଛି।

ଗତବର୍ଷ ଜାନୁଆରୀ ୧୦ ତାରିଖରେ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ଥର ସହରରେ ହକି ବିଶ୍ୱକପ୍ ହେଉଥିବାରୁ ରାଉରକେଲା ସ୍ମାର୍ଟସିଟି ଓ ଆରଏମ୍‌ସି ଉଦ୍ୟମରେ ସହରର ବିଭିନ୍ନ ଛକକୁ ଆଲୋକମୟ ସାଙ୍ଗକୁ ୱାଟର ଫାଉଣ୍ଟେନ ଷ୍ଟାଚ୍ୟୁ ସହ ପ୍ରତ୍ୟେକ କାନ୍ଥବାଡରେ ଓଡିଶାର ସଂସ୍କୃତି, ଦେବଦେବୀ ଓ ପରମ୍ପରାକୁ ଚିତ୍ରଣ କରାଯାଇଥିଲା। ହକିବିଶ୍ୱକପ୍‌ପାଇଁସହରର ରଙ୍ଗ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଥିଲା। ବିଦେଶୀ ଖେଳାଳି ଓ ଦର୍ଶକଙ୍କ ସହ ସହରାବାସୀଙ୍କୁ ଆକୃଷ୍ଟ କରିବା ପାଇଁ ରାଉରକେଲା ରିଂରୋଡ୍ ସ୍ଥିତ ଆରଏସ୍‌ପି ୭ ତାଲା ସମ୍ମୁଖରେ ଥିବା କାନ୍ଥବାଡ଼ରେ ଆରଏମ୍‌ସି ପକ୍ଷରୁ ହିଷ୍ଟୋରିକାଲ ଜର୍ନି ଅଫ୍ ରାଉରକେଲା ନାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସହରର ଇତିହାସ ଓ ଗୌରବ ଗାଥାକୁ ଚିତ୍ର ମାଧ୍ୟମରେ ଦର୍ଶାଯାଇଥିଲା।

କାନ୍ଥରେ ରାଉରକେଲାର ପୂର୍ବନାମ ଦୁର୍ଗାପୁର କିଭଳି ଥିଲା, ବେଦବ୍ୟାସ ସଙ୍ଗମସ୍ଥଳରେ ମହର୍ଷି ବ୍ୟାସଦେବ କିଭଳି ମହାଭାରତ ରଚନା କରିଥିଲେ, ଗାଙ୍ଗପୁର ଇତିହାସ ସାଙ୍ଗକୁ ଆମ୍‌କୋ-ସିମ୍‌କୋ ଶହୀଦମାନଙ୍କ ଗୌରବ ଗାଥା, ରାଉରକେଲା ରେଳ ଷ୍ଟେଶନ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଇତିହାସକୁ ଚିତ୍ରଣ କରାଯାଇଥିଲା। ସେହିପରି ସେଠାରେ ଆଲୋକୀକରଣ ବ୍ୟବସ୍ଥା ସାଙ୍ଗକୁ କାନ୍ଥକଡ଼ରେ ବ୍ଲକ୍ ପେଭର ବିଛାଯାଇଥିଲା। ସନ୍ଧ୍ୟାହେଲେ ଲୋକେ ଏହି ସ୍ଥାନକୁ ଆସି ହିଷ୍ଟ୍ରିକାଲ ଜର୍ନି ଅଫ୍ ରାଉରକେଲା ବିଷୟରେ ଜାଣିବା ସହ ସେଠାରେ ସେଲ୍‌ଫି ନେଉଥିଲେ। କିନ୍ତୁ ହକି ବିଶ୍ୱକପ୍ ସରିବା ପରେ ଏହି ସ୍ଥାନର ରକ୍ଷଣାବେକ୍ଷଣ ନ ହେବାରୁ ଉକ୍ତ କାନ୍ଥରେ ଚିତ୍ରଣ ହୋଇଥିବା କାରୁକାର୍ଯ୍ୟଗୁଡିକ ନଷ୍ଟ ହୋଇଯାଇଛି। କାନ୍ଥପାଖରେ ପଡିଥିବା ପାଦଚଲା ବ୍ଲକପେଭର ଗୁଡିକ ଖୋଳିହୋଇ ଏଣେତେଣେ ପଡିଛି। ଚିତ୍ରଗୁଡିକ ଖୋଳି ହୋଇ ଲିଭିଗଲାଣି। ଏହି କାନ୍ଥ ପଛ ପଟେ ମହତାବ ରୋଡ୍ ବସ୍ତିର କିଛି ଲୋକ ଅଳିଆ ଆବର୍ଜନା ପକାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ସନ୍ଧ୍ୟାହେଲେ ଉକ୍ତ ସ୍ଥାନରେ ଲାଗିଥିବା ଏକାଧିକ ଲାଇଟ୍ ଜଳୁନାହିଁ। ଅସାମାଜିକ ଯୁବକମାନେ ବସି ସେଠାରେ ଭିଡ ଜମାଉଛନ୍ତି। ଏଥିପ୍ରତି ଆରଏମ୍‌ସି ପ୍ରଶାସନ ଦୃଷ୍ଟିଦେବା ଲାଗି ସାଧାରଣରେ ଦାବି ହୋଇଛି।

ଏ ନେଇ ଆରଏମ୍‌ସିର କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ହିଷ୍ଟ୍ରିକାଲ ଜର୍ନି ଅଫ୍ ରାଉରକେଲା କାନ୍ଥରେ ଚିତ୍ରଣ ହୋଇଥିବା ଗୌରବ ଗାଥାଗୁଡିକ ଅବ୍ୟବସ୍ଥା ଘେରରେ ଥିବା ନେଇ ବର୍ତ୍ତମାନ ସୁଦ୍ଧା ଆମ ପାଖରେ ଖବର ନାହିଁ। ତଥାପି ଆମେ ଆରଏମ୍‌ସିର ବିଭାଗୀୟ ଅଧିକାରୀଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଏଥିପ୍ରତି ଉଚିତ ପଦକ୍ଷେପ ନେବୁ ବୋଲି କୁଲକର୍ଣ୍ଣି କହିଥିଲେ।

## କୁଇଜ୍ ପ୍ରତିଯୋଗିତାରେ ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ)

ସୁରକ୍ଷା ସମ୍ବନ୍ଧିତ କୁଇଜ ପ୍ରତିଯୋଗିତାର କୃତୀ ଠିକା ଶ୍ରମିକମାନଙ୍କୁ ଆରଏସ୍‌ପିର ରୋଲ୍ ଶପ୍ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ରୋଲ୍ ଶପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. ଆର୍. ମହାପାତ୍ର ସଭାପତିତ୍ୱ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଠିକା ଶ୍ରମିକମାନଙ୍କ ସହ ଅବଶିଷ୍ଟ ଠିକା ଶ୍ରମିକ ପ୍ରତିଯୋଗୀମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରୋଲ୍ ଶପ୍ ବିଭାଗର ଜିଏମ୍ ଏମ. କେ ମୁଦୁଲି, ଜେ. ସି ଲାକ୍ରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏଥିରେ ସମୁଦାୟ ୧୭ ଜଣ ଠିକା ଶ୍ରମିକ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମହାପାତ୍ର ନିଜ ଅଭିଭାଷଣରେ ଏଭଳି ପ୍ରତିଯୋଗିତା ଆୟୋଜନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଯାହାଦ୍ୱାରା ଶିକ୍ଷା ସହ ଅନ୍ତର୍ନିହିତ ଗୁଣାବଳିର ମଧ୍ୟ ବିକାଶ ହୋଇଥାଏ ବୋଲି ସେ କହିଥିଲେ। ରୋଲ୍ ଶପ୍ ବିଭାଗ ଡିଜିଏମ୍ ଏବଂ ଡିଏସ୍‌ଓ ଏ. କେ. ମହାପାତ୍ର ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ଓ ଏରିଆ ସୁରକ୍ଷା ଅଧିକାରୀ ସି. ଏସ୍. ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଠିକା ଶ୍ରମିକମାନେ ପୁରସ୍କୃତ ହେଉଛନ୍ତି।

## ଜୁଆ ଆଡ୍ଡାରେ ଚଢାଉ, ୫ ଗିରଫ

ବେଦବ୍ୟାସ,୨୨।୧୦(ଆଲୋକ ସ୍ୱାଇଁ): ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ଅନ୍ତର୍ଗତ କଲୁଙ୍ଗା ହାଇସ୍କୁଲ ପଛପଟେ ସୋମବାର ରାତିରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇଡ଼ିସିର ବିଶ୍ୱନାଥ ଏକ୍କା(୪୦), ପ୍ରବୀର ମହାନ୍ତି(୨୯), ଜଗନ୍ନାଥ ଏକ୍କା(୨୪) କଲୁଙ୍ଗା ଅଞ୍ଚଳର ଏମ୍‌ଡ଼ି ସହାଜାଦ(୨୬) ଏବଂ ସାଜିଦ୍ ଅଲ୍ଲୀ(୪୪)। ସେମାନଙ୍କ ନିକଟରୁ ପ୍ରାୟ ୧୪ ହଜାର ଟଙ୍କା, ୪ଟି ବାଇକ ଓ ତାସ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୬/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ଥାନାଧିକାରୀ କ୍ଷୀତିଶ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ନାମାଙ୍କନ ଦାଖଲ କଲେ ୨୬


ପାନପୋଷ ଉପଜିଲାପାଳଙ୍କୁ ନାମାଙ୍କନପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୨୨।୧୦(ସଙ୍ଗୀତା ଜେନା)

**ଆର୍‌ଏମ୍‌ସି ସଭ୍ୟ ନିର୍ବାଚନ**

ସିଭିଲଟାଉନଶିପ୍‌ସ୍ଥିତ ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସଭ୍ୟ ନିର୍ବାଚନ ଆସନ୍ତା ନଭେମ୍ବର ୧୨ ତାରିଖରେ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଥିଲା। ପାନପୋଷ ଉପଖଣ୍ଡରୁ ଚଳିତଥର ସ୍ୱୀକୃତିପ୍ରାପ୍ତ କୃଷକ ସଦସ୍ୟତା ପାଇଁ ୧୯ ଜଣ, ଟ୍ରେଡର୍ସରେ ୪ ଜଣ, ବିଜ୍ଞାପିତ ପରିଷଦ ପାଇଁ ଜଣେ ଏବଂ ଗ୍ରାମପଞ୍ଚାୟତ ସଦସ୍ୟତା ପାଇଁ ୨ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ, ଆର୍‌ଏମ୍‌ସି ସଭାପତି ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ ଗୋପବନ୍ଧୁ ନାୟକ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ, ସମ୍ପାଦକ ସଞ୍ଜୟ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୨୩ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୨୫ରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ମୋଟ ଭୋଟର ସଂଖ୍ୟା ୨୩୩ ରହିଛି। ନିର୍ବାଚନ ଆଇଟିଡିଏ ହଲ୍‌ରେ ନିର୍ଦ୍ଧାରିତ ତାରିଖରେ କରାଯିବ ବୋଲି ନିର୍ବାଚନ ଅଧିକାରୀ ନାୟକ ସୂଚନା ପ୍ରଦାନ କରିଛନ୍ତି।

## ପ୍ରବନ୍ଧ ସାହିତ୍ୟର ଏକ ବଳିଷ୍ଠ ବିଭବ

ରାଉରକେଲା,୨୨।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରବନ୍ଧ ଆସର ନେଇ ପ୍ରବନ୍ଧ ଭିତ୍ତିକ ଆଲୋଚନା ସଭା, ପ୍ରବନ୍ଧ ତଥା କବିତା ପାଠ କାର୍ଯ୍ୟକ୍ରମ ସେକ୍ଟର-୭ ସ୍ଥିତ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରଜେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ, ନାଟ୍ୟକାର ତଥା ସାହିତ୍ୟିକ ସୁଶୀଲ କୁମାର ଜେନା ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ପ୍ରଶାନ୍ତ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଦ୍ୟ ସାହିତ୍ୟରେ ପ୍ରବନ୍ଧ ଏକ ଚାରୁଶିଳ୍ପ ବିଷୟରେ ଆଲୋଚନା କରିଥିଲେ। ପ୍ରବନ୍ଧ ସାହିତ୍ୟର ଏକ ବଳିଷ୍ଠ ବିଭବ ଏବଂ ଏହା ସମାଜ, ସାହିତ୍ୟ, ସଂସ୍କୃତିର ଉନ୍ନତି ପାଇଁ ସର୍ବଦା ଉତ୍କୃଷ୍ଟତା ପ୍ରତିପାଦନ କରେ ବୋଲି ଆଲୋଚକମାନେ ମତପୋଷଣ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱ ଏବଂ କବି ଗୌତମ ଦାସ ଓ ଗଳ୍ପିକା ପୁଷ୍ପାରାଣୀ ପଟେଲଙ୍କ ସଂଯୋଜନାରେ ପ୍ରବନ୍ଧ ଓ ଗଳ୍ପ ପାଠ କରାଯାଇଥିଲ। ଅଜୟ କୁମାର ମହାନ୍ତି, ବ୍ରଜ ବିହାରୀ ଦାସ, ବସନ୍ତ ବିଶ୍ୱକର୍ମା, ସୁଚିତ୍ରା ଲେଙ୍କା, ସବିତା ବହିଆ, ନିକୁଞ୍ଜ ବିହାରୀ ଦାସ, ବଳରାମ ଦାସ, ମୀନକେତନ ପଶାୟତ, ଗୀତାରାଣୀ ବେହେରା, ସୁମିତ୍ରା ବାରିକ ପ୍ରମୁଖ ପ୍ରାବନ୍ଧିକ ଓ କବି ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ଉପେନ୍ଦ୍ର ବହିଆ ଧନ୍ୟବାଦ ଅର୍ପଣ କରିଥିଲେ। ଦିବାକର ଦାସ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ପ୍ରଥମ ଦିନରେ ୯ ଶ୍ରମ ସଙ୍ଗଠନର ନାମାଙ୍କନପତ୍ର ଦାଖଲ

ରାଉରକେଲା,୨୨।୧୦(ସଙ୍ଗୀତା ଜେନା)


ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବିଏମ୍‌ଏସ୍ ପକ୍ଷରୁ ନାମାଙ୍କନପତ୍ର ଦାଖଲ କରାଯାଉଛି।

**ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ**

ନଭେମ୍ବର ୧୨ରେ ହେବାକୁ ଥିବା ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଶ୍ରମିକ ସ୍ୱୀକୃତିପ୍ରାପ୍ତ ନିର୍ବାଚନରେ ମଙ୍ଗଳବାରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୯ଶ୍ରମିକ ସଙ୍ଗଠନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅପରାହ୍ନ ସାଢ଼େ ୧ଟାରେ ବିଏମ୍‌ଏସ୍ ସହବନ୍ଧିତ ଆର୍‌ଆଇକେକେଏସ୍ ପକ୍ଷରୁ ନାମାଙ୍କନ କରାଯାଇଥିଲା। ଏହି କ୍ରମରେ ଶ୍ରମ ଅନୁଷ୍ଠାନର ସାଧାରଣ ସମ୍ପାଦକ ହିମାଂଶୁ ବଳ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ଏମ୍‌ପି ଜୁଏଲ ଓରାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ବିରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ବିଏମ୍‌ଏସ୍‌ର ପୂର୍ବତନ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସେକ୍ଟର-୩ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସମର୍ଥକମାନଙ୍କ ସହ ବିଏମ୍‌ଏସ୍ କାର୍ଯ୍ୟାଳୟ ନିକଟରୁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସେକ୍ଟର ୫ ଆର୍‌ଏଲ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ଆର୍‌ଏଲ୍‌ସି ରବିକାନ୍ତ ରେଡ୍ଡୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ଏହି ସମୟରେ କାର୍ଯ୍ୟକାରୀ ସଭାପତି ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ, ଉପସଭାପତି ସୁଲେମାନ କାଉଡ଼ିଆ, ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ସଞ୍ଜୟ ପଣ୍ଡା, ଥୋମାସ ଟପ୍ପୋ, ସମ୍ପାଦକ ଶୀଳାନନ୍ଦ କୁଲୁ, ପରମେଶ୍ୱର ଅମାତ, ଗଣେଶ ସମାସୀ, ରାଜେଶ ତିର୍କୀ, କାମିଲ ଏକ୍କା, କୋଷାଧ୍ୟକ୍ଷ ଆନନ୍ଦ ଟପ୍ପୋଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁରୂପ ଭାବେ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ (ଆର୍‌ଆଇକେଏସ୍) ପକ୍ଷରୁ ସାଧାରଣ ସମ୍ପାଦକ ରମେଶ ସାହୁ, ଦେବ ସିଂହ, ଆଇନଜୀବୀ ଶାନ୍ତନୁ ଦାସ ପ୍ରମୁଖ କର୍ମକର୍ତ୍ତା ସମର୍ଥକମାନଙ୍କ ସହିତ ଆର୍‌ଏଲ୍‌ସି କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଆମ୍ ମଜଦୁର ସଙ୍ଗଠନ, ଇସ୍ପାତ ଲେବର ୟୁନିୟନ, କଳିଙ୍ଗ ଇସ୍ପାତ ଶ୍ରମିକ ସଂଘ, ଲୌହ ମଜଦୁର ୟୁନିୟନ, ନର୍ଥ ଓଡ଼ିଶା ୱାର୍କର୍ସ ୟୁନିୟନ, ରାଉରକେଲା ବିଲ୍ଡିଂ କନଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ ଆଦି ଶ୍ରମ ସଙ୍ଗଠନ ନାମାଙ୍କନପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ, ବୁଧବାର ନାମାଙ୍କନର ଦ୍ୱିତୀୟ ଦିବସରେ ୮ଟି ଶ୍ରମ ସଙ୍ଗଠନ ନାମାଙ୍କନପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

## ମହିଳାଙ୍କୁ ଛୁରି ଭୁସି ହତ୍ୟା

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। କଲୋନୀରେ ଥିବା ଏକ ଚା' ଦୋକାନ ନିକଟରେ କୌଣସି କଥାକୁ ନେଇ ବଚସା ପରେ ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତା ହେଲେ ଲଳିତା ଦେବୀ(୩୬)। ଏହି ଘଟଣାରେ ପୋଲିସ ବରେଇପାଲିର ପାନ ହରିପାଲ(୨୫)ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତାଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ମୃତା ମହିଳାଙ୍କ ନାମରେ ମଧ ଆପରାଧିକ ମାମଲା ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ସହରର ନିଷିଦ୍ଧ କଫସିରପ ଚୋର ବେପାରର ପେଣ୍ଠସ୍ଥଳୀଭାବେ ପରିଚିତ ସାହୁ କଲୋନୀରେ ବକେୟା ଅର୍ଥ ଲେଣଦେଣକୁ ନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ଅନେକ ଥର ବଚସା ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି। ସୂଚନା ଅନୁସାରେ ମଧ୍ୟାହ୍ନରେ ସାହୁ କଲୋନୀସ୍ଥିତ ଏକ ଚା' ଦୋକାନ ନିକଟରେ କୌଣସି କଥାକୁ ନେଇ ବଚସା ପରେ ଏହି ହତ୍ୟାକାଣ୍ଡ ଘଟିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଲଳିତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭିମସାର ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ୧୦୩(୧)ରେ ଏକ ମାମଲା(୪୪୦/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ କହିଛନ୍ତି।

## ମହିଳାଙ୍କ ସୁନାଚେନ୍ ଲୁଟ୍ ଅଭିଯୋଗ

ସମ୍ବଲପୁର,୨୨।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷିପଡା ଇଦଗାହା ନିକଟରେ ମଙ୍ଗଳବାର ଜଣେ ମହିଳାଙ୍କ ସୁନା ଚେନ ଲୁଟ୍ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କୁରେଟୁଲା ଅଞ୍ଚଳରେ ରହୁଥିବା ଗୋଧୁଲି କୁଜୁର। ସାକ୍ଷାପଡା ପଟୁ ନିଜ ଘରକୁ ଚାଲି କରି ଯାଉଥିବା ସମୟରେ ଇଦଗାହା ନିକଟରେ ଏକ ବାଇକ୍‌ରେ ହେଲମେଟ ପିନ୍ଧିଥିବା ୨ଜଣ ବ୍ୟକ୍ତି ପଛପଟୁ ତାଙ୍କ ବେକରୁ ସୁନାଚେନ ଲୁଟି ଫେରାର ହୋଇଯାଇଥିଲେ। ସୁନା ଚେନ ପ୍ରାୟ ୨ଭରି ଓଜନର ରହିଥିବା ସମ୍ପୃକ୍ତ ମହିଳା କହିଛନ୍ତି। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ ସହ କିଛି ଲୋକଙ୍କୁ ପଚରାଉଚୁରା କରି ତଦନ୍ତ ଆଗକୁ ବଢାଉଥିବା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ସଫଳତାର ଉତ୍ତୁଙ୍ଗ ଶିଖର ଆରୋହଣ କର

ସମ୍ବଲପୁର,୨୨।୧୦(ବି.ଶଙ୍କର)


କନ୍ୟା ସନ୍ତାନ ଦିବସ ସଭାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଶିକ୍ଷାବିଭାଗ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ**

ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ସମ୍ବଲପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଅଳ୍ପରେ ସନ୍ତୁଷ୍ଟ ନ ହୋଇ ସଫଳତାର ଉତ୍ତୁଙ୍ଗ ଶିଖର ଆରୋହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷାଧିକାରୀ ମଙ୍ଗଳ କହିଥିଲେ, ପ୍ରତ୍ୟେକ କନ୍ୟା ଅନନ୍ୟ, ସେମାନେ ନିଜକୁ ଦୁର୍ବଳା ଭାବନ୍ତୁ ନାହିଁ। କଠିନ ଅଧ୍ୟବସାୟ ତଥା ସମୟର ସଦୁପଯୋଗ ପୂର୍ବକ ଅସମ୍ଭବକୁ ସମ୍ଭବ କରି ଦେଖାନ୍ତୁ ବୋଲି ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢୀ ଯୋଗଦେଇ ଜୀବନରେ ସଫଳତା ପାଇବା ପାଇଁ ଅନେକ ସୂକ୍ଷ୍ମମନ୍ତ୍ର ଦ୍ୱାରା ଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଅଭିମନ୍ତ୍ରିତ କରିଥିଲେ। ଲିଙ୍ଗଗତ ସମାନତା, ଛାତ୍ରୀମାନଙ୍କ ବିଭିନ୍ନ ଅଧିକାର, ଅଧିନିୟମ, କନ୍ୟାସନ୍ତାନଙ୍କୁ ନେଇଥିବା ସରକାରଙ୍କ ଅନେକ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଓ ଧନକଉଡା ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ କମଳିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ସମଗ୍ର ଶିକ୍ଷା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରରୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ୮ଜଣ ଲେଖାଏ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ, ପ୍ରସଙ୍ଗ ଭିତ୍ତିକ ଦଳଗତ ନୃତ୍ୟ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ବ୍ଲକଗୁଡିକରେ ଆନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିନ ତମାମ ସଚେତନତା ରାଲି, ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜିଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମଗ୍ର କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଅସୀମ ପ୍ରଧାନ ଓ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ।

## ବିନା କୋଚିଂରେ ଓସିଏସ୍ ପାଇଲେ ରାଜେଶ କିଷାନ

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଗା)


ରାଜେଶ କିଷାନ।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ କୁର୍ମିମୁଣ୍ଡା ଗ୍ରାମର ରାଜେଶ କିଷାନ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୭୦ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ବିନା କୋଚିଂରେ ୪ର୍ଥ ଥରରେ ସେ ଏହି ସଫଳତା ପାଇଛନ୍ତି। ରାଜେଶ ଚାଷୀ କଷ୍ଟୁଚରଣ କିଷାନ ଓ ଭଗବତୀ କିଷାନଙ୍କ ଏକମାତ୍ର ପୁଅ। ବନ୍ଧକାନୀ ବିଧାଧର ହାଇସ୍କୁଲରୁ ମାଟ୍ରିକ, କେଶାଇବାହାଲ ପ୍ରଭୁଦୟାଲ ରୁରାଲ କଲେଜରେ ଯୁକ୍ତ ୨, ଭୁବନେଶ୍ୱର କିସ୍‌ରୁ ବିଏସସ, ଆହ୍ଲାବାଦ ମୋତିଲାଲ ନେହେରୁ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଏମ୍‌ସିଏ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଭୁବନେଶ୍ୱର ଲୋକ ସଭା ଭବନରେ ସହକାରୀ ସେକ୍ସନ ଅଫିସରଭାବେ ଚାକିରି ପାଇଥିଲେ। ସେଠାରେ କାର୍ଯ୍ୟରତ ଥଇବା ସମୟରେ ରାଜେଶ ଓଏଏସ୍ ପାଇଁ ପ୍ରସ୍ତୁତ ହୋଇ ଏହି ସଫଳତା ପାଇଛନ୍ତି। ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ବ୍ଲକର ଜଣେ ପିଲା ଓଏଏସ୍ ପାଇଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)

**ଭାଗନେଉଛନ୍ତି ୩୬ ବିଶ୍ୱବିଦ୍ୟାଳୟ ଦଳ**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସଚିବ ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକଙ୍କ ସଂଯୋଜନା ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ବେହେରା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ତୁଷାର କାନ୍ତି ଦାସ, ପ୍ରଫେସର ସୂର୍ଯ୍ୟ ନାୟକ, ପରିବେଶ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡା ଅଧିକାରୀ ଡ. ଅବିନାଶ କର ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ସହିତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ତଥା ଉତ୍ତର ପୂର୍ବାଞ୍ଚଳର ଆଦି ସମଗ୍ର ଦେଶର ୩୬ ବିଶ୍ୱବିଦ୍ୟାଳୟର ବ୍ୟାଡମିଣ୍ଟନ ଦଳ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ୪ଟି ବିଶ୍ୱବିଦ୍ୟାଳୟ ଦଳ ଆଗାମୀ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ବିଶ୍ୱବିଦ୍ୟାଳୟ କ୍ରୀଡା ଅଧିକାରୀ ଡ. ଅବିନାଶ କର ସୂଚନା ଦେଇଛନ୍ତି। ବିଭିନ୍ନ ମ୍ୟାଚକୁ ଓଡ଼ିଶା ବ୍ୟାଡ଼ମିଣ୍ଟନ ଆସୋସିଏଶନ ମ୍ୟାଚ ରେଫରୀ ଅସିତ ପଟ୍ଟନାୟକ, ଅମ୍ପେୟାର ଟିକେଶ୍ୱର ସାହୁ, ବବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରମିତ ମହାନ୍ତି, ନୀଳାଞ୍ଚଳ ସେଠୀ, ମଣି ବେଜି, ସତ୍ୟ ଦାସ ଓ ହେମନନ୍ଦ ଥାପ୍ପା ପରିଚାଳନା କରିଥିଲେ। ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ମିଥ୍ୟାବିଲ୍ କରି ଟଙ୍କା ଉଠାଣ


ବନୀକରଣରେ ଜାଲିଆତି କରାଯାଇଥିବା ନେଇ କେଶାପାଲିର ଲୋକେ ଡିଏଫ୍‌ଓଙ୍କୁ ଫେରାଦ ହେଉଛନ୍ତି।

ସମ୍ବଲପୁର,୨୨।୧୦(ଭବାନୀ ଶଙ୍କର ଭୋଇ)

**ବନୀକରଣରେ ଅନିୟମିତତା ଅଭିଯୋଗ**

ସମ୍ବଲପୁର ଜିଲା ଧମା ରେଞ୍ଜ ଅନ୍ତର୍ଗତ କେଶାପାଲି ପଞ୍ଚାୟତ ଅଞ୍ଚଳରେ ବନ ବିଭାଗରେ ଦୁର୍ନୀତି ହୋଇଥିବା ନେଇ ମଙ୍ଗଳବାର ଡିଏଫ୍‌ଓ ଏବଂ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ବନୀକରଣ ପାଇଁ ପ୍ରତିବର୍ଷ ବନବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ କିପରି ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରାଯାଉଛି ତାହା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ପ୍ରମାଣିତ ହୋଇଛି।

କେଶାପାଲିରେ ୨୦୨୨-୨୩ ଏବଂ ୨୩-୨୪ ବର୍ଷରେ ଚାରା ରୋପଣ ସହ ସୁରକ୍ଷା ପାଇଁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କ ଜରିଆରେ କାର୍ଯ୍ୟ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ତଥ୍ୟ ରହିଛି। ୨୦୨୨-୨୩ରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କେଶାପାଲିର ଲେମ୍ବୁଖୁଲିଆ ସଂରକ୍ଷିତ ଜଙ୍ଗଲରେ ୨୦ ହେକ୍ଟରରେ ବନୀକରଣ କରାଯାଇଥିଲା। ଏଥିସହ କୋଲଗାଁରେ ମାଟି ଖୋଳାଯାଇଥିଲା। ତେବେ ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, କାମ କରିଥିବା ଅଧିକାଂଶ ଲୋକ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ଏବ ଚଲାବୁଲା କରିବାକୁ ଅକ୍ଷମ। ଏପରିକି ମାଟି ଖୋଳିବା କାମ ଭିନ୍ନକ୍ଷମ ଏବଂ ପଞ୍ଚାୟତର ପିଅନ ମଧ କାମ କରିଥିବା ତଥ୍ୟ ରହିଛି। ଏପରିକି ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ନାମକୁ ମଧ ମାଷ୍ଟରରୋଲରେ ଉଲ୍ଲେଖ କରାଯାଇଛି। ତାଲିକାରେ ଥିବା ଅନେକଙ୍କ ନାମଧାରୀ କୌଣସି ବ୍ୟକ୍ତି କେଶାପାଲି ଗାଁରେ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଆସଫ ଅଲି ଖାନ କହିଛନ୍ତି, ବନ ବିଭାଗରେ କେବଳ କାଗଜପତ୍ରରେ ବନୀକରଣ କରାଯାଉଛି। ଅଧିକାରୀମାନେ ଦୁର୍ନୀତିଖୋର ମନବୃତ୍ତି ନେଇ କାମ କରୁଥିବାରୁ ସ୍ଥାନୀୟ ଲୋକେ ଠକେଇର ଶିକାର ହେବା ସାର ହେଉଛି। ମିଥ୍ୟା ବିଲ ଏବଂ ଚଞ୍ଚକତା କରି ଟଙ୍କା ହଡପ ହେଉଥିବା ବେଳେ ତାହା ଲୋକଙ୍କ କୌଣସି କାମରେ ଲାଗିପାରୁ ନାହିଁ। ସୂଚନା ଅଧିକାର ଆଇନରୁ ତଥ୍ୟ ମିଳିବା ପରେ କେଶାପାଲିର ବହୁ ମହିଳା ଏବଂ ପୁରୁଷ ମଙ୍ଗଳବାର ସମ୍ବଲପୁର ଡିଏଫଓ ଏବଂ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସଦର ଡିଏଫ୍‌ଓ ଅଭିଯୋଗକାରୀଙ୍କ ସହ କଥା ହୋଇ ତଥ୍ୟ ସଂଗ୍ରହ କରିବା ପରେ ତତ୍କାଳୀନ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ନୋଟିସ୍ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ଗୋରଖ ୱାମେନ କାଲୁଙ୍ଗେ ପ୍ରତିଶ୍ରୁତି ଦେଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

ନାକଟୀଦେଉଳ, ୨୨।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମେଳା ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଆଗାମୀ ନଭେମ୍ବର ୮ ରେ ସ୍ଥାନୀୟ ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ସ୍ଥାନ ନିରୂପଣ କରାଯାଇ ଏହାର ସୁପରିଚାଳନା ପାଇଁ କମିଟି ମାନ ଗଠନ କରାଯାଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଯେପରି ଏହି ବିଜ୍ଞାନ ପ୍ରତିଯୋଗିତାରେ ଭାଗ ନେବେ ସେ ନେଇ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଧ୍ୟାନ ଦେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ, ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥ ପ୍ରସାଦର ପ୍ରଧାନ ଶିକ୍ଷକ ହୀରାଲାଲ ଧଳ, ଡଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, ସରାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାରାଣୀ ମାଝୀ ଏବଂ ପେଣ୍ଡବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁ ବିଜ୍ଞାନ ମେଳାର ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ବ୍ଲକର ବିଭିନ୍ନ କ୍ଲଷ୍ଟରର ସିଆରସିସି, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ମରଣାନ୍ତକ ଆକ୍ରମଣ, ୩ ଗିରଫ

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଗା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ମନାପାଲି ଗ୍ରାମରେ କିଶୋର ମହାନନ୍ଦଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଗଡପୋଷ ଫାଣ୍ଡି ମନାପାଲି ଗ୍ରାମର ଦିଲୀପ ଓରାମ(୩୭), ଲଳିତ ନାଥ(୧୯) ଓ ସୀତାକାନ୍ତ କର୍ସେଲ(୨୫)। କିଶୋରଙ୍କ ବଡଭାଇ ଆନନ୍ଦ ମହାନନ୍ଦଙ୍କ ରିପୋର୍ଟ ଅନୁଯାୟୀ ଗୋବିନ୍ଦପୁର ଥାନାରେ ଦଫା-୧୨୬(୨) /୨୯୬/ ୧୧୫(୨)/୧୦୮/ ୩(୫)ବିଏନଏସ (ନଂ.୧୮୩/୨୪)ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରୁ ଲାଠି ଜବତ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ମନାପାଲି ଗ୍ରାମ ସ୍କୁଲ ନିକଟରେ ଗିରଫ ୩ ଅଭିଯୁକ୍ତ କିଶୋର ମହାନନ୍ଦଙ୍କୁ ଠେଙ୍ଗାରେ ମାରଣାନ୍ତକ ଆକ୍ରମଣ କରିଥିଲେ। କିଶୋର ଲହୁଲୁହାଣ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା।

# ବଡ଼ବଡ଼ିଆଙ୍କ କବ୍‌ଜାରୁ ହଟିଲା ଜବରଦଖଲ

ସମ୍ବଲପୁର,୨୨।୧୦(ଭବାନୀ ଶଙ୍କର ଭୋଇ)


ଭୁତାପଡା ଛକରେ ଜବରଦଖଲରେ ଥିବା ଦୋକାନଘରକୁ ଉଚ୍ଛେଦ କରାଯାଉଛି।

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଥିଲା। ଜେଲଛକରୁ ଚାରଭାଟି ଛକ ମଝିରେ ଥିବା ଦ୍ୱାରି ଇଞ୍ଜିନିୟରିଂ ପାଚେରି ଦେଇ ରଖିଥିବା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ଜମି ସମ୍ବଲପୁର ତହସିଲଦାରଙ୍କ ଉପସ୍ଥିତିରେ ମାପ ହେବା ପରେ ଦଶରୁ ପନ୍ଦର ଫୁଟ ପର୍ଯ୍ୟନ୍ତ ସରକାରୀ ରାସ୍ତାକୁ ଜବରଦଖଲ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ଜବର ଦଖଲ ଜମିରେ ଥିବା ପାଚେରିକୁ ଭାଙ୍ଗି ଡ୍ରେନ ପାଣି ଯିବା ବ୍ୟବସ୍ଥା କରାଯାଇଛି। ୨ ବର୍ଷ ହେବ ଉକ୍ତ ଇଂଜିନିୟରିଂ ସଂସ୍ଥା ରାସ୍ତା ଜବରଦଖଲ କରି ରଖିବା ଯୋଗୁ ପ୍ରଶସ୍ତୀକରଣ କାମ ଆଗେଇ ପାରୁ ନ ଥିଲା। ଡ୍ରେନର ଆବର୍ଜନା ପାଣି ରାସ୍ତାରେ ଭାସୁଥିଲା। ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲାପାଳ ହେବା ପରେ ଏବେ ସହରରେ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ପୁଣିଥରେ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଭୁତାପଡା ଛକରେ ମହାନଗର ନିଗମ ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକନଘରଗୁଡିକୁ ରାନି ଷ୍ଟିଲ ଦୀର୍ଘବର୍ଷ ଧରି ବେଆଇନଭାବେ ଗୋଦାମଘର ଭାବେ ବ୍ୟବହାର କରି ଆସୁଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ବେଆଇନ ଦଖଲ କରି ରଖାଯାଇଥିବା ଦୋକାନଘର ଗୁଡିକୁ ଭଙ୍ଗାଯାଇଥିଲା। ମୋଟ ୭ଟି ଦୋକାନ ଘରକୁ ଜେସିବିରେ ଭଙ୍ଗାଯାଇଥିଲା। ମଙ୍ଗଳବାର ଜବରଦଖଲ ଉଚ୍ଛେଦ ସମୟରେ ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିବାବେଳେ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ସମେତ ମହାନଗର ନିଗମର ବହୁ ଅଧିକାରୀ ଏବଂ କର୍ମଚାରୀ ସାମିଲ ରହିଥିଲେ। ମାପ ପରେ ଜବରଦଖଲ ଅଂଶକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଯାଉଥିବା ନେଇ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ଉଚ୍ଛେଦ ପରେ ଜେଲଛକ-ଧନୁପାଲି ରାସ୍ତା ପ୍ରଶସ୍ତକରଣ କାମ ସମ୍ପୂର୍ଣ୍ଣ ହେବା ନେଇ ଆଶା ସଞ୍ଚାର ହୋଇଛି।

# କୃଷି ବିକାଶ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ରହ୍ମାକୁମାରୀଙ୍କ ସହ ଅତିଥିବୃନ୍ଦ।

**ଭାରତୀୟ କୃଷି ଦର୍ଶନ ଓ ସମ୍ପୂର୍ଣ୍ଣ ଗ୍ରାମବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି**

ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ୫ ପାବନ ସରୋବରରେ ଭାରତୀୟ କୃଷି ଦର୍ଶନ ଓ ସମ୍ପୂର୍ଣ୍ଣ ଗ୍ରାମ ବିକାଶ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହାର ସଫଳ ଆୟୋଜନ ପାଇଁ ମଙ୍ଗଳବାର ଦାନିବନ୍ଧସ୍ଥିତ ଶିବ ଦର୍ଶନ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ଅଧିକାରୀ ବ୍ରହ୍ମକୁମାରୀ ମୌସୁମୀ ଭଉଣୀ କୃଷକଙ୍କ ବିକାଶ ପାଇଁ ଥିବା ସମସ୍ତ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଧ୍ୟାତ୍ମିକ ସନ୍ଦେଶ ଦେଇ କୃଷକମାନଙ୍କୁ କର୍ତ୍ତବ୍ୟନିଷ୍ଠ କରିବାକୁ ଆହ୍ୱାନ ଦେଇଥିଲେ।

ସମ୍ବଲପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପକ୍ଷେତ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ଦିଦି କୃଷକ ସମାଜକୁ ଆତ୍ମ ନିର୍ଭରଶୀଳ କରିବା ଉପରେ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ମାନବ ସମାଜକୁ ପ୍ରଭାବିତ କରୁଥିବା ରାସାୟନିକ ସାର ଓ କୀଟନାଶକ ଫସଲ ପ୍ରୟୋଗକୁ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକୃତିକ ଚାଷ ପଦ୍ଧତି ଓ ଶାଶ୍ୱତ ଯୌଗିକ ଚାଷ ପ୍ରଣାଳୀକୁ ଆପଣେଇବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପଦ୍ଧତିରେ ଚାଷ କରିବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଧନକଉଡ଼ା, ଯୁଯୋମୁରା, ମାନେଶ୍ୱର, ରେଙ୍ଗାଲି, ନାକଟୀଦେଉଳ ଆଦି ବିଭିନ୍ନ ବ୍ଲକର ଚାଷୀଙ୍କୁ ନେଇ ଗଠିତ ଫାର୍ମାର ପ୍ରଡକ୍ସନ ଅର୍ଗାନାଇଜେଶନ(ଏଫ୍‌ପିଓ)ର ସଦସ୍ୟଙ୍କ ସହ ଅନ୍ୟାନ୍ୟ ବିଶିଷ୍ଟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ନିୟମିତ ରାଜଯୋଗାଭ୍ୟାସ ଦ୍ୱାରା ନିଶାମୁକ୍ତ ଜୀବନ ଓ ସୁସ୍ଥ ମାନସିକତ ସୃଷ୍ଟି ହୋଇ ପାରିବ ବୋଲି ରାଜଯୋଗିନୀ ପାର୍ବତୀ ଦିଦି କହିଥିଲେ। ଆସନ୍ତା ନଭେମ୍ବର ମାସ ୫ରେ ମାଉଣ୍ଟଆବୁସ୍ଥିତ ବ୍ରହ୍ମକୁମାରୀ ମୁଖ୍ୟାଳୟର ଗ୍ରାମବିକାଶ ପ୍ରଭାଗ ଅଧ୍ୟକ୍ଷ ବ୍ରହ୍ମକୁମାର ରାଜୁ ଭାଇଜୀଙ୍କ ଆଗମନ ଉପଲକ୍ଷେ ପାବନ ସରୋବର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏଥିରେ ଲରପଙ୍କର ବରିଷ୍ଠ ଚାଷୀ ତଥା କୃଷକ ନେତା ଅଶୋକ ପ୍ରଧାନ, ମିର୍ଗାମୁଣ୍ଡାର ହରି ଶଙ୍କର ପୁରୋହିତ ଓ ତାଲବର ବ୍ୟୋମକେଶ ଠାକୁର ବକ୍ତବ୍ୟ ରଖିଥିଲେ। ବ୍ରହ୍ମକୁମାରୀ ମଞ୍ଜୁ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶାଗୁଆନ କାଠ ଜବତ, ଜଣେ ଗିରଫ



ନୂଆପଡ଼ା,୨୨।୧୦ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ବଲୋଦା ଗାଁରେ ସୋମବାର ବନ ବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ କାଠ ଜବତ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗାଁର କଲିରାମ ସାହୁ (୩୫)। ବୋଲୋଦା ଗାଁରେ ବହୁତ ଦିନରୁ ଚୋରା କାଠ କାରବାର ହେଉଥିବା ଅଭିଯୋଗ ହେଉଥିଲା। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍‌ଙ୍କ ନିର୍ଦ୍ଦେଶ କ୍ରମେ ଖରିଆର ରୋଡ ବନ ବିଭାଗ ରେଞ୍ଜର ରଞ୍ଜିତ ସିଂ ବାବୁଙ୍କ ନେତୃତ୍ୱରେ ଏକ ଟିମ କଲିରାମଙ୍କ ଘରେ ଚଢାଉ କରିଥିଲା। ଏହି ସମୟରେ ବିପୁଳ ପରିମାଣରେ ଶାଗୁଆନ କାଠ ଗଣ୍ଡି ସହ ଗଛ କଟା ମେଶିନ, ଆରାପତି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି ରେଞ୍ଜର ସିଂ ବାବୁ ସୂଚନା ଦେଇଛନ୍ତି। ଚଢାଉରେ ଫରେଷ୍ଟର ବିନୋଦ କୁମାର ନାଏକ, କ୍ଷମାନିଧି ଶବର, ଖଗେଶ୍ୱର ମାଝି, କାହ୍ନାରାମ ନାଏକ, ପୋଲିସ କର୍ମଚାରୀ ଓ ଖଡିଆଳ ଜଙ୍ଗଲ ସୁରକ୍ଷା ସ୍କ୍ୱାଡ୍ ସାମିଲ ଥିଲେ ।

### ବରିଷ୍ଠ ଖବରଦାତା ବିଜୟ ଦ୍ୱିବେଦୀଙ୍କ ପରଲୋକ

ଭବାନୀପାଟଣା,୨୨।୧୦ (ଉତ୍ତମ କୁମାର ଦାଶ)-କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବରିଷ୍ଠ ଖବରଦାତା ବିଜୟ ଦ୍ୱିବେଦିଙ୍କ ୬୭ ବର୍ଷ ବୟସରେ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସୋମବାର ଦେହ ଅସୁସ୍ଥ ହେବା ପରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଦୈନିକ ଏକ ଖବର କାଗଜରେ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ବିୟୋଗରେ ଜିଲାର ଖବରଦାତା ମହଲରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଭକ୍ତ ଚରଣ ଦାସ, ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ସମାଜସେବୀ ପ୍ରମୋଦ ଖମାରୀ, ବିଭିନ୍ନ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଆଶାସାଗର ନିକଟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବୋଡ଼େନ,୨୨।୧୦ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୩ କ୍ଲଷ୍ଟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ, ବୋଡେନ ବ୍ଲକ ଉପାଧ୍ୟକ୍ଷା ସଙ୍ଗିତା ମାଝି, ଏବିଇଓ ନେପାଳ ଚନ୍ଦ୍ର ଦେ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବିବେଚିତ ଆଗାମୀ ଦିନରେ ଆୟୋଜିତ ହେବାକୁ ଜିଲାସ୍ତରୀୟ ଉତ୍ସବରେ ଯୋଗଦେବେ। ଶିକ୍ଷକ ଅଶୋକ ବାରିକ ଓ ମହାବୀର ପ୍ରସାଦ ଯୋଷୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସିଆର୍‌ସିସି ଗଜରାଜ ବୈଠାରୁ ଧନ୍ୟବାଦ ଦେଇଥିଲେ।

### ଭାରପ୍ରାପ୍ତ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋକସରା,୨୨।୧୦ (ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସ୍ନେହପ୍ରଭା ମାଝି ମାତୃତ୍ୱ ଜନିତ ଛୁଟିରେ ରହିଥିବା କାରଣରୁ ତାଙ୍କ ସ୍ଥାନରେ ଭାରପ୍ରାପ୍ତ ବିଡିଓ ଭାବେ ଜୟପାଟଣା ବ୍ଲକର ଅତିରିକ୍ତ ବିଡ଼ିଓ ବିଶ୍ୱନାଥ ରାଉତ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବିଏସ୍‌ଏସ୍‌ଓ ଦୀପକ କୁମାର ବେହେରା, ମୁଖ୍ୟ କିରାଣୀ ବିନୋଦ ନାଏକ, ସହକାରୀ କିରାଣୀ ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ଅଜୟ ସେନାପତି ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିବା ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜିଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଅଭିଯାନ

## ତମାଖୁ ମୁକ୍ତ ଅଭିଯାନ ୨.୦ରେ ପୋଷ୍ଟର ଉନ୍ମୋଚନ

ଭବାନୀପାଟଣା,୨୨।୧୦ (ଉତ୍ତମ କୁମାର ଦାଶ)



ତମାଖୁମୁକ୍ତ ଅଭିଯାନ ୨.୦ର ପୋଷ୍ଟର ଉନ୍ମୋଚନ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧକ୍ଷତା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ତମାଖୁ ମୁକ୍ତ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଚେତା ପାଣି ତମାଖୁର କୁପ୍ରଭାବ ଓ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ଉପରେ ସବିଶେଷ ସୂଚନା ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ ଅଭିଯାନର ମୂଳ ଉଦ୍ଦେଶ୍ୟ ଓ ଏହି ବର୍ଷ ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ହିମାଂଶୁ ଶେଖର ବାରିକ ଏହି ଅଭିଯାନରେ ବିଭିନ୍ନ ବିଭାଗର ଭୂମିକା, ଜିଲା ସ୍ତରୀୟ ଯୋଜନା ଓ ଅନ୍‌ଲାଇନ ଡାଟା ଏଣ୍ଟ୍ରି ଉପରେ ଆଲୋଚନା କରିଥିଲେ। ତମାଖୁର କୁପ୍ରଭାବ ଉପରେ ଜନ ସଚେତନତା ସୃଷ୍ଟି, ଜିଲାର ୧୬୦ ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା, ୨୦ ଗାଁକୁ ତମାଖୁମୁକ୍ତ କରିବା, କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ମିତ୍ର, ପୋଲିସ ଡିଏସ୍‌ପି ବିଚିତ୍ରାନନ୍ଦ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଏପିଡେମିଓଲୋଜିଷ୍ଟ ନିହାର ରଞ୍ଜନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାସ୍ତରୀୟ କୋଅର୍ଡିନେଶନ କମିଟିର ବୈଠକ ହୋଇଥିଲା। ଶେଷରେ ଜିଲା କାର୍ଯ୍ୟକ୍ରମ ପରିଚାଳକ ଏନ୍‌ଏଚ୍‌ଏମ୍ ଭବାନୀ ଶଙ୍କର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରଗତି ପଥ ମହୋତ୍ସବ ୨୦୨୪ ଉଦ୍‌ଘାଟିତ

ଭବାନୀପାଟଣା,୨୨।୧୦(ଉତ୍ତମ କୁମାର ଦାଶ)



ରାଜ୍ୟ ସ୍ତରୀୟ ଚିତ୍ର କର୍ମଶାଳାରେ ଉପସ୍ଥିତ ଅତିଥିଗଣ।

ପ୍ରଗତି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମଙ୍ଗଳବାର ପ୍ରଗତି ପଥ ମହୋତ୍ସବ ସ୍ଥାନୀୟ ଶିକ୍ଷାନୁଷ୍ଠାନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ରାଜ୍ୟ ସ୍ତରୀୟ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଚିତ୍ରଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର, କଳାହାଣ୍ଡି ଆର୍ଟ କଲେଜ ଅଧକ୍ଷ ଚିଣ୍ଟୁ ପ୍ରସାଦ ନାଏକ, ପ୍ରଗତି ଅନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପରିଚାଳନା ସମିତିର ସଦସ୍ୟ ଲକ୍ଷ୍ମୀକାନ୍ତ ବେହେରା, କନ୍‌ସେପ୍ଟ ସ୍କୁଲର ଅଧକ୍ଷ ଚିନ୍ମୟ ଗୁରୁ, ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ଶେଷଦେବ ମୁଣ୍ଡ, କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ଖଡ଼ିକାର, ଡିଗ୍ରୀ କଲେଜ ଅଧକ୍ଷ ତାପସ ପାରିମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ପଣ୍ଡା ମୁଖ୍ୟ ଅତିଥି ପ୍ରଭାସ ଚନ୍ଦ୍ର ମିଶ୍ର ଓ ଆର୍ଟ କଲେଜ ଅଧକ୍ଷ ଚିଣ୍ଟୁ ପ୍ରସାଦ ନାଏକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଚିତ୍ର କର୍ମଶାଳାରେ କଳାହାଣ୍ଡି ଆର୍ଟ କଲେଜର ଛାତ୍ରୀଛାତ୍ରଙ୍କ ସମେତ ଗଞ୍ଜାମ, ଖୋର୍ଦ୍ଧା, ମୟୁରଭଞ୍ଜ, ବରଗଡ ଆଦି ଅଞ୍ଚଳରୁ ଚିତ୍ରଶିଳ୍ପୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଓଡ଼ିଆ ବିଭାଗ ଅଧ୍ୟାପକ ଅଶୋକ କୁମାର ସାହୁ ସଂଯୋଜନା କରିଥିବା ବେଳେ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପ୍ରଥମ ଦିବସରେ ରାଜ୍ୟସ୍ତରୀୟ ଚିତ୍ର କର୍ମଶାଳା

### ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଥୁଆମୂଳ ରାମପୁର,୨୨।୧୦(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ଶ୍ରୁତଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରଭାତୀ ନନ୍ଦିନୀ ଠାକୁର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କଲମପୁର ଥୁଆମୂଳ ରାମପୁର ବିଆର୍‌ସି ଦାୟିତ୍ୱରେ ଥିବା ହେମନ୍ତ ପଣ୍ଡା, ନୋଡାଲ ସିଆର୍‌ସିସି ସୁନାଧର ମାଝି, ମତିଲାଲ ବାଗ, ଗଣେଶ୍ୱର ନାଏକ ଯୋଗଦେଇଥିଲେ। ଶିକ୍ଷକ ରଶ୍ମିରଞ୍ଜନ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### ପଞ୍ଜୀକୃତ ହେଲା ଜର୍ନାଲିଷ୍ଟ ଆସୋସିଏଶନ ଟ୍ରଷ୍ଟ

କେସିଙ୍ଗା,୨୨।୧୦(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଜର୍ନାଲିଷ୍ଟ ଆସୋସିଏଶନ ଟ୍ରଷ୍ଟ ଦୀର୍ଘଦିନରୁ ବିଭିନ୍ନ ସାମାଜିକ କାର୍ଯ୍ୟକରି ସୁନାମ ଅର୍ଜନ କରିଛି। ଏହାକୁ ପଞ୍ଜୀକୃତ କରିବା ପାଇଁ କିଛିଦିନ ତଳେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିଲା। ତାହା ସବ୍‌ରେଜିଷ୍ଟ୍ରାରଙ୍କ ଦ୍ୱାରା ପଞ୍ଜିକୃତ ହୋଇ ସମସ୍ତ କାଗଜପତ୍ର ଟ୍ରଷ୍ଟର ସମ୍ପାଦକଙ୍କୁ ମଙ୍ଗଳବାର ପ୍ରଦାନ ରାଯାଇଛି। ପଞ୍ଜିକୃତ ନମ୍ବର ହେଉଛି ୪୧୯୮୨୪୦୧୨୮୫/୧୭।୧୦।୨୪। ଏହାକୁ ନେଇ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

### ପୋଲିସ ଶହୀଦ ଦିବସ ପାଳିତ

ଭବାନୀପାଟଣା, ୨୨।୧୦(ଉତ୍ତମ କୁମାର ଦାଶ): ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ୬୫ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଛି। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

# ୧୩ରୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ

ରୂପ୍ରାରୋଡ୍, ୨୨।୧୦ (ସଞ୍ଜୀବ କୁମାର ଦାସ)

## ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ପ୍ରସ୍ତୁତି ବୈଠକ

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବୁଢ଼ୀପଦର ଗ୍ରାମରେ ଆସନ୍ତା ନଭେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଆୟୋଜିତ ହେବ। ରବିବାର ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ନେଇ ଚୂଡାନ୍ତ ନିଷ୍ପତ୍ତି ହୋଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷର କୁମାରସ୍ୱାମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ 'ଗୋସିଙ୍ଗ ଦୈତ୍ୟ ଦରବାର'। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର କୁମାର ଧଙ୍ଗଡ଼ାମାଝି ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସରକାରୀ ସାହାଯ୍ୟ ବିନା ଦୀର୍ଘ ୩୨ବର୍ଷ ଧରି ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ଅବସରରେ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି। ଏହି ଧାରା ବଜାୟ ରଖିବାକୁ ପୂର୍ବତନ ସଭାପତି ପ୍ରଦୀପ କୁମାର ଧଙ୍ଗଡ଼ାମାଝି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝି, କ୍ରୀଡ଼ା ସମ୍ପାଦକ ଅନୀଲ କୁମାର ଧଙ୍ଗଡ଼ାମାଝି ଓ ଅନୁଷ୍ଠାନର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଜରାଜୀର୍ଣ୍ଣ



କଲମପୁର, ୨୨।୧୦(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ପ୍ରାଣୀଧନ ଚିକିତ୍ସାଳୟର ଚିକିତ୍ସା ଓ ଔଷଧ ଗଚ୍ଛିତ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ ଅଧା ସିମେଣ୍ଟ କଂକ୍ରିଟ ଖସି ଗଲାଣି। କଳଙ୍କି ଲଗା ଲୁହା ରଡ୍ ବାହାରକୁ ବାହାରି ରହିଛି। ଅନ୍ୟ ପ୍ରକୋଷ୍ଠ ନ ଥିବାରୁ ଏଭଳି ବିପଦପୂର୍ଣ୍ଣ ଘରେ ପ୍ରାଣୀ ସେବା ଯୋଗାଇବାକୁ କର୍ମଚାରୀମାନେ ବାଧ ହେଉଛନ୍ତି। ଏ ନେଇ ପ୍ରାଣୀ ଚିକିତ୍ସାଧିକାରୀ କହିଛନ୍ତି, ଆମେ ଜିଲା ଅଧିକାରୀ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଲିଖିତ ଭାବେ ଜଣାଇଛୁ। କିନ୍ତୁ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି କୋଠା କେତେବେଳେ ଭାଙ୍ଗିଯାଇ ଧନଜୀବନ କ୍ଷତି ହେବ କହିହେବ ନାହିଁ। ଏ ନେଇ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ଅଛନ୍ତି, ଉଚ୍ଚ ଅଧିକାରୀଙ୍କୁ ଜଣାଇ ଏହାର ସମାଧାନ ଶୀଘ୍ର କରାଯିବ ବୋଲି କହିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଅତିଥିମାନଙ୍କ ସହ କୃତୀ ଛାତ୍ରୀଛାତ୍ର।

କର୍ଲାମୁଣ୍ଡା,୨୨।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି, ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର ମୁଖ୍ୟ ବକ୍ତା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା, ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅରୁଣ ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସୁଛି ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷକ ଉଜ୍ଜ୍ୱଳ କୁମାର ସାହୁ ଓ ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା ପକାଇଲେ



ସ୍କୁଲ ଗେଟ୍‌ରେ ତାଲା ପକାଉଛନ୍ତି ଅଭିଭାବକ।

ଖଡ଼ିଆଳ,୨୨।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ମଣ୍ଡୋସିଲ ଗ୍ରାମର ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ଦାବିରେ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ ଜଣ ଶିକ୍ଷକ ରହିଛନ୍ତି। ୫ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ପଦୋନ୍ନତି ପାଇ ସିଆର୍‌ସିସି ଚିଣ୍ଡାଗୁଡ଼ାକୁ ଯାଇଛନ୍ତି। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଆଉ ୩ଜଣ ନୂତନ ଶିକ୍ଷକ ନିଯୁକ୍ତି ଦାବି କରି ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ପୂର୍ବତନ ସରପଞ୍ଚ ରାଧେଶ୍ୟାମ ରଣା, ଜେନା ରଣା, ଟଙ୍କଧର ପାନ, ଟଙ୍କଧର ରଣା, ରୂପେଲି ପାନ, ସପନା ରଣାଙ୍କ ସମେତ ଶତାଧିକ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଖବର ପାଇ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ବିଦ୍ୟାଳୟରେ ପହଞ୍ଚି ତୁରନ୍ତ ଦୁଇଜଣ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନକାରୀ ତାଲା ଖୋଲିଥିଲେ।

# ନାଗମାତାଙ୍କ ପୂଜା ସମ୍ପନ୍ନ

ପଲମ,୨୨।୧୦ (ଭିକାରୀ ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତର ଖଇରମାଲ ଗ୍ରାମରେ ୨ ଦିନ ଧରି ଚାଲିଥିବା ନାଗମାତାଙ୍କ ପୂଜା ମଙ୍ଗଳବାର ସମ୍ପନ୍ନ ହୋଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ୩୪ ବର୍ଷ ହେଲା ଏହି ପୂଜା ହୋଇଆସୁଛି। ପ୍ରଥମ ଶିକ୍ଷାଗୁରୁ ଦନାର୍ଦ୍ଦନ କୁମୁରା ରହିଥିବା ବେଳେ ପୂଜକ ଗୁରୁ ଗୋବିନ୍ଦ ଧରୁଆ ପୂଜା କାର୍ଯ୍ୟ କରିଥିଲେ। ପ୍ରଥମ ଦିନ ବାଟବରଣ ଓ ଦାଣ୍ଡ ପୂଜା କରାଯାଇଥିଲା। ଦ୍ୱିତୀୟ ଦିନ ଭୈରବୀ ପୂଜା, ଚଣ୍ଡୀପୂଜା ସହ ନାଗମାତାଙ୍କ ପୂଜା କରାଯାଇଥିଲା। କମିଟି ସଭାପତି ମନୋରଞ୍ଜନ ଧରୁଆ ଓ ସମ୍ପାଦକ ପୃଥୀରାଜ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା। କମିଟି ସଦସ୍ୟ ଭାସ୍କର ଧରୁଆ, ରୁଦ୍ର ଧରୁଆ, ବୈଲୋଚନ ସାହୁ, ମିଛ ଧରୁଆ, ରାଜୀବ ପୁଟେଲ, ଡିଙ୍ଗର ଧରୁଆ, ମହାଦେବ ଧରୁଆ ସହଯୋଗ କରିଥିଲେ।



# କଳାହାଣ୍ଡି ଜିଲା ଗଠନ ଦିବସ ଜିଲାବ୍ୟାପୀ ପାଳନ ହେଉ

ଭବାନୀପାଟଣା, ୨୨।୧୦(ଉତ୍ତମ ଦାଶ)



ବୈଠକରେ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା।

## ବରିଷ୍ଠ ନାଗରିକ ସଂଘର ବୈଠକ

ପ୍ରତିବର୍ଷ ନଭେମ୍ବର ୧କୁ କଳାହାଣ୍ଡି ଜିଲା ଗଠନ ଦିବସ ଭାବରେ ପାଳନ କରାଯାଉଛି। ଏହି ଦିବସ କଳାହାଣ୍ଡି ଅସ୍ମିତାର ପରିଚାୟକ। ତେଣୁ ଜିଲାବ୍ୟାପୀ ଏହା ପାଳନ କରାଯାଉ। ଜିଲାର ସମସ୍ତ ସଂଗଠନ, ସାଂସ୍କୃତିକ ସଂଗଠନ, ରାଜନୈତିକ ସଂଗଠନ ସାମିଲ ହୋଇ ନିଜ ସ୍ତରରେ ଉତ୍ସବ ଆୟୋଜନ କରିବାକୁ ଭବାନୀପାଟଣାସ୍ଥିତ ଅମଲା ଭବନଠାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ସଂଘ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ଓକିଲ ଜଗନ୍ନାଥ ମୁଣ୍ଡ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାଏକ, କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ କୁମାର ନନ୍ଦ, ଶିକ୍ଷାବିତ୍ ସିମାଞ୍ଚଳ ମିଶ୍ର, ଖବରଦାତା ରାଜ କୁମାର ସିଂହଦେଓ ମଞ୍ଚାସୀନ ଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ବରିଷ୍ଠ ଭାଜପା ନେତା ଭବେନ୍ଦ୍ର ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ଶାନ୍ତନୁ କୁମାର ମୁଣ୍ଡ, କମ୍ୟୁନିଷ୍ଟ ପାର୍ଟିର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ କୁମାର ସାହୁ, ବରିଷ୍ଠ ଖବରଦାତା ଦେବେନ୍ଦ୍ର ବିଶି, ଅମଲା ସଂଘର ଉପଦେଷ୍ଟା ରୂପ କେଶରୀ ଦଳେଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି କଳାହାଣ୍ଡି ଜିଲା ଗଠନ ଦିବସକୁ ଜିଲାବ୍ୟାପୀ ଆୟୋଜନ କରିବା ପାଇଁ ଆହ୍ୱାନ କରିଥିଲେ। ଏ ଦିଗରେ ବିଭିନ୍ନ ସଙ୍ଗଠନ ଓ ଜନସାଧାରଣ ଆଗେଇ ଆସିବାକୁ ମତ ଦେଇଥିଲେ। ସଂଘର ସମ୍ପାଦକ ଭାରତ ଭୂଷଣ ଚଲାଣ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ, ୧୯୪୯ ନଭେମ୍ବର ୧ରେ ପୂର୍ବତନ କଳାହାଣ୍ଡି ଗଡଜାତର ଭବାନୀପାଟଣା ଓ ଧର୍ମଗଡ ସବ୍‌ଡିଭିଜନ ଏବଂ ସମ୍ବଲପୁର ଜିଲାରେ ମିଶିକି ଥିବା ନୂଆପଡ଼ା ସବ୍‌ଡିଭିଜନକୁ ନେଇ ନୂତନ କଳାହାଣ୍ଡି ରାଜସ୍ୱ ଜିଲା ଗଠନ ହେଲା।

## ପଢାଉଥିବାବେଳେ ଟଳିପଡ଼ିଲେ ଅଙ୍ଗନୱାଡ଼ି କର୍ମୀ

ଅମରପାଲି,୨୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍‌ଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାଘରଢେଲ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ମଞ୍ଜୁ ଦେହୁରୀ(୪୦)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ମଞ୍ଜୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇଥିଲେ। ସେଠାରେ ସେ ପିଲାଙ୍କୁ ପଢାଉଥିବାବେଳେ ହଠାତ ଅସୁସ୍ଥତା ଅନୁଭବ କରି ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୧୪) ରୁଜୁ ହୋଇଛି। ମୃତାଙ୍କ ସ୍ୱାମୀ ବାବୁଲାଲ ପଲତା ଜଣେ ଚାଷୀ ଅଟନ୍ତି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। କାର୍ଯ୍ୟରତ ସମୟରେ ଅଙ୍ଗନୱାଡ଼ି କର୍ମୀଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।



# ବିଷ୍ଣୁଙ୍କ ଜନ୍ମ, ମୁରାସୁର ଚିନ୍ତିତ

ଅମରପାଲି, ୨୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀ ୪୨ତମ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଥିବା ମୁରାସୁର ଦରବାରର ମଙ୍ଗଳବାର ଥିଲା ଷଷ୍ଠ ସନ୍ଧ୍ୟା। ଲୀଳା ନାଟକର ନାଟ୍ୟାଭିକ୍ରମରେ ଦେବର୍ଷି ନାରଦ ମୁରାସୁରଙ୍କ ପାଖରେ ପ୍ରବେଶ, ବଦ୍ରିକା ଭୁବନେ କୃଷ୍ଣ ବଲ୍ଲବ ଗୃହେ ଭଗବତୀଙ୍କ କୋଳରୁ ଶେଷ ନୃସିଂହଙ୍କ ରୂପେ ଭଗବାନ ବିଷ୍ଣୁଙ୍କ ଜନ୍ମ ଖବର ପ୍ରକାଶ କରିଛନ୍ତି। ଉକ୍ତ ଖବର ଶୁଣି ମୁରାସୁର ଚିନ୍ତିତ ହୋଇ ପଡିଛନ୍ତି। ଏହି ସବୁ ପ୍ରସଙ୍ଗର ଲୀଳା ନାଟକ ପରିବେଷଣ ହୋଇଥିଲା। ମଞ୍ଚରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ଉପଭୋଗ କରିଥିଲେ। ଦିନବେଳା ପଣ୍ଡିତ ଅଜିତ ଦାସଙ୍କ ଦ୍ୱାରା ରାମାୟଣ ପାରାୟଣ ଗାନ କରାଯାଇଥିଲା। ମଙ୍ଗଳବାର ସୀତା ଚୋରୀ ପ୍ରସଙ୍ଗ ଗାନ କରାଯାଇଥିଲା। ମୁରାସୁର ଦରବାର ମଞ୍ଚରେ ପୂଜା କମିଟି ସଭାପତି ଲବକୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଜିଲାପାଳ ଅନ୍ୟା ଦାସ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସେ ନିଜ ବକ୍ତବ୍ୟରେ ବୀରମହାରାଜପୁର ମାଟି ଏକ କଳା, ସଂସ୍କୃତିର ମାଟି । ଏହି ଅଞ୍ଚଳର କଳା ଓ ସଂସ୍କୃତିର ବିକାଶ ପାଇଁ ପ୍ରଶାସନିକ ସ୍ତରରେ ପ୍ରଚେଷ୍ଟା କରାଯାଉଛି ବୋଲି ପ୍ରକାଶ କରିଥିଲେ। ଏହା ସହିତ ମୁର୍ଷୁଣୀର ଗଜଲକ୍ଷ୍ମୀ ପୂଜାର ସଫଳତାକୁ ନେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହା ସହିତ ରାଜ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟି ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିବା ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସହ ସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ମୁର୍ଷୁଣୀ ସରପଞ୍ଚ ମନୋଜ ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ପିତାମହୁଲ ସମିତି ସଭ୍ୟ ସଇନ୍ଦୁ ସାହୁ, ଦୁର୍ଜନତୈଲା ସମିତି ସଭ୍ୟ ଇତିଶ୍ରୀ ମହାକୁର, ମୁର୍ଷୁଣୀ ସମିତିସଭ୍ୟ ରୀତା ଗର୍ଡିଆ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇଥିଲେ।



ମୁରାସୁର ଦରବାରରେ ଜିଲାପାଳ ଅନ୍ୟା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମୁର୍ଷୁଣୀ ମୁରାସୁର ଦରବାରର ଷଷ୍ଠ ସନ୍ଧ୍ୟା**

## ବରପାଲି ସେମିଫାଇନାଲରେ

ଅମରପାଲି,୨୨।୧୦(ପୀତାମ୍ବର ସାହୁ)

**୧୫ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ପଣ୍ଡିଆପାଲି ଗ୍ରାମ ଖେଳ ପଡ଼ିଆରେ ୧୫ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଖମାରୀ ମୁଖ୍ୟ ଅତିଥି, ଆୟୋଜକ ସଭାପତି ପ୍ରଫୁଲ୍ଲ ବେହେରା, ସମ୍ପାଦକ ସୁବ୍ରତ ବେହେରା ଓ କ୍ରୀଡାବିତ ପିଣ୍ଟୁ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସହରାପାଲି ଓ ବୀରମହାରାଜପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ସହରାପାଲି ଦଳ ଆବଶ୍ୟକ ୮୮ ରନକୁ ୬.୫ ଓଭରରେ ୨ ଉଇକେଟ ବିନିମୟରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆୟୋଜକ ପଣ୍ଡିଆପାଲି ଓ ବରପାଲି ମଧ୍ୟରେ ହୋଇଥିଲା। ବରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୪ ଉଇକେଟ ହରାଇ ୮୫ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ନିର୍ଦ୍ଧାରିତ ଓଭରରେ ୫୬ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ସହରାପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ବରପାଲି ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ସହରାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୭ ଉଇକେଟ ହରାଇ ୪୯ ରନ କରିଥିଲା। ଜବାବରେ ବରପାଲି ଦଳ ଆବଶ୍ୟକ ରନକୁ ୩.୨ ଓଭରରେ ସଂଗ୍ରହ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ମଣ୍ଟୁ ବେହେରା ଓ ଶିବ ପ୍ରଧାନ ଅମ୍ପେୟାର, କୁମାର ସେଠୀ ସ୍କୋରିଂ ଏବଂ ରିଙ୍କୁ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

## ହରିହର ଯୋର ଖଣ୍ଡିରୁ ଯୁବକଙ୍କ ମୃତଦେହ ଜବତ

ଅମରପାଲି,୨୨।୧୦(ପୀତାମ୍ବର ସାହୁ)



ଶେଷଦେବ ଘୁଷୁରି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କାଦୋଦର ପଞ୍ଚାୟତ ବମରାଜ ନିକଟସ୍ଥ ହରିହର ଯୋର ଖଣ୍ଡିରେ ଥିବା ଭରତା ଆଟ ନିକଟରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମଙ୍ଗଳବାର ଜବତ ହୋଇଛି। ମୃତକ ବୀରମହାରାଜପୁର ଥାନା ଘଣ୍ଟପାଲି ଗ୍ରାମର ଶେଷଦେବ ଘୁଷୁରି(୨୭)ବୋଲି ଜଣାପଡିଛି। ମୃତ ଶେଷଦେବ ଜଣେ ଟ୍ରାକ୍ଟର ଚାଳକ। ସେ ଗତ ରବିବାରଠାରୁ ନିଖୋଜ ଥିବା ବୀରମହାରାଜପୁର ଥାନାରେ ତାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଓ ପରିବାର ଲୋକେ ଖୋଜାଖୋଜି ବେଳେ ଭରତା ଆଟରୁ ଯୁବକଙ୍କ କ୍ଷତବିକ୍ଷତ ମୃତ ଦେହ ଦେଖିବାକୁ ମିଳିଥିଲା। ମଙ୍ଗଳବାର ସନ୍ଧ୍ୟା ହୋଇଯାଇବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା। ବୁଧବାର ବ୍ୟବଚ୍ଛେଦ ହେବ। ମୃତଦେହ ଚିହ୍ନଟ ପରେ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(୨୭/୨୪)ରୁଜୁ ହୋଇ ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଶୋଭକର ସେଠ ପ୍ରକାଶ କରିଛନ୍ତି। ଯୁବକ ଜଣକ ରବିବାର ସନ୍ଧ୍ୟାରୁ ତାଙ୍କ ବାଇକରେ ଘରୁ ଏକୁଟିଆ ଯାଇଥିଲେ। ବାଇକ ବାରଝୁଲା ନିକଟସ୍ଥ ହରିହର ଯୋର ଖଣ୍ଡିରେ ରଖି ଯୋର ଅପର ପାର୍ଶ୍ୱକୁ ଯାଇଥିଲେ। ତେବେ ପାରିପାର୍ଶିକ ପରିସ୍ଥିତିରୁ ସେଠାରେ ଜନ୍ତୁ ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ୍‌ତାରରେ ଲାଗି ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମାତ୍ର ଯୁବକ ଜଣକ ସେହି ନିଛାଟିଆ ଜଙ୍ଗଲ ଅଞ୍ଚଳକୁ କାହିଁକି ଯାଇଥିଲେ ତାହା ସନ୍ଦେହକୁ ବଢ଼ାଇଛି। ମୃତ୍ୟୁର କାରଣ ଜଣା ପଡି ନ ଥିଲେ ମଧ୍ୟ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରୁଛନ୍ତି। ତେବେ ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସମ୍ପୃକ୍ତ ଅଞ୍ଚଳର ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

## କେନାଲ ପାଣି ଯୋଗାଣ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

ବାଉଁଶୁଣୀ,୨୨।୧୦(ଦେବାଶିଷ ନେପାକ)

ଧାନ ଚାଷ ଜମିକୁ କେନାଲ ପାଣି ଯୋଗାଣ ଦାବିରେ ମଙ୍ଗଳବାର ପୂର୍ବାହ୍ନରେ ବୌଦ୍ଧ ବ୍ଲକ ବାଉଁଶୁଣୀ ମୌଜାର ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାଲୁଙ୍କି କେନାଲର ଛେଳିବାହାଲ ହେଡ ଠାରୁ ବାଉଁଶୁଣୀ ମୌଜାକୁ କେନାଲ ପାଣି ଆସିଥାଏ। ମାତ୍ର ଚଳିତବର୍ଷ କେନାଲ ପାଣି ତଳ ମୁଣ୍ଡରେ ପହଞ୍ଚୁନାହିଁ। ଫଳରେ ବାଉଁଶୁଣୀ ମୌଜାର ଶହ ଶହ ଏକର ଚାଷ ଜମିରେ ମରୁଡି ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ କେନାଲ ପାଣି ଯୋଗାଇ ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମ ଶେଷମୁଣ୍ଡ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଉପରେ ଗଛଲତା ମାଡି ଗଲାଣି । ଏଥିଯୋଗୁଁ ଫ୍ୟୁଜ ମଧ ବାରମ୍ବାର ଯାଉଛି। ଯାହାଦ୍ୱାରା ଗ୍ରାମବାସୀ ଦିନ ଦିନ ଧରି ଅନ୍ଧାରରେ ରହୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଫ୍ୟୁଜ ମରାମତି ପାଇଁ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର ଫୋନ କରି ହଇରାଣ ହେଉଛନ୍ତି । ବାଧ ହୋଇ ସମୟ ସମୟରେ ସେମାନେ ନିଜେ ଫ୍ୟୁଜ ମରାମତି କରି କାମ ଚଳାଉଛନ୍ତି। ବିଦ୍ୟୁତ୍ ତାର ଲାଗି ଜିଲାରେ ବହୁ ଧନ ଜୀବନ ହାନି ହେଉଥିବା ବେଳେ ବିଭାଗ ଏଥିପ୍ରତି ଧ୍ୟାନ ଦେଉନାହିଁ। ଟ୍ରାନ୍ସଫର୍ମରକୁ ମାଡିଥିବା ଅନାବନା ଲତାକୁ ସଫାକରି ଚାରିପାଖରେ ପାଚେରି ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଚନ୍ଦ୍ରପୁର ଗାଁରେ ଥିବା ଟ୍ରାନ୍ସଫର୍ମର ଉପରେ ଅନାବନା ଲତା ମାଡିଯାଇଛି।

## ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୨।୧୦(ଅଜିତ କୁମାର ବାରିକ)

**ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ପ୍ରସ୍ତୁତି ବୈଠକ**

ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ଛୁଟିରେ ନ ଯିବା ଏବଂ ଜିଲା ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ବୈଠକରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ,ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଓ ପ୍ରାଥମିକ ଚିକିତ୍ସା ଯୋଗାଇବାରେ ଗୁରୁତ୍ୱ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ଚିକିତ୍ସାଳୟଗୁଡିକରେ ସାପ କାମୁଡା,ଡାଇରିଆ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା, ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଗୃହପାଳିତ ପଶୁ ପକ୍ଷୀମାନଙ୍କ ପାଇଁ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୨୯ ତାରିଖରେ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ପାଳନ କରାଯିବା ଏବଂ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ,ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିକେଆରସି ହେମ୍ବ୍ରମ, ସହକାରୀ ଅଗ୍ନିଶମ ଅଧିକାରୀ ସୁମନ୍ତ ଜେନା, ଜିଲା ସୂଚନା ଓ ଲୋକସଂପର୍କ ଅଧିକରୀ ରିତାକାନ୍ତି ବଲିୟାରସିଂ. କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ସନକ ମେହେର, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର ନାଥ ଗୁରୁ, ଅଧାପକ ସଦାନନ୍ଦ ମାହାରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସୁଦାମ କୁମାର ସ୍ୱାଇଁ ବୈଠକ ପରିଚାଳନା କରିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ବିପର୍ଯ୍ୟୟ ପରିଚାଳନା ସଂଜୟ କୁମାର ଝା ଏବଂ ସୁନିଲ କୁମାର ବେହେରା ସହଯୋଗ କରିଥିଲେ।

## ବୀରମହାରାଜପୁର ଚାମ୍ପିୟନ

ବାଉଁଶୁଣୀ,୨୨।୧୦(ଦେବାଶିଷ ନେପାକ)

**୧୬ ତମ ସ୍ୱାଧୀନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ସ୍ୱାଧୀନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୀରମହାରାଜପୁର ଓ ଗିରାସିଙ୍ଗା ମଧ୍ୟରେ ହୋଇଥିଲା। ବୀରମହାରାଜପୁର ୪-୦ ଗୋଲରେ ଅଗ୍ରଣୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଖୁଣ୍ଟବନ୍ଧ ସରପଞ୍ଚ ପ୍ରତିନିଧି ବିକ୍ରମ ମହାନନ୍ଦିଆ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ବୌଦ୍ଧ ବ୍ଲକର ପୂର୍ବତନ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ତାଳସରଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ସେଠୀ, ବୁରକଟା ଗ୍ରାମ୍ୟ ସଭାପତି ଦେବାର ବିଶି, ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଉପବିଜେତା ଗିରାସିଙ୍ଗା ଦଳକୁ ଟ୍ରଫି ସହିତ ୬ ହଜାର ଟଙ୍କା ଓ ଚାମ୍ପିୟନ ବୀରମହାରାଜପୁର ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅମିତ ନାଏକ, ସୁଶୀଲ ବେହେରା , ପ୍ରହଲ୍ଲାଦ ଭୋକ୍ତା, ଏସ.କେ. ମାହାର ଫାଇନାଲ ଖେଳ ପରିଚାଳନା କରିଥିଲେ। ୪ ଦିନ ଧରି ଚାଲିଥିବା ଏହି ଫୁଟବଲ ପ୍ରତିଯୋଗିତାରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବର ସଭାପତି ସମୀର ପ୍ରଧାନ, ଗୋପାଳ ଅମାତ, ପ୍ରକାଶ ପ୍ରଧାନ, ସମ୍ପାଦକ ସଲିଲ ପ୍ରଧାନ, ଶ୍ରୀତମ ଦେହୁରୀ, ପ୍ରଶାନ୍ତ ଦେହୁରୀ, ସଚିନ କର୍ମୀ, ମହେଶ, ଅମିତ, ଅକ୍ଷୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୬୦ କେଜି ଗଞ୍ଜେଇ ଜବତ: ଅଭିଯୁକ୍ତ ଗିରଫ

ବାଉଁଶୁଣୀ,୨୨।୧୦(ଦେବାଶିଷ ନେପାକ)

ବାଉଁଶୁଣୀ ପୋଲିସ ଚଢାଉ କରି ଟାଟରକିଲା ଗ୍ରାମ ନିକଟରୁ ୬୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଶଙ୍କର୍ଷଣ ବାରିକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋମବାର ଦିନ ପୋଲିସ ଟାଟରକିଲା ଗ୍ରାମରେ ଚଢାଉ କରିଥିଲା । ଚଢାଉ ସମୟରେ ଅଭିଯୁକ୍ତ ଶଙ୍କର୍ଷଣଙ୍କ ଘର ପଛ ପାଖରୁ ୬୦ କେଜି ଗଞ୍ଜେଇ ଜବତ କରିଥିଲା । ଏ ନେଇ ଥାନାରେ ନଂ ୧୫୫/୨୦୨୪ରେ ଏକ ମାମଲା ରୁଜୁ ହୋଇଛି । ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଉଁଶୁଣୀ ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ସୂଚନା ଦେଇଛନ୍ତି । ସେହିପରି ନିକଟରେ ପୋଲିସ ଉଡବିଲିକା-ଦୁମଦୁମା ଜଙ୍ଗଲ ରାସ୍ତାରେ ଚଢାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାରେ ବହିରା ଗ୍ରାମର ଅଷ୍ଟ କଲତା ଓ ସିଙ୍ଗାରୀ ଗ୍ରାମର ଡେଙ୍ଗୁ କଲତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଗାୟତ୍ରୀ ପରିବାର ତରଫରୁ ସୁବର୍ଣ୍ଣମେରୁ ଶୈବ ପୀଠ ପ୍ରାଙ୍ଗଣରେ ଚାଲିଥିବା ୨୦ତମ ଗାୟତ୍ରୀ ମହାମନ୍ତ୍ରର ମହାପୁରଶ୍ଚରଣ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱର କଲ୍ୟାଣ, ଶାନ୍ତି ପ୍ରତିଷ୍ଠା ଓ ଜନସାଧାରଣଙ୍କ ମଧ୍ୟରେ ଦେବତ୍ୱର ପରିପ୍ରକାଶ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାୟତ୍ରୀ ଦିକ୍ଷିତ ପରିଜନଙ୍କ ଦ୍ୱାରା ୨୪ଲକ୍ଷ ଗାୟତ୍ରୀ ମହାମନ୍ତ୍ର ଜପ ଅନୁଷ୍ଠାନ ପକ୍ଷରୁ ୨୦୦୫ ମସିହାରୁ ତନ୍ତ୍ର ପୀଠ ସୁବର୍ଣ୍ଣପୁରରେ ଏହି ଧାର୍ମିକ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହେଉଛି। ପ୍ରାତଃ ୩ଟା ୩୦ରେ ଜାଗରଣ ଓ ୪ଟା୩୦ରେ ଆଳତୀ ହେଉଥିଲା। ସକାଳ ୬ଟାରେ ଜପ ଓ ଯଜ୍ଞ ଆରମ୍ଭ ହୋଇ ପଞ୍ଚକୁଣ୍ଡିୟ ଯଜ୍ଞ ଦ୍ୱାରା ସାଧକ ଓ ଜପକମାନଙ୍କ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ସମାପନ ହେଉଥିଲା। ଏହି ଜପଯଜ୍ଞ ୧୪ ତାରିଖ ସନ୍ଧ୍ୟାରୁ ସଙ୍କଳ୍ପ ସହ ଶୁଭାରମ୍ଭ ହୋଇ ଦୀର୍ଘ ୭ ଦିନ ଧରି ଚାଲିଥିଲା। ପ୍ରତି ବ୍ଲକରୁ ଗାୟତ୍ରୀ ପରିବାରର ସଦସ୍ୟ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଧାର୍ମିକ କାର୍ଯ୍ୟ ୨୪ ବର୍ଷର ସଙ୍କଳ୍ପ। ୨୦୨୮ ମସିହାରେ ଏହା ପୂର୍ଣ୍ଣ ହେବ ବୋଲି ଜଣାପଡିଛି। ପ୍ରତ୍ୟହ ଜପରେ ଭାଗ ନେଉଥିବା ଓ ଆବାସିକଙ୍କ ନିମନ୍ତେ ଅନୁଷ୍ଠାନ ତରଫରୁ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ପ୍ରାୟ ୪ରୁ ୫ଟି ଜିଲାର ଗ୍ରାୟତ୍ରୀ ଦିକ୍ଷିତ ଓ ଅଣଦିକ୍ଷିତ ଭଉଣୀଭାଇମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମହାପୂର୍ଣ୍ଣାହୁତିରେ ହଜାର ହଜାର ଜନସାଧାରଣ ସାମିଲ ହୋଇଥିଲେ। ଜିଲାର ବରିଷ୍ଠ ପରିଜନ ସୌମିତ୍ରି ଥନାପତିଙ୍କ ନେତୃତ୍ୱରେ ଜିଲା ସମ୍ପାଦକ କମଳ ଲୋଚନ ପ୍ରଧାନ ଓ ମ୍ୟାନେଜିଂ ଟ୍ରଷ୍ଟି ପ୍ରଭାକର ଦଳେଇଙ୍କ ସହଯୋଗରେ ଏହି ୨୪ଲକ୍ଷ ଗାୟତ୍ରୀ ମହାମନ୍ତ୍ରର ମହାପୁରଶ୍ଚରଣ ମହାସମାରୋହରେ ଆୟୋଜିତ ହୋଇଥିଲା। ଏଥିରେ ଅନ୍ନ ପ୍ରାଶନ, ଜନ୍ମ ଦିବସ ପାଳନ ଓ ଜପଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପଙ୍କଜ ମେହେର, ପ୍ରତାପ କେଶରୀ ରାୟଗୁରୁ, ଭଗବତୀ ରାୟଗୁରୁ, ବଜରଙ୍ଗ ମେହେର, ବାସୁଦେବ ସାହୁ, ମୀନା ଅଗ୍ରୱାଲ, ନରେଶ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ମାରୱାଡି ପରିବାର ଓ ଶୁଭେଚ୍ଛୁ ସହଯୋଗ କରିଥିଲେ।



ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ।

## କନ୍ୟାସନ୍ତାନ ଦିବସରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ

ସୋନପୁର,୨୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି କେକ୍‌କାଟି କାର୍ଯକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ବାଳିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲି, ଡିଏସ୍‌ପି ପ୍ରତାପ ରଣା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ଯୋଗଦେଇ ଶିଶୁକନ୍ୟାମାନଙ୍କର ସୁରକ୍ଷା, ଆତ୍ମରକ୍ଷା, ଶିକ୍ଷା ଓ ପାରଦର୍ଶିତା ଉପରେ ମତ ରଖିଥିଲେ। ବାଲ୍ୟବିବାହ ପରାମର୍ଶଦାତା ଅକ୍ଷୟ କୁମାର ସିଂ ଜୀବନ କୌଶଳ ଏବଂ ଆଶିଷ ଅଗ୍ରୱାଲ ସାଇବର କ୍ରାଇମ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏନସିସି ବିଭାଗ, ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ,ପଦ୍ମିନୀ କଲେଜ, ଅଦ୍ରିକା ବାଳିକା ସୋନପୁର ଆଦିର ୨୩୦ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶେଷ ପାରଦର୍ଶିତା ଲାଭକରିଥିବା ଅସୁରମୁଣ୍ଡାର ତିଳୋତ୍ତମା ସାହୁ ଆର୍ଟ ଓ ପେଣ୍ଟିଂ ପାଇଁ, ଫେସନ ଶୋ ପାଇଁ ଅଂଶିକା ମିଶ୍ର, ବାଲ୍ୟବିବାହ ସଚେତନତା ପାଇଁ ପଦ୍ମିନୀ ବେହେରା ଏବଂ କୀର୍ତ୍ତନ ଗାୟିକା କୁନି କଳାକାର ଶୁଭଶ୍ରୀ ସାଣ୍ଡଙ୍କୁ ପ୍ରଂଶସା ପତ୍ର ଓ ଫଳକ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନାରେ ୨ ଜଣଙ୍କୁ ୨ ହଜାର ଟଙ୍କାର ଚେକ୍ ଓ ବୈଷୟିକ ଶିକ୍ଷା ପାଇଁ ଯଶୋଦା ଯୋଜନାରେ ଦୁଇ ଜଣ ବାଳିକାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭା ସଂଯୋଜନା କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ଥବିର କାଳସେ, ସ୍ୱାଗତରାଜ ମିଶ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ, କେଶବ ଚନ୍ଦ୍ର ମେହେର, ଅନିଲ ମହଲା, ସରିତା ସୁନା, ସୁଧୀର ଦାସ, ଧର୍ମେନ୍ଦ୍ର ଦାସ ସହଯୋଗ କରିଥିଲେ।



ଦିବସ ପାଳନ ଅବସରରେ ଅତିଥି ଓ ଅଧିକାରୀମାନେ।

## ସଂକ୍ଷେପରେ

### ବନ୍ଧମୁଣ୍ଡାର ରେଳ କ୍ୱାର୍ଟର୍ସରୁ ପୁଣି ଚୋରି

ବନ୍ଧମୁଣ୍ଡା, ୨୨।୧୦(ସୁବ୍ରତ ଦେ): ବନ୍ଧମୁଣ୍ଡାରେ ଚୋରି ଏବଂ ଡକାୟତି ମାମଲା ବନ୍ଦ ହେବାର ଥମୁନାହିଁ। ଏଥର ଚୋର ଗ୍ୟାଙ୍ଗ ବନ୍ଧମୁଣ୍ଡାର ଜଣେ ଟ୍ରେନ ଚାଳକଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଧମୁଣ୍ଡାର ଡିଜେଲ କଲୋନୀ ନିବାସୀ ଏଲ ୫/୧ ନିବାସୀ ରାଜେଶ ଲୁହା ନାମକ ଟ୍ରେନ ଚାଳକ ମଙ୍ଗଳବାର ସନ୍ଧ୍ୟାରେ ଡ୍ୟୁଟିରୁ ଘରକୁ ଫେରିବା ପରେ ଘରର ତାଲା ଖୋଲି ଦେଖିଲେ ଯେ ଘରର ପଛ କବାଟ ଭାଙ୍ଗି ଚୋରମାନେ ରୋଷେଇ ଘରୁ ଗ୍ୟାସ ସିଲିଣ୍ଡର, କିଛି ବହି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଛନ୍ତି। ଏହା ପରେ ରାଜେଶ ଏହି ଘଟଣା ବିଷୟରେ ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦେଇଛନ୍ତି। ଯାହା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ରେଳବାଇ କଲୋନୀରେ କ୍ରମାଗତ ଚୋରି ହେଉ ଥିବାରୁ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଇଛି।

### କାମ କରିବାକୁ ଯାଇଥିବା ଯୁବକ ନିଖୋଜ

ବଡ଼ଗାଁ,୨୨।୧୦(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଜଣେ ଯୁବକଙ୍କୁ ସେନ୍ଦ୍ରିଟାଙ୍ଗର ଗ୍ରାମର ଜଣେ ଯୁବକ ମହାରାଷ୍ଟ୍ରରେ ଶ୍ରମିକ କାମ କରିବାକୁ ନେଇଥିବା ଓ ସେଠାରେ ଯୁବକ ନିଖୋଜ ହୋଇଥିବା ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନିଖୋଜ ସାହାଜବାହାଲ ଗ୍ରାମର ଦୁର୍ଜନ ରୋହିଦାସଙ୍କ ମାଇଁ ସୁକାନ୍ତି ରୋହିଦାସଙ୍କ ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ସେନ୍ଦ୍ରିଟାଙ୍ଗର ଗ୍ରାମର ଜଣେ ଯୁବକ ମହାରାଷ୍ଟ୍ରରେ କାମ କରିବାକୁ କହି ସାଙ୍ଗରେ ନେଇଥିଲେ। ଗତ ୧୪ ତାରିଖ ଦୁର୍ଜନଙ୍କୁ ସାଙ୍ଗରେ ନେଇଥିବା ଯୁବକ ଫୋନରେ ତମ ଭଣଜା ପାଗଳ ହୋଇ କୁଆଡେ ଚାଲିଯାଇଛନ୍ତି କହିଥିଲେ। ଖୋଜାଖୋଜି କଲା ପରେ ତାଙ୍କୁ ପାଇ ନ ଥିବା ଜଣାଇବା ପରେ ତାଙ୍କ ମାଇଁ ଥାନାରେ ଜଣାଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

### ‘କଠିନ ପରିଶ୍ରମ ସହ ମା’ ବାପାଙ୍କ ଆଶୀର୍ବାଦ ମୋର ସଫଳତାର ଶ୍ରେୟ’

କୁଆଁରମୁଣ୍ଡା,୨୨।୧୦(ମହେନ୍ଦ୍ର କୁମାର ସାହୁ): ନିଜର ଦୃଢ଼ ମନୋବଳ ସହ କଠିନ ପରିଶ୍ରମ ଯୋଗୁ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୫୪ ନମ୍ବର



ସ୍ଥାନ ହାସଲ କରିଛନ୍ତି କୁଆଁରମୁଣ୍ଡା ବ୍ଲକ ଅନ୍ଧାରୀ ପଞ୍ଚାୟତ ଧାଙ୍ଗରିନଟା ଗ୍ରାମର ନିଶିକାନ୍ତ ଟେଟେ। ୨ଥର ଓସିଏସ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ ମଧ୍ୟ ନିଜର ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ତାଙ୍କୁ ୩ ଥର ପରୀକ୍ଷାରେ ସଫଳତା ଦେଇଛି। ଏହି ଶ୍ରେୟ ସେ ନିଜର ବାପା ପ୍ରକାଶ ଟେଟେ ଓ ସ୍ୱର୍ଗୀୟ ମା’ ମାରୀୟାମ ଟେଟେଙ୍କୁ ଦେଇଛନ୍ତି। କାରଣ ପରିବାରର ଆର୍ଥିକ ସଙ୍କଟ ମଧ୍ୟରେ ବାପା ପ୍ରକାଶ ଓ ମା ମାରୀୟାମ କଠିନ ପରିଶ୍ରମ କରି ତାଙ୍କୁ କଟକ ଷ୍ଟିୱାର୍ଟ ସ୍କୁଲ ଓ ପରେ ରେଭେନ୍ସା କଲେଜରେ ପଢ଼ିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଉଥିଲେ। ଏବେ ନିଶିକାନ୍ତ ଓଡ଼ିଶା ସଚିବାଳୟରେ ଏଏସଓ ଭାବେ କାର୍ଯ୍ୟରତ ଅଛନ୍ତି। ଚାକିରି ସମୟ ପରେ ବଳକା ସମୟରେ ନିଶିକାନ୍ତ ଓସିଏସ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ।

### କୋଶଲ ସମାଜ ପକ୍ଷରୁ ଆଜାଦ ହିନ୍ଦ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ଼,୨୨।୧୦(ଜୟ ନାରାୟଣ ମେଣ୍ଟୁଲି): କୋଶଲ ସମାଜ ପକ୍ଷରୁ ସୋମବାର ଆଜାଦ ହିନ୍ଦ ଦିବସ ପାଳିତ ହୋଇଯାଇଛି। ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଓ ଅଧ୍ୟାପିକା ଝରଣା ଦେବୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ଦେଶ ସ୍ୱାଧୀନତା ଆନ୍ଦୋଳନରେ ସୁଭାଷଙ୍କ ଅବଦାନ ତଥା ଆଜାଦ ହିନ୍ଦ ଫୌଜ ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ।

# ନାବାଳିକା ନାବାଳକ ଆତ୍ମହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ ହେଉ

- ଥାନାରେ ପହଞ୍ଚି ଦାବିକଲେ ହଳଦୀକାଞ୍ଚି ଗ୍ରାମବାସୀ
- ୨ମାସ ମଧ୍ୟରେ ନାବାଳିକା ନାବାଳକଙ୍କ ଆତ୍ମହତ୍ୟା
- ଘଟଣାକୁ କେନ୍ଦ୍ରକରି ହଳଦୀକାଞ୍ଚିବାସୀ ଅସନ୍ତୋଷ



ଥାନାକୁ ଆସିଥିବା ଗ୍ରାମବାସୀ।

ଲହୁଣୀପଡା, ୨୨।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ହଳଦୀ କାଞ୍ଚି ଗ୍ରାମରେ ଦୁଇ ମାସ ମଧ୍ୟରେ ଦୁଇଟି ଆତ୍ମହତ୍ୟା ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ଥିବା ଜାଣିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମବାସୀ ଲହୁଣୀପଡା ଥାନାକୁ ଆସି ଅଭିଯୋଗ କରିଛନ୍ତି ଯେ, ପ୍ରକୃତରେ ଏହା ଆତ୍ମହତ୍ୟା ନା ଆତ୍ମହତ୍ୟାର ରୂପ ଦିଆ ଯାଉଛି। ଏଥିପ୍ରତି ସନ୍ଦେହ ହେଉଛି। ଏହାର ଉପଯୁକ୍ତ ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯାଉ ବୋଲି ଲିଖିତ ଦାବି କରିବା ସହିତ ଥାନା ଅଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ହଳଦୀକାଞ୍ଚି ଗ୍ରାମରେ ଗତ ଅଗଷ୍ଟ ମାସ ୨୦ରେ ଗ୍ରାମର ଜଣେ ନାବାଳିକା (୧୪)କୌଣସି କାରଣ ଯୋଗୁ ଆତ୍ମହତ୍ୟା କରିଥିଲେ। ଏହାର ଦୁଇମାସ ପରେ ତଥା ଅକ୍ଟୋବର ୨୦ ତାରିଖ ରବିବାର ବିଳମ୍ବିତ ରାତିରେ ସେହି ହଳଦୀକାଞ୍ଚି ଗ୍ରାମର ନାବାଳକ (୧୫) ଘର ନିକଟସ୍ଥ ବରଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିବା ଘଟଣାକୁ ଗ୍ରାମବାସୀ ସନ୍ଦେହ କରୁଛନ୍ତି। କାରଣ ଦୁଇମାସ ମଧ୍ୟରେ ଗୋଟିଏ ଗ୍ରାମରେ ଦୁଇଜଣ ନାବାଳକ ନାବଳିକା ଆତ୍ମହତ୍ୟା କରିବା ଉଦବେଗଜନକ। ଏଣୁ କୁଡେଇକଳା ପଞ୍ଚାୟତର ହଳଦୀକାଞ୍ଚି ଓ ଘଣିଘସା ଗ୍ରାମର ଲୋକମାନେ ଆସି ଅଭିଯୋଗ କରୁଛୁ ଯେ, ଏହା ଆତ୍ମହତ୍ୟା ନା ଏହାକୁ ଆତ୍ମହତ୍ୟାର ରୂପ ଦିଆ ଯାଇଛି। ଏଣୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯାଉ ବୋଲି ଲିଖିତ ଦାବି କରିବା ସହିତ ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କରଙ୍କ ସହିତ ଆଲୋଚନା କରିଥିଲେ। କୁଡେଇକଳା ସରପଞ୍ଚ ଶିବ ଶଙ୍କର ନାଏକ, ୱାର୍ଡ ସଭ୍ୟ ହୀରାମଣି ଫତକାର୍ ସନ୍ତୋଷ ମୁଣ୍ଡାଙ୍କ ସମେତ ଉଭୟ ଗ୍ରାମର ମୁଖିଆମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଅଳ୍ପ ଦିନ ବ୍ୟବଧାନରେ ଦୁଇଟି ଆତ୍ମହତ୍ୟା ଘଟଣାକୁ ଗ୍ରାମବାସୀ ଗ୍ରହଣ କରି ପାରୁ ନାହୁଁ। ଏଣୁ ଏହାର ଉପଯୁକ୍ତ ତଦନ୍ତ କରାଯାଉ ସତ୍ୟାସତ୍ୟ ଲୋକଲୋଚନକୁ ଆସୁ ବୋଲି ଉପସ୍ଥିତ ଗ୍ରାମବାସୀମାନେ ପ୍ରକାଶ କରିଥିଲେ।

# ପାଉଁଶ ଗାଡ଼ି ଯିବା ବନ୍ଦ କରିବାକୁ ଏଡିଏମ୍‌ଙ୍କୁ ଭେଟିଲେ ଗ୍ରାମବାସୀ

ସବ୍‌ଡେଗା, ୨୨।୧୦ (ଅନନ୍ତ ପଟେଲ )

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ମୁଖ୍ୟ ରାସ୍ତା ରାଜ୍ୟ ରାଜପଥ ୨୪ରେ ପ୍ରତିଦିନ ଶହ ଶହ ଟ୍ରଲର ଗାଡି ଅସୁରକ୍ଷିତ ଭାବରେ ଝାରସୁଗୁଡା ଓ ଦର୍ଲିପାଲି କାରଖାନାରୁ ବାହାରୁ ଥିବା ପାଉଁଶଗୁଣ୍ଡ ବୋଝେଇ କରି ଛତିଶଗଡ଼କୁ ଯାଉଛି। ଯାହାଦ୍ୱାରା ମୁଖ୍ୟ ରାଜପଥରେ ଉକ୍ତ ଗାଡିଗୁଡ଼ିକରୁ ସେହି ପାଉଁଶଗୁଣ୍ଡ ସବୁ ପଡ଼ି ପଡ଼ି ଯାଉଛି। ଫଳରେ ରାସ୍ତାରେ ଯିବା ଆସିବା କରିବାରେ ଲୋକେ ଅନେକ ଅସୁବିଧା ଭୋଗୁଛନ୍ତି। ସବ୍‌ଡେଗା ରାସ୍ତାର ଉଭୟ ପାଖରେ ଥିବା ଦୋକାନରେ ଉକ୍ତ ଗୁଣ୍ଡ ପଶୁଥିବାରୁ ଦୋକାନୀ ମାନଙ୍କର ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେଉଛି। ଖାଇବା ଦୋକାନୀଙ୍କର ପ୍ରତିଦିନ ଖାଇବା ସାମଗ୍ରୀ ଖରାପ ହେଉଛି। ଦୋକାନୀମାନେ ଦୋକାନରେ ବସିପାରୁନାହାନ୍ତି। ଏଭଳି ଅନେକ ଅସୁବିଧା ସୃଷ୍ଟି ହେଉଛି। ବାଇକ୍ ଆରୋହୀମାନେ ରାସ୍ତାରେ ଯିବା ବେଳେ ଟ୍ରକ ପଛରେ ପଡିଗଲେ ଉକ୍ତ ଗୁଣ୍ଡରେ ପୋତି ହୋଇଯାଇ କିଛି ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏସବୁର ସମାଧାନ ଲାଗି ସବଡେଗା ସମସ୍ତ ଦୋକାନୀ, ଯୁବକ ଏବଂ ଗ୍ରାମବାସୀ ଯାଇ ଏଡିଏମ୍‌ଙ୍କୁ ଭେଟି ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଗୁରୁବାର ରାଜରାସ୍ତା ବନ୍ଦ କରାଯିବ ବୋଲି କହିଛନ୍ତି।



ଏଡିଏମ୍‌ଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ଲୌହଖଣି ସମ୍ମୁଖରେ ଗଣବିକ୍ଷୋଭ





ସିଆଇଟିୟୁ ପକ୍ଷରୁ ଖଣି ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଟେନ୍‌ସା, ୨୨।୧୦(ସମୀର କୁମାର ପାଢ଼ୀ)

**ମୌଳିକ ଅଧିକାର ପାଇଁ ଆନ୍ଦୋଳନ**

- ପୋଲିସ- ବିକ୍ଷୋଭକାରୀ ଧସ୍ତାଧସ୍ତି
- ମାଇନ୍ସ କାର୍ଯ୍ୟାଳୟ ଛାଡି ପଳାଇଲେ ଖଣି କର୍ତ୍ତୃପକ୍ଷ

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟର ଅନ୍ତର୍ଗତ ଆର୍ସେଲ ମିତ୍ତଲ ସେଗାସାହି ମାଇନ୍ସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁର ୫ ହଜାରରୁ ଅଧିକ କର୍ମୀ ବିଶାଳ ଧାରଣାରେ ବସିବା ସହ ପୋଷ୍ଟର, ବ୍ୟାନର୍, ପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମିତ୍ତଲ ଖଣି ୨୦୨୧ଠାରୁ ଖଣି ଖୋଲିବା ପରେ ସ୍ଥାନୀୟ ଲୋକଙ୍କୁ ବହୁ ପ୍ରତିଶ୍ରୁତି ଦେବା ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଲିଖିତ ଚୁକ୍ତି ମଧ୍ୟ କରିଥିଲା। ହେଲେ ଖଣି ଖୋଲିବା ପରେ ସ୍ଥାନୀୟ ନିଯୁକ୍ତି ଦୂରର କଥା ୧୦ କୋଟି ବିନିଯୋଗରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ମଧ୍ୟ ପରିବହନ କରି ଖରାପ କରିଦେଇଛି। ପାରିପାର୍ଶିକ ଉନ୍ନତି ପ୍ରତି ଧ୍ୟାନ ନ ଦେବା ଫଳରେ ପରିଶେଷରେ ଗ୍ରାମବାସୀ ବିଧାୟକଙ୍କୁ ଭେଟିଥିଲେ। ପାଇପ ଲାଇନରେ କଞ୍ଚାମାଲ ପରିବହନକୁ ବନ୍ଦ କରିବା, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ୬ଟି ରେଲୱେ ସାଇଡିଁକୁ ଲୁହାପଥର ଯୋଗାଇବା, କୋଇଡାରୁ କଳମଙ୍ଗ କଂକ୍ରିଟ ରାସ୍ତା ନିର୍ମାଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଠାରୁ ଆଲୋକୀକରଣ ଆଦି ୧୨ ଦଫା ଦାବି ନେଇ ଏକ ଲିଖିତ ଗତ ୨୮ ସେପ୍ଟେମ୍ବର ପ୍ରଦାନ କରିଥିଲେ। ଏ ନେଇ କମ୍ପାନୀ କିଛି ପଦକ୍ଷେପ ନ ନେବାରୁ ମଙ୍ଗଳବାରଠାରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବା ସହ ମାଇନ୍ସ ଭିତରକୁ ବିକ୍ଷୋଭକାରୀ ପଶିବା ବେଳେ ପୋଲିସ ସହିତ ଧସ୍ତାଧସ୍ତି ପରିସ୍ଥିତି ଘଟିଥିଲା। ଏମିତିକି ପରିସ୍ଥିତି ଦେଖି ଖଣି କାର୍ଯ୍ୟାଳୟ ଛାଡି ପଳାଇଥିଲେ ଖଣି କର୍ତ୍ତୃପକ୍ଷ। ସମସ୍ତ ଦାବି ଯେତେବେଳେ ପର୍ଯ୍ୟନ୍ତ ପୂରଣ ନ ହୋଇଛି ବିକ୍ଷୋଭ ପ୍ରଦର୍ଶନ ଜାରି ରହିବା ସହ ଖଣି ପରିବହନ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଠପ ରହିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଉକ୍ତ ବିକ୍ଷୋଭ ପ୍ରଦର୍ଶନରେ ବିଧାୟକଙ୍କ ସମେତ ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, କୋଇଡା ଖ ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ପୂର୍ବତନ ଉପାଧ୍ୟକ୍ଷ ଦିବାକର ନାଏକ, ଟିକେଶ୍ୱର ପାତ୍ର, ବାଦଲ ବାରିକ, ପ୍ରଭାତ ପାତ୍ର, ସୁଧାଂଶୁ ସାହୁ ପ୍ରମୁଖଙ୍କ ସହ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ଗ୍ରାମବାସୀ ଯୋଗଦେଇଥିଲେ। ଘଟଣାସ୍ଥଳରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ରହିଛନ୍ତି।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

ବଡ଼ଗାଁ, ୨୨।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା ପଞ୍ଚାୟତ ଅଫିସ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ, ତହସିଲଦାର ଝରଣା ପ୍ରଧାନ,ସିଡିପିଓ ସୁଜାତା ବେଗ, ଫରେଷ୍ଟ ରେଞ୍ଜର ପ୍ରଦୀପ କୁମାର ଭୂତିଆ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଗ୍ରାମପଞ୍ଚାୟତର ସରପଞ୍ଚ ଯୁଧିଷ୍ଠିର ବାଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଲିଲିମା ରାଣୀ ଧମେଲ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା, ଆବଶ୍ୟକତା ଉପରେ ଜଣାଇଥିଲେ।

## ଗାଁରେ ବୁଲୁଛି ଦନ୍ତା, ଲୋକେ ଆତଙ୍କିତ

ସୁନ୍ଦରଗଡ,୨୨।୧୦(ଜୟନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେବି ଜଙ୍ଗଲୀ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ଦିନ ବେଳେ କିଆରୀରେ ଫସଲ ଖାଇ,ମାଡି ଦଳି ନଷ୍ଟ କରିବା ସହ ଗାଁ ଭିତରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ମଙ୍ଗଳବାର ରାତିରେ ଏକ ଜଙ୍ଗଲୀ ହାତୀ ରାମପୁର ଗାଁ ଦାଣ୍ଡରେ ବୁଲିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି।

# ଗାୟତ୍ରୀ ମନ୍ଦିର ନୂତନ ଟ୍ରଷ୍ଟବୋର୍ଡର ବୈଠକ

ସୁନ୍ଦରଗଡ଼,୨୨।୧୦(ଜୟ ନାରାୟଣ ମେଣ୍ଟୁଲି)

ଗାୟତ୍ରୀ ମନ୍ଦିରଠାରେ ନୂତନ ଟ୍ରଷ୍ଟବୋର୍ଡ଼ର ଅଧ୍ୟକ୍ଷ ଭବାନୀ ପ୍ରସାଦ ମାଝୀଙ୍କ ସଭାପତିତ୍ୱରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ପ୍ରଜ୍ଞାପୀଠ ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ଜନ୍ମେଜୟ ମହାପାତ୍ର ପରିଚାଳନା କରିଥିଲେ। ପ୍ରଜ୍ଞାପୀଠ ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ସ୍ୱୀକୃତି ମିଳିଥିବାରୁ ଏହି ବୈଠକରେ ନୂତନ ଟ୍ରଷ୍ଟବୋର୍ଡ଼ର ମୁଖ୍ୟ ଭବାନୀ ପ୍ରସାଦ ମାଝୀ ଏବଂ ୧୦ଜଣ ସଦସ୍ୟାସଦସ୍ୟଙ୍କୁ ଯଥା ଜୟ ନାରାୟଣ ତ୍ରିପାଠୀ, ବିମଳ ବୋଷ, ସ୍ନେହ ଲତା ତ୍ରିପାଠୀ, ରାଜେଶ୍ୱରୀ ଦାସ, ଯୁଧିଷ୍ଠିର ନାଏକ, ଶିଳା ସାହୁ, ହିମାଂଶୁ ନାଏକ, ରାଜେଶ ପାଣ୍ଡେ, ବିଜୟ ନାଏକ, ସନ୍ତୋଷ ପାଳ ପ୍ରମୁଖଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଜ୍ଞାପୀଠର ନୀତିନିୟମ, ପୂଜାପାଠ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯେପରି ସୁଚାରୁରୂପେ ହୋଇପାରିବ ସେଥିପାଇଁ ପ୍ରଜ୍ଞାପୀଠର ସମସ୍ତ ସଦସ୍ୟା ସଦସ୍ୟ ପ୍ରତି ମାସରେ ନିଜ ଇଛା ମୁତାବକ ଆର୍ଥିକ ସାହାଯ୍ୟ କରିବା ବିଷୟରେ ଆଲୋଚନା କରା ଯାଇଥିଲା। ଏହି ବୈଠକରେ ଟ୍ରଷ୍ଟର ପରାମର୍ଶଦାତା ଜନ୍ମେଜୟ ମହାପାତ୍ର, ଦୀନବନ୍ଧୁ ବେହେରା, ଉପେନ୍ଦ୍ର ମିଶ୍ର, ଲିଙ୍ଗରାଜ ସାହୁ, ବରିଷ୍ଠ ସଦସ୍ୟା କାମିନୀ ମହାପାତ୍ର, ସୁପ୍ରିୟା ବେହେରା, ଭାଗ୍ୟବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଜ୍ଞାପୀଠର ବରିଷ୍ଠ ସଦସ୍ୟା ଅନୁସୂୟା ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ ତାଙ୍କର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ମାସରେ ପୁଣି ଏକ ସାଧାରଣ ସଭା କରିବା ଲାଗି ମୁଖ୍ୟଟ୍ରଷ୍ଟି ପ୍ରସ୍ତାବ ଦେଇଥିଲେ ଏବଂ ଏହା ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲା। ଶେଷରେ ଶାନ୍ତି ପାଠ ପରେ ବୈଠକ ସମାପ୍ତ ହୋଇଥିଲା।



ସଦସ୍ୟାସଦସ୍ୟଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ।

# ପୂର୍ବତନ ବିଧାୟକଙ୍କୁ ଭେଟିଲେ ଦୋକାନୀ ସଂଘ

ବନ୍ଧମୁଣ୍ଡା, ୨୨।୧୦(ସୁବ୍ରତ ଦେ)

ଜରାଇକେଲାଇ-ବନ୍ଧମୁଣ୍ଡା ମଧ୍ୟରେ ନିର୍ମାଣ ହେବାକୁ ଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଦୋକାନ ଓ ଘର ଭାଙ୍ଗିବାକୁ ବିଭାଗ ତରଫରୁ ନିର୍ଣ୍ଣୟ ନିଆଯାଇଛି। ଏହି କାରଣରୁ ଅନ୍ୟାନ୍ୟ କ୍ଷେତ୍ର ପରି ବନ୍ଧମୁଣ୍ଡାର ଦୋକାନୀମାନେ ମଧ୍ୟ ସେମାନଙ୍କ ଜୀବିକା ପାଇଁ ଚିନ୍ତିତ ଅଛନ୍ତି। ଏଭଳି ପରିସ୍ଥିତିରେ ସ୍ଥାୟୀ ସମାଧାନ ଖୋଜିବା ପାଇଁ ଦୋକାନୀମାନେ ଏକ ପରିଚାଳନା କମିଟି ଗଠନ କରିଛନ୍ତି। ଯାହାର ନେତୃତ୍ୱରେ ମଙ୍ଗଳବାର ବନ୍ଧମୁଣ୍ଡାର ଦୋକାନୀମାନେ ବି-ସେକ୍ଟର ରାମମନ୍ଦିର କମ୍ପ୍ଲେକ୍ସରେ ପୂର୍ବତନ ରାଉରକେଲା ବିଧାୟକ ଦିଲୀପ ରାୟଙ୍କ ସହ ଏକ ବୈଠକ କରିଥିଲେ। ଯେଉଁ ଥିରେ ଦୋକାନୀମାନେ ଦିଲୀପ ରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସେମାନଙ୍କ ସମସ୍ୟା ବିଷୟରେ ମଧ୍ୟ ଅବଗତ କରିଥିଲେ। ଦୋକାନୀମାନେ ଦିଲୀପ ରାୟଙ୍କୁ ଅନୁରୋଧ କରିଥିଲେ ଯେ, ଯଦି ଜାତୀୟ ରାଜପଥକୁ ଅନ୍ୟ ଦିଗରୁ ନିଆଯାଏ, ତେବେ ଲୋକମାନେ ବହୁତ ଉପକୃତ ହେବେ। ଏହା ବ୍ୟତୀତ ଦୋକାନୀମାନେ କହିଛନ୍ତି ଯେ, ଯଦି ଦୋକାନଗୁଡିକ ଭଙ୍ଗା ହୁଏ ତେବେ ଦୋକାନୀମାନଙ୍କ ପାଇଁ କୌଣସି ସ୍ଥାନୀୟ ଜାଗାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉ। ଯେଉଁଥିରେ ଦିଲୀପ ରାୟ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ କଥାବାର୍ତ୍ତା କରି ସକରାତ୍ମକ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଛନ୍ତି। ଏହି ଅବସରରେ ମାଣିକ ଚୌଧୁରୀ, ପ୍ରମିଳା ସୁନା, ସୁଭାଷ ପଣ୍ଡା, ହରି ଡୋରା, ଲଖନ ଲୋହାର, ଅଶୋକ ହାଲୱାଇ, ଆଇ ରାଜା ରମେଶ, ସୁନୀଲ ସିଂ, ଆଜାଦ ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ।



ଦୋକାନୀମାନେ ପୂର୍ବତନ ବିଧାୟକ ଦିଲୀପ ରାୟଙ୍କୁ ଭେଟୁଛନ୍ତି।

# ବାଳିକା, ବାଳକ ହକିରେ ସୁନ୍ଦରଗଡ଼ ବିଜୟୀ

ସୁନ୍ଦରଗଡ଼,୨୨।୧୦(ଜୟ ନାରାୟଣ ମେଣ୍ଟୁଲି )

ସୁନ୍ଦରଗଡ଼ ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳିକା ଓ ବାଳକଙ୍କ ହକି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଉଭୟ ବାଳିକା ଓ ବାଳକ ଦଳ ଜାତୀୟସ୍ତରରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦାନ କରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଭାଗୀଙ୍କୁ ଆହୁରି ପ୍ରୟାସ କରି ଜାତୀୟସ୍ତରରେ ଓଡ଼ିଶାର କୀର୍ତିକୁ ଅକ୍ଷୁର୍ଣ୍ଣ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ବୃତ୍ତାନ୍ତ ପ୍ରତିଯୋଗିତା ବାଳିକା ବିଭାଗରେ ସୁନ୍ଦରଗଡ଼ ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଠି ସୁନ୍ଦରଗଡ଼ ଦଳ ୧୦-୦ ରେ ବିଜୟ ଲାଭ କରିଥିଲା ଏବଂ ବାଳକ ବିଭାଗରେ ସୁନ୍ଦରଗଡ଼ ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଉଥିଲା ଯେଉଁଠି ସୁନ୍ଦରଗଡ଼ ୫-୦ ରେ ବିଜୟୀ ହୋଇଥିଲା। ତାପରେ ୧୭ ବର୍ଷ ଓ ୧୪



ହକି ପ୍ରତିଯୋଗିତାର ଖେଳାଳିଙ୍କ ସହ ଅତିଥି।

ବର୍ଷ ନିମ୍ନ ବାଳିକା ଓ ବାଳକଙ୍କର ତିରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ତତ ସଙ୍ଗେ ସଙ୍ଗେ ୧୪ ବର୍ଷ ନିମ୍ନ ବାଳିକା ଓ ବାଳକଙ୍କର ହକି ପ୍ରତିଯୋଗିତାର ମଧ୍ୟ ଉଦ୍‌ଘାଟନ ହୋଇଥିଲା। ସମାରୋହରେ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ବିଜୟୀ ଦଳକୁ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁନ୍ଦରଗଡ଼ ଜିଲା କ୍ରୀଡା ଅଧିକାରୀ ବିଶ୍ୱକେଶନ ପାଣ୍ଡେ, ସୁନ୍ଦରଗଡ଼ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଲେଫ୍ରିପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୈନା କୁଜୁର, ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ସାହୁଙ୍କ ସମେତ ରାଜ୍ୟ ଶାରିରୀକ ଶିକ୍ଷାବିଭାଗର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡା ଯୋଗଦାନ କରି ସମ୍ମିଳିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଠନ ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ଶେଷରେ ମୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ରାଉରକେଲା ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଆଶିଷ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବୁଧବାର ଅବଶିଷ୍ଟ ଖେଳର ବୃତ୍ତାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ।

**ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳିକା ଓ ବାଳକଙ୍କ ହକି ପ୍ରତିଯୋଗିତା**

# ବିଫଳତାରେ ନ ଭାଙ୍ଗି ସଫଳତା ପର୍ଯ୍ୟନ୍ତ ପ୍ରୟାସ ଜାରି ରଖ

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ପ୍ରତିଯୋଗିତା

ଦେବଗଡ଼,୨୨।୧୦(ଶଶାଙ୍କ ଶେଖର ଝାଙ୍କର)



ଶିଶୁ ମହୋତ୍ସବ ସୁରଭି ଓ କଳା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ଦେବଗଡ଼ ଜିଲା ତିଲେଇବଣି ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ପ୍ରତିଯୋଗିତା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ପୂର୍ବାହ୍ନରେ ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ବିଫଳତାରେ ଭାଙ୍ଗି ନ ଯାଇ ସଫଳତା ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିବା ନିମନ୍ତେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତିଲେଇବଣି ଗୋଷ୍ଠୀ ସହକାରୀ ନିର୍ବାହୀ ଯନ୍ତ୍ରୀ ଦର୍ଶନ ପୁରୋହିତ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜର ପାରିଦର୍ଶିତା ବ୍ଲକ ମଧ୍ୟରେ ସୀମିତ ନ ରଖି ଜିଲା ଓ ରାଜ୍ୟସ୍ତରରେ କୃତିତ୍ୱ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ଟି. ଗୋପାଳକୃଷ୍ଣ ସରାଫ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ତିଲେଇବଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସୁରଭି ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ସୁରଭିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ଶାନ୍ତନୁ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବଗଡ଼ ମହିଳା ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗତବର୍ଷ ରାଜ୍ୟସ୍ତରୀୟ ସୁରଭିରେ ଭାଗ ନେଇ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଲିପସାରାଣୀ ସାହୁଙ୍କୁ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ଲଷ୍ଟରସ୍ତରରୁ ଚୟନ ହୋଇ ଆସିଥିବା କନିଷ୍ଠ, ବରିଷ୍ଠ, ଉଚ୍ଚ ମାଧ୍ୟମିକ ବର୍ଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ପି.ଏମ୍. ପୋଷଣ ଚିତ୍ରକଳା, ଶିଳ୍ପକଳା, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କର, ମୁଖ୍ୟବକ୍ତା ଭାବେ ଏକଲବ୍ୟ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ବିନିତା ମହାପାତ୍ର, ତିଲେଇବଣି ସରପଞ୍ଚ ସସ୍ମିତା ଏକ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ସୁଜିତ କୁମାର ପାତ୍ର, ରାକେଶ କୁମାର ଶତପଥି, ଶିବାଶିଷ ଝଙ୍କାର ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ, ଏମ୍.ଆଇ.ଏସ. ସୁମନ ମହାନ୍ତି, ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ନାୟକ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ତିଲେଇବଣି ବ୍ଲକ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆର୍‌ସିସି, ଗୋଷ୍ଠୀ କାର୍ଯ୍ୟାଳୟର ବିଭାଗୀୟ କର୍ମଚାରୀ, ପ୍ରଭାସୁଣୀ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ସ୍ଥାନୀୟ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପ୍ରଭାସୁଣୀ ସିଆର୍‌ସିସି ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଲିମା, ମୁଣ୍ଡେନପାଲି ହାଇସ୍କୁଲ ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ।

## ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର,୨୨।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ମ୍ୟାଚରେ ଟିପିଲିମା ଏବଂ ମୁଣ୍ଡେନପାଲି ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କାଇଁଶିର ଖେଳ ପଡିଆଠାରେ ପ୍ରଥମ ମ୍ୟାଚ ଟିପିଲିମା ହାଇସ୍କୁଲ ବନାମ ଦିଲ୍ଲୀ ପବ୍ଲିକ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ଟିପିଲିମା ୨-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୨୨ତମ ମିନିଟରେ ଟିପିଲିମାର ମୁକେଶ ବନଛୋର ଏବଂ ୫୧ତମ ମିନିଟରେ ସୁଭମ ମୁଣ୍ଡା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ହାଇସ୍କୁଲ ବନାମ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟରେ ହୋଇଥିଲା। ମ୍ୟାଚ ପ୍ରାରମ୍ଭରୁ ମୁଣ୍ଡେନପାଲିର ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ ବୈଦିକ ଗୋଲ ପୋଷ୍ଟ ଉପରେ ତୁହାକୁତୁହା ଆକ୍ରମଣ ଜାରି ରଖିଥିଲେ। ଫଳରେ ମୁଣ୍ଡେନପାଲି ୭-୦ ଗୋଲରେ ବିଜୟୀ ହୋଇଥିଲା। ମୁଣ୍ଡେନପାଲିର କ୍ରିଷ୍ଟା ଓରାମ ୨ଟି ଗୋଲ ସ୍କୋର କରିଥିବା ବେଳେ ପ୍ରକାଶ ବୈଖାଲ, ଓମ ପ୍ରକାଶ, ଗଣେଷ ଖଡିଆ ଏବଂ କ୍ଷୀରୋଦ୍ର ଓରାଓ ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂର୍ବତନ ସମ୍ବଲପୁର ଜିଲା କ୍ରୀଡାଧିକାରୀ ବିଦ୍ୟାଧର ପ୍ରଧାନ, ତାପସ ହାଓ, ହୃଷୀକେଶ ପ୍ରଧାନ, ଅମୃତ କୁଲୁ ଏବଂ ମନୋଜ ଗରିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ରେଫରୀ ଶାନ୍ତା ରଣବିଡା, ମନୋଜ ଭୋଇ, ଜଲେନ୍ଦ୍ର ଓରାମ, ମଥୁରା ଓରାମ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘର ସାଧରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବିଶ୍ୱ ଆୟୋଡିନ ଅଭାବଜନିତ ବ୍ୟାଧି ନିରାକରଣ ଦିବସ

ଦେବଗଡ଼,୨୨।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ବିଶ୍ୱ ଆୟୋଡିନ ଅଭାବ ଜନିତ ବ୍ୟାଧି ନିରାକରଣ ଦିବସ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମହନ୍ତ ଆୟୋଡିନ ଅଭାବରୁ ଘଟୁଥିବା ରୋଗର ନିରାକରଣ ପାଇଁ ଗର୍ଭବତୀ ମହିଳାଙ୍କ ଗର୍ଭପାତ ହେବା ଓ ଶିଶୁର ମାନସିକ ଶାରୀରିକ ଅଭିବୃଦ୍ଧି ନ ହେବା, ବୟସ୍କ ବ୍ୟକ୍ତି ଗଳଗଣ୍ଡ ରୋଗର ଶିକାର ହେବା, ଅତ୍ୟଧିକ ମୋଟା ହୋଇଯିବା, ଏହାର ନିରାକରଣ ପାଇଁ ପ୍ରତ୍ୟେକ ଦିନ ଆୟୋଡିନଯୁକ୍ତ ଲୁଣର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଭାତ ଓଝା, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ଼ ମନୋରଞ୍ଜନ ସାମଲ, ଡିପିସି କୋଡିନେଟର, ଜିଲା ଶିକ୍ଷା ବିଭାଗର ଏମଡିମଏମ କୋର୍ଡିନେଟର, ମହିଳା ସ୍ୱାସ୍ଥ୍ୟ କର୍ମୀ, ଏନମ ଟ୍ରେନିଂ ସେଣ୍ଟର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

# ବ୍ଲକସ୍ତରୀୟ ସୁରଭି ଓ କଳା ଉତ୍ସବ-୨୦୨୪



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ଏବଂ ଅନ୍ୟମାନେ।

ଦେବଗଡ଼,୨୨।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଉଁରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, କଳା ଉତ୍ସବ ଓ ବାଳିକା ଶିଶୁ କନ୍ୟା ଦିବସ-୨୦୨୪ ସୁଶ୍ରୀ ଗାୟତ୍ରୀ ସାହୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳୀ ପାତ୍ର ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଅଭିନ୍ନଚନ୍ଦ୍ର ପାଇକରାୟ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଇନ୍ଦ୍ରମଣୀ ସାମଲ ପ୍ରଧାନ ଶିକ୍ଷକ, ବିଜୟନଗର ଉଚ୍ଚ ବିଦ୍ୟାଳୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ମାଧବ ଚନ୍ଦ୍ର ବିଶ୍ୱାଳ ପ୍ରଧାନ ଶିକ୍ଷକ ଉଁରା ନୋଡାଲ ଉଚ୍ଚ ବିଦ୍ୟାଳୟ ରମାକାନ୍ତ ପ୍ରଧାନ ଓ ପଦ୍ମିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୫୮୧ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶିଶୁ ମହୋତ୍ସବ ସୁରଭି ଉତ୍ସବରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା,ସଙ୍ଗୀତ ଓ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ ନୃତ୍ୟ, ପି.ଏମ ପୋଷଣ ଶିଳ୍ପକଳା ପ୍ରତିଯୋଗିତା କରାଯାଇଥିଲା। ପ୍ରତି ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସଫଳ ପ୍ରତିଯୋଗୀ ଜିଲାସ୍ତର ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ। ଅତିଥିବନ୍ଦ ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସରେ ବାଳିକା ଶୀଶୁମାନଙ୍କ ସୁରକ୍ଷା ସମ୍ବନ୍ଧରେ ବିଶେଷ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯଦୁମଣି ବେହେରା, ନିରଞ୍ଜନ କୁମାର ସାହୁ, ପ୍ରଭାତ କୁମାର ପ୍ରଧାନ, ବିଜୟ କୁମାର ପ୍ରଧାନ, କାହ୍ନୁଚରଣ ବେହେରା, ନିତ୍ୟାନନ୍ଦ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ଫଗୁ ପାତ୍ର, ଶାନ୍ତନୁ କୁମାର ବେହେରା, ସୁଶିଲ ମିଞ୍ଜ, ପ୍ରମୋଦ କୁମାର ପ୍ରଧାନ, ଡିଲେଶ୍ୱର ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅନ୍ୟାନ୍ୟ କର୍ମଚାରୀ ଏବଂ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀଗଣ ସହଯୋଗ କରିଥିଲେ। ମୁଖ୍ୟଅତିଥି ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ କୁମୁଦବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିକଲା ବିଜେଡି



ଜିଲାପାଳ କାର୍ଯ୍ୟାଳୟରେ ଯୁବ ଓ ଛାତ୍ର ବିଜେଡି ପ୍ରତିନିଧି ଦଳ।

## କୁଚିଣ୍ଡା ନାବାଳିକା ଗଣବଳାତ୍କାର ଘଟଣା

ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡାରେ ଗତ ଅକ୍ଟୋବର ୧୫ରେ ଜଣେ ୧୪ ବର୍ଷୀୟା ଅନୁସୂଚିତ ଜାତି ବର୍ଗର ନାବାଳିକାଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତରେ ପୋଲିସ ଅବହେଳା କରୁଥିବା ଅଭିଯୋଗ କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ ସମ୍ବଲପୁର ଜିଲା ଶାଖା। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ସହିତ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି ସଙ୍ଗଠନ। ସଙ୍ଗଠନର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ପୋଲିସ ପ୍ରଶାସନର ଅବହେଳା ଓ ନିଷ୍କ୍ରିୟତା ଉକ୍ତ ଘଟଣାରେ ଏକ ରାଜନୈତିକ ଷଡ଼ଯନ୍ତ୍ରକୁ ସୂଚାଉଛି। ବର୍ତ୍ତମାନ କେବଳ ସମ୍ବଲପୁର ନୁହେଁ ସମଗ୍ର ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। କିଛିଦିନ ପୂର୍ବେ ନାକଟୀଦେଉଳରେ ବଳାତ୍କାର ଓ ହତ୍ୟା ଘଟଣା ପରେ ପୋଲିସ ବଦଳରେ ଗ୍ରାମବାସୀ ମୃତଦେହକୁ ଠାବ କରିଥିଲେ। ଯୁଯୋମୁରା ବ୍ଲକ ବୁର୍ଦ୍ଧା ଗ୍ରାମରୁ ଯୁବତୀ ନିଖୋଜ ଘଟଣାକୁ ନେଇ ଅଭିଭାବକ ବାରମ୍ବାର ପୋଲିସର ଦ୍ୱାରସ୍ଥ ହୋଇ ସୁଦ୍ଧା ସେମାନଙ୍କୁ ସହଯୋଗ ମିଳୁ ନ ଥିଲା। ପ୍ରତେକ ଦିନ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଉଥିଲେ ସୁଦ୍ଧା ପୋଲିସ ନୀରବଦ୍ରଷ୍ଟା ସାଜିବା ଜିଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ରାଜନୈତିକ ପୃଷ୍ଠଭୂମିର ଦ୍ୱାହି ଓ ଗଣବଳାତ୍କାର ଭଳି ଏକ ସମ୍ବେଦନଶୀଳ ଅପରାଧ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ସୁରକ୍ଷା ନ ଦେଇ ଘଟଣାର ନିରପେକ୍ଷ ତଦନ୍ତ କରିବା ଦିଗରେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସଙ୍ଗଠନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଯୁବ ବିଜେଡି କୁଚିଣ୍ଡା ଉପଖଣ୍ଡ ସମ୍ପାଦକ ପ୍ରତାପ ଶର୍ମା, ସମ୍ବଲପୁର ଜୋନ ସମ୍ପାଦକ ବିକାଶ ଶାହୁ, ଛାତ୍ର ବିଜେଡି ସମ୍ପାଦକ ସନ୍ଦିପ ମହାନ୍ତି, ଛାତ୍ର ବିଜେଡି ସମ୍ବଲପୁର ମଣ୍ଡଳ ସଭାପତି ମିଳନ ହୋତା, ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ସୁମିତ କୁମାର ପଟେଲ, ସାଧାରଣ ସମ୍ପାଦକ ଚୁମନ କୁମାର ପ୍ରଧାନ, କୁଚିଣ୍ଡା କଲେଜ ଆବାହକ ଆର୍ଯ୍ୟାନ ବହିଦାର, ସପନ ହୋତା, ଗଙ୍ଗାଧର ମେହେରୁ ବିଶ୍ୱବିଦ୍ୟାଳୟ ଆବାହକ ଶୁଭମ ମହାନ୍ତି, ଜଶ୍ମିନ ପ୍ରଧାନ, ପ୍ରୋଗ୍ରେସିଭ ସମ୍ବଲପୁରର ପିୟୁଶ ଦାଶ ପ୍ରମୁଖ ଯୁବ ଓ ଛାତ୍ର ଜନତାଦଳର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବର୍ଜ୍ୟବସ୍ତୁ, ପାଉଁଶ ଗାଡ଼ିକୁ ଅଟକାଇଲେ ଅଞ୍ଚଳବାସୀ

ବ୍ରଜରାଜନଗର,୨୨।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳସ୍ଥିତ ଏନ୍‌ଏଚ୍ ୪୯ର ଗାନ୍ଧୀଛକ ଠାରେ ବେଆଇନ ଭବେ ସବୁବେଳେ ଯାତାୟାତ କରୁଥିବା ବିଭିନ୍ନ କମ୍ପାନୀରୁ ନିର୍ଗତ ବର୍ଯ୍ୟବସ୍ତୁ ଓ ପାଉଁଶ ଗାଡିକୁ ବ୍ରଜରାଜନଗର ଆଞ୍ଚଳବାସୀ ଅଟକାଇଛନ୍ତି। ମଙ୍ଗଳବାର ଅପରାହ୍ନ ୪ଟାରୁ ୧୩ଗୋଟି ଭାରିଯାନକୁ ଅଟକି ଯାଇଛି। ଗାଡିଗୁଡିକ କଲ୍ୟାଣୀ ଟ୍ରାନ୍ସପୋର୍ଟର ବୋଲି ଜଣାପଡିଛି। ଘଟଣାସ୍ଥଳରେ ଗାନ୍ଧୀ ଛକ ପୋଲିସ, ଝାରସୁଗୁଡ଼ା ଏମ୍‌ଭିଆଇ ପହଞ୍ଚି ଗାଡିଗୁଡିକର କାଗଜପତ୍ର ଯାଞ୍ଚ କରିଛନ୍ତି। ଆଞ୍ଚଳବାସୀଙ୍କ ମଧ୍ୟରେ ରାଧାକାନ୍ତ ପ୍ରଧାନ, ତପନ ସ୍ୱାଇଁ, ଧନଞ୍ଜୟ ସିଂ, ସଚିନ ଦାସ, ସୁପ୍ରିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଆର୍‌ଟିଓ ଗାଡିଗୁଡିକ ଉପରେ ଚାଲାଣ କାଟିବେ ବୋଲି ଜଣାପଡିଛି।



# ମା' ରମ୍ଭାଦେବୀ କପ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୨୨।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମରେ ମା' ରମ୍ଭାଦେବୀ କ୍ଲବ ଆନୁକୂଲ୍ୟରେ ମା' ରମ୍ଭାଦେବୀ କପ ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମା' ରମ୍ଭାଦେବୀ କ୍ଲବ ସଭାପତି ହରିହର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହେଉଥିବା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଗୁଡା ଗ୍ରାମପଞ୍ଚାୟତ ସରପଞ୍ଚ କୁନୁ ବେହେରା, ସମିତି ସଦସ୍ୟ ଡମ୍ବରୁଧର ସାହୁ ଓ କୃଷକ ନେତା ଧରଣୀଧର ପ୍ରଧାନ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ସୁଗୁଡା ଫୁଟବଲ ଦଳ ବାଲିନାଳୀ ଫୁଟବଲ ଦଳକୁ ଟାଇବ୍ରେକର ସହାୟତାରେ ୫-୩ ଗୋଲରେ ପରାସ୍ତ କରିଥିଲା। ମୋଟ ୮ଟି ଦଳକୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଆୟୋଜନରେ ମା' ରମ୍ଭାଦେବୀ କ୍ଲବର ସଦସ୍ୟ ସଞ୍ଜୟ ସାହୁ, ଅଶ୍ୱିନୀ ସାହୁ, କାଳିଆ ସାହୁ, ରଶ୍ମୀ ରଞ୍ଜନ ସାହୁ ଓ ବିମଳ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରୁଥିବା ଜଣାପଡିଛି।



ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

# ବଳମ କିଷାନ ବ୍ରଦର ଫୁଟ୍‌ବଲ ଦଳ ଚାମ୍ପିୟନ

## ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୨।୧୦(ଶଶାଙ୍କ ଶେଖର ଝାଙ୍କର)



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଦନ୍ତାରୀବାହାଳ ଗ୍ରାମପଞ୍ଚାୟତର ନାଗଡୀହି ଗ୍ରାମରେ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଜିଲାର ଜେଏସ କ୍ଲବକୁ ଟାଇବ୍ରେକର ସହାୟତାରେ ୪-୦ ଗୋଲରେ ପରାସ୍ତ କରି ଦେବଗଡ ଜିଲାର ବଳମ କିଷାନ ବ୍ରଦର ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ କୃଷ୍ଣଚନ୍ଦ୍ର ନାୟକ, ଉଦୟ ମିଞ୍ଜ, ବଳରାମ ଗଡନାୟକ ଓ ମନୋଜ ହାତୀ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁନିଲ କିଷାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଜୟ ଜଗନ୍ନାଥ କ୍ଲବ ସଭାପତି ସଞ୍ଜୟ କିଷାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମ୍ପାଦକ ନାରାୟଣ କିଷାନ ଓ କୋଷାଧ୍ୟକ୍ଷ ରାଜେଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୨।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ପୋଲିସ ନିକଟରେ ମଙ୍ଗଳବାର ୪ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କୁଞ୍ଜାମ ହିଡମା, କୁଞ୍ଜାମ ଗଙ୍ଗା, ଉଇକା ଏଙ୍କା ଓ ପଡିୟମ୍ ଗୁରୁବା। ଏମାନେ ସଂଗଠନରେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଛତିଶଗଡ ସରକାରଙ୍କ ଦ୍ୱାରା ଚାଲିଥିବା ପୁନର୍ବାସ ନୀତିରେ ପ୍ରଭାବିତ ହେବାସହ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୟାମ୍ପ ଫଳରେ ବହୁ ମାଓବାଦୀଙ୍କର ଗୁଳିରେ ମୃତ୍ୟୁ ଘଟୁଛି। ସଂଗଠନରେ ନେତାମାନେ ସଦସ୍ୟମାନଙ୍କୁ ନୀଚ ଦୃଷ୍ଟିରେ ଦେଖୁଛନ୍ତି। ନିରୀହ ଆଦିବାସୀମାନଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରୁଥିବାରୁ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ସୁକ୍‌ମା ପୋଲିସ ଦ୍ୱାରା ଏମାନଙ୍କୁ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ୧୦ ଲକ୍ଷ ଟଙ୍କାର ବାଣ ଜବତ



ଜବତ ବାଣ

ରାମଚନ୍ଦ୍ରପୁର, ୨୨।୧୦
(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦନା ବଜାରରେ ଥିବା ବାଣ ଦୋକାନରେ ମଙ୍ଗଳବାର ରାମଚନ୍ଦ୍ରପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଦୋକାନରେ ଥିବା ୧୦ ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ବେଆଇନ କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବ୍ୟବସାୟୀ ନରୋତ୍ତମ ସାହୁ (୪୭)ଙ୍କ ଦୋକାନରେ ଚଢ଼ାଉ କରିଥିଲା। ଦୋକାନରେ ବେଆଇନ ଭାବେ ରଖାଯାଇଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଥିଲା। ରାମଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ.୩୫୦/୨୪) ରୁଜୁ କରିଛି। ନରୋତ୍ତମଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିଜୟ କୁମାର ସିଂ କହିଛନ୍ତି।

# ଭଞ୍ଜନଗର ଏଡିଜେଙ୍କ ବାସଭବନରୁ ଚୋରି

ଭଞ୍ଜନଗର, ୨୨।୧୦ (ବାବୁଲା ପ୍ରଧାନ)

ଭଞ୍ଜନଗର ସହରର ମଧ୍ୟସ୍ଥଳ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହୁଥିବା ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକଙ୍କ ସରକାରୀ ବାସଭବନରୁ ଚୋରି ହୋଇଛି। ସୋମବାର ରାତିରେ ଏହି ଘଟଣା ଜଣାପଡିବା ପରେ ପୋଲିସର ନିଦ ହଜିଯାଇଛି। ଦୁର୍ବୃତ୍ତମାନେ ସ୍କାଇ ଲାଇଟ ଭାଙ୍ଗି ଘରେ ପଶି ୧୦ ହଜାର ଟଙ୍କା ଓ କିଛି ସୁନା ଅଳଙ୍କାର ଚୋରାଇ ନେଇଛନ୍ତି। ଖବରପାଇ ଭଞ୍ଜନଗର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ମଙ୍ଗଳବାର ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଏଡିଜେ ପଟ୍ଟନାୟକ ଦଶହରା ଛୁଟିରେ ବାହାରକୁ ଯାଇଥିଲେ। ସୋମବାର ରାତିରେ ଫେରି ଘରୁ ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ଏଡିଜେଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୯୬୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଏଡିଜେଙ୍କ ବାସଭବନଟି କୋର୍ଟ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଲାଗି ହୋଇଛି। ପଛପଟେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀଙ୍କ ସରକାରୀ ବାସଭବନ ରହିଛି।

# ଝାରପଡ଼ା ଜେଲରେ କଏଦୀଙ୍କ ହାତରେ ଛୁରି

## ଭିଡିଓ ଭାଇରାଲ ପରେ ଥାନାରେ ଏତଲା

ଭୁବନେଶ୍ୱର, ୨୨।୧୦
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଅପରାଧୀଙ୍କ ରାଜୁତି ଚାଲୁଛି। ଜେଲ ଭିତରକୁ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଓ ବେଆଇନ ସାମଗ୍ରୀ ଯାଉଛି। କଏଦୀମାନେ ନିଶା ଖାଇ ସୌଖିନ ଜୀବନ ବିତାଇବା ସହ ମୋବାଇଲ ଫୋନ ବ୍ୟବହାର କରି ଅପରାଧ ଘଟାଉଛନ୍ତି। ଜେଲ ଭିତରର ଏଭଳି ଗୁମର କଥା ଅନେକ ଥର ସାମ୍ନାକୁ ଆସିଥିବାବେଳେ ମଙ୍ଗଳବାର ଏକ ଭିଡିଓ ଭାଇରାଲ ହୋଇଛି। ଝାରପଡ଼ା ଜେଲରେ ଜଣେ ବିଚାରାଧୀନ କଏଦୀ ହାତରେ ଛୁରି ଧରି ଭୟଭୀତ କରୁଥିବା ଏହି ଭିଡିଓରେ ଦେଖିବାକୁ ମିଳୁଛି। ସ୍ମାର୍ଟଫୋନ୍‌ରେ ଏହି ଭିଡିଓ ଶୁଟ୍ କରାଯାଇ ବାହାରକୁ ଛଡ଼ାଯାଉଛି। ସାକ୍ଷୀଙ୍କୁ ପ୍ରଭାବିତ କରିବାକୁ ଏଭଳି ଭିଡିଓ ଶୁଟ୍ କରି ପଠାଯାଉଥିବା ଅଭିଯୋଗ ହୋଇଛି। ତେବେ ଏଭଳି ଭିଡିଓ ଭାଇରାଲ ହେବା ପରେ ଝାରପଡ଼ା ଜେଲର ସୁରକ୍ଷା ଦିଗକୁ ନେଇ ପ୍ରଶ୍ନ ଉଠିଛି। ଭିଡିଓରେ ଥିବା ବିଚାରାଧୀନ କଏଦୀଙ୍କ ନାଁ ନନ୍ଦୁ ନାୟକ ଏବଂ ସେ ବ୍ରାଉନସୁଗାର କାରବାର ମାମଲାରେ ଜେଲରେ ଅଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୯ନଂ. ବାରାକ୍‌ରେ ଚଢ଼ାଉ କରାଯାଇଥିଲା। ଏକ ସ୍ଥାନରେ



ନନ୍ଦୁ ନାୟକ

ଲୁଚାଇ ରଖାଯାଇଥିବା ମୋବାଇଲ ଓ ଛୁରି ଜବତ କରାଯାଇଛି। ଏହି ଘଟଣାରେ ନନ୍ଦୁଙ୍କ ନାଁରେ ଜେଲ ଅଧକ୍ଷ ମନୋରଞ୍ଜନ ପ୍ରତିହାରୀ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ଏନେଇ ପ୍ରତିହାରୀ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। କିପରି ଛୁରି ଓ ମୋବାଇଲ ଫୋନ୍ ଆସିଲା ତାହା ଜାଣିବାକୁ ଛାନଭିନ୍ ଚାଲିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିହାରୀ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ ପାଇଁ ଝାରପଡ଼ା ଜେଲ ଚର୍ଚ୍ଚାରେ ରହୁଛି। ଗତ ସେପ୍ଟେମ୍ବରରେ ଗ୍ୟାଙ୍ଗଷ୍ଟର ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ସୌମ୍ୟକାନ୍ତ ମହାନ୍ତି ନାମକ ବିଚାରାଧୀନ କଏଦୀଙ୍କୁ ଆକ୍ରମଣ କରିଥିଲେ। ଜେଲର ଗୁମର କଥାକୁ ନେଇ ଅଭିଯୋଗ କରିବାରୁ ମୁନା ଓ ସହଯୋଗୀମାନେ ରକ୍ତମୁଖା ହୋଇ ଏଭଳି କାଣ୍ଡ ଘଟାଇଥିଲେ। ଏହି ଘଟଣାରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଘଟଣାକୁ ଜାଣିଶୁଣି ଚପାଇ ଦିଆଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଭିଜିଲାନ୍ସ ଜାଲରେ ବୈତରଣୀ ଅବବାହିକା ମୁଖ୍ୟଯନ୍ତ୍ରୀ

**୫ ଜିଲାର ୧୦ ସ୍ଥାନରେ ଚଢ଼ାଉ**
- ଯାଜପୁର, କଟକ ଓ ଖୋର୍ଦ୍ଧାରେ ୨୮ ପ୍ଲଟ୍
- ୩ ଫ୍ଲାଟ୍, ବ୍ୟାଙ୍କ ଜମା ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ୮୮.୩୮ ଲକ୍ଷ



କୈଳାସ ଚନ୍ଦ୍ର ସାହୁ



ବ୍ୟାସନଗର ମୃତ୍ୟୁଞ୍ଜୟପୁରଠାରେ ନିର୍ମାଣାଧୀନ କୋଠା।

କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଭୁବନେଶ୍ୱର, ୨୨।୧୦ (ସତ୍ୟଜିତ୍ ରାଉତ)

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ କୋଟିପତି ସରକାରୀ ବାବୁ। ସେ ହେଲେ କେନ୍ଦୁଝର ଜିଲା ବୈତରଣୀ ଅବବାହିକା ମୁଖ୍ୟଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁ। ମଙ୍ଗଳବାର ଭିଜିଲାନ୍ସର ୧୦ଟି ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୈଳାସଙ୍କ ଘର ସମେତ ଭୁବନେଶ୍ୱର, ପୁରୀ, କଟକ, ଯାଜପୁର ଓ କେନ୍ଦୁଝର ଜିଲାର ୧୦ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଚଢ଼ାଉ କରାଯାଇଥିବା ସ୍ଥାନ ମଧ୍ୟରେ କେନ୍ଦୁଝର ଟାଉନସ୍ଥିତ କୈଳାସଙ୍କ ସରକାରୀ ବାସଭବନ, କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ରମ୍‌କାପୁରସ୍ଥିତ ପୈତୃକ ଘର, ସାଲେପୁର ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆରମ୍ଭ ହୋଇଥିବା ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର, ୭ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଅଧିକାରୀମାନେ ରମେଶଙ୍କ ବିପୁଳ ସମ୍ପତ୍ତି ପାଇଥିବା ଜଣାପଡ଼ିଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, କୈଳାସଙ୍କ ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ମୃତ୍ୟୁଞ୍ଜୟପୁର ମୌଜାର ପ୍ଲଟ୍ ନଂ. ୧୪୫୪/୨୭୦୨ରେ ୮ହଜାର ୮୨୧ ବର୍ଗଫୁଟ ଅଞ୍ଚଳରେ ଏକ ୩ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା ଠାବ ହୋଇଛି। ସେହିପରି ଶହୀଦନଗର ୟୁନିଟ-୯ ଭୋଇନଗରସ୍ଥିତ ଏକ ଆପାର୍ଟମେଣ୍ଟର ତୃତୀୟ ମହଲାରେ ଏକ ଫ୍ଲାଟ୍, ପୁରୀରେ ଧର୍ମ ହାଭେନ୍ ଆପାର୍ଟମେଣ୍ଟରେ ବ୍ଲକ୍-ଏ ତୃତୀୟ ମହଲାରେ ଏକ ଫ୍ଲାଟ୍, ଯାଜପୁର ଜିଲା ବ୍ୟାସନଗରସ୍ଥିତ ଜଗବନ୍ଧୁ ଭବନ ଆପାର୍ଟମେଣ୍ଟରେ ବି ବ୍ଲକ୍ ଦ୍ୱିତୀୟ ମହଲାରେ ଗୋଟିଏ ଫ୍ଲାଟ୍ ଓ ସେଠାରେ ପ୍ରଥମ ମହଲାରେ ୧୩୮ ବର୍ଗଫୁଟ୍‌ରେ ଏକ ବାଣିଜ୍ୟିକ ପ୍ରତିଷ୍ଠାନ ଠାବ ହୋଇଛି। ସେହିପରି କୈଳାସଙ୍କର ୨୮ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବାବେଳେ ସେଥିମଧ୍ୟରୁ କେବଳ ଯାଜପୁରରେ ୨୩ଟି, ଖୋର୍ଦ୍ଧାରେ ୪ଟି ଓ କଟକରେ ଗୋଟିଏ ରହିଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। କୈଳାସଙ୍କ ବ୍ୟାଙ୍କ ଜମା ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ମୋଟ ୮୮.୩୮ ଲକ୍ଷ ରହିଥିବାବେଳେ ଘରୁ ୨୦୦ ଗ୍ରାମ୍ ସୁନା ଅଳଙ୍କାର ସମେତ ଗୋଟିଏ ଚାରିଚକିଆ ଯାନ ଏବଂ ୩ଟି ଦୁଇଚକିଆ ଯାନ ଠାବ କରାଯାଇଛି। ଭିଜିଲାନ୍ସ ଟିମ୍ କୈଳାସଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ପଡିଆରା, ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା

**ଟାଙ୍ଗେଣି ଖଣି ପୋଖରୀରୁ ରାଜାଙ୍କ ମୃତଦେହ ଜବତ ଘଟଣା**
- ଜଣେ ନାବାଳକଙ୍କ ସମେତ ୬ ଧରାପଡ଼ିଲେ
- ପଥର, ବାଇକ୍, ମୋବାଇଲ, କାର୍, ୪ ଗାମୁଛା ଜବତ

ଖୋର୍ଦ୍ଧା, ୨୨।୧୦
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ କାଇପଦର ମୌଜା ଟାଙ୍ଗେଣି ଖଣି ପୋଖରୀରୁ ନିଶିକାନ୍ତ ବେହେରା ଓରଫ୍ ରାଜାଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗ୍ରାମରେ ପଡିଆରା ଏବଂ ପୂର୍ବ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ରାଜାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଜଣେ ନାବାଳକଙ୍କ ସମେତ ୬ଜଣ ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ପତନିବର ଗ୍ରାମର ବିଶ୍ୱନାଥ ପ୍ରଧାନ ଓରଫ ବିଶୁ(୨୩), ସୁବାଶିଷ ବଲିୟାରସିଂ ଓରଫ ବିଭୁ(୧୯), ସୁକାନ୍ତ ପ୍ରଧାନ ଓରଫ ଚିନୁ(୧୮), ଅମିୟ ରଞ୍ଜନ ବଲିୟାରସିଂ ଓରଫ ଡବଲୁ(୨୨) ଏବଂ ଆଶୁତୋଷ ବଲିଆରସିଂ ଓରଫ ଜପୁ(୨୬)। ଏମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ପଥର, ୪ଟି ଗାମୁଛା, ସବୁଜ ରଙ୍ଗ ଲୁଗା, ୨ଟି ବାଇକ୍, ୬ଟି ମୋବାଇଲ ଫୋନ ଏବଂ ମୃତକଙ୍କ କାର୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ବିଶୁ ଏବଂ ବିଭୁ ମୁଖ୍ୟ ଅଭିଯୁକ୍ତ ରହିଥିବା ବେଳେ ଚିନୁ ଓ ଡବଲୁ ମୃତଦେହକୁ ଅନ୍ୟତ୍ର ଫୋପାଡ଼ିବା ଏବଂ ଅନ୍ୟ ଦୁଇ ଜଣ ବ୍ୟବହୃତ ବାଇକ୍‌କୁ ଲୁଚାଇବାରେ ସହଯୋଗ କରିଥିଲେ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।



ପୋଲିସ ହେପାଜତରେ ୫ ଗିରଫ ଅଭିଯୁକ୍ତ।

ପ୍ରକାଶ ଯେ, ଗତ ୬ ତାରିଖ ପୂର୍ବାହ୍ନରେ ଟାଙ୍ଗେଣି ଖଣି ପୋଖରୀରେ ଏକ ମୃତଦେହ ଭାସୁଥିବା ଖବରପାଇ ସଦର ପୋଲିସ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଲିସ ମୃତଦେହ ଉଦ୍ଧାର କରିଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି, ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଏହା ଏକ ହତ୍ୟା ବୋଲି ଜାଣିବାକୁ ପାଇଥିଲା। ୮ତାରିଖରେ ଟାଙ୍ଗୀ ବଳରାମସାହିରେ ରହୁଥିବା ମୃତକଙ୍କ ବାପା ଏହା ଯୋଜନାବଦ୍ଧ ହତ୍ୟା ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ପୂର୍ବରୁ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ପରିବର୍ତ୍ତେ ହତ୍ୟା ମାମଲା (ନଂ.୨୪୧/୨୪) ରୁଜୁ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଏସ୍‌ଆଇ ଜୟନ୍ତ କୁମାର ଭଞ୍ଜ, କନ୍‌ଷ୍ଟେବଲ ସୁଦାମ ସିଏଚ୍ ବଲିୟାରସିଂ ଏବଂ ଅନ୍ୟମାନଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ପୋଲିସ ପ୍ରଥମେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟପ୍ରକାରେ ଅନ୍ୟମାନଙ୍କୁ ଧରିଥିଲା। ମୃତ ନିଶିକାନ୍ତଙ୍କ ସହ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବ ଶତ୍ରୁତା ରହିଥିଲା। ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଉଭୟ ଯୋଜନା କରିଥିଲେ। ତାଙ୍କ ସହ ଅନ୍ୟ ୪ଜଣ ସହଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ବାଘମାରୀ ଥାନା ପତନିବର ବାଉତି ମନ୍ଦିର ନିକଟକୁ ନିଶିକାନ୍ତଙ୍କୁ ଡାକିଥିଲେ। ଯୋଜନା ମୁତାବକ ତାଙ୍କୁ ସେଠାରେ ହତ୍ୟା କରି ଏକ କପଡ଼ା, ଗାମୁଛାରେ ଗୁଡାଇ ପଥର ବାନ୍ଧି ହତ୍ୟା ପରେ ପରଦା ହଟାଇବା ପାଇଁ ଟାଙ୍ଗେଣି ଖଣି ପୋଖରୀରେ ଫୋପାଡି ଦେଇଥିଲେ। ତେବେ ପଥର ଖସିଯିବା ପରେ ମୃତଦେହ ଫୁଲି ଉପରକୁ ଉଠି ଭାସିଥିଲା। ତେବେ ସେମାନଙ୍କ ମଧ୍ୟରେ ଏଭଳି କ'ଣ ଶତ୍ରୁତା ରହିଥିଲା, କାହିଁକି ତାଙ୍କୁ ହତ୍ୟା କଲେ, ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ।

# ପ୍ଲାଣ୍ଟ ସମ୍ମୁଖରେ ୨ ଗୋଷ୍ଠୀ ମୁହାଁମୁହିଁ

## ଉଲିବୁରୁ ଗ୍ରାମ ଅଶାନ୍ତ
### ଗୋଟିଏ ଦିନରେ ୪ ପୃଥକ୍ ମାମଲା

ବଡ଼ବିଲ, ୨୨।୧୦ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ଥିବା ଏକ ପ୍ଲାଣ୍ଟ ସମ୍ମୁଖରେ ସୋମବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ବଡ଼ବିଲ ଥାନାରେ ମଙ୍ଗଳବାର ୪ ପୃଥକ ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ଗ୍ରାମ ଏବେ ଅଶାନ୍ତ ହୋଇ ପଡ଼ିଥିବା ବେଳେ ପୋଲିସ ଅଭିଯୋଗ ମୁତାବକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

ସୂଚନା ଅନୁଯାୟୀ, ବଡବିଲ ଥାନା ଉଲିବୁରୁ ଗ୍ରାମରେ ଥିବା ପ୍ଲାଣ୍ଟ ଆଗରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ଲୋକେ ଆହତ ହୋଇଥିବା ବେଳେ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ଉଲିବୁରୁ ଗ୍ରାମର ଜନୈକା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୧୨ ଜଣ ଦୁର୍ବୃତ୍ତ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୩୧୧/୨୦୨୪)ରୁଜୁ କରିଛି। ପ୍ଲାଣ୍ଟର ଠିକାଦାରଙ୍କ ଅଭିଯୋଗକ୍ରମେ ୬ ଜଣଙ୍କ ନାମରେ ମାମଲା(ନଂ. ୩୧୨/୨୦୨୪)ରୁଜୁ ହୋଇଛି। ସେହିପରି ସେହି ଗ୍ରାମର ଅନ୍ୟ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଓ ତାଙ୍କ ୨ ପୁଅଙ୍କୁ ଠେଙ୍ଗା, ଖଣ୍ଡା, ଭୁଜାଲିରେ ଆକ୍ରମଣ ଅଭିଯୋଗରେ ପୋଲିସ ମାମଲା(ନଂ.୩୧୩/୨୦୨୪) ରୁଜୁ କରିଛି। ଏଥିସହ ପ୍ଲାଣ୍ଟ ସମ୍ମୁଖରେ ଛିଡ଼ା କରିଥିବା ଜନୈକ ବ୍ୟକ୍ତିଙ୍କ କାରକୁ ଦୁର୍ବୃତ୍ତ ଭାଙ୍ଗିଥିବା ନେଇ ଏକ ମାମଲା(ନଂ. ୩୧୪/୨୦୨୪) ହୋଇଛି। ତେବେ ଗୋଟିଏ ଦିନରେ ଉଲିବୁରୁ ଗ୍ରାମରେ ଗାଡ଼ି ଭଙ୍ଗାରୁଜା, ଠେଙ୍ଗା, ଖଣ୍ଡା ଆଦି ମାରଣାସ୍ତ୍ରରେ ଆକ୍ରମଣ ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ, ଗ୍ରାମ ଅଶାନ୍ତ ହୋଇଛି। ଘଟଣାରେ ଥାନା ଅଧିକାରୀ ରମାକାନ୍ତ ମଦୁଲି କହିଛନ୍ତି, ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ହତ୍ୟା ଅଭିଯୋଗ

- ଜନ୍ମଦିନରେ ଘରୁ ବାହାରକୁ ଯାଇ ଆଉ ଫେରିଲେନି
- ନିର୍ମାଣାଧୀନ ମନ୍ଦିର ପରିସରରୁ ମିଳିଲା ମୃତଦେହ

ଭୁବନେଶ୍ୱର, ୨୨।୧୦
(ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଆମ୍ବୁଲାନ୍ସ ଡ୍ରାଇଭର ହେଲେ ପଥଗାଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ଓରଫ ରାଜୁ (୩୦)। ପଟିଆ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଏକ ନିର୍ମାଣାଧୀନ ମନ୍ଦିର ପରିସରରୁ ମଙ୍ଗଳବାର ଅପରାହ୍ନରେ ରାଜୁଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ରାଜୁଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ରାଜୁଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ନବକିଶୋର ବେହେରା ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୋମବାର ରାଜୁଙ୍କ ଜନ୍ମଦିନ ଥିବାବେଳେ କୌଣସି କାରଣକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

ରାଜୁ ଏକ ଘରୋଇ ହସ୍ପିଟାଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ସୋମବାର ରାଜୁଙ୍କ ଜନ୍ମଦିନ ଥିଲା। ଅପରାହ୍ନ ୨ଟା ବେଳେ ଘରୁ କୌଣସି ଏକ କାମରେ ଯାଇ ଆଉ ଫେରି ନ ଥିଲେ। ରାଜୁଙ୍କ ମୋବାଇଲ ଫୋନ୍‌କୁ ବାରମ୍ବାର କଲ୍ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ମଙ୍ଗଳବାର ଅପରାହ୍ନରେ ଉକ୍ତ ମନ୍ଦିର ପରିସରରେ ରାଜୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା।

# ଏସ୍‌ସିବିରେ ଚାକିରି କରାଇବାକୁ କହି ଠକେଇ

## କମ୍ପ୍ୟୁଟର, ଅନ୍ୟ ସାମଗ୍ରୀ ଜବତ: ଅଭିଯୁକ୍ତ ଗିରଫ

କଟକ, ୨୨।୧୦ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ ଡାଟା ଏଣ୍ଟ୍ରି ଅପରେଟର ଚାକିରି କରାଇ ଦେବାକୁ କହି ଠକିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ଯୋବ୍ରା ମୁରାଦ ଖାଁ ପାଟଣା ଅଞ୍ଚଳର ଲକ୍ଷ୍ମୀଧର ନାୟକ(୩୪)। ତାଙ୍କ ନିକଟରୁ କମ୍ପ୍ୟୁଟର, ମୋବାଇଲ୍, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲେଖାଥିବା ରବର ଷ୍ଟାମ୍ପ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଅଭିଯୋଗକାରୀ ଜଗନ୍ନାଥ ମିଶ୍ର ଓ ତାଙ୍କ ସାଙ୍ଗ ଭାବଗ୍ରାହୀ ଦାସ ଅଭିଯୁକ୍ତଙ୍କ ସହ ପରିଚିତ ହେବା ପରେ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଏସ୍‌ସିବି ମେଡିକାଲରେ ଚାକିରି କରୁଥିବା ସେମାନଙ୍କୁ କହିଥିଲେ। ସେ ଡାଟା ଏଣ୍ଟ୍ରି ଅପରେଟର ଚାକିରି କରାଇଦେବାକୁ କହି ଜଗନ୍ନାଥଙ୍କଠାରୁ ୧୦,୦୦୦ ଟଙ୍କା ଓ ଭାବଗ୍ରାହୀଙ୍କଠାରୁ ୩୨,୧୦୦ ଟଙ୍କା ଅନ୍‌ଲାଇନ ମାଧ୍ୟମରେ ନେଇଥିଲେ। ଟଙ୍କା ନେବାର ୯ ମାସ ପରେ ଅଭିଯୁକ୍ତ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ମୋହର ଓ ଦସ୍ତଖତ ଥିବା ନିଯୁକ୍ତିପତ୍ର ଦେଇଥିଲେ। ଉଭୟ ନିଯୁକ୍ତିପତ୍ର ପାଇ କାର୍ଯ୍ୟରେ ଯୋଗଦେବା ନିମନ୍ତେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ଲକ୍ଷ୍ମୀଧରଙ୍କୁ ଖୋଜିବା ପରେ ଏହି ନାମରେ କେହି ସେଠାରେ ଚାକିରି କରି ନ ଥିବା ଜାଣିବାକୁ ପାଇଥିଲେ। ଫଳରେ ଅଭିଯୋଗକାରୀ ଟଙ୍କା ଫେରାଇବାକୁ କହିବାରୁ ଲକ୍ଷ୍ମୀଧର ମାଡ଼ ମାରିବାକୁ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୬୫/୨୪) ରୁଜୁ କରିଥିଲା।


**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION,BOLANGIR**
E-mail I.D.:eenhbolangir@gmail.com
**E-TENDER CALL NOTICE**
**Bid Identification No.01/EE NH (BGR) of 2024-25**
**No.2535// Dated 19.10.2024**

**No.b-08:**1.The Superintending Engineer, N.H. Division, Bolangir invites Percentage Rate bids for construction of works detailed in the table below in Single Cover system on ONLINE MODE from eligible contractors for road works as mentioned below.
2. Nature of Work : Road Works
3. No. of Work : 7 Nos.
4. Tender Paper Cost : Varies from Rs.4,000.00 to 6,000.00
5. E.M.D @ 1% : Varies from Rs.8,400.00 to Rs.44,500.00
6. Class of Contractor : 'D', 'C' & 'B'
7. Available of Bid Document in the website : From 11.00 hour of 29.10.2024 to 17.00 hour of 11.11.2024
8. Date of Opening of Bid : At 11.30 hour of 12.11.2024
9. The bidders have to participate in online bidding only. Further details can be seen in the bidding documents from the e-Procurement portal www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website only.

Sd./- Superintending Engineer
NH Division, Bolangir
OIPR-34101/11/0001/2425



ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
**OFFICE OF THE NOTIFIED AREA COUNCIL, ATTABIRA**
DIST:BARGARH (ODISHA) PIN:768027
Email:attabiranac.2013@gmail.com, Ph.06682-221212
No.1535/ATTB Dated:-19.10.2024
No.C-809: **E-Procurement Notice**
**Bid Identification No.NAC-ATTB-02/2024-25**
1. Name of the work for which e-Tender invited-Sweeping of Streets, Door to Door Collection of Garbage and its Segregation, Cleaning of drains and Lifting of Garbage from 01 to 12 ward of Attabira NAC area for the Financial Year.2024-25.
2. Estimated cost of work (Annually)- **Rs.10988493.00**
3. Eligible Intending Registered & Financially Sound Manpower Service Provider Agency/ Firms/Trust/ N.G.Os having similar nature of work experience of at least Tweleve year and fulfilling the other criteria as given in the D.T.C.N.
4. The Bid documents will be available in the website i.e. http://www.tendersodisha.gov.in from **10.00 AM of Dt.21.10.2024 to 5.00 PM of Dt.29.10.2024** for online bidding.
5. Bid Identification No.**NAC-ATTB-01/2023-24**
6. Last date & time of receipt of Bid through online **5.00 PM of Dt.29.10.2024**
7. Opening of Bid on D**t.30.10.2024 at 11.00 AM**
8. The bidder has to participate in online bidding only.
For further detail information any one can visit the e-procurement portal of the Govt. of Odisha i.e. **http://www.tendersodisha.gov.in.**

Sd./- Executive Officer
Attabira NAC
OIPR-13176/11/0003/2425



**ODISHA UNIVERSITY OF HEALTH SCIENCES, BHUBANESWAR**
Office: Sishu Bhawan Square, Bapuji Nagar, Bhubaneswar, Pin-751009
Website:www.ouhs.ac.in, E-mail:ouhs2022@gmail.com/ ouhs@ouhs.ac.in, Tel.:0674-2917266
No.ESTT/GEN-2/100/2023/10080/2024 Date:18.10.2024
**ADVERTISEMENT.... Contd.**
**No.E-423:**In Continuance to advertisement no. ESTT/GEN-2/100/2023/ 9988/ 2024 dated 18.10.2024 in point no. 1 (iii) the qualification and experience of Director, College Development & Student Welfare should be a Professor with minimum of 10 years of teaching experience in a Govt. Medical College from OMES/ AYUSH cadre only.
OIPR-10238/11/0007/2425 Sd./- REGISTRAR



**Government Of Odisha**
**Office of the Executive Engineer**
**Rural Works Division-II, Nabarangpur, Umerkote**
E.mail - eerwukt@rediffmail.com & eerwukt@ymail.com
No.O-407
Letter No. : 3073 Date : 15.10.2024
**e-Procurement Notice**
1. Name of the work : Road Works 2. Total No. of works : 04 (Four) Nos. 3. Approx. Estimated Cost : Varies from 50.85 Lakhs to 74.36 Lakhs 4. Class of Contractor : "B" Class of Contractor 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/03/ RWD-UKT/2024-25 | 25.10.2024 at 11.00 A.M. | 07.11.2024 up to 5.00 P.M. | 06.11.2024 at 01.00 P.M. | 08.11.2024 at 11.00 A.M. | To be intimated separately |

For details can be seen from the Government website www.tendersorissa.gov.in.
Sd./- Executive Engineer
Rural Works Division-II, Nabarangpur, Umerkote
OIPR-25103/11/0002/2425



**OFFICE OF THE MUNICIPAL COUNCIL: BRAJRAJNAGAR**
No.C-811: **E-Procurement Notice**
Bid Identification No.BRJNRM-02/2024-25
Total No. of Works :- 144 Nos.
Tender ID:- 2024_ORULB_105806
Tender Value:- Rs.2.00 Lakhs to 48.53 Lakhs
Bid Security: Rs.2000.00 to Rs.48,530.00
Available Period:-Dt.24.10.2024, 05.00 PM to 08.11.2024, 05.00 P.M.
Tender Opening Date: 11th November 2024,11.00 A.M.
Bidders are requested to participate in advance with their Class-II, Class-III and Class-IV Contractor DSC before the closing Date.
Further details please visit: www.tendersodisha.gov.in.
Sd./- Executive Officer, Brajrajnagar Municipality
OIPR-13099/11/0015/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOLANGIR**
No.O-414
E-Mail ID : eerw_blgr@yahoo.co.in
**e-Procurement Notice**
**IFB Identification No.EEBLGR-Online-02/2024-25**

| | | | |
|---|---|---|---|
| 1 | Name of work | : | Road Works |
| 2 | Total No. of works | : | 43 (Forty three) Nos. |
| 3 | Approximate Estimated Cost | : | Rs. 5.05 Lakh to Rs. 29.42 Lakh |
| 4 | Time for completion | : | 2 (Two) calendar months |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | : | As per TCN No. EEBLGR-Online-02/2024-25 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Superintending Engineer, R.W. Division, Bolangir | EEBLGR-online-02/2024-25 | 25.10.2024 at 11.00 A.M. | 04.11.2024 upto 5.00 P.M. | 02.11.2024 upto 1.00 P.M. | 05.11.2024 at 11.00 A.M. |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.
Sd./- Superintending Engineer
R.W. Division, Bolangir
OIPR-25068/11/0002/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭% ରହିବ ଜିଡିପି ଅଭିବୃଦ୍ଧି ହାର

## ଆଇଏମ୍‌ଏଫ୍‌ର ଆକଳନ

ଭୁବନେଶ୍ୱର,୨୨।୧୦ (ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର(ଜିଡିପି) ଆକଳନକୁ ୭% ସ୍ଥିର ରଖିଛି। ଏହା ଜୁଲାଇ ଆକଳନ ସହିତ ମେଳ ଖାଉଥିବାବେଳେ ଆଇଏମ୍‌ଏଫ୍ କହିଛି , ମହାମାରୀ ସମୟରେ ଚାହିଦା ହ୍ରାସ ପାଉଛି। ଅନ୍ୟପଟେ ୨୦୨୪-୨୫ରେ ଭାରତରେ ମୁଦ୍ରାସ୍ଫୀତି ହାର ୪.୪% ବୋଲି ଆଇଏମ୍‌ଏଫ୍ ଆକଳନ କରିଛି। ଆସନ୍ତା ବର୍ଷ ଏହା ୪.୧%କୁ ଖସିଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୁଣ୍ଡ ପିଛା ଉତ୍ପାଦନ ୬% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହା ବ୍ରାଜିଲ (୨.୬%), ରୁଷିଆ (୩.୮%), ଚାଇନା (୪.୯%)



ଏବଂ ଆମେରିକା (୨.୩%) ଠାରୁ ଅଧିକ ବୋଲି ଦର୍ଶାଯାଇଛି। ଆଇଏମ୍‌ଏଫ୍‌ର ଏହି ଆକଳନ ଏପ୍ରିଲ ଆକଳନଠାରୁ ୦.୨ ପ୍ରତିଶତ ଅଧିକ ରହିଛି। ୨୦୨୫-୨୬ ପାଇଁ ୬.୫% ବିକଶିତ ଏବଂ ଉଦୀୟମାନ ଅର୍ଥନୀତି ତୁଳନାରେ ଏହି ଆକଳନ ଅଧିକ। ୨୦୨୪ରେ ବିଶ୍ୱ ଅର୍ଥନୀତି ୩.୨% କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହାକି ପୂର୍ବ ବର୍ଷ ୩.୩% ଥିଲା। ମଙ୍ଗଳବାର ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣ ଅନୁଯାୟୀ, ଭାରତରେ ଜିଡିପି ଅଭିବୃଦ୍ଧି ହାର ୨୦୨୩ରେ ୮.୨% ଥିବାବେଳେ ୨୦୨୪ରେ ୭% ଏବଂ ୨୦୨୫ରେ ୬.୫%କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଘରୋଇ ଚାହିଦା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ମାସ ଆରମ୍ଭରେ ୭.୨% ଅଭିବୃଦ୍ଧି ହାର ଧାର୍ଯ୍ୟ କରିଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଶ୍ୱବ୍ୟାଙ୍କ ମଧ୍ୟ ଭାରତରେ ୭% ଅଭିବୃଦ୍ଧିର ଆକଳନ କରିଛି। ଆଇଏମ୍‌ଏଫ୍ ରିପୋର୍ଟରେ ଚାଇନାର ଅଭିବୃଦ୍ଧି ୪.୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟପଟେ ୨୦୨୪ ପାଇଁ ବ୍ରାଜିଲ ଏବଂ ଅର୍ଥନୈତିକ ଉତ୍ପାଦନ ଆକଳନକୁ ୩% ଏବଂ ୩.୬% ପର୍ଯ୍ୟନ୍ତ ସଂଶୋଧନ କରାଯାଇଛି। ଆମେରିକା ପାଇଁ ମଧ୍ୟ ଏହି ଆକଳନ ୨.୮% କୁ ବୃଦ୍ଧି ପାଇଛି।

# ଖସିଲା ଶେୟାର ବଜାର

ମୁମ୍ବାଇ,୨୨।୧୦

କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୯୩୧ (୯୩୦.୫୫) ପଏଣ୍ଟ କମି ୮୦,୨୨୧ (୮୦,୨୨୦.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦୯ (୩୦୯.୦୦) ପଏଣ୍ଟ ହ୍ରାସ ଘଟି ୨୪,୪୭୨(୨୪,୪୭୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଲାଇଫ୍ ଷ୍ଟାଇଲର ଅଲ୍ ନ୍ୟୁ କଲେକ୍ସନ

ନୂଆଦିଲ୍ଲୀ,୨୨।୧୦



ଲାଇଫ୍‌ଷ୍ଟାଇଲ୍'ର ଅଲ ନ୍ୟୁ କଲେକ୍ସନର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଚଳିତ ପାର୍ବଣ ଋତୁର ସ୍ୱତନ୍ତ୍ର ଫେଷ୍ଟିଭ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଲାଇଫ୍ ଷ୍ଟାଇଲର ଫେଷ୍ଟିଭ୍ କଲେକ୍ସନରେ ପାରମ୍ପରିକ ଏବଂ ଫ୍ୟୁଜନ୍ ସ୍ୱଦେଶୀ ପରିଧାନର କାଳାତୀତ ଆକର୍ଷଣରୁ ଆରମ୍ଭ କରି ସମସାମୟିକ ପାଶ୍ଚାତ୍ୟ ଶୈଳୀର ଚମକପ୍ରଦ ଗ୍ଲାମର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ କିଛି ନା କିଛି ସାମିଲ ରହିଛି। ଏହିସବୁ କଲେକ୍ସନରେ ଲାଳିତ୍ୟ ଓ ଆଭିଜାତ୍ୟର ଚମତ୍କାର ମିଶ୍ରଣ ସାମିଲ ରହିଛି। ବିଶେଷକରି ମହିଳାମାନଙ୍କ ଫେଷ୍ଟିଭ୍ କଲେକ୍ସନରେ ଜଟିଳ ପାଟର୍ନ ଏବଂ ଅସଲୀ ରଙ୍ଗରେ ସୁସଜ୍ଜିତ ବିଭିନ୍ନ ପ୍ରକାରର ଚମତ୍କାର ସ୍ୱଦେଶୀ ପରିଧାନର ଅନେକ ବିକଳ୍ପ ସାମିଲ ରହିଛି, ପୁରୁଷଙ୍କ ପୋଷାକ କଲେକ୍ସନରେ କ୍ଲାସିକ୍ ପରମ୍ପରା ଏବଂ ଆଧୁନିକତାର ସ୍ପର୍ଶ ସହିତ ରହିଥିବା କୁର୍ତ୍ତା ଏବଂ ଜ୍ୟାକେଟର ଏକ ସୁନ୍ଦର ରେଞ୍ଜ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଲାଇଫ୍‌ଷ୍ଟାଇଲର ଏଭିପି ଏବଂ ହେଡ୍ ଅଫ୍ ମାର୍କେଟିଂ ସୁଶ୍ରୀ ରୋହିଣୀ ହାଲାଦିଆ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ଫେଷ୍ଟିଭ୍ କଲେକ୍ସନର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏହି କଲେକ୍ସନରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି, ଷ୍ଟୋର୍ ଏବଂ ଅନ୍‌ଲାଇନ ଉଭୟ ସ୍ଥାନରେ ଏହାକୁ ଦେଖିବା ଲାଗି ଆମ ଗ୍ରାହକମାନଙ୍କୁ ଆମେ ଆମନ୍ତ୍ରଣ କରୁଛୁ। ଏପରିକି ସେମାନେ ନିଜ ପାଇଁ ଏପରି ଏକ ପରିଧାନ ବାଛି ପାରିବେ, ଯାହା ସେମାନଙ୍କ ପାର୍ବଣର ଆନନ୍ଦକୁ ଆହୁରି ସ୍ୱତନ୍ତ୍ର କରି ଦେବ।

ସେହିଭଳି ଚଳିତ ପାର୍ବଣ ଋତୁରେ ଗ୍ରାହକମାନେ ଆକର୍ଷଣୀୟ ଅଫର ମଧ୍ୟ ଉପଭୋଗ କରିପାରିବେ। ଏପରିକି ୫୦୦୦ଟଙ୍କାରେ କିଣାକିଣି କଲେ ୧୦୦୦ ଟଙ୍କାର ଆକର୍ଷଣୀୟ ଭାଉଚର ଓ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ସହ ୧୦% ତୁରନ୍ତ ରିହାତି ଯୋଗାଇ ଦିଆଯାଉଛି।

# ପ୍ରିମିୟମ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୨।୧୦

ଚଳିତ ପାର୍ବଣ ଋତୁରେ ପ୍ରତ୍ୟେକ ଅବସରକୁ ସ୍ୱତନ୍ତ୍ର କରିବା ପାଇଁ ଗ୍ରାହକମାନେ ଆମାଜନ ଡଟ୍ ଇନ୍‌ର ଫେଷ୍ଟିଭ ଗିଫ୍ଟିଙ୍ଗ ଷ୍ଟୋରକୁ ଅନ୍ୱେଷଣ କରିପାରିବେ। ଏପରିକି ପ୍ରତି କ୍ରୟ ଉପରେ ୨୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସହ ଫେଷ୍ଟିଭ ଗିଫ୍ଟିଙ୍ଗରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ଜଣେ ଗ୍ରାହକ ସିଜନର ସମସ୍ତ ଟପ୍ ଫେଷ୍ଟିଭ ଗିଫ୍ଟିଂ ଉପରେ କୁପନ ସବ୍‌ସ୍କ୍ରିପଶନ ସହ ଅତିରିକ୍ତ ୧୦%ର ରିହାତି ପାଇବେ। ବିଶେଷକରି ଫୁଲ୍, ୪୭୦୦ବିସି, ଇଟ୍ ବେଟର କୋ, ଗେଣ୍ଡା ଫୁଲ୍, ଗୋ ଦେଶୀ ଭଳି ପ୍ରିମିୟମ ବ୍ରାଣ୍ଡଗୁଡିକର ବିସ୍ତୃତ ଚୟନ ଉପରେ ଏହି ଅଫରଗୁଡିକ ଉପଲବ୍ଧ ରହିଛି, ଫେଷ୍ଟିଭ ଗିଫ୍ଟିଂ ଷ୍ଟୋର ସହ ଗ୍ରାହକମାନେ ଦ୍ରୁତ ଓ ନିର୍ଭରଯୋଗ୍ୟ ଡେଲିଭରି ମଧ୍ୟ ଉପଭୋଗ କରିପାରିବେ। ସେହିପରି ପାର୍ବଣ ସମୟରେ ଆମାଜନର ଫେଷ୍ଟିଭ ଗିଫ୍ଟିଂ ଷ୍ଟୋରରେ ଆନନ୍ଦ ରୟାଲ ଆସର୍ଟେଡ ସ୍ୱିଟ୍‌ସ ଫେଷ୍ଟିଭ ଗିଫ୍ଟ ପ୍ୟାକ୍, କ୍ୟାଡ୍‌ବରି ସେଲିବ୍ରେଶନ୍ସ ପ୍ରିମିୟମ ସିଲେକ୍ସନ ଚକୋଲେଟ୍‌ସ ଗିଫ୍ଟ ପ୍ୟାକ୍, ବ୍ଲୁଟୋକାଇ କଫି ରୋଷ୍ଟର୍ସ ଫେଷ୍ଟିଭ ବକ୍ସ ଅଫ୍ ଜୟ ଗିଫ୍ଟ ହାମ୍ପର, ନଟ୍‌ରାଜ ଦିୱାଲି ଡ୍ରାଏଫ୍ରୁଟ୍ସ ଗିଫ୍ଟ ବକ୍ସ ଭଳି ଉପହାର ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି।

ଉଲ୍ଲେଖଯୋଗ୍ୟ, ପର୍ସନାଲ ଓ ବେବି କେୟାର ଏସେନ୍ସିଆଲ୍ସ ବର୍ଗରେ ହିମାଳୟା ବେବି ବାସ୍କେଟ ଗିଫ୍ଟ ପ୍ୟାକ୍, ଜିଲେଟ ଫ୍ଲେକ୍ସବଲ ପ୍ରୋ ଗ୍ଲାଇଡ ଗିଫ୍ଟ ପ୍ୟାକ୍, ବମ୍ବେ ସେଭିଙ୍ଗ କମ୍ପାନୀ ଆଣ୍ଡ ଗ୍ରୁମିଂ କିଟ୍ ଫର୍ ମେନ୍, ସେଟାଫିଲ ବେବି ଗିଫ୍ଟ ପ୍ୟାକ୍‌ସ ୱିଥ ସଫ୍ଟ ଟୟ ଭଳି ଗିଫ୍ଟ ଆକର୍ଷଣୀୟ ରିହାତି ସହ ଉପଲବ୍ଧ ରହିଛି।

# ଠକେଇ ପ୍ରତି ସତର୍କ କଲା ଏନ୍‌ପିସିଆଇ

ଭୁବନେଶ୍ୱର,୨୨।୧୦ (ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ଦୀପାବଳି, ଧନ୍‌ତେରସ୍ ଓ ଛଟ୍‌ପୂଜା ଆଦି ପର୍ବ ପାଳନ ପାଇଁ ଲୋକମାନେ ଅଫ୍‌ଲାଇନ୍ ଓ ଅନ୍‌ଲାଇନରେ ଖୁବ୍ ଶପିଂ କରୁଛନ୍ତି। ଏଭଳି ପରିସ୍ଥିତିରେ ଡିଜିଟାଲ ପେମେଣ୍ଟ ଠକେଇର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି। ଡିଜିଟାଲ ପେମେଣ୍ଟରେ ୟୁପିଆଇ ମାଧ୍ୟମରେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଉପଭୋକ୍ତାମାନଙ୍କୁ ଏହି ପର୍ବ ସମୟରେ ଡିଜିଟାଲ ପେମେଣ୍ଟ ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛି। ଆକର୍ଷଣୀୟ ଅଫର ଏବଂ ରିହାତି ପ୍ରତି ସତର୍କ ରହି ଅନ୍‌ଲାଇନ ପ୍ଲାଟ୍‌ଫର୍ମର ବୈଧତା ଯାଞ୍ଚକୁ ଅଣଦେଖା ନକରିବାକୁ ପରାମର୍ଶ ଦିଆଯାଇଛି। ଏନ୍‌ପିସିଆଇ ଅନୁଯାୟୀ, ଉତ୍ସବ ସମୟରେ ଲୋକମାନେ ମାତ୍ରାଧିକ ପରିମାଣରେ ଶପିଂ କରନ୍ତି। ଅନେକ ସମୟରେ ଗ୍ରାହକମାନେ କ'ଣ ଅର୍ଡର କରିଛନ୍ତି ତାହା ମନେ ରଖନ୍ତି ନାହିଁ, ଯାହାଦ୍ୱାରା ଫିସିଙ୍ଗ ସ୍କାମର ଶିକାର ହେବାର ସମ୍ଭାବନା ବଢ଼ିଥାଏ। ଏପରି ପରିସ୍ଥିତିରେ ପେମେଣ୍ଟ ଲିଙ୍କ୍‌କୁ ଦୁଇଥର ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ନକଲି ବିତରଣ ପରିବର୍ତ୍ତନକୁ ଏଡ଼ାଯାଇପାରିବ। ଏଥିସହ ଉପଭୋକ୍ତାମାନଙ୍କୁ ସେମାନଙ୍କ ଆକାଉଣ୍ଟକୁ ହ୍ୟାକିଂରୁ ରକ୍ଷାକରିବା ପାଇଁ ଦୃଢ଼ ଓ ଅନନ୍ୟ ପାସ୍‌ୱାର୍ଡ ବ୍ୟବହାର କରିବାକୁ କୁହାଯାଇଛି।

# ଓଡ଼ିଶା ବଜାରରେ ଜିନ୍ଦଲ ପାନ୍ଥର ସିମେଣ୍ଟ

- ଅନୁଗୋଳରେ ଜେପିସିର ୧.୫ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ
- ଜେଏସ୍‌ପିଏଲ୍ ଇସ୍ପାତ ମାର୍କେଟିଂ ଟିମ୍ ସହଯୋଗରେ ସିମେଣ୍ଟ ବିତରଣ କରାଯିବ

ଭୁବନେଶ୍ୱର,୨୨।୧୦(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସହାୟକ କମ୍ପାନୀ ଜିନ୍ଦଲ ପାନ୍ଥର ସିମେଣ୍ଟ (ଜେପିସି) ବର୍ତ୍ତମାନ ଓଡ଼ିଶା ବଜାରରେ ଉପଲବ୍ଧ ବୋଲି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାର ଅନୁଗୋଳଠାରେ ବ୍ରାଣ୍ଡର ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ନିକଟରେ କାର୍ଯ୍ୟକ୍ଷମ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ରେ ସିମେଣ୍ଟ ପ୍ରସ୍ତୁତି ପାଇଁ କମ୍ପାନୀ (ବ୍ରାଣ୍ଡ)ର ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍ ସମନ୍ୱିତ ଇସ୍ପାତ କାରଖାନାରୁ ନିର୍ଗତ ବାର୍ଷିକ ପ୍ରାୟ ୧ମିଲିୟନ ଟନ୍ ବ୍ଲାଷ୍ଟ ଫର୍ନେସ ସ୍ଲାଗ୍ ବ୍ୟବହାର ହେବ,ଯାହା ସିମେଣ୍ଟ ଉତ୍ପାଦନ ପାଇଁ ସର୍ବନିମ୍ନ ପରିମାଣର କ୍ଲିଙ୍କର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ଉଲ୍ଲେଖନୀୟ ଭାବେ କମ୍ କରିବ। ଗ୍ରୁପ୍‌ର ଏହି ପଦକ୍ଷେପ ମାଧ୍ୟମରେ କମ୍ କାର୍ବନ ସିମେଣ୍ଟ ଉତ୍ପାଦନରେ ଅଗ୍ରଣୀ ହେବାକୁ ଜେପିସି ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଜେପିସିର ସିଇଓ ରୋହିତ ଭୋରା କହିଛନ୍ତି, ଆମର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି, ଆମର ଲୋ-କାର୍ବନ ସିମେଣ୍ଟ ଓ ଅଭିନବ ବିପଣନ ବ୍ୟବସ୍ଥା ପୂର୍ବଭାରତର ଭିତ୍ତିଭୂମି ବିକାଶକୁ ସମର୍ଥନ କରିବା ଦିଗରେ ଆମକୁ ସହଯୋଗ କରିବା ସହିତ ଏକ ସବୁଜ ପରିବେଶ ପାଇଁ ଯୋଗଦାନ କରିବ।

ସେହିଭଳି ସର୍ବନିମ୍ନ କାର୍ବନ ଓ ଉଚ୍ଚଗୁଣବତ୍ତା ବିଶିଷ୍ଟ ପୋର୍ଟଲାଣ୍ଡ ସ୍ଲାଗ୍ ଏବଂ କମ୍ପୋଜିଟ ସିମେଣ୍ଟକୁ କେନ୍ଦ୍ରୀୟ ଓ ପୂର୍ବ ଭାରତର ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଜେପିସିର ମିଶନ ରହିଛି। ଏପରିକି ବ୍ରାଣ୍ଡର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜେଏସ୍‌ପିଏଲ୍‌ର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ ବ୍ୟବହାରକରି ସିମେଣ୍ଟ ଡିଭିଜନ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବା ସହିତ ଚିରସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବ।

ଅପରପକ୍ଷରେ ଜେପିସି ୨୧୬୦କୋଟି ଟଙ୍କା ବିନିଯୋଗକରି ଅନୁଗୋଳ ଓ ରାୟଗଡ଼ାଠାରେ ବ୍ରାଣ୍ଡର ଉତ୍ପାଦନ କ୍ଷମତା ବାର୍ଷିକ ୭ ମିଲିୟନ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ସମ୍ପ୍ରସାରଣ ଦ୍ୱାରା ବଜାରରେ ଜେପିସିର ଉପସ୍ଥିତି ସୁଦୃଢ଼ ହେବା ସହିତ ବଢୁଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ସଷ୍ଟେନେବଲ୍ ନିର୍ମାଣ ସାମଗ୍ରୀ ଉପଲବ୍ଧ ହୋଇପାରିବ। ଏପରିକି ପୂର୍ବ ଭାରତର ଗୃହ ନିର୍ମାତା ପାଇଁ ପ୍ରଥମ ୱାନ୍ ଷ୍ଟପ୍ ସଲ୍ୟୁସନ ପ୍ରତିଷ୍ଠା କରିବାକୁ ଜେପିସି ସିମେଣ୍ଟ ଓ ଜେଏସ୍‌ପିଏଲ୍‌ର ରେବାର (ଛଡ଼) ସଂଯୁକ୍ତ ବିପଣନ ବ୍ୟବସ୍ଥା (କମନ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ) ଦ୍ୱାରା ବଜାରରେ ଉପଲବ୍ଧ ହେବ। ଜିନ୍ଦଲ ପାନ୍ଥର ବ୍ରାଣ୍ଡରେ ଏସବୁ ନିର୍ମାଣ ସାମଗ୍ରୀ ବିକ୍ରିହେବ,ସିମେଣ୍ଟ ଓ ରଡ୍ ଗୋଟିଏ ସ୍ଥାନରୁ ସୁବିଧା ଓ ଉଚିତ ଦରରେ ଗ୍ରାହକ ପାଇପାରିବେ।

# ଅନଧିକୃତ ଫରେକ୍ସ ଟ୍ରେଡିଂ ପ୍ଲାଟ୍‌ଫର୍ମ ତାଲିକା ଜାରି

ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନଧିକୃତ ଫରେକ୍ସ ଟ୍ରେଡିଂ ପ୍ଲାଟ୍‌ଫର୍ମର ସଂଶୋଧିତ ତାଲିକା ଜାରି କରିଛି। ମଙ୍ଗଳବାର ଜାରି ହୋଇଥିବା ତାଲିକାରେ ଟିଡିଏଫ୍‌ଏକ୍ସ ଏବଂ ଇନ୍‌ଫେକ୍ସ ସମେତ ୧୩ଟି ସଂସ୍ଥା ଯୋଡ଼ିଛି। ଏହି ପରିବର୍ତ୍ତନ ସହିତ ତାଲିକାରେ ଅନ୍ତର୍ଭୁକ୍ତ ମୋଟ ୟୁନିଟ୍ ସଂଖ୍ୟା ୮୮ରେ ପହଞ୍ଚିଛି। ଜାରି ହୋଇଥିବା ତାଲିକାରେ ଏପରି ସଂସ୍ଥାଗୁଡ଼ିକର ନାମ ରହିଛି ଯାହା ବୈଦେଶିକ ବିନିମୟ ପରିଚାଳନା ଆଇନ, ୧୯୯୯ (ଏଫ୍‌ଇଏମ୍‌ଏ) ଅନୁଯାୟୀ ବୈଦେଶିକ ମୁଦ୍ରା କାରବାର ପାଇଁ ଅନୁମତିପ୍ରାପ୍ତ ନୁହନ୍ତି। ଏପରିକି ସେମାନେ ଇଲେକ୍ଟ୍ରୋନିକ ଟ୍ରେଡିଂ ପ୍ଲାଟ୍‌ଫର୍ମ ନିର୍ଦ୍ଦେଶନାମା, ୨୦୧୮ ଅଧୀନରେ ବୈଦେଶିକ ମୁଦ୍ରା କାରବାର ପାଇଁ ଏହିପରି ପ୍ଲାଟ୍‌ଫର୍ମ ଚଳାଇବାକୁ ଅନୁମତିପ୍ରାପ୍ତ ନୁହନ୍ତି। ସୂଚନା ଥାଉକି, ଏହି ତାଲିକାରେ ରେଞ୍ଜର କ୍ୟାପିଟାଲ, ଟିଡିଏଫ୍‌ଏକ୍ସ, ଇନ୍‌ଫେକ୍ସ, ଯର୍କରଏଫ୍‌ଏକ୍ସ, ଗ୍ରୋଲାଇନ, ଥିଙ୍କ ମାର୍କେଟ, ସ୍ମାର୍ଟ ପ୍ରପ୍ ଟ୍ରେଡର, ଫଣ୍ଡେକ୍ସଟ, ୱେଲଟ୍ରେଡ୍, ଫ୍ରେଶ୍ ଫୋରକ୍ସ, ଏଫ୍‌ଏକ୍ସ ରୋଡ୍, ଡିବିଜି ମାର୍କେଟ ଏବଂ ପ୍ଲସ୍ ଅନ୍ ଟ୍ରେଡ୍ ଆଦି ଅନ୍ତର୍ଭୁକ୍ତ ରହିଛି।


# Classified Everyday
0674-2580101, 2549949


MATRIMONIAL

GROOM WANTED

Beautiful Gopal girl 1993, 5'3", B.Tech Serving Tata Steel Jamshedpur. SUNASANSAR-9937512659. D-76000


REAL ESTATE

SALE

3 BHK Garden-Facing flat in Vipul Garden, near Sum hospital in Kalinga Nagar, Bhubaneswar with study and servant room, 4 balconies, furnished with wardrobes and a modular kitchen is available for sale @ Rs.1.55 cr., Please contact: 8104625041. D-1697

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668. D-75999

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286. D-75998

House sale (Land 1600 sqft., construction 2600 sqft), @ Mancheswar Chakeisihani, near Mancheswar industrial estate. Contact direct owner: 9438486526, 8917610670. D-1732

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-1726

Gharabari converted plots available near Hitech Square, Sundarpada, Bhubaneswar. For more details contact- 9437226965, 9778832554. D-1725

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75795

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special offer @ 799 Bapujinagar. 8018429809. D-76164

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

AFFIDAVIT

By virtue of an affidavit before Executive Magistrate, Dhenkanal on dtd. 30.09.2024, solemnly declare that, in my Aadhaar card my name has written as Kokil Debi, W/o. Jayakrushna Satapathi. So I have changed my name from Kokil Debi to Kokila Kumari Satapathy. I, Kokil Debi and Kokila Kumari Satapathy, my husband Jayakrushna Satapathi and Jayakrishna Satapathy is same and one person. Henceforth, I shall be known as Kokila Kumari Satapathy, W/o. Jayakrishna Satapathy, At- Mahindrapur, P.O.: Siminai, P.S.-Sadar, Dist.- Dhenkanal for all purposes. D-75465

I, JAGANNATH BISWAL, S/o SANKARSAN BISWAL, R/o At- Mundiasahi, P.O.- Talabarakote, Via-Gobindpur, Dhenkanal Orissa-759027 changed my minor Son's name SOMYO PRAKASH BISWAL alias SOMYAPRAKASH BISWAL to SOMYO PRAKASH BISWAL aged 17 Years. D-1734

LEGAL NOTICE

SUMMONS FOR SETTLEMENT OF ISSUES (Order 5, R-1 and 5 C.P.C) IN THE COURT OF CIVIL JUDGE, SENIOR DIVISION, KHARIAR, DIST.- NUAPADA
Civil Suit No.- 340/2018

Sasmita Panda ... ... Plaintiff
Vrs
Jashobanti Bai and others ... ... Defendants

To,
Kaladei Satnami, aged about 57 years, W/o- Sonu Satnami, R/o- Vill.- Khariar (Ward No.2), P.S.- Khariar, Dist.- Nuapada

Whereas the above name plaintiff Sasmita Panda has instituted a suit against you to declare his right, title and interest of the suit land and you valid and confirm title and possession of the plaintiff over the suit land,you are hereby summon to appear in this court in person or through a pleader duly instructed, able to answer all martial questions relating to the suit or who shall be accompanied by some persons able to answer all such questions on 12th day of Nov. 2024 at about 10.30 A.M. to answer the claim and further you are by directed to file on that day a written statement of your defense and to produce on the said day all document in your possession or power upon which you base your defense.

Take notice that in a default of your appearance on the day in the aforesaid mentioned, the suit will be hard and determines in your absence.

Give under my hand and seal of the court on this day of 4.10.2024.

Sd./- CIVIL JUDGE, SENIOR DIVISION, KHARIAR
D-1735

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଇନ୍ଦୁମତୀ ମିଶ୍ର
ସ୍ୱାମୀ - ସ୍ୱର୍ଗତ ରମେଶ ଚନ୍ଦ୍ର ମିଶ୍ର
ଆବିର୍ଭାବ - ୨୪.୦୬.୧୯୩୮
ତିରୋଧାନ - ୦୪.୧୧.୨୦୨୩
ଆପଣ ଆମ ହୃଦୟରେ ଚିର ଅମର ଅଛନ୍ତି। ଆପଣଙ୍କର ଆଦର୍ଶ ସର୍ବଦା ଆମର ପ୍ରେରଣାର ଉତ୍ସ ହୋଇଥାଉ।
ଶୋକସନ୍ତପ୍ତ :- ପ୍ରସନ୍ନ, ଉମେଶ, ନିହାରିକା, ଗୀତା, କଳ୍ପନା, କବିତା, ଶ୍ରୀକାନ୍ତ, ରାମଚନ୍ଦ୍ର, ମୋନାଲୀ, ସୋନାଲି, ରାକେଶ, ସ୍ମୃତି, ବୈଭବ, ସଞ୍ଜିବନୀ, ବିନୋଦ, ପପୁ, ତୁଷାର, ଶୁଭଙ୍କର, ଦୁର୍ଗାଦତ୍ତ, ଶ୍ରବ୍ୟା, ତନଭି, ସୋନୁ, ମୋନୁ, ତୁତୁଲ୍, ତୁଡଲି ଏବଂ ମିହି।
୨୧୬/୧୨,ରମେଶ ନିବାସ, ଏରୋଡ୍ରମ ଏରିଆ, ଲେନ୍-୯,ଭୁବନେଶ୍ୱର - ୨୦
ଧ-୧୭୨୮



ଆଦର୍ଶ ଶିକ୍ଷାବିତ୍ ବୀରକିଶୋର ପଣ୍ଡାଙ୍କ ପରଲୋକ
ଜଗତ୍‌ସିଂହପୁର ଜିଲ୍ଲାସ୍ଥିତ ପଞ୍ଚପାଣ୍ଡବ ଶୈଳବାଳା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଶ୍ରୀ ବୀର କିଶୋର ପଣ୍ଡାଙ୍କର ୯୮ ବର୍ଷ ବୟସରେ ଗତ ଶନିବାର ରାତ୍ରିରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।
ଧ-୧୭୩୬



ଜେଏମ୍ଏମ୍ ନେତ୍ରୀ କଳ୍ପନା ସୋରେନ୍ ମଙ୍ଗଳବାର ଝାଡ଼ଖଣ୍ଡର ଚତରା ଜିଲାରେ ଏକ ନିର୍ବାଚନ ପ୍ରଚାର ରାଲିରେ ଯୋଗ ଦେଇଛନ୍ତି।

# ବାତ୍ୟା ପରେ ପ୍ରଶାସନ, ସରକାରଙ୍କୁ ସାହାଯ୍ୟ କରିବେ ଭାଜପା କାର୍ଯ୍ୟକର୍ତ୍ତା

### ମନମୋହନ ସାମଲଙ୍କ ପରାମର୍ଶ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ 'ଦାନା' ଭୀଷଣ ବାତ୍ୟା ରୂପ ନେଇ ୨୪ ତାରିଖ ମଧ୍ୟରାତ୍ରିରେ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିବା ସହିତ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି। ଦାନା ପ୍ରଭାବରେ ବିଶେଷ ଭାବେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ସମେତ ରାଜ୍ୟର ଅନ୍ୟ କେତେକ ଜିଲା ପ୍ରଭାବିତ ହୋଇପାରେ। ଏହା ପୂର୍ବରୁ ଜନସାଧାରଣ ଓ ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯିବ। ଏହାସହ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିବେ। ସେହିପରି ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟରେ ଭାଜପା କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଏହି ସମୟରେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶାବାସୀଙ୍କୁ ସେ ପରାମର୍ଶ ମଧ୍ୟ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବାତ୍ୟା ସମୟରେ ଜିରୋ କାଜୁଆଲିଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାବେଳେ ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ମନମୋହନ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

# କନ୍ଧମାଳ ଜିଲା ବିଜେଡି ସଭାପତିଙ୍କ ଇସ୍ତଫା



ଅଙ୍ଗଦ କହଁର

ଫୁଲବାଣୀ,୨୨।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବିଜେଡି ସଭାପତି ଅଙ୍ଗଦ କହଁର ମଙ୍ଗଳବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଫୁଲବାଣୀର ପୂର୍ବତନ ବିଧାୟକ ଅଙ୍ଗଦ ଗତ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଟିକେଟ ପାଇ ନ ଥିଲେ। ବିଜେଡି ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରିଥିଲା। ସେବେଠୁ ସେ ଅସନ୍ତୁଷ୍ଟ ଥିଲେ। ଦଳର ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ନିର୍ବାଚନରେ ସକ୍ରିୟ ନ ଥିବା ଦେଖାଯାଇଥିଲା। ମଙ୍ଗଳବାର କଳ୍ପନାଜଳ୍ପନାର ଅନ୍ତ ଘଟାଇ ଅଙ୍ଗଦ ଜିଲା ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଶାରୀରିକ ଅସୁସ୍ଥତା ଦର୍ଶାଇ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ଚିଠି ପଠାଇଛନ୍ତି। ଏହି ଘଟଣାରୁ ବିଜେଡିରେ ସବୁ ଠିକ୍ ଚାଲି ନ ଥିବା ଆଲୋଚନା ହେଉଛି।

୨୦୧୩ରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ବରିଷ୍ଠ ନେତା ସରୋଜ କର୍ଣ୍ଣ ଜିଲା ସଭାପତି ରହିଥିଲେ। ପରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପଦବୀରେ ଅବସ୍ଥାପିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ଫୁଲବାଣୀ ବିଧାୟକ ଅଙ୍ଗଦଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅଙ୍ଗଦଙ୍କୁ ବିଧାୟକ ଟିକେଟରୁ ଦଳ ବାଦ ଦେଇଥିବାରୁ ନିର୍ବାଚନ ସମୟରେ ସେ ଖାପଛଡ଼ା ରହୁଥିବା ଲକ୍ଷ୍ୟ କରାଯାଇଥିଲା। ଅପରପକ୍ଷରେ ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ି ଦଳ ଜିଲାର ୩ଟି ଆସନ ମଧ୍ୟରୁ ୨ଟି ହାତଛଡ଼ା କରିଥିଲା। କିଛି ଦିନ ଧରି ଜିଲା ସଭାପତି ପରିବର୍ତ୍ତନ ନେଇ ଗୁଞ୍ଜରଣ ଶୁଭୁଥିବା ବେଳେ ଅଙ୍ଗଦଙ୍କ ଇସ୍ତଫା ଏଥିରେ ଇନ୍ଧନ ଯୋଗାଇଛି। ଅଙ୍ଗଦଙ୍କ ଇସ୍ତଫା ପରେ ନୂଆ ସଭାପତି ନେଇ ପୁଣି ଚର୍ଚ୍ଚା ଜୋର ଧରିଛି।

# ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ■କୁଚିଣ୍ଡା ନାବାଳିକା ଅପହରଣ, ଗଣବଳାତ୍କାର ମାମଲା

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ପରେ ଘଟଣା ଭିନ୍ନମୋଡ଼ ନେଇଛି। ଏହି ଘଟଣାରେ ପୋଲିସ ରାଜନୈତିକ ଚାପରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରି ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ କରିଛି ବିରୋଧୀ ବିଜେଡି। ଏଥିସହିତ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଇସ୍ତଫା ଦାବି କରାଯାଇଛି।

ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମଙ୍ଗଳବାର ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଅଭିଯୁକ୍ତମାନଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବହୁସଂଖ୍ୟକ ନେତା ଓ କର୍ମୀ ଉକ୍ତ ଘଟଣା ନେଇ ଉପଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଳାତ୍କାର ଘଟଣାରେ ମୁହଁ ଖୋଲିଲେ ପୀଡ଼ିତା ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦିଆଯାଇଥିବାରୁ ଚାପଗ୍ରସ୍ତ ହୋଇ ସେ ଗତ ୧୬ତାରିଖ କୁଚିଣ୍ଡା ଥାନାରେ ଅପହରଣ ଓ ଅସଦାଚରଣ ରିପୋର୍ଟ କରିଥିଲେ। ପୀଡ଼ିତା ଏବେ ଗଣବଳାତ୍କାର ଅଭିଯୋଗ କରିଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ବିଜେଡି ଦାବିପତ୍ରରେ ଉଲ୍ଲେଖ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏହି କାଣ୍ଡରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହଯୋଗୀ। ତେଣୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କା ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରନ୍ତୁ ବୋଲି ବିଜେଡି ଦାବି କରିଛି। ଏଥିସହ ଦଳ ପକ୍ଷରୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ଏକ ନକଲ ପ୍ରଦାନ କରି ପୀଡିତାଙ୍କୁ ନ୍ୟାୟ ଦାବି କରିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ କୃଷ୍ଣଚନ୍ଦ୍ର ଟପ୍ପୋ, ବିଜେଡି ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ବେହେରା, କୁଚିଣ୍ଡା ଏନଏସି ଉପାଧ୍ୟକ୍ଷା ଦେବଯାନୀ କାଲୋ, ନଗର ସଭାପତି ନବୀନ ହୋତା, କାଉନସିଲର ଇତିରାଣୀ ବାଘ, ଗୀତାଞ୍ଜଳି ନାଏକ, ଅଜିତ ଛତ୍ରିଆ, ରଶ୍ମିକାନ୍ତ ସାମଲ, ଗଜେନ୍ଦ୍ର ଭୋଇ, ବିଜୁ ସାହୁ, ଗଣେଶ ଅଗ୍ରୱାଲ, ଜନକାମିଲ ଲାକ୍ରା, ଅଶ୍ୱିନୀ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିଷାନଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

ସୂଚନା ଅନୁସାରେ ଗତ ୧୫ତାରିଖ କୁଚିଣ୍ଡା ପଞ୍ଚମୁଖୀ ଛକରେ ଅନୁଷ୍ଠିତ କରମା ପୂଜା ଦେଖିବାକୁ ଯାଇଥିବା ଜଣେ ଦଳିତ ନାବାଳିକାଙ୍କୁ ଘରେ ଛାଡ଼ି ଦେବାକୁ କହି ରାତି ପ୍ରାୟ ସାଢ଼େ ୧ଟାରେ କାହ୍ନା ଛତ୍ରିଆ ନାମକ ଜଣେ ଯୁବକ କାର୍‌ରେ ବସାଇ ନେଇଥିଲେ। କାରରେ ପୂର୍ବରୁ ଦୁଇଜଣ ଯୁବକ ଥିଲେ। କାର୍‌ରେ ତାଙ୍କୁ ଥଣ୍ଡା ପାନୀୟରେ ମାଦକଦ୍ରବ୍ୟ ମିଶାଇ ସେମାନେ ଜବରଦସ୍ତ ପିଆଇ ଅସଦାଚରଣ କରିଥିଲେ। ଭୋର ପ୍ରାୟ ୪ଟାରେ ନାବାଳିକାଙ୍କୁ ପଞ୍ଚମୁଖୀ ଛକ ହନୁମାନ ମନ୍ଦିର ନିକଟକୁ ଆଣି ଛାଡ଼ି ପଳାଇଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ କହିବା ପରେ ୧୬ ତାରିଖରେ କୁଚିଣ୍ଡା ଥାନାରେ ଏତଲା ଦେବାକୁ ଯାଇଥିଲେ। ସେତେବେଳେ ମନ୍ତ୍ରୀଙ୍କ ଲୋକ ବୋଲାଉଥିବା ଜଣେ ଅଭିଯୁକ୍ତ ଥାନାରେ ଉପସ୍ଥିତ ଥିଲେ। ପୋଲିସ ଘଟଣାର ଠିକ୍ ତଦନ୍ତ ନ କରି ୩ଜଣଙ୍କୁ ଗିରଫ କରିଥିବା ବେଳେ ଅପହରଣରେ ବ୍ୟବହୃତ କାର୍ ଜବତ କରିଥିଲା। ହେଲେ ତାଙ୍କୁ ୫ଜଣ ଗଣବଳାତ୍କାର କରିଥିବା ସୋମବାର ପୀଡ଼ିତା ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କଠାରେ ଅଭିଯୋଗ କରିଥିଲେ। ଦାବିପତ୍ର ଗ୍ରହଣ କରି କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା କହିଛନ୍ତି, ପୀଡ଼ିତାଙ୍କ ରିପୋର୍ଟ ଆଧାରରେ ଥାନାରେ ଅପହରଣ ଓ ଅସଦାଚରଣ ମାମଲା ରୁଜୁ ହୋଇଥିଲା। ସେ ବୟାନ ବଦଳାଇ ଗଣବଳାତ୍କାର ଅଭିଯୋଗ କରିବା ପରେ ଆରକ୍ଷୀ ଅଧୀକ୍ଷକ ଘଟଣାର ତଦନ୍ତ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦେଇଛନ୍ତି।

## ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କଲା ଦଳ

ଭୁବନେଶ୍ୱର,୨୨।୧୦(ଅନିଲ ଦାସ)

କୁଚିଣ୍ଡାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ପୋଲିସର ଟାଳଟୁଳ ନୀତିକୁ ନେଇ ବିଜେଡି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାରେ କ୍ଷୋଭ ପ୍ରକାଶ କରିବା ସହିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ମଙ୍ଗଳବାର ଶଙ୍ଖଭବନଠାରେ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ସମନ୍ୱୟ କମିଟି ସଦସ୍ୟ ଦେବେଶ ଆଚାର୍ଯ୍ୟ ଓ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି।

ବିଜେଡି ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟିକା ଦୀପାଳି ଦାସ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ସଦସ୍ୟ ରହିଛନ୍ତି। କମିଟିର ସଦସ୍ୟମାନେ କୁଚିଣ୍ଡା ଯାଇ ନାବାଳିକା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ସବିଶେଷ ବିବରଣୀ ଦଳର ସଭାପତିଙ୍କ ନିକଟରେ ପ୍ରଦାନ କରିବେ। ଦେବେଶ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରେ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ନିର୍ଯାତନା ଦେବା ଘଟଣାରେ ରାଜ୍ୟ ସରକାର ନ୍ୟାୟ ପ୍ରଦାନ କ୍ଷେତ୍ରରେ କୌଣସି ପଦକ୍ଷେପ ନେଇ ନ ଥିଲେ। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ି ଯାଇଥିବା ଗୋଟିଏ ପରେ ଗୋଟିଏ ଘଟଣାରୁ ଏହା ପ୍ରତିପାଦିତ ହେଉଛି। ବିଜେଡି ଉପରଲିଖିତ ଘଟଣାକୁ ଦୃଢ଼ ନିନ୍ଦା କରୁଛି ଓ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରୁଛି ବୋଲି ସେ କହିଛନ୍ତି। ଲେଖାଶ୍ରୀ କହିଛନ୍ତି, କରମା ପୂଜା ବେଳେ ଏଭଳି ଗଣବଳାତ୍କାର ଘଟଣା ଘଟିଛି। ଏହି ପୂଜାରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଯୋଗ ଦେଇଥିଲେ। ପାଞ୍ଚଜଣ ଅଭିଯୁକ୍ତଙ୍କ ଭିତରେ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ ଅଛନ୍ତି, ଯେଉଁଥିପାଇଁ ପୋଲିସ ଘଟଣାକୁ ରଫାଦଫା କରିଦେବା ପାଇଁ ଚେଷ୍ଟା କରୁଛି ବୋଲି ଲେଖାଶ୍ରୀ କହିଛନ୍ତି। ଘଟଣାରେ ତିନି ଜଣଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ମନ୍ତ୍ରୀଙ୍କ ସହଯୋଗୀଙ୍କୁ ଗିରଫ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ମନ୍ତ୍ରୀଙ୍କ ସହଯୋଗୀଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତୁ ଉଠା କାଠ
ନିଶ ଉଠା ପାଠ,
ହେଲେ ହୁଏ ତାଳ
ନ ହେଲେ ହୁଏ କାଳ।**

କାଠ ଖରା ବର୍ଷାରେ ପଡ଼ିରହିଲେ ତାହା ସମୟକ୍ରମେ ଖରାପ ହୋଇଯାଏ। ତେଣୁ ଏଭଳି କାଠ ଆଉ କୌଣସି ଗୃହୋପକରଣ କାର୍ଯ୍ୟରେ ଲାଗିପାରି ନ ଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳି ପାରି ନ ଥାଏ। ଯଥା ସମୟରେ ଉପଯୁକ୍ତ କାର୍ଯ୍ୟ କରିବା ଉଚିତ। ସମୟ ଅତିକ୍ରାନ୍ତ ହେଲେ ଏହାର ପରିଣତି ଅନେକ ସମୟରେ ଖରାପ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଛୁଞ୍ଚି ମୁନେ ମୁନେ ପର୍ବତ ଟାଳିଲେ
କାକ ବିନା ନାହିଁ ରା,
ବାଳୁତ ପୁଅକୁ ଯୁବତୀ କନିଆ
ସେ କି ଜାଣେ ତା'ର ଭାବ ?**

ଛୁଞ୍ଚିକୁ ଧରି ପର୍ବତ ତାଡ଼ିବା କିମ୍ବା କାକ ରା ରୁ ସୁଶ୍ରାବ୍ୟ ସ୍ୱର ଅନ୍ୱେଷଣ କରିବା ଅସମ୍ଭବ ଏବଂ ବୃଥା ପ୍ରୟାସ ହୋଇଥାଏ। ସେହିପରି ଯୁବତୀ କନ୍ୟା ସହ କିଶୋର ପିଲାର ବିବାହ ଏକ ନିରର୍ଥକ ସମ୍ପର୍କ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

### ଅନ୍ୟାନ୍ୟ ଖବର

## ଅଷ୍ଟ୍ରେଲିଆ ଗସ୍ତରେ କେନ୍ଦ୍ରମନ୍ତ୍ରୀ

# ଶିକ୍ଷା ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨ ଦିନ ଧରି ସିଙ୍ଗାପୁରରେ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମଙ୍ଗଳବାର ଅଷ୍ଟ୍ରେଲିଆର ମେଲବୋର୍ନରେ ପହଞ୍ଚିଛନ୍ତି। ସେଠାରେ ବାସ କରୁଥିବା ଭାରତୀୟମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ସାକ୍ଷାତକରି କଥା ହେବା ଖୁସିର ବିଷୟ। ପ୍ରବାସୀମାନେ ହେଉଛନ୍ତି ଭାରତର ସବୁଠାରୁ ବଡ଼ ଆମ୍ଭାସତର। ଆମ ସଭ୍ୟତାର ମୂଲ୍ୟବୋଧ ଏବଂ ଜ୍ଞାନ, ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ। ଶିକ୍ଷା ସମନ୍ୱୟ ଓ ସହଯୋଗ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ସମ୍ପର୍କକୁ ମଜଭୁତ କରିବ। ଜ୍ଞାନ ସହଯୋଗ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବାରେ ମୂଳଦୁଆ ହେବ। ଶିକ୍ଷାର ଅନ୍ତର୍ଜାତୀୟକରଣ, ବିଶ୍ୱବିଦ୍ୟାଳୟ ସହ ସଂଯୋଗ, ଗବେଷଣା, ସ୍କିଲିଂ ଏବଂ ପାରସ୍ପରିକ ଛାତ୍ର ବିନିମୟ ଉପରେ ମଧ୍ୟ ସେ ଚର୍ଚ୍ଚା କରିଛନ୍ତି। ଅଷ୍ଟ୍ରେଲିଆ ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ମେଲବୋର୍ନରେ ସେଠାର ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବା ସହ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ସାଉଥ୍ ମେଲବୋର୍ନ ପ୍ରାଥମିକ ବିଦ୍ୟାଳୟ ଓ ମେଡ୍‌ଟେକ୍ ପ୍ରୋଟୋଟାଇପିଂ ଏବଂ ବିନିର୍ମାଣ କ୍ଷେତ୍ରରେ ଜଣାଶୁଣା ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରି ଟୁ ଡିଭାଇସ୍' ପରିଦର୍ଶନ କରିବା କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେଶନରେ ଶିଳ୍ପ ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ।




ଅଷ୍ଟ୍ରେଲିଆର ମେଲବୋର୍ନଠାରେ ପ୍ରବାସୀ ଭାରତୀୟଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଖେଳାଳିଙ୍କ ସାମଗ୍ରିକ ବିକାଶ ଉପରେ କ୍ରୀଡ଼ାମନ୍ତ୍ରୀଙ୍କ ଗୁରୁତ୍ୱ

## କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓଡ଼ିଶା କ୍ରୀଡ଼ାନୀତି କର୍ମଶାଳା

ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)

କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଟେନିସ୍ ସେଣ୍ଟର ଅଡ଼ିଟୋରିୟମ୍‌ରେ ଓଡ଼ିଶା କ୍ରୀଡାନୀତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୃଣମୂଳ ସ୍ତରରୁ ଖେଳାଳିଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ କ୍ରୀଡାନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ତୃଣମୂଳ ସ୍ତରରେ କ୍ରୀଡାପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ରାଜ୍ୟରେ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା, ବ୍ଲକସ୍ତରରେ କ୍ରୀଡ଼ାକେନ୍ଦ୍ରର ନିର୍ମାଣ ଏବଂ କ୍ରୀଡା ନର୍ସରୀ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଯୁବପ୍ରତିଭାମାନଙ୍କୁ ଚୟନ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ କରାଯାଇ ପାରିଲେ କ୍ରୀଡ଼ାର ବିକାଶ ହୋଇପାରିବ। ଏଥିସହ ବିଦ୍ୟାଳୟ,



ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆନ୍ତଃବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜିଲ୍ଲା, ରାଜ୍ୟ ସ୍ତରରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ମାଧ୍ୟମରେ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ। ଶିକ୍ଷାକ୍ଷେତ୍ରରେ କ୍ରୀଡାକୁ ଏକ ନିୟମିତ ପାଠ୍ୟକ୍ରମ ରୂପେ ଅନ୍ତର୍ଭୁକ୍ତ କରାଯାଇପାରିଲେ ଯୁବ କ୍ରୀଡାବିତ୍ ଏବଂ ସେମାନଙ୍କର ଅଭିଭାବକ ମାନଙ୍କର କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ସମୀର ଦେ ଓ ସମ୍ପାଦକ ଆଶୀର୍ବାଦ ବେହେରା କ୍ରୀଡ଼ାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ଥିବା ବିଭିନ୍ନ କ୍ରୀଡାବିତ୍, ରାଜ୍ୟ କ୍ରୀଡ଼ା ସଙ୍ଗଠନର ଅଧିକାରୀ ଓ କର୍ମକର୍ତ୍ତାମାନେ ଓଡ଼ିଶା କ୍ରୀଡାନୀତି ଉପରେ ନିଜର ମତ ରଖିଥିଲେ। ବିଶିଷ୍ଟ କ୍ରୀଡାବିତ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନ୍ତର୍ଜାତୀୟ କ୍ରିକେଟର ଶିବସୁନ୍ଦର ଦାସ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶା ହ୍ୟାଣ୍ଡବଲ୍ ଆସୋସିଏଶନ୍ ସଭାପତି ବିପ୍ଳବ ଚୌଧୁରୀ, ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକବାଲ୍, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ସଦସ୍ୟବୃନ୍ଦ, ପୂର୍ବତନ କ୍ରୀଡାବିତ୍ ତଥା ନ୍ୟୁରୋସାଇଣ୍ଟିଷ୍ଟ ଲଗ୍ନଜିତ ଦାଶ, ହାଇ ପରଫରମାନ୍ସ ସେଣ୍ଟରରୁ ମାର୍ଟିନ୍ ଓଏନ୍ସ ଓ ବାପି ରାଇ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରେଡେଶନ ଅପେକ୍ଷା ରାଜ୍ୟରେ ବେଶୀ ପଦକ ଆସୁଥିବା ଖେଳକୁ ପ୍ରମୋଟ କରାଯିବା ଉପରେ ଲଳିତେନ୍ଦୁ ଗୁରୁତ୍ୱ ଦେଇଥିଲେ। କେତେକ ଘରୋଇ ଅନୁଷ୍ଠାନ ସେମାନଙ୍କ ନିଜସ୍ୱ ଉଦ୍ୟମରେ କ୍ରୀଡ଼ାର ପ୍ରଚାର ପ୍ରସାର ଚଳାଇଛନ୍ତି। ସେମାନଙ୍କ ପାଇଁ ରାଜ୍ୟ କ୍ରୀଡ଼ା ପଲିସିରେ କିଛି ରହିବା ଆବଶ୍ୟକ। ସେହିପରି କୋଚ୍‌ଙ୍କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା "ଡ୍ରାଫ୍ଟ ସ୍ପୋର୍ଟ୍ସ ପଲିସି"ର ଉପସ୍ଥାପନା କରିଥିଲେ।



ବାନ୍ଧବୀ ଭିକ୍ଟୋରିଆଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ଅନ୍ୱେଷ ଉପାଧ୍ୟାୟ।

# ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ମାଧୁରୀ ମେହେଟା



ସୁଶ୍ରୀ ଦିବ୍ୟଦର୍ଶିନୀ

## ସିନିୟର ମହିଳା ଟି୨୦

## ମିଜୋରାମକୁ ୧୩୦ ରନରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ଭଦୋଦରାରେ ମଙ୍ଗଳବାର ଅନୁଷ୍ଠିତ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ମିଜୋରାମକୁ ୧୩୦ ରନରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୪ ଉଇକେଟ ହରାଇ ୧୬୨ ରନ କରିଥିଲା। ମାଧୁରୀ ମେହେଟା ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହାୟତାରେ ୫୭ ରନକରି ଅପରାଜିତ ରହିଥିଲେ। ସୁଶ୍ରୀ ୨୧ ବଲ୍‌ର ଦ୍ରୁତ ୩୦ ରନ କରିଥିଲେ। ତାଙ୍କ ଇନିଂସ ମଧ୍ୟରେ ଗୋଟିଏ ଲେଖାଏ ଚୌକା ଓ ଛକା ସାମିଲ ଥିଲା। ମିଜୋରାମ ୧୩.୨ ଓଭରରେ ମାତ୍ର ୩୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବ୍ୟାଟିଂରେ ପ୍ରଭାବିତ କରିଥିବା ଓଡ଼ିଶାର ସୁଶ୍ରୀ ବୋଲିଂରେ ମଧ୍ୟ ଚମତ୍କାରିତା ଦେଖାଇ ନିଜ ୨.୨ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୬ ରନ ଦେଇ ୩ଟି ଉଇକେଟ ନେଇଥିଲେ। ରସନାରା ପରବୀନ ୨ ଓଭରରେ ୭ ରନ ବିନିମୟରେ ୨ଟି ଉଇକେଟ ପାଇଥିଲେ। ଉଭୟ ସୁଶ୍ରୀ ଓ ରସନାରା ମିଜୋରାମ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାକ୍ଷୀଙ୍କ ମନ୍ତବ୍ୟରେ ଭିନେଶଙ୍କ ଅସହମତି

ନୂଆଦିଲ୍ଲୀ,୨୨।୧୦(ପି.ଟି.)

ରେସ୍‌ଲରମାନଙ୍କ ଆନ୍ଦୋଳନ ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆଙ୍କ ପାଇଁ ଦୁର୍ବଳ ହୋଇ ଯାଇଥିଲା ବୋଲି ନିଜ ପୁସ୍ତକ 'ୱିଟ୍‌ନେସ୍'ରେ ଉଲ୍ଲେଖ କରିଥିଲେ ସାକ୍ଷୀ ମଲିକ୍। ସୋମବାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାରକା ରେସ୍‌ଲର ତଥା କଂଗ୍ରେସ ବିଧାୟିକା ଭିନେଶ ଫୋଗଟ। ଉଭୟ ଭିନେଶ ଓ ବଜରଙ୍ଗ ଏସିଆନ୍ ଗେମ୍ସ ପୂର୍ବରୁ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବାକୁ ଚାହିଁ ନ ଥିଲେ ବୋଲି ଭିନେଶ ନିଜ ବହିରେ ଉଲ୍ଲେଖ କରିଥିଲେ। ମଙ୍ଗଳବାର ଭିନେଶ ଏହା ଉପରେ ପ୍ରତିକ୍ରିୟା ରଖିବା ସହ ସାକ୍ଷୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସାକ୍ଷୀ ବହିରେ ଯାହା ଲେଖିଛନ୍ତି ତାହା ତାଙ୍କର ବ୍ୟକ୍ତିଗତ ମତ ଓ ମୁଁ ସେଥିରେ ଅସହମତ ବୋଲି କହିଛନ୍ତି ଭିନେଶ।

ମହିଳା ରେସ୍‌ଲରଙ୍କୁ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଯୌନ ଶୋଷଣ ବିରୋଧରେ ହୋଇଥିବା ଆନ୍ଦୋଳନରେ ଏହି ସାକ୍ଷୀ ମଲିକ, ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କର ଏହି ନିଷ୍ପତ୍ତି ପଛରେ ସେମାନଙ୍କ ସ୍ୱାର୍ଥ ନିହିତ ଥିବା ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା ବୋଲି ସାକ୍ଷୀ ପୁସ୍ତକରେ ଉଲ୍ଲେଖ କରିଥିଲେ। ଆନ୍ଦୋଳନରେ ସାମିଲ ଥିବା ୩ ପ୍ରମୁଖ ରେସ୍‌ଲରଙ୍କ ମଧ୍ୟରେ ସାକ୍ଷୀ ଅନ୍ୟତମ ଥିଲେ। ଭିନେଶ କହିଛନ୍ତି ଏହା ସାକ୍ଷୀଙ୍କ ବ୍ୟକ୍ତିଗତ ମତ। ହୁଏତ ମୁଁ ଦୁର୍ବଳ ହୋଇପାରେ ମାତ୍ର ଆମ ଲଢେଇ ଆଦୌ ଦୁର୍ବଳ ନୁହେଁ ବୋଲି ସେ ବିଶ୍ୱାସ କରନ୍ତି ବୋଲି କହିଛନ୍ତି ଭିନେଶ। ଯେ ପର୍ଯ୍ୟନ୍ତ ସାକ୍ଷୀ, ବଜରଙ୍ଗ ଓ ଭିନେଶ ଜୀବିତ ଅଛନ୍ତି ସେ ପର୍ଯ୍ୟନ୍ତ ବ୍ରିଜଭୂଷଣଙ୍କ ବିରୋଧରେ



ସାକ୍ଷୀ ମଲିକ



ଭିନେଶ ଫୋଗଟ

ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଭିନେଶ। ବିଜୟ ପାଇଁ ପ୍ରସ୍ତୁତ ଥିବା ବ୍ୟକ୍ତି କେବେ ଦୁର୍ବଳ ନ ଥାଏ। ଆମ ରାସ୍ତାରେ ଯେତେ ବି ବାଧା ବିଘ୍ନ ଆସୁ ନା କାହିଁକି ଆମେ ବିଜୟୀ ହେବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ଭିନେଶ। ୱିଟ୍‌ନେସ୍‌ରେ ସାକ୍ଷୀ ଲେଖିଛନ୍ତି, ବଜରଙ୍ଗ ଓ ଭିନେଶଙ୍କ କେତେଜଣ ଘନିଷ୍ଠ ଲୋକ ସେମାନଙ୍କୁ ଲୋଭଗ୍ରସ୍ତ କରାଇଥିଲେ। ଫଳସ୍ୱରୂପ ଆନ୍ଦୋଳନରେ ଫାଟ ଦେଖାଦେଇଥିଲା। ବ୍ରିଜଭୂଷଣ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସଭାପତି ଥିବାବେଳେ ମହିଳା ରେସଲରମାନଙ୍କୁ ଯୌନ ଶୋଷଣ କରୁଥିଲେ ବୋଲି ଅଭିଯୋଗ ଆଣିଥିଲେ। ଏ ନେଇ ଏକ ମାମଲା ଏବେ ଦିଲ୍ଲୀ କୋର୍ଟରେ ବିଚାରାଧୀନ ରହିଛି।

ଏହି ମାମଲାରେ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯିବା ପରେ ଆଡହକ୍ କମିଟି ପରିଚାଳନା ଦାୟିତ୍ୱ ନେଇଥିଲା। ୨୦୨୩ ଏସିଆନ୍ ଗେମ୍ସ ପାଇଁ ଉଭୟ ବଜରଙ୍ଗ ଓ ଭିନେଶ ଟ୍ରାଏଲ୍ସରୁ କ୍ଷାନ୍ତ ଚାହିଁଥିଲେ। ସାକ୍ଷୀ କିନ୍ତୁ ସାଥୀ ଖେଳାଳିଙ୍କ ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସାକ୍ଷୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିବା ବେଳେ ଭିନେଶ ଗେମ୍ସ ପୂର୍ବରୁ ଆହତ ହୋଇଥିଲେ। ବଜରଙ୍ଗ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିପାରି ନ ଥିଲେ। ସେତେବେଳେ ବହୁ ସମର୍ଥକ କହିବାରେ ଲାଗିଥିଲେ ଯେ, ଆନ୍ଦୋଳନ ପଛରେ ସେମାନଙ୍କର ସ୍ୱାର୍ଥ ରହିଥିଲା ବୋଲି ୩୨ ବର୍ଷୀୟା ସାକ୍ଷୀ ତାଙ୍କ ପୁସ୍ତକରେ ଲେଖିଛନ୍ତି। ଜୁଲାନାରୁ କଂଗ୍ରେସ ବିଧାୟିକା ରହିଥିବା ଭିନେଶ ଶେଷ ନିଃଶ୍ୱାସ ଯାଏ ଲଢେଇ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଆମେ ଖେଳୁଥିବା ସମୟରେ କୋଟି କୋଟି ଲୋକଙ୍କ ଆଶା ଓ ଭରସା ଆମ ଉପରେ ଥିଲା। ବର୍ତ୍ତମାନ ଜନ ପ୍ରତିନିଧି ଭାବରେ ମଧ୍ୟ ଲୋକଙ୍କ ଭରସା ରହିଛି। ଦେଶର ସମସ୍ତ ମହିଳାଙ୍କ ସୁରକ୍ଷା ଆମର ପ୍ରାଥମିକତା ଓ ସର୍ବଦା ଏହି ଲଢେଇ ଜାରି ରହିବ ବୋଲି କହିଛନ୍ତି ଭିନେଶ। ୨୦୨୩ ମେ ୨୮ରେ ଆନ୍ଦୋଳନରତ ରେସଲରମାନେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନୂତନ ସଂସଦ ଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୋଲିସ ଦ୍ୱାରା ଅଟକ ପରେ ଆନ୍ଦୋଳନ ସମାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଭିନେଶ ଓ ବଜରଙ୍ଗ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଭିନେଶ ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ କେଜି କାଟେଗୋରୀରେ ୧୦୦ଗ୍ରାମ ଅଧିକ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ବର୍ତ୍ତମାନ ଜୁଲାନା ଆସନରୁ ବିଧାୟିକା ଅଛନ୍ତି।

## ଗ୍ଲାସ୍‌ଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟସୂଚୀ

# ହକି, ରେସ୍‌ଲିଂ, ବ୍ୟାଡ୍‌ମିଣ୍ଟନ ବାଦ୍ ପଡ଼ିଲା

## ପ୍ରଭାବିତ ହେବ ଭାରତର ପଦକ ସଂଖ୍ୟା

ଲଣ୍ଡନ,୨୨।୧୦(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ ଗ୍ଲାସ୍‌ଗୋରେ ଆୟୋଜିତ ହେବାକୁ ଯାଉଥିବା ବେଳେ ଏଥିରୁ ହକି, ବ୍ୟାଡମିଣ୍ଟନ,ରେସ୍‌ଲିଂ, କ୍ରିକେଟ ଓ ଶୁଟିଂ ପରି କ୍ରୀଡାକୁ ବାଦ ଦିଆଯାଇଛି। ଖର୍ଚ୍ଚକାଟକୁ ଦୃଷ୍ଟିରେ ରଖି ଆସନ୍ତା ଗେମ୍‌ରୁ ଏହି ସମସ୍ତ କ୍ରୀଡାକୁ ହଟାଇ ଦିଆଯାଇଛି। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଭେଣ୍ଟ ସଂଖ୍ୟା ୧୯ ରହିଥିବା ବେଳେ ଚଳିତବର୍ଷ ଏହାକୁ ୧୦କୁ ହ୍ରାସ କରାଯାଇଛି। ପରିଚାଳନାକୁ ଅଧିକ ସମର୍ଥନକରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବେଳେ ଟେବୁଲ ଟେନିସ୍, ଟ୍ରାଇଥଲନ୍ ଓ ସ୍କ୍ୱାଶ୍ ପରି ଇଭେଣ୍ଟକୁ ବାଦ ଦିଆଯାଇଛି। ଆଥଲେଟିକ୍ସ ଓ ପାରା ଆଥଲେଟିକ୍ସ, ସନ୍ତରଣ ଓ ପାରା ସନ୍ତରଣ, ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ, ଟ୍ରାକ୍ ସାଇକ୍ଲିଂ ଓ ପାରା ଟ୍ରାକ୍ ସାଇକ୍ଲିଂ, ନେଟ୍ ବଲ୍, ଭାରୋତ୍ତୋଳନ ଓ ପାରା ଶକ୍ତି ଉତ୍ତୋଳନ, ବକ୍ସିଂ, ଜୁଡୋ, ବୋଲ୍ସ ଓ ପାରା ବୋଲ୍ସ, ଥ୍ରୀ ଏ ସାଇଡ୍ ବାସ୍କେଟ ବଲ୍ ଓ ଥ୍ରୀ ଏ ସାଇଡ ହୁଇଲ ଚେୟାର ବାସ୍କେଟବଲକୁ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯାଇଛି। ୧୨ ବର୍ଷ ପରେ ଗ୍ଲାସ୍‌ଗୋକୁ ଏହି ଇଭେଣ୍ଟ ପ୍ରତ୍ୟାବର୍ତ୍ତନ କରିଛି। ଜୁଲାଇ ୨୩ରୁ ଅଗଷ୍ଟ ୨ ମଧ୍ୟରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି କ୍ରୀଡ ଇଭେଣ୍ଟ ଭାରତର ପଦକ ତାଲିକାକୁ ପ୍ରଭାବିତ କରିବ। ଭାରତରେ ସର୍ବାଧିକ ପଦକ ଶୁଟିଂ ଓ ରେସ୍‌ଲିଂରୁ ଆସିଥାଏ। ଶୁଟିଂକୁ ପରିବହନରେ ଅସୁବିଧା ଦର୍ଶାଇ ବର୍ମିଂହାମ ଗେମ୍ସରୁ ବନ୍ଦ କରାଯାଇଥିଲା। ଚଳିତ ବର୍ଷ କୁସ୍ତି,ବ୍ୟାଡମିଣ୍ଟନ ଓ କ୍ରିକେଟ ପରି ଇଭେଣ୍ଟକୁ ମଧ୍ୟ ବାଦ ଦିଆଯାଇଛି।

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମାତ୍ର ୪ ଭେନ୍ୟୁ ରଖାଯାଇଛି। କମନୱେଲ୍‌ଥ ଆରେନା, ସାର୍ କ୍ରିସ୍ ହୟ ଭେଲ୍‌ଡୋରମ, ସ୍କଟ୍‌ସଟାଉନ ଷ୍ଟାଡିୟମ ଓ ଟୋଲ୍‌କ୍ରସ ଇଣ୍ଟରନ୍ୟାଶନାଲ ସୁଇମିଂ ସେଣ୍ଟରରେ ଏହି ଇଭେଣ୍ଟଗୁଡିକ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଡ୍ରୁମ୍ବିରେ ଥିବା ଶୁଟିଂ ଷ୍ଟାଡିୟମ ମୁଖ୍ୟ ଭେନ୍ୟୁ ନିକଟରୁ ୧୦୦ କିମି ଦୂରରେ ଥିବା ବେଳେ ପରିବହନ ସମସ୍ୟା କାରଣରୁ ଶୁଟିଂକୁ ବାଦ ଦିଆଯାଇଛି। ସାର୍ କ୍ରିସ୍ ହୟ ଭେଲ୍‌ଡୋରମରେ ବ୍ୟାଡମିଣ୍ଟନ ଖେଳର ସୁବିଧା ଥିଲେ ମଧ୍ୟ ସେଠାରେ କେବଳ ସାଇକ୍ଲିଂ ଇଭେଣ୍ଟ ଆୟୋଜିତ ହେବ। ୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆରମ୍ଭରୁ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବର୍ଦ୍ଧିତ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଓହରି ଯାଇଥିବା ବେଳେ ବର୍ତ୍ତମାନ ଏହା ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ଶୁଟିଂରେ ୧୩୫ ପଦକ ବିଜୟୀ ହୋଇଥିବା ବେଳେ କୁସ୍ତିରେ ୧୧୪ ପଦକ ବିଜୟୀ ହୋଇଛି। ସେହିପରି ବ୍ୟାଡମିଣ୍ଟନରୁ ମଧ୍ୟ ଭାରତ ୩୧ ପଦକ କରାୟତ କରିଥିଲେ।

# ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)

ସ୍ଥାନୀୟ ମହାଲେଖାକାର (ଅଡିଟ-୨) କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାର ପୂର୍ବତଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଛି। ଏଥିରେ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମହାଲେଖାକାର ବିଶ୍ୱନାଥ ସିଂ ଜାଡ଼ନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ମହାଲେଖାକାର ରାଜ କୁମାର ମୁଖ୍ୟଅତିଥି, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଶିବ ଶଙ୍କର, ଉପ ମହାଲେଖାକାର ତାନ୍ୟା ଆମ୍ବାସ୍ତା,ବାଲକ୍ରୀଷ୍ଣା ନାଲ୍ଲାମୋଥୁ, ଭୀମଲେଶ କୁମାର, ସଞ୍ଜୟ କୁମାର, ବିଭ୍ରାଂଶୁ ଶେଖର ନାୟକ, କଲ୍ୟାଣ ଅଧିକାରୀ, ଅଶୋକ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବକୁ ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ବି.ବି. ରାୟ,ଏଜି ରିକ୍ରିଏଶନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଟ୍ଟ, ସରୋଜ କୁମାର ବାରିକ, ସହକାରୀ ଲେଖା ଅଧିକାରୀ ଚିତ୍ରସେନ ମହାନ୍ତି, କମଲ କିରଣ, ବବିତା ରାଣୀ ସେଠୀ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଜାତୀୟ ପାରା ସନ୍ତରଣ

# ୨୬ ପଦକ ସହ ଓଡ଼ିଶା ସପ୍ତମ

ଭୁବନେଶ୍ୱର,୨୨।୧୦(ସରୋଜ ଜେନା)

ଗୋଆର ପଣଜୀରେ ଅନୁଷ୍ଠିତ ୨୪ ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପରେ ୨୬ ପଦକ ସହ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛି। ପ୍ରଥମ ଦୁଇ ଦିନରେ ୧୬ ପଦକ ଜିତିସାରିଥିବା ଓଡ଼ିଶା ଅନ୍ତିମ ଦିନରେ ଆଉ ୯ ପଦକ ଜିତିଥିଲା। ୨୮ ରାଜ୍ୟର ସମୁଦାୟ ୫୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶା ୧୦୧ ପଏଣ୍ଟ ଅର୍ଜନ କରିଥିଲା। ଓଡ଼ିଶା ଖେଳାଳିମାନେ ସମୁଦାୟ ୧୩ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ଚଳିତ ସଂସ୍କରଣରେ ୨୫ ଜଣିଆ ଦଳ ପ୍ରେରଣ କରିଥିଲା। କର୍ଣ୍ଣାଟକ ୩୯୨ ପଏଣ୍ଟ ସହ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମହାରାଷ୍ଟ୍ର ୩୭୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟ ପକ୍ଷରୁ ରାଜସ୍ଥାନ ୨୪୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଥିଲା।

## ଇଣ୍ଡିଆନ୍ ସୁପର ଲିଗ୍

# ଓଏଫ୍‌ସିର ଦ୍ୱିତୀୟ ବିଜୟ

ଭୁବନେଶ୍ୱର,୨୨।୧୦(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ୍‌ର ଇଷ୍ଟ ବେଙ୍ଗଲ ଏଫ୍‌ସି ବିପକ୍ଷ ମ୍ୟାଚ୍‌କୁ ୨-୧ରେ ଜିତି ନେଇଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)। ଦଳ ପକ୍ଷରୁ ରୟ କ୍ରିଷ୍ଣା (୨୨ ମିନିଟ) ଓ ମୋର୍ଟାଡା ଫଲ୍(୬୯) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଇଷ୍ଟବେଙ୍ଗଲ ପକ୍ଷରୁ ଦିମିତ୍ରୋସ ଡିମାଣ୍ଟାକୋସ(୪୫+୪) ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଚଳିତ ସିଜନରେ ଏହା ଓଏଫ୍‌ସିର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ୫ ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ଷଷ୍ଠ ମ୍ୟାଚ୍ ଖେଳିଥିବା ଇଷ୍ଟବେଙ୍ଗଲ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇଛି।

ପ୍ରଥମ ୧୦ ମିନିଟରେ ଇଷ୍ଟବେଙ୍ଗଲ ଜୋରଦାର ଆକ୍ରମଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଓଏଫ୍‌ସି





ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଗୋଲ ଦେବାପରେ ଉଲ୍ଲସିତ ରୟ କ୍ରିଷ୍ଣା। (ଫଟୋ: ବିକାଶ ନାୟକ)

ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ର ୨୨ ତମ ମିନିଟରେ ରୟ କ୍ରିଷ୍ଣା ଓଏଫ୍‌ସି ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଦିମିତ୍ରୋସ ଡିମାଣ୍ଟାକୋସ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଲାଲଥାଥାଙ୍ଗା ଖାୱ୍ଲିଙ୍ଗ ଏକ ହ୍ୟାଣ୍ଡବଲ କରିବାରୁ ଇଷ୍ଟବେଙ୍ଗଲକୁ ପେନାଲ୍ଟି କିକ୍ ମିଳିଥିଲା। ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧର ୬୯ ତମ ମିନିଟରେ ଜାହୋହୋଙ୍କ ଫ୍ରି କିକ୍‌କୁ ହେଡର ଜରିଆରେ ସ୍କୋର କରିଥିଲେ ଫଲ୍।

## ଅଧିକ ଅମଳକ୍ଷମ ସୋରିଷ ଚାଷ

**ଅ**ଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଫଳ ଚାଷ

**ଅ**ମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ।



# ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ



ଡ. ବିକ୍ରମ କେଶରୀ ପାଣି

**ଚା**ଷ କରାଯାଉଥିବା ସବୁ ଖାଦ୍ୟୋପଯୋଗୀ ଛତୁ ମଧ୍ୟରେ ପାଳଛତୁର ସ୍ୱାଦ ଖୁବ୍ ନିଆରା । ସରଳ ଚାଷ ପଦ୍ଧତି, କମ୍ ପୁଞ୍ଜି ବିନିଯୋଗ, ସୀମିତ ଜାଗାର ଆବଶ୍ୟକତା, ସହଜ ଅମଳ, ଅଧିକ ଲାଭ ତଥା ଉନ୍ନତ ଖାଦ୍ୟଗୁଣ ହେତୁ ଆମ ରାଜ୍ୟର ଉଭୟ ଚାଷୀ ଓ ଖାଉଟିମାନଙ୍କ ପାଖରେ ଖୁବ୍ ଆଦୃତ ହୋଇପାରିଛି ଏହି ଛତୁ । ପାଳଛତୁ ଉତ୍ପାଦନରେ ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ପ୍ରଥମ । ଏହି ଛତୁ ଚାଷକରିବା ପାଇଁ ମୁଖ୍ୟ ଉପାଦାନ ହେଉଛି ଧାନ ନଡ଼ା । ଦେଖାଯାଉଛି ଯେ, ବିଭିନ୍ନ କାରଣରୁ ଧାନ ନଡ଼ାର ପରିମାଣ, ବିଶେଷକରି ବିଡ଼ା ନଡ଼ାର ପରିମାଣ ଦିନକୁ ଦିନ ହ୍ରାସ ପାଉଛି । କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାର ଧାନ ଅମଳ ଯନ୍ତ୍ରର ବ୍ୟବହାର ବୃଦ୍ଧି ପାଉଥିବାରୁ ଭବିଷ୍ୟତରେ ବିଡ଼ା ନଡ଼ା ପରିବର୍ତ୍ତେ ପାଳ/ କୁଟା/ ଗୁଣ୍ଡ ନଡ଼ାର ପରିମାଣ ତଦନୁଯାୟୀ ବୃଦ୍ଧି ପାଇବ । ପାଳ ବା କୁଟାକୁ ଛତୁଚାଷ ପାଇଁ ସ୍ଥଳ ବିଶେଷରେ ବ୍ୟବହାରକରା ଯାଉଥିଲେ ମଧ୍ୟ ସେଥିରୁ ପାଳଛତୁ ଉତ୍ପାଦନ ସେତେଟା ସନ୍ତୋଷଜନକ ନୁହେଁ। ଧାନ ଅମଳ ଯନ୍ତ୍ରରୁ ବାହାରୁଥିବା ଗୁଣ୍ଡ ନଡ଼ା ବ୍ୟବହାରକରି ପାଳଛତୁ ଉତ୍ପାଦନ କରିବାର କୌଣସି ଫଳପ୍ରଦ କୌଶଳ ମଧ୍ୟ ନାହିଁ । ଏଭଳି ପରିସ୍ଥିତି ଭବିଷ୍ୟତରେ ଓଡ଼ିଶାର ପାଳଛତୁ ଶିଳ୍ପ ପାଇଁ ସଙ୍କଟଜନକ ସ୍ଥିତି ସୃଷ୍ଟି କରିବା ନିଶ୍ଚିତ । ଭବିଷ୍ୟତର ସଙ୍କଟ ଓ ଆବଶ୍ୟକତାକୁ ଅନୁମାନକରି ମୁଁ ସର୍ବପ୍ରଥମେ ୨୦୧୬ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାଥମିକ ଉଦ୍ୟମ ଆରମ୍ଭ କରିଥିଲି ଏବଂ ପରବର୍ତ୍ତୀ ସମୟରେ କ୍ରମାଗତ ଗବେଷଣା ଜାରି ରଖିଥିଲି । ଫଳରେ ଓୟୁଏଟି ଦ୍ୱାରା ବିକଶିତ ହେଲା ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀ । ସରଳ ଚାଷ ପଦ୍ଧତି ଓ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ପାଳଛତୁ ଉତ୍ପାଦନ କରିବା ହେଉଛି ଏହି ପ୍ରଣାଳୀର ବିଶେଷତ୍ୱ । ସମ୍ଭବତଃ କେବଳ ଧାନ ନଡ଼ାକୁ ଆଂଶିକ ଭାବରେ ବିଘଟନକରି ସେଥିରେ ସଫଳତା ପୂର୍ବକ ପାଳଛତୁ ଚାଷ କରିବାର ଏହା ଥିଲା ସମଗ୍ର ଭାରତବର୍ଷରେ ଓୟୁଏଟିର ଏକ ଅନନ୍ୟ ପ୍ରୟାସ ଓ ଅନବଦ୍ୟ ଅବଦାନ । ସଙ୍କଟ ଘନେଇବା ପୂର୍ବରୁ ଓୟୁଏଟି ଦ୍ୱାରା ଉଦ୍ଭାବିତ ଏହି ପ୍ରଣାଳୀ ଓଡ଼ିଶାର ପାଳଛତୁ ଶିଳ୍ପ ପାଇଁ ଏକ ବରଦାନ ସାବ୍ୟସ୍ତ ହେବ, ଏହା ନିଃସନ୍ଦେହ । ବଛା ବଛା କେତେଜଣ ଅଗ୍ରଣୀ ପାଳଛତୁ ଚାଷୀ ଓୟୁଏଟିର ଏହି ନୂତନ ପ୍ରଣାଳୀକୁ ଆପଣେଇ ଆଶାନୁରୂପ ସଫଳତା ହାସଲକରି ସାରିଛନ୍ତି । ପ୍ରଚଳିତ ପ୍ରଣାଳୀ ତୁଳନାରେ ଏଥିରେ ଛତୁ ଉତ୍ପାଦନ ପ୍ରାୟ ୨ ଗୁଣ ।



ବୋତାମ ଛତୁ ଚାଷ କରିବା ପାଇଁ ଯେମିତି କମ୍ପୋଷ୍ଟ ତିଆରି କରାଯାଏ, ସେହିପରି ପାଳଛତୁ ପାଇଁ ସେମି କମ୍ପୋଷ୍ଟ ବା ଅର୍ଦ୍ଧ କମ୍ପୋଷ୍ଟ ତିଆରି କରାଯାଏ। କେବଳ ବ୍ୟବହାର କରାଯାଉଥିବା ଉପାଦାନ ଓ ଅନୁସୃତ ପ୍ରଣାଳୀର ଅବଧି ଭିତରେ ଯାହା ଫରକ ଥାଏ । ନୂଆ ପ୍ରଣାଳୀରେ ବିଡ଼ା ନଡ଼ା ବଦଳରେ କଟା ନଡ଼ା/ ଧାନ ଅମଳ ଯନ୍ତ୍ରରୁ ନିର୍ଗତ ଗୁଣ୍ଡ ନଡ଼ା/ ପାଳ/ କୁଟା ଇତ୍ୟାଦି ଛତୁଚାଷର ମାଧ୍ୟମ ଭାବରେ ଉପଯୋଗ କରାଯାଏ । ଶୁଖିଲା ଓଜନ ଭିତ୍ତିରେ ନଡ଼ାରେ ୬ ପ୍ରତିଶତ ଗହମ ଚୋକଡ, ୧.୫ ପ୍ରତିଶତ କୁକୁଡ଼ା ଖତ ଓ ୨ ପ୍ରତିଶତ କ୍ୟାଲସିୟମ କାର୍ବୋନେଟ୍‌କୁ ଆନୁଷଙ୍ଗିକ ପୋଷକ ଉପାଦାନ ଭାବରେ ବ୍ୟବହାର କରାଯାଏ । ପ୍ରଥମେ ପରିଷ୍କାର ସିମେଣ୍ଟ ଚଟାଣ ବା ପଲିଥିନ ଉପରେ ନଡ଼ାକୁ ପତଳା ଭାବରେ ବିଛାଇ ସେଥିରେ ପାଣି ଛିଞ୍ଚି ଭିଜାଯାଏ ଯେମିତିକି ସେଥିରେ ୮୦ ପ୍ରତିଶତରୁ ଅଧିକ ବତର ରହେ । ଦୁଇ ଦିନ ପରେ ସେଥିରେ ଚୋକଡ ଓ କୁକୁଡ଼ା ଖତ ଭଲ ଭାବରେ ମିଶାଇ ୫ ଫୁଟ ଲମ୍ବ, ୫ ଫୁଟ ପ୍ରସ୍ଥ ଓ ୫ ଫୁଟ ଉଚ୍ଚ ଗଦା ପ୍ରସ୍ତୁତକରି ତାକୁ ପଲିଥିନ ଦ୍ୱାରା ଘୋଡ଼େଇ ଦିଆଯାଏ । ଏହାର ୨ଦିନ ପରେ ଗଦାକୁ ଭାଙ୍ଗି ଓଲଟପାଲଟ କରିବାକୁ ପଡ଼େ । ଏହି ସମୟରେ ସେଥିରୁ ଗରମ ବାଷ୍ପ ବାହାରେ । ଗଦା ଭାଙ୍ଗିବା ପୂର୍ବରୁ ସେଥିରେ ୬୫ରୁ ୮୦ ଡିଗ୍ରୀ ଉତ୍ତାପ ଥାଏ । ଏହି ଗରମ ବାଷ୍ପ ଉତ୍ତମ ବିଘଟନ ପ୍ରକ୍ରିୟାର ସୂଚକ ଓ ଏଥିରୁ ପରବର୍ତ୍ତୀ ପର୍ଯ୍ୟାୟରେ ଭଲ ଉତ୍ପାଦନ ମିଳେ । ଓଲଟପାଲଟ କରିବା ଦ୍ୱାରା ସମୁଦାୟ ଗଦା ସମାନ ଭାବରେ ବିଘଟିତ ହୁଏ । ଏହା ପରେ ପୁନର୍ବାର ପୂର୍ବ ଆକୃତିର ଗଦାକରି ତାକୁ ୨ଦିନ ଛାଡ଼ି ଦିଆଯାଏ । ତା'ପରେ ଗଦାକୁ ଆଉ ଥରେ ଭାଙ୍ଗି ଓଲଟପାଲଟ କରି ସେଥିରେ ଆବଶ୍ୟକ କ୍ୟାଲସିୟମ କାର୍ବୋନେଟ୍‌କୁ ଭଲ ଭାବରେ ଫେଣ୍ଟି ଗଦା କରାଯାଏ । ଏହାର ୨ ଦିନ ପରେ ଅର୍ଥାତ୍ ପ୍ରଥମ ଥର ଗଦା ପ୍ରସ୍ତୁତ କରିବାର ମୋଟ ୬ ଦିନ ପରେ ତାହା ଅର୍ଦ୍ଧ କମ୍ପୋଷ୍ଟରେ ପରିଣତ ହୁଏ । କମ୍ପୋଷ୍ଟ ଆଶାନୁରୂପ ହୋଇ ନ ଥିଲେ ଏଥିପାଇଁ ଆଉ ଦିନେ କିମ୍ବା ୨ ଦିନ ଅଧିକ ସମୟ ଲାଗିପାରେ ।

ପ୍ରସ୍ତୁତ କମ୍ପୋଷ୍ଟ ବାଦାମୀ ରଙ୍ଗର ହୋଇଥିବ ଓ ଚିକିଟା ହୋଇ ନ ଥିବ । ସେଥିରେ ୫୦ ରୁ ୬୦ ପ୍ରତିଶତ ବତର ଥିବ । କମ୍ପୋଷ୍ଟରୁ କୌଣସି ଦୁର୍ଗନ୍ଧ ବାହାରୁ ନ ଥିବ । କମ୍ପୋଷ୍ଟ ପ୍ରସ୍ତୁତି ସମୟରେ ଉଚ୍ଚ ତାପମାତ୍ରା ସୃଷ୍ଟି ହେଉଥିବାରୁ ତାହା ପ୍ରାୟତଃ ଜୀବାଣୁ ମୁକ୍ତ ହୋଇଥାଏ ଓ ତାକୁ ସିଧାସଳଖ ପାଳଛତୁ ଉତ୍ପାଦନ ପାଇଁ ଉପଯୋଗ କରାଯାଏ । କମ୍ପୋଷ୍ଟକୁ ପୁନର୍ବାର ଗରମ ବାଷ୍ପରେ ବିଶୋଧନକରି ପାରିଲେ ଅମଳ ଆହୁରି ଅଧିକ ହୁଏ । ପ୍ରସ୍ତୁତ ହୋଇଥିବା କମ୍ପୋଷ୍ଟକୁ ଭଲ ଭାବରେ ଘାଣ୍ଟି ଛତୁ ଘରକୁ ନିଆଯାଏ ଓ ୨ ମିଟର ଲମ୍ବ, ଅଧ ମିଟର ଚଉଡ଼ା ଓ ୧୫ ରୁ ୩୦ ସେ.ମି. ଉଚ୍ଚ ବେଡ୍ ପ୍ରସ୍ତୁତ ହୁଏ । ଗ୍ରୀଷ୍ମଋତୁରେ ବେଡ୍‌ର ଉଚ୍ଚତା କମ୍ ଓ ଶୀତଋତୁରେ ଉଚ୍ଚତା ଅପେକ୍ଷାକୃତ ଅଧିକ ରଖାଯାଏ । ପ୍ରତି ୧୨ କି.ଗ୍ରା. କମ୍ପୋଷ୍ଟରେ ୪୦୦ ଗ୍ରାମ ଛତୁ ମଞ୍ଜି ବ୍ୟବହାର ହୁଏ । ମଞ୍ଜିକୁ ଛୋଟ ଛୋଟ ଖଣ୍ଡକରି ବେଡ୍‌ର ଉପରି ଭାଗରୁ ପ୍ରାୟ ୧ ଇଞ୍ଚ ଗଭୀରରେ ଓ ସମାନ ବ୍ୟବଧାନ ରଖି ମଞ୍ଜି ପ୍ରୟୋଗ କରାଯାଏ । ତା' ଉପରେ ଅଳ୍ପ କିଛି କମ୍ପୋଷ୍ଟ ଦେଇ ମଞ୍ଜିକୁ ଘୋଡ଼େଇ ଦିଅନ୍ତୁ ଓ ସାମାନ୍ୟ ଚାପ ପ୍ରୟୋଗ କରନ୍ତୁ । ଦିନେ ବା ଦୁଇ ଦିନ ପରେ ସମ୍ପୂର୍ଣ୍ଣ ବେଡ୍‌କୁ ପଲିଥିନରେ ଘୋଡ଼େଇ ଦିଆଯାଏ । ପଲିଥିନ କେବେ ଓ କେତେ ସମୟ ପର୍ଯ୍ୟନ୍ତ ଘୋଡ଼ାହେବ ତାହା ପଲିଥିନ୍‌ର ତଳ ଭାଗରେ ଜମି ରହୁଥିବା ଜଳକଣା ଓ ସେହି ସମୟରେ ଅନୁଭୂତ ପାଣିପାଗ ଉପରେ ନିର୍ଭରକରେ । ଛତୁଘରେ ୨୫ରୁ ୩୮ ଡିଗ୍ରୀ ତାପମାତ୍ରା, ୮୦ ଭାଗରୁ ଊର୍ଦ୍ଧ୍ୱ ଆର୍ଦ୍ରତା, ନିୟନ୍ତ୍ରିତ ଆଲୋକ ଓ ପବନ ଚଳାଚଳ ରହିବା ଦରକାର । ୮ ରୁ ୧୦ ଦିନ ପରେ ଶାଗୁଦାନା ପରି କଢ଼ ଦେଖାଗଲେ ପଲିଥିନ ବାହାରକରି ଦିଅନ୍ତୁ । ଏହାର ୪ ରୁ ୫ ଦିନ ପରେ ଛତୁ ଅମଳ ହୁଏ । (କ୍ରମଶଃ..)

–ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ
ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ,
ଓୟୁଏଟି, ଭୁବନେଶ୍ୱର–୩
ମୋ : ୯୪୩୭୬୯୭୩୬୩

## ଅଳ୍ପରେ...

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର



ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍



ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## କୁକୁଡ଼ା, ଛେଳି, ମେଣ୍ଢା ପାଳନ

**ବ**ର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଲୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

## ଧାନ କାଟିବା ପୂର୍ବରୁ...



**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶଇ ସିଞ୍ଚନ କରନ୍ତୁ।

## ପ୍ରାଣୀଙ୍କୁ ପ୍ରତିଷେଧକ ଟିକା

**ପ୍ରା**ଣୀଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଗାଈଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ଗୋରୁଗାଈଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ। ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ। ଗୋରୁଗାଈଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକାରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।



## ଢିପ ଜମିରେ ଡାଲି ଚାଷ

**ଜ**ମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ



ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ଫସଲ ଉତ୍ପାଦନରେ ଯବକ୍ଷାରଜାନର ଭୂମିକା

(ଶେଷ ଭାଗ)

**କ୍ଷେ**ତ୍ର ପରୀକ୍ଷା ଅନୁସାରେ ବିଭିନ୍ନ ଫସଲରେ ଯବକ୍ଷାରଜାନ ପ୍ରୟୋଗ ଅପେକ୍ଷା ମାଟି ପରୀକ୍ଷାକରି କ୍ଷେତ୍ର ପରୀକ୍ଷାର ଅନୁମୋଦନ ସହ ଫସଲରେ ଯବକ୍ଷାରଯାନ ପ୍ରୟୋଗ କଲେ ସାର ପ୍ରୟୋଗ ବିଜ୍ଞାନ ସମ୍ମତ ଏବଂ ମିତବ୍ୟୟତା ହୁଏ । କ୍ଷେତ୍ର ପରୀକ୍ଷାରୁ ମିଳିଥିବା ଅନୁମୋଦନକୁ ମୂଳସାର ପରିମାଣକୁ ହିସାବକୁ ନେବାକୁ ପଡ଼ିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଜାନ ହେକ୍ଟରକୁ ୨୫୦ କିଲୋରୁ କମ୍ ହେଲେ ଫସଲ ପାଇଁ ଅନୁମୋଦିତ ଏହି ସାର ଶତକଡ଼ା ୨୫ ଭାଗ ଅଧିକ ପ୍ରୟୋଗ କରିବାକୁ ପଡିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଜାନ ହେକ୍ଟର ପ୍ରତି ୨୫୧ ରୁ ୫୦୦ କିଲୋ ମଧ୍ୟରେ ରହିଲେ କ୍ଷେତ୍ର ପରୀକ୍ଷାରୁ ମିଳିଥିବା ପୂର୍ବୋକ୍ତ ଅନୁମୋଦିତ ଯବକ୍ଷାରଜାନ ଦେବାକୁ ପଡ଼ିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଯାନ ପରିମାଣ ହେକ୍ଟରକୁ ୫୦୦ କିଲୋରୁ ଅଧିକ ହେଲେ କ୍ଷେତ୍ର ପରୀକ୍ଷାରୁ ମିଳିଥିବା ପୂର୍ବୋକ୍ତ ଅନୁମୋଦିତ ଯବକ୍ଷାରଜାନର ଶତକଡା ୨୫ ଭାଗ ଏହି ସାର କମ୍ ପ୍ରୟୋଗ କରିବାକୁ ପଡିବ ।

ବଜାରରେ ବିଭିନ୍ନ ପ୍ରକାର ଏହି ଜାତୀୟ ସାର ବିକ୍ରି ହେଉଛି । ସେଥିମଧ୍ୟରୁ ୟୁରିଆ, ଆମୋନିୟମ ସଲ୍‌ଫେଟ୍, କ୍ୟାଲ୍‌ସିୟମ ଆମୋନିୟମ ନାଇଟ୍ରେଟ୍, (ସିଏନ୍) ଡାଇଆମୋନିୟମ ଫସ୍‌ପେଟ (ଡିଏପି), ଗ୍ରୋମର ଏବଂ ଏନ୍‌ପିକେ କମ୍ପ୍ଲେକ୍ସ ଆଦି ମୁଖ୍ୟ । ପ୍ରଥମ ୩ଗୋଟି ସାରକୁ ସରଳ ସାର କୁହାଯାଏ । ଶତକଡା ହିସାବରେ ୟୁରିଆରେ ୪୬ ଭାଗ, ଆମୋନିୟମ ସଲ୍‌ଫେଟ୍‌ରେ ୨୦ ଭାଗ ଏବଂ ସିଏନ୍‌ରେ ୨୫ ଭାଗ ଯବକ୍ଷାରଜାନ ଥାଏ । ଏହି ସାର ବ୍ୟତୀତ ଆମୋନିୟମ ସଲ୍‌ଫେଟରେ ଗନ୍ଧକ ୨୪ ଶତକଡା ଏବଂ ସିଏନ୍‌ରେ କ୍ୟାଲସିୟମ ୩୭ ଶତକଡା ଥାଏ । ଯବକ୍ଷାରଜାନ ୟୁରିଆରେ ଆମାଇଡି ଆକାରରେ, ଆମୋନିୟମ ସଲ୍‌ଫେଟରେ ଆମୋନିୟମ ଆକାରରେ ଥାଏ । ସିଏନ୍‌ରେ ଆମୋନିୟମ ୧୨.୫%ଏବଂ ନାଇଟ୍ରେଟ୍ ୧୨.୫% ଭାଗଥାଏ । ଆମାଇଡ ଏବଂ ଆମୋନିୟମ ମାଟିରେ ନାଇଟ୍ରେଟ୍‌ରେ ପରିଣତ ହେଲେ ଗଛର ଚେର ଦ୍ୱାରା ଗ୍ରହଣ ହୁଏ । ଡିଏପି, ଗ୍ରୋମର ଏବଂ ଏନ୍‌ପିକେ କମ୍ପ୍ଲେକ୍ସ ଯୌଗିକ ସାର କୁହାଯାଏ । ଡିଏପିରେ ଶତକଡ଼ା ୧୮ ଭାଗ ଯବକ୍ଷାରଜାନ ଏବଂ ୪୬ ଭାଗ ଫସ୍‌ପେଟ୍ ଥାଏ । ଗ୍ରୋମରରେ



ଯବକ୍ଷାରଜାନ ଏବଂ ଫସ୍‌ପେଟ୍ ପ୍ରତ୍ୟେକରୁ ଶତକଡା ୨୮ ଭାଗ ଥାଏ । ଏନ୍‌ପିକେ କମ୍ପ୍ଲେକ୍ସ ୧୦–୨୬–୨୬ ଏବଂ ୧୪–୩୫–୧୪ ନାମରେ ବିକ୍ରିହୁଏ । ଏହାର ପ୍ରଥମ ସଂଖ୍ୟା ଯବକ୍ଷାରଯାନ, ଦ୍ୱିତୀୟ ସଂଖ୍ୟା ଫସ୍‌ପେଟ୍ ଏବଂ ତୃତୀୟ ସଂଖ୍ୟା ପୋଟାସ୍ ଶତକଡ଼ା ହିସାବରେ ଥାଏ ।

ସମସ୍ତ ସରଳ ସାର ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟ ଏବଂ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ପ୍ରୟୋଗ କରାଯାଇପାରେ । ସମସ୍ତ ଯୌଗିକ ସାର କେବଳ ମଞ୍ଜିବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ପରବର୍ତ୍ତୀ ସମୟରେ ଫସଲର ବର୍ଦ୍ଧନ ସମୟରେ ସରଳ ସାରକୁ ପ୍ରୟୋଗ କରାଯାଏ । ସରଳ ସାର ମଧ୍ୟରୁ ୟୁରିଆ ଅଧିକ ଶସ୍ତା ଏବଂ ବଜାରରେ ସହଜରେ ମିଳେ । ତେଣୁ ଚାଷୀମାନେ ଉକ୍ତ ସାରକୁ ଅଧିକ ବ୍ୟବହାର କରନ୍ତି। ଫସ୍‌ପେଟ୍ ଏବଂ ପଟାସ୍ କେବଳ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ଆବଶ୍ୟକ ହେଉଥିବାରୁ ଡିଏପି, ଗ୍ରୋମର କିମ୍ବା ଏନ୍‌ପିକେ କମ୍ପ୍ଲେକ୍ସ ବ୍ୟବହାର କରାଯାଏ। ଫସଲର ପରବର୍ତ୍ତୀ ସମୟରେ ଫସଲର ଆବଶ୍ୟକ ହେଉଥିବା ଯବକ୍ଷାରଜାନକୁ ୟୁରିଆ ବିଞ୍ଚିକରି ପ୍ରୟୋଗ କରାଯାଏ । ଆବଶ୍ୟକ ସ୍ଥଳେ ଫସଲର ବର୍ଦ୍ଧନ ସମୟରେ ଯବକ୍ଷାରଜାନର ଅଭାବର ଲକ୍ଷଣ ଦେଖାଦେଲେ ୟୁରିଆର ଶତକଡ଼ା ୨.୦ ରୁ ୨.୫ ଭାଗ ୭ଦିନ ବ୍ୟବଧାନରେ୨ରୁ ୩ଥର ପତ୍ରଛିଞ୍ଚା କରାଯାଇଥାଏ ।

– ପ୍ର. ସୁବୋଧ କୁମାର ସାହୁ,
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ବୁଧବାର, ୨୩ ଅକ୍ଟୋବର, ୨୦୨୪ | Bhubaneswar, Wednesday, 23 October, 2024

# ମହାରାଷ୍ଟ୍ରଠାରୁ ଓଡ଼ିଶା ଫଲୋଅନ୍



ବରଗଡ଼ ବିକାଶ ଗ୍ରାଉଣ୍ଡରେ ଚାଲିଥିବା ସି.କେ ନାଇଡୁ ଟ୍ରଫି।

**ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)**

**ସି.କେ. ନାଇଡୁ ଟ୍ରଫି**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ମହାରାଷ୍ଟ୍ର ବିପକ୍ଷ ସି.କେ. ନାଇଡୁ ଟ୍ରଫି ଏଲିଟ୍ ଗ୍ରୁପ 'ଏ' ମ୍ୟାଚରେ ଓଡ଼ିଶା ୨୧୮ ରନରେ ଅଲଆଉଟ ହୋଇ ଫଲୋଅନ ହୋଇଯାଇଛି। ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟରେ ୪୫ରନ କରି ସଙ୍କଟରେ ପଡ଼ିଛି। ମହାରାଷ୍ଟ୍ର ଏହାର ପ୍ରଥମ ଇନିଂସରେ ୩୯୩ ରନ କରିଥିଲା। ଫଳରେ ଓଡ଼ିଶା ହାତରେ ଆଉ ୭ଉଇକେଟ୍ ଥାଇ ମହାରାଷ୍ଟ୍ରର ପ୍ରଥମ ଇନିଂସ ସ୍କୋରଠାରୁ ୧୩୬ ରନ୍ ପଛରେ ରହିଛି। ଦଳ ଇନିଂସ ପରାଜୟ ଏଡାଇବାକୁ ସଂଘର୍ଷ ଚଳାଇଛି। ଓଡ଼ିଶା ସୋମବାରର ଏହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮୬/୩ରୁ ଖେଳ ଆରମ୍ଭ କରିଥିଲା। ସୁଜଳ ସିଂଙ୍କ ୬୫, ସାଇଦୀପ ମହାପାତ୍ରଙ୍କ ୪୦, ବିଶ୍ୱଭୂଷଣ ମୁଦୁଲିଙ୍କ ୩୬ ଏବଂ ଆଶୁତୋଷ ମାରାଣ୍ଡିଙ୍କ ୨୩ରନ୍ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୧୮ ରନ କରିଥିଲା। ମହାରାଷ୍ଟ୍ର ଦଳ ପକ୍ଷରୁ ଭିକି ଓସ୍ତୱାଲ ୫୨ରନ୍ ବିନିମୟରେ ୪, ହର୍ଷଲ କାଟେ ୪୦ ରନ୍ ବିନିମୟରେ ୩ ଏବଂ ଶୁଭମ ମେଦ ୧୭ ରନ୍ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ।

ଓଡ଼ିଶା ଦଳର ଦ୍ୱିତୀୟ ଇନିଂସରେ ବିଶ୍ୱଭୂଷଣ ମୁଦୁଲି ୧୮, ଦେବବ୍ରତ ପ୍ରଧାନ ୨, ଆଶୁତୋଷ ମାରାଣ୍ଡି ୨ରନ କରି ଆଉଟ୍ ହୋଇଯାଇ ଥିବାବେଳେ ଓମ୍ ଟି ମୁଣ୍ଡେ ୨୧ରନ୍ ଏବଂ ଆଶୁତୋଷ ଛୁରିଆ କୌଣସି ରନ ସଂଗ୍ରହ ନ କରି ଅପରାଜିତ ଅଛନ୍ତି। ମହାରାଷ୍ଟ୍ର ଦଳ ପକ୍ଷରୁ ଶୁଭମ ମେଦ ୧୦ରନ୍ ବିନିମୟରେ ୨ ଏବଂ ଅଦ୍ଧୁଶ ସାଲେମ ୧୫ରନ୍ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ବିସିସିଆଇ ଅମ୍ପାୟର ନୀତିନ ପଣ୍ଡିତ, କେ. ପ୍ରଭାକର ରାଓ ମ୍ୟାଚ ପରିଚାଳନା କରୁଥିବାବେଳେ ହେମନ୍ତ କୁମାର ମ୍ୟାଚ ରେଫରି ଅଛନ୍ତି। ସେହିପରି ବୀରବର ନାୟକ ଅନଲାଇନ୍ ସ୍କୋରର, ସନ୍ଦୀପ ଜିମାନୁଏଲ ସ୍କୋରର, ତାପସ କୁମାର ନାୟକ ଭିଡ଼ିଓ ଆନାଲିଷ୍ଟ ଏବଂ ଶୁଭାଶିଷ ଜେନା ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଦାୟିତ୍ୱରେ ରହିଛନ୍ତି।

**ଜର୍ମାନୀ ବିପକ୍ଷ ହକି ଟେଷ୍ଟ ସିରିଜ**

# ଅଲିମ୍ପିକ୍ସ ପ୍ରତିଶୋଧ ଲକ୍ଷ୍ୟରେ ଭାରତ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ବୁଧବାର ଜର୍ମାନୀ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ହକି ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବ ଭାରତ। ଦୀର୍ଘ ୧୦ ବର୍ଷ ପରେ ନୂଆଦିଲ୍ଲୀକୁ ହକି ଫେରୁଥିବା ବେଳେ ଅଲିମ୍ପିକ୍ସ ସେମି ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ ଭାରତ। ମେଜର ଧ୍ୟାନଚାନ୍ଦ ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଜର୍ମାନୀ ବର୍ତ୍ତମାନ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ। ଅଲିମ୍ପିକ୍ସ ସେମି ଫାଇନାଲରେ ଭାରତ ଜର୍ମାନୀ ନିକଟରୁ ୩-୨ ଗୋଲରେ ହାରିଥିଲା। ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ପ୍ରତିଶୋଧ ନେବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଅନ୍ତିମ ୫ ମ୍ୟାଚ୍ ମଧ୍ୟରୁ ଭାରତ ୩ଟି ଜିତିଥିବା ବେଳେ ଏହା ଦଳକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହ ଦଳ ନିକଟରେ ଚାଇନାକୁ ହରାଇ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା।

ଭାରତୀୟ ଦଳ ଏହି ସିରିଜ ପାଇଁ ଅନେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇଛି। ୩ ବର୍ଷ ପରେ ଡ୍ରାଗ୍ ଫ୍ଲିକର ବରୁଣ କୁମାର ଦଳକୁ ଫେରିଥିବା ବେଳେ ରାଜିନ୍ଦର ସିଂ ଓ ଆଦିତ୍ୟ ଅର୍ଜୁନ ଏଲ୍‌ଗାଲେଙ୍କୁ ପ୍ରଥମ ଥର ଭାରତୀୟ ଦଳରେ ଦେଖିବାକୁ ମିଳିବ। ବିବେକ ସାଗର ପ୍ରସାଦ ଓ ମନପ୍ରୀତ ସିଂଙ୍କ କାନ୍ଧରେ ମିଡଫିଲ୍ଡର ଭାର ରହିଥିବା ବେଳେ ହରମନ୍‌ପ୍ରୀତ ସିଂଙ୍କ ଉପରେ ଡିଫେଣ୍ଡିଂ ଦାୟିତ୍ୱ ରହିବ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଗୋଲ କିପର ଦାୟିତ୍ୱରେ ଥିବା କ୍ରିଷନ ବାହାଦୂର ପାଠକ ଓ ସୂରଜ କାରକେରାଙ୍କୁ ଆଉ ଥରେ ଗୋଲ କିପିଂ ଦାୟିତ୍ୱରେ ଦେଖିବାକୁ ମିଳିବ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ